# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୫/୨୦୨୨ (୧୬ ପୃଷ୍ଠା) | Bhubaneswar, Friday, August 5/2022 | Page 16 | ₹ 7.00 | ★★★★

୪୮ଶ ଭାଗ ୨୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଆଲିଆଙ୍କ 'ଡାର୍ଲିଂ'କୁ ବଏକଟ୍**

ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ସିନେମା 'ଡାର୍ଲିଂ' ରିଲିଜ୍ ପୂର୍ବରୁ ଏହାକୁ ବଏକଟ୍ କରିବାକୁ ସୋସିଆଲ ମିଡିଆରେ ଦାବି ହେଉଛି।

୧୨

୧୪

**ହରମନପ୍ରୀତଙ୍କ ହ୍ୟାଟ୍ରିକ୍**

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୱେଲ୍ସ ବିପକ୍ଷ ହକି ମ୍ୟାଚରେ ଭାରତର ହରମନପ୍ରୀତ୍ ସିଂ ହ୍ୟାଟ୍ରିକ ଗୋଲ ସ୍କୋର କରିଛନ୍ତି।



## ଜଷ୍ଟିସ୍ ୟୁ.ୟୁ. ଲଲିତ ପରବର୍ତ୍ତୀ ସିଜେଆଇ



ନୂଆଦିଲ୍ଲୀ,୪।୮: ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା ଗୁରୁବାର ତାଙ୍କ ଉତ୍ତରାଧିକାରୀ ଭାବେ ଜଷ୍ଟିସ ଉଦୟ୍ ଉମେଶ ଲଲିତ (ୟୁ.ୟୁ.ଲଲିତ)ଙ୍କ ନାମ ସରକାରଙ୍କୁ ସୁପାରିସ କରିଛନ୍ତି। ଜଷ୍ଟିସ ରମନାଙ୍କ କାର୍ଯ୍ୟକାଳ ଅଗଷ୍ଟ ୨୬ରେ ଶେଷ ହେଉଥିବାବେଳେ ☞ପୃଷ୍ଠା-୪




# ମା'ଝିଅଙ୍କୁ ଗାଡ଼ି ମଡ଼ାଇ ହତ୍ୟା

## ଟିପ୍ପର ଧକ୍କାରେ ମୃତ୍ୟୁ ଘଟଣା ଭିନ୍ନ ମୋଡ଼ ନେଲା

ଧର୍ମଶାଳା/ଜେନାପୁର, ୪।୮(ଡି.ଏନ.ଏ.)

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ବରଡ଼ା ଛକ ନିକଟରେ ବୁଧବାର ଟିପ୍ପର ଧକ୍କାରେ ମା'ଝିଅଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ଗୁରୁବାର ଭିନ୍ନମୋଡ଼ ନେଇଛି। ଟିପ୍ପର ଚାଳକ ସାମାନ୍ୟ ବଚସାରେ ଉତ୍ୟକ୍ତ ହୋଇ ଗାଡ଼ି ମଡ଼ାଇ ସେହି ମା'ଝିଅଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି ବୋଲି ପୋଲିସ କହିଛି। ମୃତକ ହେଲେ ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଧୀନ ରଥପଡ଼ିଆର ଅଶୋକ ଚକ୍ରବର୍ତ୍ତୀଙ୍କ ସ୍ତ୍ରୀ ଶ୍ରୀତିକା ଚକ୍ରବର୍ତ୍ତୀ(୪୭) ଓ ତାଙ୍କ ଝିଅ ସୋମାଲୀ ଚକ୍ରବର୍ତ୍ତୀ(୨୬)। ଏନେଇ ପୋଲିସ ନିଜ ଆଡୁ ଏକ ହତ୍ୟା ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଗାଡ଼ି ଚାଳକଙ୍କୁ ଗୁରୁବାର ଗିରଫ କରି ତଦନ୍ତ ଚଳାଇଛି। ଗିରଫ ଚାଳକ ହେଲେ ଉକ୍ତ ଥାନା ଅଧୀନ ସଂପାରୁ ପଞ୍ଚାୟତ ତୋଟାକଣ ଗ୍ରାମର ଅମର ସ୍ୱାଇଁ। ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯିବ। ଚାଳକଙ୍କୁ ପଚରାଉଚରା ବେଳେ ସେ ନିଜ ଭୁଲ୍ ସ୍ୱୀକାର କରିଥିବା କଥା ଏସ୍‌ପି ରାହୁଲ୍ ପିଆର୍ ସୂଚନା ଦେଇଛନ୍ତି। ଏଥିସହିତ ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ଆରୁହା ଛକରେ ପହଞ୍ଚି ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଅନେକ ତଥ୍ୟ ସଂଗ୍ରହ କରିଛନ୍ତି।



ମା'ଝିଅଙ୍କ ଫଟୋ।

ଏ ସମ୍ପର୍କରେ ଥାନା ଅଧିକାରୀ କହିଛନ୍ତି, ଶ୍ରୀତିକା ତାଙ୍କ ବାପାଙ୍କ ଶୁଦ୍ଧିକ୍ରିୟା ପାଇଁ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଗ୍ରାମକୁ ଝିଅ ସହ ଯାଇଥିଲେ।

- ନିଜ ପକ୍ଷରୁ ମାମଲା ରୁଜୁକଲା ପୋଲିସ
- ଚାଳକ ଗିରଫ, ହତ୍ୟା ମାମଲା ରୁଜୁ



ଗିରଫ ଗାଡ଼ି ଚାଳକ।

ଶୁଦ୍ଧିକ୍ରିୟା ସାରି ମା',ଝିଅ ବୁଧବାର ଅପରାହ୍ନରେ ଏକ ସ୍କୁଟି(ନଂ.ଓଡି୦୬ଜି ୭୯୨୯)ରେ ଘରକୁ ଫେରୁଥିଲେ। ଆରୁହା ଛକ ନିକଟରେ ଶ୍ରୀତିକା,ସୋମାଲୀ ଓ ଟ୍ରକ୍ ଚାଳକ ଅମରଙ୍କ ମଧ୍ୟରେ ବଚସା ହୋଇଥିଲା। ସ୍ଥାନୀୟ ଲୋକେ ଏହା ଦେଖି ସେଠାରେ ରୁଣ୍ଡ ହୋଇ ଯାଇଥିଲେ। ତେବେ କ'ଣ ପାଇଁ ଏହି ବଚସା ଚାଲିଛି ବୋଲି ପଚାରିବାରୁ ଶ୍ରୀତିକା, ସୋମାଲୀ କହିଥିଲେ, ସ୍କୁଟିରରେ ଆସୁଥିବା ବେଳେ ଟିପ୍ପର ଚାଳକ ସେମାନଙ୍କୁ ସାଇଡ୍ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ତେଣୁ ସେମାନେ ଆରୁହା ଛକରେ ଟ୍ରକ୍‌କୁ ଅଟକାଇ ସମ୍ପୃକ୍ତ ଚାଳକଙ୍କୁ ପଚାରିବାରୁ ଚାଳକ ତାଙ୍କୁ ଗାଳିଗୁଲଜ କରିଥିଲେ। ସ୍ଥାନୀୟ ଲୋକେ ଏହି ଘଟଣାର ଆପୋସ ସମାଧାନ କରି ଶ୍ରୀତିକା ଓ ସୋମାଲୀଙ୍କୁ ବିଦା କରିଦେଇଥିଲେ। ତେବେ ଏହାର କିଛି ସମୟ ପରେ ଟିପ୍ପର ଚାଳକ ସେହି ରାସ୍ତାରେ ଗାଡ଼ି ନେଇ ଯାଇଥିଲେ। ମାତ୍ର ୧୫ରୁ ୨୦ ମିନିଟ ପରେ ସେମାନଙ୍କୁ ବରଡ଼ା ଛକରେ ଦେଖି ଗାଡ଼ି ଚଢ଼ାଇ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ମା'ଝିଅଙ୍କ ମୃତ୍ୟୁ ହୋଇଥିଲା। ଚାଳକ ଜାଣିଶୁଣି ଗାଡ଼ି ଚଢ଼ାଇ ହତ୍ୟା କରି ଦୁର୍ଘଟଣାର ରୂପଦେବାକୁ ଚେଷ୍ଟା କରିଥିଲେ ବୋଲି ☞ପୃଷ୍ଠା-୪




**ଆଜିର ମନ୍ତବ୍ୟ**

"ଗାନ୍ଧୀ ପରିବାର ଆଇନରୁ ଊର୍ଦ୍ଧ୍ୱରେ ନୁହନ୍ତି। ନ୍ୟାଶନାଲ ହେରାଲ୍ଡ ମାମଲାରେ ଇଡି ପ୍ରଶ୍ନର ଉତ୍ତର ଦେବାକୁ ସେମାନେ ବାଧ୍ୟ। ଦୁର୍ନୀତି, ଆଇନ ଉଲ୍ଲଂଘନ, ତଦନ୍ତକାରୀ ସଂସ୍ଥାକୁ ଧମକ ଦେବାରେ ଏହି ପରିବାର ଭୟ କରନ୍ତି ନାହିଁ।

- ଗୌରବ ଭାଟିଆ, ଭାଜପା ମୁଖପାତ୍ର

**ଆଜିର ସମ୍ପାଦକୀୟ**

ସଚେତନ ହେବାର ବେଳ


DSPL - 127

## ଡାଇରିଆ (ତରଳ ଝାଡ଼ା) ପ୍ରତି ସତର୍କ ଓ ସଚେତନ ରୁହନ୍ତୁ

**ଡାଇରିଆର ଲକ୍ଷଣ :**

ଦିନକୁ ୩ ଥର ବା ତା'ଠାରୁ ଅଧିକ ପତଳା ଝାଡ଼ା, ଦେହହାତ ଘୋଳାବିନ୍ଧା, ହାଲିଆ ଲାଗିବା ସହ ଜିଭ ଏବଂ ଓଠ ଶୁଖିଯିବା, ଅଧିକ ଶୋଷ ଲାଗିବା ଓ ପରିସ୍ରା କମ୍ ହେବା। ଏପରି କ୍ଷେତ୍ରରେ ତୁରନ୍ତ ଆଶା କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କୁ ସୂଚନା ଦେବା ସହିତ ଓ.ଆର୍.ଏସ୍ କିମ୍ବା ଘରେ ମିଳୁଥିବା ତୋରାଣି, ପଇଡ ପାଣି, ଚିନି ଲୁଣ ସର୍ବତ ଆଦି ଯଥେଷ୍ଟ ପରିମାଣରେ ପିଇବାକୁ ଦିଅନ୍ତୁ।

**ଡାଇରିଆର ପ୍ରତିରୋଧ :**

**କରନ୍ତୁ :**

- ✓ ବାହାରେ ଝାଡ଼ା ନଯାଇ କେବଳ ପାଇଖାନା ବ୍ୟବହାର କରନ୍ତୁ।
- ✓ ପାଇଖାନା ଯିବା ସମୟରେ ଚପଲ ବ୍ୟବହାର କରନ୍ତୁ।
- ✓ ଶୌଚ ପରେ, ଖାଦ୍ୟ ପରଷିବା କିମ୍ବା ଖାଇବା ପୂର୍ବରୁ ହାତକୁ ଭଲ ଭାବରେ ସାବୁନ୍‌ରେ ଧୁଅନ୍ତୁ।
- ✓ ବିଶୋଧିତ ପାଇପ୍ ପାଣି, ଗଭୀର ନଳକୂଅ ପାଣି, ହାଲୋଜେନ ବଟିକା ପଡିଥିବା ପାଣି କିମ୍ବା ଫୁଟା ପାଣି ପିଅନ୍ତୁ।
- ✓ ତରଳ ଝାଡ଼ା ସମୟରେ ଜଳ ଶୁଷ୍କତାରୁ ରକ୍ଷା ପାଇବା ପାଇଁ ଓ.ଆର୍.ଏସ୍ କିମ୍ବା ଘରେ ମିଳୁଥିବା ତୋରାଣି, ପଇଡ ପାଣି, ଚିନି ଲୁଣ ସର୍ବତ ଆଦି ପିଅନ୍ତୁ।
- ✓ ପିଇବାପାଣି ପାତ୍ରରେ ହାତ ନବୁଡାଇ ଡଙ୍କି ବ୍ୟବହାର କରନ୍ତୁ।
- ✓ ତଟକା ଓ ଗରମ ଖାଦ୍ୟ ଖାଆନ୍ତୁ।

**କରନ୍ତୁ ନାହିଁ :**

- ✗ ନଇ, ଝରଣା, ଚୂଆ ବା ପୋଖରୀ ଆଦି ପାଣି ପିଅନ୍ତୁ ନାହିଁ।
- ✗ କୂଅ, ନଳକୂଅ ପାଖରେ ବାସନକୁସନ ଧୁଅନ୍ତୁ ନାହିଁ କିମ୍ବା ଲୁଗାପଟା ସଫାକରନ୍ତୁ ନାହିଁ।
- ✗ ବାସି, ପଚାସଢ଼ା ବା ମାଛିବସା ଖାଦ୍ୟ ଖାଆନ୍ତୁ ନାହିଁ।
- ✗ ଝାଡ଼ା ରୋଗୀର ଅପରିଷ୍କାର ଲୁଗାପଟା ନଦୀ, ପୋଖରୀ ଓ ଝରଣା ଆଦିରେ ଧୂଅନ୍ତୁ ନାହିଁ।



ଡାଇରିଆର ଚିକିତ୍ସା ସମସ୍ତ ସରକାରୀ ଡାକ୍ତରଖାନାରେ ବିନାମୂଲ୍ୟରେ ଉପଲବ୍ଧ। ତୁରନ୍ତ ଚିକିତ୍ସା ଦ୍ୱାରା ଜୀବନ ରକ୍ଷା ସମ୍ଭବ।

OIPR-10003/13/0057/2223

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
http://www.health.odisha.gov.in/
@HFWOdisha


# ୨୨୫୩.୧୫ କୋଟିରେ ହେବ ୧୧ ପ୍ରକଳ୍ପ

- ୩,୮୧୭ ଜଣଙ୍କୁ ମିଳିବ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ
- ସୁନ୍ଦରଗଡ଼ରେ ଲୁହାପଥର ବେନିଫିକେଶନ କାରଖାନା
- ଖୋର୍ଦ୍ଧାରେ କ୍ଲାଉଡ୍ ହୋଷ୍ଟିଂ ସର୍ଭିସ୍ ସୁବିଧାଯୁକ୍ତ ଡାଟାସେଣ୍ଟର
- ଢେଙ୍କାନାଳରେ ଶସ୍ୟଭିତ୍ତିକ ଇଥାନଲ ପ୍ଲାଣ୍ଟ

ଭୁବନେଶ୍ୱର, ୪।୮(ବ୍ୟୁରୋ)

ରାଜ୍ୟରେ ଖୁବ୍‌ଶୀଘ୍ର ୧୧ ନୂଆ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ। ଏଥିରେ ମୋଟ ୨୨୫୩.୧୫ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ। ପ୍ରକଳ୍ପଗୁଡ଼ିକରେ ମୋଟ୍ ୩,୮୧୭ ଜଣଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ମିଳିବ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ରାଜ୍ୟ ଏକକ ବାତାୟନ (ସିଙ୍ଗିଲ ୱିଣ୍ଡୋ) କମିଟି ବୈଠକରେ ଏଥିଲାଗି ନୀତିଗତ ଅନୁମୋଦନ ମିଳିଛି।

ସୁନ୍ଦରଗଡ଼ରେ ୫୩୩.୨୫ କୋଟି ଟଙ୍କା ବିନିଯୋଗରେ ଫିଡର୍ସ ଇଲେକ୍ଟ୍ରିକ୍ ଏବଂ ଇଞ୍ଜିନିୟରିଂ ଲିମିଟେଡ୍ ପକ୍ଷରୁ ଲୁହାପଥର ବେନିଫିକେଶନ କାରଖାନା ସ୍ଥାପନ ହେବ। ଏଥିରେ ୧୦୨୯ ଜଣଙ୍କୁ ନିଯୁକ୍ତି ମିଳିବ। ସେହିପରି ସୁନ୍ଦରଗଡ଼ରେ ୫୨୦ କୋଟି ଟଙ୍କା ବିନିଯୋଗରେ ଏନ୍‌ଭିରୋକେୟାର୍ ଇନ୍‌ଫ୍ରାସଲ୍ୟୁଶନ ପ୍ରାଇଭେଟ ☞ପୃଷ୍ଠା-୪

## ୮୭ ପ୍ରତିଶତ ବୁଷ୍ଟର ଡୋଜ୍ ନେଇନାହାନ୍ତି

ଭୁବନେଶ୍ୱର, ୪।୮(ବ୍ୟୁରୋ)

କରୋନା ମହାମାରୀର ମୁକାବିଲା ପାଇଁ ସବୁଠୁ ବଡ଼ ଅସ୍ତ୍ର ଭାବେ ଟିକାକରଣକୁ ଗୁରୁତ୍ୱ ଦିଆଯାଉଛି। ରାଜ୍ୟରେ ପ୍ରଥମ ଓ ଦ୍ୱିତୀୟ ଟିକାକରଣ ପରେ ଏବେ ବୁଷ୍ଟର ଡୋଜ୍ ଜାରି ରହିଛି। ମାତ୍ର ଅଧିକାଂଶ ଲୋକ ବୁଷ୍ଟର ଡୋଜ୍ ନେବାକୁ ଆଗ୍ରହ ଦେଖାଉ ନାହାନ୍ତି। ଏବେ ସୁଦ୍ଧା ରାଜ୍ୟର ମାତ୍ର ୪୨ ଲକ୍ଷ ୭୦ହଜାର ୪୮୭ ଜଣ (୧୩%) ବୁଷ୍ଟର ଡୋଜ୍ ନେଇଛନ୍ତି। ବାକି ୮୭ ପ୍ରତିଶତ ବା ୨କୋଟି ୮୪ ଲକ୍ଷ ଲୋକ ବୁଷ୍ଟର ଡୋଜ୍ ନେଇ ନାହାନ୍ତି। ଏହାକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ସେହିପରି ରାଜ୍ୟରେ ୨୫ ଲକ୍ଷ ଲୋକ ଦ୍ୱିତୀୟ ଡୋଜ ଟିକା ନେଇନାହାନ୍ତି। ରାଜ୍ୟର ୬ଟି ଜିଲା ଯଥା କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ପୁରୀ, ଅନୁଗୋଳରେ ୯୦ ପ୍ରତିଶତରୁ କମ୍ ପ୍ରଥମ ଡୋଜ ଟିକାକରଣ ହୋଇଛି। ତେବେ କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଉଥିବା ମାଗଣା ଟିକାକରଣକୁ ଆଉ କମ୍ ଦିନ ବାକି ଥିବାରୁ ସମସ୍ତଙ୍କୁ ଯଥାଶୀଘ୍ର ବୁଷ୍ଟର ଡୋଜ୍ ନେବା ପାଇଁ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଅନୁରୋଧ କରିଛନ୍ତି। ଏଥିସହିତ ରାଜ୍ୟରେ କୋଭିଶିଲ୍ଡ ଟିକା କମ୍ ଥିବାରୁ ଏନେଇ ସ୍ୱାସ୍ଥ୍ୟ ବିଭାଗ କେନ୍ଦ୍ରକୁ ଚିଠି ଲେଖିଛି।



ପେଲୋସିଙ୍କ ଗସ୍ତକୁ ନେଇ ତାଇୱାନ୍ ଓ ଆମେରିକା ଉପରେ କ୍ଷୁବ୍ଧ ଚାଇନା ସମରାଭ୍ୟାସ ଆଳରେ ଆତଙ୍କ ସୃଷ୍ଟି କରିଛି। ଶତାଧିକ ଲଢୁଆ ବିମାନ ଓ ୧୦ରୁ ଊର୍ଦ୍ଧ୍ୱ ଯୁଦ୍ଧଜାହାଜକୁ ସକ୍ରିୟ କରି ଯୁଦ୍ଧ ପ୍ରସ୍ତୁତିର ସଙ୍କେତ ଦେଇଛି। ତାଇୱାନ୍ ପ୍ରଣାଳୀରେ ଡ୍ରାଗନ୍‌ର କ୍ଷେପଣାସ୍ତ୍ର ମାଡ଼ ସହ ସୀମାରେ ସୈନ୍ୟ ଓ ଅସ୍ତ୍ର ଠୁଳ ତାଇପେଇର ଚିନ୍ତା ବଢ଼ାଇଛି। ଚାଇନାର ୨୨ ଫାଇଟର ଜେଟ୍ ମେଡିଆନ୍ ଲାଇନ୍ ଅତିକ୍ରମ କରିଥିବା ତାଇୱାନ୍ ଅଭିଯୋଗ ଆଣିଛି। ଜାପାନର ଇକୋନୋମିକ୍ ଜୋନ୍‌ରେ ଚାଇନାର ୫ଟି ମିଶାଇଲ୍ ପଡ଼ିଥିବା ଟୋକିଓ କହିଛି।



ପିଏଲ୍‌ଏର ଇଷ୍ଟର୍ନ କମାଣ୍ଡ ଅଧୀନ ଗ୍ରାଉଣ୍ଡ ଫୋର୍ସ ଗୁରୁବାର ତାଇୱାନ୍ ପ୍ରଣାଳୀରେ ଦୂରଗାମୀ କ୍ଷେପଣାସ୍ତ୍ର ପରୀକ୍ଷଣ କରୁଛି।

# ଘୋଟିଲା ଯୁଦ୍ଧ ବାଦଲ

**ବେଜିଂ/ତାଇପେଇ/ୱାଶିଂଟନ,୪।୮**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ୟୁକ୍ରେନ୍ ଦଖଲ ଉଦ୍ୟମର ଦୁଷ୍ପରିଣାମ କେବଳ ଦୁଇ ପଡ଼ୋଶୀ ଭୋଗୁ ନାହାନ୍ତି। ଫେବୃଆରୀ ୨୪ରୁ ଚାଲିଥିବା ଯୁଦ୍ଧ ସାରା ବିଶ୍ୱର ଅର୍ଥନୀତିକୁ ପ୍ରଭାବିତ କରିଛି। ଏହାର ଅବସାନ କେବେ ଘଟିବ ଆକଳନ କରି ହେଉ ନ ଥିବାବେଳେ ମସ୍କୋକୁ ଅନୁସରଣ କରି ତାଇୱାନ ଉପରେ ଅନୁରୂପ ଭାବେ ଦାଉସାଧୁଛି ବେଜିଂ। ୟୁକ୍ରେନ୍ ଆକ୍ରମଣକୁ ଅନେକ ରାଷ୍ଟ୍ର ନିନ୍ଦା କରିଥିବାବେଳେ ଆମେରିକାର ତାଗିଦ ସତ୍ତ୍ୱେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ରୁଷୀୟ ପ୍ରତିପକ୍ଷ ପୁଟିନ୍‌ଙ୍କୁ ସମର୍ଥନ କରିଆସିଛନ୍ତି। ଚାଇନାର ସାମରିକ ବାହିନୀ ଗୁରୁବାରଠାରୁ ୪ ଦିନିଆ ଯୁଦ୍ଧଖେଳ ଆରମ୍ଭ କରିଛି। ସମରାଭ୍ୟାସ ନାମରେ ତାଇୱାନ ପ୍ରଣାଳୀରେ ଘନଘନ ବାଲିଷ୍ଟିକ୍ ମିଶାଇଲ ମାଡ଼ କରାଯାଉଛି। ଗଣମାଧ୍ୟମରେ ପ୍ରସାରିତ କ୍ଷେପଣାସ୍ତ୍ର ଛଡ଼ାଯିବାର ଛାତିଥରା ଦୃଶ୍ୟ ବିଶ୍ୱବାସୀଙ୍କ ମନରେ ଭୟ ସଞ୍ଚାର କରିଛି। ଆଗକୁ ଚାଇନା-ତାଇୱାନ୍ ସଂଘର୍ଷ ଘଟିଲେ ସ୍ଥିତି କେଉଁ ଆଡ଼କୁ ମୁହାଁଇବ ଠଉରାଇବା ମୁସ୍କିଲ ନୁହେଁ। ଗୋଟିଏ ଯୁଦ୍ଧ ସରିନାହିଁ। ବିଶ୍ୱର ତିନି ମହାଶକ୍ତି ଆମେରିକା, ଚାଇନା ଓ ରୁଷିଆ ମଧ୍ୟରେ ଚାଲିଥିବା ବାଣିଜ୍ୟିକ-ସାମରିକ-କୂଟନୈତିକ ପ୍ରତିଦ୍ୱନ୍ଦ୍ୱିତାରୁ ଶୁଭାଗଲାଣି ଆଉ ଏକ ସମ୍ଭାବ୍ୟ ଯୁଦ୍ଧର ପଦଧ୍ୱନି।

ଆମେରିକା ପ୍ରତିନିଧି ସଭା ସ୍ପିକର ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତ ପରେ ତତ୍କାଳ ପ୍ରତିକ୍ରିୟାଶୀଳ ହୋଇଉଠିଛି ଚାଇନା। ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ର ଇଷ୍ଟର୍ନ କମାଣ୍ଡ ଗୁରୁବାର ତାଇୱାନ ପ୍ରଣାଳୀରେ ସମରାଭ୍ୟାସ ଆରମ୍ଭ କରିଛି, ଯାହାକି ରବିବାର ପର୍ଯ୍ୟନ୍ତ ଚାଲିବ। ଚାଇନା ସେନାର ନୂଆ ଶାଖା ରକେଟ ଫୋର୍ସ ପକ୍ଷରୁ ଦ୍ୱୀପରାଷ୍ଟ୍ରର ଉତ୍ତର-ପୂର୍ବ ଓ ଦକ୍ଷିଣ-ପଶ୍ଚିମ ଉପକୂଳରେ ୧୧ଟି ଦୂରଗାମୀ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ କରାଯାଇଛି। ଫଳରେ ବ୍ୟସ୍ତବହୁଳ ଜଳପଥରେ ତାଇୱାନର ଜାହାଜ ଚଳାଚଳ ଓ ଆକାଶ ମାର୍ଗରେ ବିମାନ ଉଡ଼ାଣ ବାଧାପ୍ରାପ୍ତ ହୋଇଛି। ଅନ୍ୟ ମାର୍ଗ ଦେଇ ମାଲ ପରିବହନ କରାଯାଉଥିବାରୁ ବୈଶ୍ୱିକ ଯୋଗାଣ ଶୃଙ୍ଖଳ ବିଳମ୍ବିତ ହେବା ଆଶଙ୍କା ଉପୁଜିଛି। ତାଇୱାନର ତାଓୟୁଆନ୍ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୫୦ରୁ ଊର୍ଦ୍ଧ୍ୱ ଇଣ୍ଟରନ୍ୟାଶନାଲ ଫ୍ଲାଇଟ୍‌କୁ ବାତିଲ କରାଯାଇଛି। ଚାଇନାର ଘନିଷ୍ଠ ସହଯୋଗୀ ଉତ୍ତର କୋରିଆ କିଛି ମାସ ତଳେ ସମ୍ପୃକ୍ତ ଅଞ୍ଚଳରେ ଡିଏଫ୍ ସିରିଜ୍‌ର ମିଶାଇଲ ପରୀକ୍ଷଣ କରି ଉତ୍ତେଜନା ବୃଦ୍ଧି କରିଥିବାବେଳେ ବେଜିଂ ଏହାକୁ ଅନୁସରଣ କରି ମିଶାଇଲ୍ ମାଡ଼ କରୁଥିବା ତାଇପେଇ ଅଭିଯୋଗ ଆଣିଛି।

## ଦକ୍ଷିଣ କୋରିଆରେ ପେଲୋସି

ସିଙ୍ଗାପୁର ପରେ ମାଲେସିଆରୁ ତାଇୱାନ ଗସ୍ତ ଶେଷ କରି ଜାପାନ ଦେଇ ଗୁରୁବାର ଦକ୍ଷିଣ କୋରିଆରେ ପହଞ୍ଚିଛନ୍ତି ଆମେରିକା ହାଉସ୍ ସ୍ପିକର ନାନ୍ସି ପେଲୋସି। ସିଓଲରେ ସେ ଦକ୍ଷିଣ କୋରିଆ ନ୍ୟାଶନାଲ ଆସେମ୍ବ୍ଲି ସ୍ପିକର କିମ୍ ଜିନ୍ ପ୍ୟୋ ଓ ବରିଷ୍ଠ ସାଂସଦମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। କିନ୍ତୁ ତାଙ୍କ ଗସ୍ତ ଯୋଗୁ ଉପୁଜିଥିବା ଚାଇନା-ତାଇୱାନ ଉତ୍ତେଜନା ଉପରେ ମନ୍ତବ୍ୟ ଦେବାକୁ ଉଚିତ ମଣିନାହାନ୍ତି। ଉତ୍ତର କୋରିଆରେ ପ୍ରାୟ ୨୮,୫୦୦ ଆମେରିକୀୟ ସୈନ୍ୟ ଅଛନ୍ତି।



ନାନ୍ସି ପେଲୋସି



“ତାଇୱାନ୍ ଯୁଦ୍ଧ ପାଇଁ ଉସୁକାଇବ ନାହିଁ। କିନ୍ତୁ ନିଜ ସାର୍ବଭୌମତ୍ୱ ଓ ଜାତୀୟ ସୁରକ୍ଷାକୁ ଦୃଢ଼ ଭାବେ ସୁରକ୍ଷା ଦେବ।

**-ତାଇୱାନ୍ ରାଷ୍ଟ୍ରପତି ସାଇ ଇଙ୍ଗ୍-ୱେନ୍**

## ଚାଇନା ବନାମ ତାଇୱାନ

- ୧୯୪୦ ଦଶକରେ ଗୃହଯୁଦ୍ଧ ସମୟରେ ଚାଇନାଠାରୁ ତାଇୱାନ୍ ପୃଥକ୍ ହୋଇଥିଲା। ଚାଇନା ଏହି ସ୍ୱୟଂଶାସିତ ଭୂଖଣ୍ଡକୁ ନିଜର ଦାବି କରି ବଳପୂର୍ବକ ଦଖଲ କରିବାକୁ ଚାହେଁ।
- ତାଇୱାନର ନିଜସ୍ୱ ସମ୍ବିଧାନ ରହିଛି। ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ରାଷ୍ଟ୍ରପତି ସରକାର ଚଳାନ୍ତି। ଏହାର ସଶସ୍ତ୍ର ବଳରେ ପ୍ରାୟ ୩ ଲକ୍ଷ ସକ୍ରିୟ ସୈନ୍ୟ ଅଛନ୍ତି।
- ତାଇୱାନକୁ ଅଳ୍ପ କେତୋଟି ଛୋଟ ଦେଶ ସ୍ୱତନ୍ତ୍ର ରାଷ୍ଟ୍ର ରୂପେ ସ୍ୱୀକୃତି ଦେଇଛନ୍ତି। ଅଧିକାଂଶ ଦେଶ ଏହାକୁ ଚାଇନାର ଏକ ଅଂଶ ବିବେଚନା କରି ବେଜିଂ ପରିଚାଳିତ ସରକାରକୁ ମାନ୍ୟତା ଦେଇଥାଆନ୍ତି।
- ତାଇୱାନ ସହ ଆମେରିକାର ଆନୁଷ୍ଠାନିକ କୂଟନୈତିକ ସମ୍ପର୍କ ନାହିଁ। କିନ୍ତୁ ଏକ ଚୁକ୍ତି ଅନୁସାରେ ଆମେରିକା ଏହି ଦ୍ୱୀପରାଷ୍ଟ୍ରକୁ ଅସ୍ତ୍ରଶସ୍ତ୍ର ବିକ୍ରି କରିଥାଏ। ତାଇୱାନକୁ ଆତ୍ମରକ୍ଷା ପାଇଁ ଜରୁରୀ ସାମରିକ ସହାୟତା ଦେବା ଲାଗି ଉଦ୍ଦିଷ୍ଟ ଏକ ଆଇନ ରହିଥିବା ୱାଶିଂଟନ କହିଥାଏ।

## କ’ଣ ପାଇଁ ଲଢ଼େଇ

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ତୃତୀୟ ଥର ପାଇଁ ୫ ବର୍ଷିଆ ଶାସନ କ୍ଷମତାରେ ରହିବାକୁ ଚାହୁଁଛନ୍ତି। ସେ ନିଜ ପରବର୍ତ୍ତୀ କାର୍ଯ୍ୟକାଳ ମଧ୍ୟରେ ତାଇୱାନକୁ ଚାଇନା ମୂଳ ଭୂଖଣ୍ଡରେ ସାମିଲ କରି ଦେଶବାସୀଙ୍କ ନଜରରେ ‘ହିରୋ’ ସାଜିବାକୁ ଯଥାସାଧ୍ୟ ଉଦ୍ୟମ କରୁଛନ୍ତି। ତାଙ୍କ ବିସ୍ତାରବାଦୀ ମହତ୍ତ୍ୱାକାଂକ୍ଷାକୁ ଚରିତାର୍ଥ କରିବା ସକାଶେ ‘ୱାନ୍ ଚାଇନା ପଲିସି’ ବଡ଼ ଅସ୍ତ୍ର ପାଲଟିଛି। କିଛି ମାସ ପରେ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା ଜିନ୍‌ପିଙ୍ଗ୍‌ଙ୍କ ଦାବିକୁ ସମର୍ଥନ କରିବା ଏକପ୍ରକାର ନିଶ୍ଚିତ ଥିବାବେଳେ ତାଙ୍କ ପରାକ୍ରମକୁ ଦୁର୍ବଳ କରିବା ପାଇଁ ଆମେରିକା ଉଦ୍ୟମ ଚଳାଇଛି। ବିଶେଷକରି ବର୍ଷକ ତଳେ ଆଫଗାନିସ୍ତାନରୁ ଆମେରିକୀୟ ସୈନ୍ୟଙ୍କ ପ୍ରତ୍ୟାବର୍ତ୍ତନ ପରେ କାବୁଲରେ ଗଣତାନ୍ତ୍ରିକ ସରକାରର ପତନ ଏବଂ ଗତ ଫେବୃଆରୀରେ ତାଗିଦ୍ ସତ୍ତ୍ୱେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ବିଶ୍ୱସ୍ତରରେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଭାବମୂର୍ତ୍ତିକୁ ଦୁର୍ବଳ କରିଦେଇଛି। ଏଥିଲାଗି ବାଇଡେନ୍ ନିଜ ଛବି ସୁଧାରିବା ପାଇଁ ଅଲ୍-କାଏଦା ମୁଖ୍ୟ ଅୟମନ୍ ଅଲ୍-ଜୱାହିରିଙ୍କୁ ନିପାତ କରିବା ଭଳି ପଦକ୍ଷେପ ନେଉଛନ୍ତି। ନିକଟରେ ବାଇଡେନ୍‌ଙ୍କ ସହ ଭର୍ଚୁଆଲ ଆଲୋଚନା ବେଳେ ଚାଇନା ପ୍ରତିପକ୍ଷ ଜିନ୍‌ପିଙ୍ଗ୍ ତାଙ୍କୁ ନିଆଁ ସହ ଖେଳିଲେ ପୋଡ଼ିଯିବ ବୋଲି ଚେତାବନୀ ଦେଇଥିଲେ। ଏହାକୁ ଭ୍ରୂକ୍ଷେପ ନ କରି ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ ସ୍ପିକର ନାନ୍ସି ପେଲୋସି ତାଇୱାନ ଗସ୍ତ କରିଥିଲେ। ପେଲୋସିଙ୍କ ନେତୃତ୍ୱରେ ତାଇୱାନ ଗସ୍ତ ଶେଷକରି ବୁଧବାର ଫେରିଥିବା କଂଗ୍ରେସ ପ୍ରତିନିଧି ଦଳକୁ ଆମେରିକା ବାୟୁସେନା ବିମାନଗୁଡ଼ିକ ଏସ୍କର୍ଟ କରି ନେଉଥିବା ଦୃଶ୍ୟ ସାମ୍ପ୍ରତିକ ସ୍ଥିତିରେ ଭୟାବହତାକୁ ସୂଚାଇଛି। ବେଜିଂ ନିଜ ଔଦ୍ଧତ୍ୟକୁ ଯଥାର୍ଥ ପ୍ରତିପାଦିତ କରିବାକୁ ଯାଇ କହିଛି, ଚାଇନାର ସାର୍ବଭୌମତ୍ୱ ଓ କ୍ଷେତ୍ରୀୟ ଅଖଣ୍ଡତା ଅକ୍ଷୁଣ୍ଣ ରଖିବା ଲାଗି ଆମେ ସମରାଭ୍ୟାସ କରୁଛୁ। ଆମେରିକା ଭଳି ଆମେ କୌଣସି ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ କରୁନାହୁଁ।



ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ⋮ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍

## ମିଥିଲେଶ ଚତୁର୍ବେଦୀଙ୍କ ପରଲୋକ

**ମୁମ୍ବାଇ, ୪।୮:** ବରିଷ୍ଠ ଅଭିନେତା ମିଥିଲେଶ ଚତୁର୍ବେଦୀ(୬୭)ଙ୍କ ଗୁରୁବାର ସକାଳେ ପରଲୋକ ହୋଇଛି। ୧୦ ଦିନ ପୂର୍ବରୁ ହୃଦ୍‌ଘାତର ଶିକାର ହେବା ପରେ ମୁମ୍ବାଇର



କୋକିଲାବେନ୍ ଧିରୁବାଇ ଅମ୍ବାନୀ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଗଦର: ଏକ୍ ପ୍ରେମ କଥା, ତାଲ୍, ଫିଜା, ଅଶୋକା, ବଣ୍ଟି ଔର ବବ୍‌ଲି, କୋଇ ମିଲ୍ ଗୟା, କ୍ରିଶ୍, ରେଡୀ, ଗୁଲାବୋ ସିତାବୋ ଆଦି ଅନେକ ଫିଲ୍ମ ସମେତ ୱେବ୍ ସିରିଜ୍ ‘ସ୍କାମ ୧୯୯୨’ରେ ମିଥିଲେଶ ଅଭିନୟ କରିଥିଲେ।

## ୧୪୦୦ କୋଟିର ଡ୍ରଗ୍ସ ଜବତ: ପିଜି ଛାତ୍ରଙ୍କ ସମେତ ୫ ଗିରଫ

**ମୁମ୍ବାଇ,୪।୮:** ମୁମ୍ବାଇ ପୋଲିସର ଆଣ୍ଟିନାର୍କୋଟିକ୍ସ ସେଲ୍ ମହାରାଷ୍ଟ୍ରର ପାଲଘର ଜିଲା ଅନ୍ତର୍ଗତ ନାଲାସୋପରାରେ ଥିବା ଏକ ଡ୍ରଗ୍ସ କାରଖାନାରେ ଚଢ଼ାଉ କରି ୭୦୦ କିଲୋଗ୍ରାମ ମେଫିଡ୍ରନ ଜବତ କରିଛି। ଏହାର ମୂଲ୍ୟ ୧,୪୦୦ କୋଟି ଟଙ୍କା ହେବ। ଚଢ଼ାଉ ବେଳେ ଅର୍ଗାନିକ କେମେଷ୍ଟ୍ରି ସ୍ନାତକୋତ୍ତର ଛାତ୍ରଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ମୁମ୍ବାଇରୁ ୪ ଜଣ ଏବଂ ନାଲାସୋପରାରୁ ଜଣେ ଗିରଫ ହୋଇଛନ୍ତି।

# ଇଡି ପାଇଁ ସଂସଦରେ ଅଚଳାବସ୍ଥା

**ନୂଆଦିଲ୍ଲୀ,୪।୮**

କେନ୍ଦ୍ର ସରକାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅପବ୍ୟବହାର କରୁଥିବା ନେଇ ଗୁରୁବାର ଲୋକ ସଭାରେ କଂଗ୍ରେସ ସଦସ୍ୟମାନେ ସ୍ଲୋଗାନ ଦେବା ସହ ହଟ୍ଟଗୋଳ କରିବାରୁ ଗୃହକୁ ଗୋଟିଏ ଦିନ ପାଇଁ ମୁଲତବୀ ଘୋଷଣା କରାଯାଇଛି। ପୂର୍ବାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି କଂଗ୍ରେସ ସଦସ୍ୟମାନେ ଇଡି କାର୍ଯ୍ୟାନୁଷ୍ଠାନ ଏବଂ ଦରଦାମ୍ ବୃଦ୍ଧି ବିରୋଧରେ ପ୍ଲାକାର୍ଡ ଧରି ହୋହଲ୍ଲା କରିଥିଲେ। କଂଗ୍ରେସ ସହ ଅନ୍ୟ ବିରୋଧୀ ସଦସ୍ୟ ମିଶି ଇଡି କାର୍ଯ୍ୟାନୁଷ୍ଠାନ, ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଜିଏସ୍‌ଟି ଏବଂ ଦରଦାମ୍ ବୃଦ୍ଧି ପ୍ରସଙ୍ଗରେ ହଟ୍ଟଗୋଳ କରିବାରୁ ବାଚସ୍ପତି ଓମ୍ ବିର୍ଲା ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ। ୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ କଂଗ୍ରେସ ସଦସ୍ୟଙ୍କ ପ୍ରତିବାଦ ଓ ସ୍ଲୋଗାନ ମଧ୍ୟରେ ଦୁଇଟି ପ୍ରସ୍ତାବ ଧ୍ୱନିମତରେ ଗୃହୀତ ହୋଇଥିଲା। ତେବେ ସ୍ଲୋଗାନବାଜି ଜାରି ରହିବାରୁ ଗୃହରେ ଅଧ୍ୟକ୍ଷତା କରୁଥିବା କିରୀଟ ସୋଲାଙ୍କି ହଟ୍ଟଗୋଳ କରୁଥିବା ସଦସ୍ୟମାନଙ୍କୁ ସେମାନଙ୍କ ଆସନକୁ ଫେରିଯିବା ଲାଗି ଅନୁରୋଧ କରିଥିଲେ। ତେବେ ସେମାନେ ହଟ୍ଟଗୋଳ ଜାରି ରଖିବାରୁ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।

ରାଜ୍ୟ ସଭାରେ ମଧ୍ୟ ଇଡି କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗର ପ୍ରତିବାଦ କରାଯାଇଥିଲା। କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟରେ ଇଡି ଭଳି ସ୍ୱୟଂକ୍ରିୟ ସଂସ୍ଥାଗୁଡ଼ିକର ଅପବ୍ୟବହାର କରୁଥିବା ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଅଭିଯୋଗ କରିଥିଲେ। ପାର୍ଲାମେଣ୍ଟ ଚାଲିଥିବାବେଳେ ତାଙ୍କୁ ନ୍ୟାଶନାଲ ହେରାଲ୍ଡ ମାମଲାରେ ହାଜର ହେବା ଲାଗି ଇଡି କିପରି ସମନ କରୁଛି ବୋଲି ସେ ପ୍ରଶ୍ନ କରିଥିଲେ। ନ୍ୟାଶନାଲ ହେରାଲ୍ଡ କାର୍ଯ୍ୟାଳୟ ଉପରେ ଇଡି ଚଢ଼ାଉ ପରେ ବୁଧବାର ଏହାକୁ ଚଳାଉଥିବା ୟଙ୍ଗ ଇଣ୍ଡିଆ ଲିମିଟେଡ୍‌ର କାର୍ଯ୍ୟାଳୟକୁ ସିଲ୍ କରିଥିଲା। ଖାର୍ଗେ ଉକ୍ତ କମ୍ପାନୀର ପ୍ରାଧିକୃତ ପ୍ରତିନିଧି ରହିଛନ୍ତି। ବୁଧବାର ଇଡି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ଘରକୁ ଅବରୋଧ କରିଥିଲା। ଏଭଳି ସ୍ଥିତିରେ ଗଣତନ୍ତ୍ର ବଞ୍ଚିବ କି ଏବଂ ସମ୍ବିଧାନ ଅନୁଯାୟୀ ଆମେ କାର୍ଯ୍ୟ କରିପାରିବା କି ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି।

## ସଞ୍ଜୟଙ୍କ ସ୍ତ୍ରୀଙ୍କୁ ସମନ



**ମୁମ୍ବାଇ,୪।୮:** ପତ୍ରା ଚଲ୍ ପୁନର୍ବିକାଶ କାର୍ଯ୍ୟରେ ହୋଇଥିବା ଆର୍ଥିକ ଅନିୟମିତତା ମାମଲାରେ ଇଡି ଗୁରୁବାର ଶିବସେନା ଏମ୍‌ପି ସଞ୍ଜୟ ରାଉତଙ୍କ ସ୍ତ୍ରୀ ବର୍ଷାଙ୍କୁ ସମନ ଜାରି କରିଛି। ଉକ୍ତ ମାମଲାରେ ଗିରଫ ହୋଇଥିବା ସଞ୍ଜୟଙ୍କ ଇଡି ହାଜତ ମିଆଦକୁ ଏକ ସ୍ୱତନ୍ତ୍ର କୋର୍ଟ ଅଗଷ୍ଟ ୮କୁ ବୃଦ୍ଧି କରିଛନ୍ତି। ଗତ ରବିବାର ଇଡି ରାଉତଙ୍କୁ ଅଟକ ରଖି ଜେରା କରିବା ପରେ ମଧ୍ୟରାତ୍ରରେ ଗିରଫ କରିଥିଲା। ସୋମବାର ଇଡି ତାଙ୍କୁ ଅଗଷ୍ଟ ୪ ପର୍ଯ୍ୟନ୍ତ ହାଜତକୁ ନେଇଥିଲା।

## ପାକିସ୍ତାନରେ ଖୋଲିଲା ୧୨ଶହ ବର୍ଷ ପୁରୁଣା ମନ୍ଦିର

**ଲାହୋର, ୪।୮:** ଦୀର୍ଘଦିନର ଆଇନଗତ ଲଢ଼େଇ ପରେ ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଏକ ୧୨ଶହ ବର୍ଷ ପୁରୁଣା ବାଲ୍ମିକୀ ମନ୍ଦିର ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। ଏକ ଖ୍ରୀଷ୍ଟିଆନ ପରିବାର ଏହାକୁ କବଜା କରି ରଖିବା ଯୋଗୁ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଏଠାରେ ସବୁବର୍ଗର ହିନ୍ଦୁ ପୂଜାର୍ଚ୍ଚନା କରିପାରୁ ନ ଥିଲେ। କୃଷ୍ଣ ମନ୍ଦିର ବ୍ୟତୀତ ଲାହୋରରେ ବାଲ୍ମିକୀ ମନ୍ଦିର ଏକମାତ୍ର କାର୍ଯ୍ୟକ୍ଷମ ହିନ୍ଦୁ ମନ୍ଦିର। ଖ୍ରୀଷ୍ଟିଆନରୁ ହିନ୍ଦୁ ଧର୍ମକୁ ଗ୍ରହଣ କରିଥିବା ଦାବି କରି ଉକ୍ତ ପରିବାର ସେଠାରେ କେବଳ ବାଲ୍ମିକୀ ଜାତିର ହିନ୍ଦୁମାନଙ୍କୁ ମନ୍ଦିରରେ ପ୍ରବେଶ ପାଇଁ ଅନୁମତି ଦେଉଥିଲେ। ବୁଧବାର ଏହି ମନ୍ଦିର ଖୋଲାଯାଇଥିବାବେଳେ ଏଠାରେ ଶତାଧିକ ହିନ୍ଦୁ, ଶିଖ୍, ଖ୍ରୀଷ୍ଟିଆନ ଓ ମୁସଲମାନ ସମ୍ପ୍ରଦାୟର ଲୋକେ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇଥିଲେ।

# ସୁପ୍ରିମକୋର୍ଟ: ୧୦ ବର୍ଷ ହେଲା ବିଚାରାଧୀନ ୧୦ ହଜାର ମାମଲା

**ନୂଆଦିଲ୍ଲୀ, ୪।୮**

ସୁପ୍ରିମକୋର୍ଟରେ ଅଦ୍ୟାବଧି ୭୧ ହଜାରରୁ ଊର୍ଦ୍ଧ୍ୱ ମାମଲା ପଡ଼ିରହିଥିବାବେଳେ ସେଥିମଧ୍ୟରୁ ୧୦ ହଜାରରୁ ଅଧିକ ଗତ ଦଶନ୍ଧି ଧରି ଗଡ୍ଡୁଛି। ଏ ନେଇ ଆଇନମନ୍ତ୍ରୀ କିରେନ ରିଜିଜୁ ଗୁରୁବାର ରାଜ୍ୟ ସଭାରେ ସୂଚନା ଦେଇଛନ୍ତି। ଏକ ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଅଗଷ୍ଟ ୨ ସୁଦ୍ଧା ସୁପ୍ରିମକୋର୍ଟରେ ୭୧,୪୧୧ ମାମଲା ବିଚାର ହୋଇ ନ ପାରି ପଡ଼ିରହିଛି। ସେଥିମଧ୍ୟରୁ ୫୬ ହଜାରରୁ ଊର୍ଦ୍ଧ୍ୱ ଦେୱାନି ଏବଂ ୧୫ ହଜାରରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି। ୧୦ ବର୍ଷ ହେଲା ୧୦,୪୯୧ କେସ୍ ସର୍ବୋଚ୍ଚ ଅଦାଲତରେ ବିଚାରାଧୀନ ଅଛି। ୫ ବର୍ଷରୁ କମ୍ ସମୟର ମାମଲା ପ୍ରାୟ ୪୨ ହଜାର ଥିବାବେଳେ ୫ରୁ ୧୦ ବର୍ଷର କେସ୍ ସଂଖ୍ୟା ୧୮,୧୩୪ ରହିଛି। ସେହିପରି ୨୦୧୬ରେ ବିଭିନ୍ନ ହାଇକୋର୍ଟରେ ୪୦,୨୮,୫୯୧ ମାମଲା ବିଚାର ହୋଇ ନ ଥିବାବେଳେ ୨୦୨୨ ଜୁଲାଇ ୨୯ ସୁଦ୍ଧା ତାହା ୫୦% ବୃଦ୍ଧି ପାଇ ୫୯,୫୫,୯୦୭ରେ ପହଞ୍ଚିଛି। ଜିଲା ଏବଂ ଅଧୀନସ୍ଥ ଅଦାଲତଗୁଡ଼ିକରେ ମଧ୍ୟ ଏହି ଅବଧିରେ ପଡ଼ିରହିଥିବା ମାମଲା ସଂଖ୍ୟା ୫୦% ବୃଦ୍ଧି ପାଇଛି। ୨୦୧୬ରେ ଦେଶବ୍ୟାପୀ ଅଦାଲତଗୁଡ଼ିକରେ ୨.୮୨ କୋଟି ମାମଲା ବିଚାରାଧୀନ ଥିବାବେଳେ ଚଳିତ ବର୍ଷ ତାହା ୪.୨୪ କୋଟିକୁ ବଢ଼ିଛି ବୋଲି ଆଇନମନ୍ତ୍ରୀ କହିଛନ୍ତି।

# ଇସିଙ୍କୁ ହସ୍ତକ୍ଷେପ ନ କରିବାକୁ କହିଲେ ସୁପ୍ରିମକୋର୍ଟ

**ଶିବସେନା ବିବାଦ**

**ନୂଆଦିଲ୍ଲୀ,୪।୮**

ପ୍ରକୃତ ଶିବସେନା କିଏ ଏହାକୁ ନେଇ ଉଦ୍ଧବ ଠାକରେ ଗୋଷ୍ଠୀ ଏବଂ ଏକନାଥ ଶିନ୍ଦେ ଗୋଷ୍ଠୀ ମଧ୍ୟରେ ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଛି। ଶିନ୍ଦେ ଗୋଷ୍ଠୀର ବିଦ୍ରୋହ ଯୋଗୁ ମହାରାଷ୍ଟ୍ରରେ ଉଦ୍ଧବ ଠାକ୍‌ରେ ସରକାରଙ୍କ ପତନ ଘଟିଥିଲା। ଉକ୍ତ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ନେଇ ହୋଇଥିବା ଆବେଦନର ବିଚାର ପାଇଁ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠକୁ ପଠାଯିବ କି ନାହିଁ ସେ ନେଇ ୮ ତାରିଖରେ ନିଷ୍ପତ୍ତି ନିଆଯିବ। ତେଣୁ ବର୍ତ୍ତମାନ ପାଇଁ ନିର୍ବାଚନ କମିଶନ (ଇସି) ଶିନ୍ଦେ ଗୋଷ୍ଠୀର ଆବେଦନକୁ ବିଚାରକୁ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଉଦ୍ଧବ ଗୋଷ୍ଠୀ ସାମୟିକ ଆଶ୍ୱସ୍ତ ହୋଇଛନ୍ତି। ମହାରାଷ୍ଟ୍ର ରାଜନୈତିକ ସଙ୍କଟ ବେଳେ ଶିବସେନା ଓ ଏହାର ବିଦ୍ରୋହୀ ବିଧାୟକଙ୍କ ଦ୍ୱାରା ଦାଏର ପିଟିଶନର ଶୁଣାଣି ବେଳେ ଏଥିରେ ଦଳ ବିଭାଜନ, ରାଜନୈତିକ ଦଳଗୁଡ଼ିକର ମିଶ୍ରଣ, ଦଳବଦଳ ଓ ଅଯୋଗ୍ୟ ଘୋଷଣା ଭଳି ସାମ୍ବିଧାନିକ ପ୍ରସଙ୍ଗ ଉଠିଥିଲା। ଶିନ୍ଦେ ଗୋଷ୍ଠୀ ପକ୍ଷରୁ ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ ଏବଂ ଉଦ୍ଧବ ଗୋଷ୍ଠୀ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ମାମଲା ଲଢୁଛନ୍ତି। ଗୋଟିଏ ଗୋଷ୍ଠୀ ଦ୍ୱାରା ଦାବି ଉଠିଲେ ଜନପ୍ରତିନିଧି ଆଇନ ଅନୁଯାୟୀ ଭାରତର ନିର୍ବାଚନ କମିଶନ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ୍ୟ ବୋଲି ଇସିଙ୍କ ପକ୍ଷରୁ ଆଇନଜୀବୀ ଅରବିନ୍ଦ ଡଟାର କହିଥିଲେ। ଶେଷରେ ମାମଲା ସାମ୍ବିଧାନିକ ପୀଠକୁ ଯିବା ନେଇ ସୋମବାର ନିଷ୍ପତ୍ତି ନିଆଯିବ ବୋଲି ସିଜେଆଇଙ୍କ ଖଣ୍ଡପୀଠ କହିଥିଲେ।



# ମହିମାନନ୍ଦ ମିଶ୍ରଙ୍କ ଘରେ ସିବିଆଇ ଚଢ଼ାଉ

- ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ
- ମହିମାନନ୍ଦଙ୍କୁ ୬ ଘଣ୍ଟା ଜେରା
- ବଡ଼ପୁଅ ଚନ୍ଦନଙ୍କୁ ଭୁବନେଶ୍ୱର ନେଲେ
- ସିବିଆଇ ହେପାଜତରେ ସିଇଏମ୍‌ଇ ସରୋଜ ଦାସ

ଭୁବନେଶ୍ୱର(ବ୍ୟୁରୋ)/ କଟକ ଅଫିସ୍/ପାରାଦୀପ(ସ୍ୱ.ପ୍ର.),୪।୮

ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ଘରେ ଗୁରୁବାର ସିବିଆଇ ଚଢ଼ାଉ କରିଛି। କଟକ ଓ ପାରାଦୀପଠାରେ ମହିମାଙ୍କ ବିଭିନ୍ନ ଅଫିସ ଓ ଘରେ ସିବିଆଇର ଏକାଧିକ ଟିମ୍ ଚଢ଼ାଉ କରିଥିଲା। ଚଢ଼ାଉ ସମ୍ପର୍କରେ ସିବିଆଇ ପକ୍ଷରୁ କୌଣସି ବିଧିବଦ୍ଧ ସୂଚନା ମିଳି ନ ଥିବାବେଳେ କଟକ ଓଡ଼ିଆ ବଜାରସ୍ଥିତ ମହିମାଙ୍କ ଘର ଓ ଲିଙ୍କ୍‌ରୋଡ୍‌ସ୍ଥିତ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍(ଏଏସ୍ଏଲ୍) ଅଫିସ୍‌ରେ ୨ଟି ଟିମ୍ ଚଢ଼ାଉ କରିଛନ୍ତି। ସେହିପରି ପାରାଦୀପରେ ୪ଟି ସ୍ଥାନରେ ଚଢ଼ାଉ ହୋଇଛି। ଚଢ଼ାଉ ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବା ଜଣାପଡ଼ିଛି। ଏଥିସହ ଅଧିକ ତଦନ୍ତ ଓ ପଚରାଉଚରା ନିମନ୍ତେ ମହିମାଙ୍କ ବଡ଼ ପୁଅ ଚନ୍ଦନ ମିଶ୍ରଙ୍କୁ ସିବିଆଇ ଟିମ୍ ସାଙ୍ଗରେ ନେଇଯାଇଛନ୍ତି। ଏପରି କି ରାତିରେ ପାରାଦୀପସ୍ଥିତ ହଣ୍ଡ୍ରେଡ୍ ମିଲିୟନ ଟନ୍ ଗେଷ୍ଟ ହାଉସରେ ସିବିଆଇ ଅଧିକାରୀମାନେ ମହିମାନନ୍ଦ ଏବଂ ପାରାଦୀପ ପୋର୍ଟର ୩ଜଣ ଅଧିକାରୀଙ୍କୁ ୬ଘଣ୍ଟା ଧରି ଜେରା କରିବା ପରେ ଛାଡ଼ିଥିଲେ।

ସୂଚନାନୁସାରେ, ସିବିଆଇର ଦୁଇଟି ଟିମ୍ ଗୁରୁବାର ସକାଳେ ଏକକାଳୀନ ମହିମାନନ୍ଦଙ୍କ କଟକ ଓଡ଼ିଆବଜାରସ୍ଥିତ ଘର ଓ ଲିଙ୍କ୍‌ରୋଡ୍‌ସ୍ଥିତ ଓଏସ୍ଏଲ କାର୍ଯ୍ୟାଳୟରେ ଚଢ଼ାଉ ଆରମ୍ଭ କରିଥିଲେ। ଏହି ସମୟରେ ମହିମାନନ୍ଦ ଘରେ ଅନୁପସ୍ଥିତ ଥିବାବେଳେ ତାଙ୍କ ଦୁଇ ପୁଅ ଉପସ୍ଥିତ ଥିଲେ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଦିନତମାମ ଚଢ଼ାଉ ଜାରି ରହିଥିଲା। ସିବିଆଇ ଅଧିକାରୀମାନେ ଉଭୟ ସ୍ଥାନରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିବା ସମେତ ଚନ୍ଦନଙ୍କୁ ଭୁବନେଶ୍ୱର ସିବିଆଇ ମୁଖ୍ୟାଳୟକୁ ନେଇଯାଇଥିବା ଜଣାପଡ଼ିଛି। ସେହିପରି ପାରାଦୀପରେ ଚଢ଼ାଉ କରି ଚିଫ୍ ଇଲେକ୍ଟ୍ରିକାଲ ମେକାନିକାଲ ଇଞ୍ଜିନିୟର(ସିଇଏମ୍ଇ) ସରୋଜ କୁମାର ଦାସ ଏବଂ ଠିକା କର୍ମଚାରୀ ସୁମନ୍ତ ରାଉତ(ବନା)ଙ୍କୁ ସିବିଆଇ ନିଜ ହେପାଜତକୁ ନେଇ ପଚରାଉଚରା କରିଥିଲା। ପରେ ସେମାନଙ୍କୁ ଅପରାହ୍ନରେ ଭୁବନେଶ୍ୱର ନିଆଯାଇଥିବା କୁହାଯାଉଛି। ସେହିପରି ସିବିଆଇର ଆଉ ଏକ ଟିମ୍ ଅନ୍ୟତମ ପୋର୍ଟ ୟୁଜର କରମ ଚାନ୍ଦ ଥାପ୍ପର(କେସିଟି) କମ୍ପାନୀ ଅଫିସରେ ପ୍ରାୟ ଦୁଇଘଣ୍ଟା କାଗଜପତ୍ର ଯାଞ୍ଚ କରାଯାଇଥିବା ଜଣାପଡ଼ିଛି। ତେବେ ଏନେଇ ସିବିଆଇ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁସାରେ, କେସିଟି କମ୍ପାନୀ ବିଦେଶରୁ ଆମଦାନୀ ଭିତ୍ତିକ କୋଇଲା କାରବାର ପାଇଁ ଅଗ୍ରାଧିକାର ପାଇଛି। ଉକ୍ତ କମ୍ପାନୀର ହ୍ୟାଣ୍ଡଲିଂ ଏଜେଣ୍ଟ ଓଏସ୍ଏଲ। ଉକ୍ତ କୋଇଲା ପ୍ଲଟ ପାଇଁ ସିଇଏମ୍ଇ ସରୋଜ କେସିଟି କମ୍ପାନୀ ଅଧିକାରୀଙ୍କୁ ବିଭିନ୍ନ ସମୟରେ ଲାଞ୍ଚ ମାଗୁଥିଲେ। ଏନେଇ କେସିଟି ସିବିଆଇରେ ଅଭିଯୋଗ କରିବା ପରେ ଚଢ଼ାଉ କରାଯାଇଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ପାରାଦୀପ ସିୱେଜ ଶିପିଂ କମ୍ପାନୀର ଜେନେରାଲ ମ୍ୟାନେଜର ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାରେ ମହିମାନନ୍ଦ ଏବଂ ତାଙ୍କ ସହଯୋଗୀ ବସନ୍ତ ବଳଙ୍କୁ ଥାଇଲାଣ୍ଡ ପୋଲିସ ବ୍ୟାଙ୍କକ୍‌ର ଏକ ହୋଟେଲରୁ ୨୦୧୬ ଡିସେମ୍ବରରେ ଗିରଫ କରିଥିଲା। ଏହି ଘଟଣାର ୨ ବର୍ଷ ପରେ ତାଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ୍ ମିଳିଥିଲା। ତେବେ ଗୁରୁବାର ଚଢ଼ାଉ ପରେ ମାମଲାର ବିଭିନ୍ନ ଦିଗକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି।

# ୬ରୁ ମୁଖ୍ୟମନ୍ତ୍ରୀଙ୍କ ୩ ଦିନିଆ ଦିଲ୍ଲୀ ଗସ୍ତ

ଭୁବନେଶ୍ୱର, ୪।୮(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୬ ତାରିଖରେ ୩ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୭ରେ ବିଜ୍ଞାନ ଭବନ ପରିସରରେ ହେବାକୁ ଥିବା ନୀତି ଆୟୋଗ ୭ମ ପରିଚାଳନା ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ୬ ତାରିଖ ଅପରାହ୍ନ ସାଢେ ୪ଟା ସମୟରେ ରାଷ୍ଟ୍ରପତି ଭବନର କଲଚରାଲ ସେଣ୍ଟରଠାରେ ୭୫ତମ ସ୍ୱାଧିନତା ଦିବସ ଉପଲକ୍ଷେ 'ଆଜାଦି କା ଅମୃତ ମହୋତ୍ସବ'ର ଜାତୀୟ କମିଟି ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସମେତ ବିଭିନ୍ନ ରାଜ୍ୟର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ମୁଖ୍ୟମନ୍ତ୍ରୀ ଯୋଗଦେବେ ନା ନାହିଁ ସେନେଇ ସ୍ପଷ୍ଟ ହୋଇନାହିଁ। ତେବେ ନୀତି ଆୟୋଗର ସପ୍ତମ ପରିଚାଳନା ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ରାଜ୍ୟର କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନା କରିବେ ବୋଲି ଜଣାପଡ଼ିଛି। ତେବେ ମୁଖ୍ୟମନ୍ତ୍ରୀ ୮ ତାରିଖରେ ଓଡ଼ିଶା ଫେରିବାର କାର୍ଯ୍ୟକ୍ରମ ରହିଛି।









## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଇଁଆ ପତରେ ଛାଇଲି ଘର**
**ମେଘ ବରଷଇ ଦର ଦରା**

କଇଁଆ ପତରରେ ଘର ଛାଆଣି କରିବା ମୂର୍ଖାମିର ପରିଚୟ ହୋଇଥାଏ। ଏପରି ଛାଆଣିରେ ଫାଙ୍କ ରହୁଥିବାରୁ ଏଥିରେ ଦିନବେଳା ସୂର୍ଯ୍ୟ ଓ ରାତିରେ ତାରା ଦେଖାଯିବା ଥୟ। ଅର୍ଥାଭାବରୁ ଏପରି ଘର ଛାଆଣି କଲେ ବର୍ଷା ଦିନେ ହଇରାଣ ହରକତ ହେବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କଳି ଯେବେ କରି ବସିବ**
**ସଙ୍ଗେ ଥିବ ଭାଇ**
**ଦୁଧ ଯେବେ ଖାଇ ବସିବ**
**ଘରେ ଥିବ ଗାଈ।**

ସାଧାରଣତଃ କୌଣସି ଅସୁବିଧା ବା ବିପଦ ବେଳେ ଭାଇଟି ତା'ର ଭାଇ ପ୍ରତି ସାହାଯ୍ୟ ଓ ସମର୍ଥନ ଯୋଗାଇ ଦେଉଥିବାର ଦେଖିବାକୁ ମିଳିଥାଏ। ସେହିପରି ଘରେ ଗାଈଟିଏ ଥିଲେ ମନଭରି ଦୁଗ୍ଧ ଖାଇବାରେ କିଛି ଅସୁବିଧା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା, ୬ ଗିରଫ

■ ଝାଡ଼ାବାନ୍ତି ବ୍ୟାପିବା ପାଇଁ ଦାୟୀ କଲେ
■ ପୁଅଙ୍କୁ ମରଣାନ୍ତକ ଆକ୍ରମଣ, ଜୀବନ ବଞ୍ଚାଇ ଥାନାକୁ ଦୌଡ଼ିଲେ

ରାୟଗଡ଼ା ଅଫିସ/ଟିକିରି,୪।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ଏବଂ ମୃତ୍ୟୁ ଘଟିବା ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଏଭଳି ସମୟରେ ଝାଡ଼ାବାନ୍ତିକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅନ୍ଧବିଶ୍ୱାସ ଗମ୍ଭୀର ରୂପ ଧାରଣ କଲାଣି। ବୁଧବାର ରାତିରେ ଝାଡ଼ିବାନ୍ତିରେ ସର୍ବାଧିକ ପ୍ରଭାବିତ ଦୁଡୁକାବାହାଲ ପଞ୍ଚାୟତର ଟିଁଗିଗୁଡ଼ା ଗ୍ରାମରେ ଗୁଣିଗାରେଡି ସନ୍ଦେହରେ ଜଣେ ବୃଦ୍ଧଙ୍କୁ ଗାଁ ଦାଣ୍ଡରେ ବାନ୍ଧି ପିଟିପିଟି ମାରି ଦେଇଛନ୍ତି। ସେ ହେଲେ ଗାଁର ଦଇ ମାଝି। ଟିକିରି ଥାନାରେ ଗୁରୁବାର ଏ ନେଇ ଅଭିଯୋଗ ପରେ ପୋଲିସ ତଦନ୍ତ କରି ୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଗାଁର ମାନୁ ମାଝି(୩୨), ଲମ୍ବୁ ମାଝି(୨୨), ଦିନା ମାଝି(୬୦), ନର ମାଝି(୭୦), ଭୀମ ମାଝି(୩୨) ଏବଂ ରଜୀବ ମାଝି(୨୮)।

ସୂଚନା ଅନୁଯାୟୀ, ରାତି ୧୦ଟା ବେଳେ ଖାଇବା ସମୟରେ ଗାଁର ୬ ବ୍ୟକ୍ତି ଦଇଙ୍କ ଘରକୁ ଆସିଥିଲେ। ଗୁଣିଗାରେଡି କରି ଲୋକଙ୍କୁ ଝାଡ଼ାବାନ୍ତି ହେଉଛି କହି ଦଇଙ୍କ ସମେତ ତାଙ୍କ ପୁଅ ଦୁର୍ଯ୍ୟୋଙ୍କୁ ଘରୁ ଘୋଷାଡ଼ି ନେଇଥିଲେ। ଉଭୟଙ୍କୁ ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଦେଇଥିଲେ। ୨ ଘଣ୍ଟା ପରେ କୌଶଳକ୍ରମେ ଦୁର୍ଯ୍ୟୋ ଖସିଯିବାକୁ ଚେଷ୍ଟା କରିବା ସମୟରେ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ତେବେ ଦୁର୍ଯ୍ୟୋ କୌଣସି ପ୍ରକାରେ ଜୀବନ ବଞ୍ଚାଇ ଚାଲିଯାଇଥିଲେ ମଧ୍ୟ ଗୋଇଠା, ବିଧା ମାଡ଼ରେ ବାପା ଦଇଙ୍କ ଜୀବନ ଚାଲିଯାଇଥିଲା। ପାହାଡ଼ ଡେଇଁ ରାତି ୨ ଟାବେଳେ ସେ ଟିକିରି ଥାନାରେ ପହଞ୍ଚିଥିଲେ। ପୋଲିସ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଗୁରୁବାର ଦୁର୍ଯ୍ୟୋ ସାମାନ୍ୟ ସୁସ୍ଥ ହେବାପରେ ଥାନାରେ ଏତଲା ଦେଇଥିଲେ। ଏ ନେଇ ପୋଲିସ ୧୦୯/୨୨ରେ ଏକ ମାମଲା ରୁଜୁ କରିଛି।

ଦଇ ଗୁଣିଗାରେଡି କରୁଥିବା ନେଇ ଅଭିଯୁକ୍ତମାନେ ପୂର୍ବରୁ ସନ୍ଦେହ କରୁଥିଲେ। ୧୦ବର୍ଷ ହେଲା ପରିବାର ଲୋକଙ୍କୁ ମାରିଦେବାକୁ ଚେଷ୍ଟା କରି ଆସୁଥିଲେ ବୋଲି ଦୁର୍ଯ୍ୟୋ ଏତଲାରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ଗୁଣିଗାରେଡି ସନ୍ଦେହ ନେଇ ପୂର୍ବରୁ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନ ନେବାରୁ ଏଭଳି ଘଟଣା ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ପ୍ରଶାସନ ଲୋକଙ୍କୁ କ୍ୱାକ୍ ଏବଂ ଅନ୍ଧବିଶ୍ୱାସର ସାହାରା ନ ନେଇ ଝାଡ଼ାବାନ୍ତି ଆକ୍ରାନ୍ତଙ୍କୁ ଡାକ୍ତରଖାନାକୁ ନେବାକୁ ସଚେତନ କରୁଥିବାବେଳେ ଲୋକେ ଝାଡ଼ାବାନ୍ତିର କାରଣ ଗୁଣିଗାରେଡି ବୋଲି ମନକୁ ନେଲେଣି। ଏହାକୁ ନେଇ ଅଧିକ ସଚେତନ କରାଯିବାର ଆବଶ୍ୟକତା ରହିଥିବା ଅଞ୍ଚଳର ବୁଦ୍ଧିଜୀବୀ ମତ ବ୍ୟକ୍ତ କରିଛନ୍ତି।

# ବନ୍ଧୁକ, ଭୁଜାଲି ଦେଖାଇ ଲୁଟିନେଲେ ୯ ଲକ୍ଷ

ଖଇରା, ୪।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଡୁଙ୍ଗୁରା ବଜାରରେ ଥିବା ଏକ କିଓସ୍କୋ ବ୍ୟାଙ୍କ ମାଲିକଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ଗୁରୁବାର ୫ଜଣ ଯୁବକ ୯ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏନେଇ ଖଇରା ଥାନାରେ ଅଭିଯୋଗ ହେବା ପରେ ପୋଲିସ ସିସିଟିଭି ଫୁଟେଜକୁ ଆଧାରକରି ଝିଙ୍କିରିଆ ପଞ୍ଚାୟତ ଗଗନଧୂଳି ଗ୍ରାମର ଆଦିତ୍ୟ ସେଠୀଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିବା ସହ ଅନ୍ୟମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି।

ଡୁଙ୍ଗୁରା ପଞ୍ଚାୟତର ସମିତିସଭ୍ୟ ଶିଶିର ସାମଲ ଖଇରା ଥାନାରେ ଦେଇଥିବା ଲିଖିତ ଅଭିଯୋଗ ଅନୁଯାୟୀ ତାଙ୍କ ପୁଅ ରାକେଶଙ୍କର ଡୁଙ୍ଗୁରା ବଜାରରେ କିଓସ୍କୋ ବ୍ୟାଙ୍କ ରହିଛି। ସକାଳ ପ୍ରାୟ ସାଢେ ୮ଟା ବେଳେ ରାକେଶ ମେଡିକାଲ ନିକଟସ୍ଥ ଘରୁ ବାହାରି ଟଙ୍କା ବ୍ୟାଗ୍ ଧରି ବ୍ୟାଙ୍କ କାର୍ଯ୍ୟାଳୟକୁ ଯାଉଥିଲେ। ଏହି ସମୟରେ କୋଭିଡ୍ ଟିକା ପାଇଁ ମେଡିକାଲ ସମ୍ମୁଖରେ ଧାଡିରେ ଛିଡା ହୋଇଥିବା ବ୍ୟକ୍ତିଙ୍କ ଗହଣରେ ଲୁଟେରା ଗ୍ୟାଙ୍ଗରୁ ଜଣେ ଛିଡା ହୋଇ ରାକେଶଙ୍କ ବାହାରିବା ସମ୍ପର୍କରେ ସୂଚନା ଦେଇଥିଲେ। ଏତିକିବେଳେ ୩ଜଣ ୨ଟି ବାଇକରେ ଆସି ବନ୍ଧୁକ ଓ ଭୁଜାଲି ଦେଖାଇ ଟଙ୍କା ବ୍ୟାଗ ଧରି ରାଣୀତାଲ ଅଭିମୁଖେ ପଳାଇଥିଲେ। କେତେଜଣ ଯୁବକ ସେମାନଙ୍କ ପିଛା କରିବା ପରେ ଉକ୍ତ ୪ଜଣ ଲୁଟେରା କେନାଲ ରାସ୍ତାରେ ଅଡା ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଅନ୍ୟ ଜଣେ ଯୁବକ ଯୁପି ସ୍କୁଲ ନିକଟରେ ଏକ ପଲ୍ସର ବାଇକ୍‌ରେ ଅପେକ୍ଷା କରି ରହିଥିଲେ। ୫ଜଣ ଉକ୍ତ ଟଙ୍କାକୁ ଏକ ଗାମୁଛାରେ ବାନ୍ଧି ଅଡା ଚୁଡୁଙ୍ଗା ରାସ୍ତାରେ ଯିବାକୁ ଉଦ୍ୟମ କରୁଥିବା ବେଳେ ପଲସର ବାଇକ୍ ଷ୍ଟାର୍ଟ ନ ହେବାରୁ ଉକ୍ତ ଗାଡି ଛାଡି ଦେଇ ଅନ୍ୟ ୨ଟି ବାଇକରେ ପଳାଇଥିଲେ। ଗାଡିକୁ ସ୍ଥାନୀୟ ଯୁବକ ସିମୁଳିଆ ପୋଲିସକୁ ହସ୍ତାନ୍ତର କରିଥିଲେ। ପରେ ସିସିଟିଭି ଫୁଟେଜ ଅନୁଧ୍ୟାନରୁ ଝିଙ୍କିରିଆ ଗ୍ରାମର ଆଦିତ୍ୟ ସେଥିରେ ସାମିଲଥିବା ଜଣାପଡିଥିଲା। ତାଙ୍କୁ ଗ୍ରାମରୁ ଧରି ଅଣାଯିବା ପରେ ଅନ୍ୟମାନେ ସୋର ଅଞ୍ଚଳର ବୋଲି ସେ କହିଥିଲେ। ଗୁରୁବାର ରାତିରୁ ସମସ୍ତେ ଡୁଙ୍ଗୁରା ଆସିଥିଲେ। ଚୋରମାନଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ଆଇଆଇସି ଗଣେଶ୍ୱର ପ୍ରଧାନ କହିଛନ୍ତି।

# ଓଡ଼ିଶାର ପୂର୍ବତନ ଏମ୍‌ପି, ୨ ପୂର୍ବତନ ବିଧାୟକଙ୍କ ସମ୍ପତ୍ତି ବାଜ୍ୟାପ୍ତ କଲା ଇଡି

ନୂଆଦିଲ୍ଲୀ,୪।୮

ଚିଟ୍‌ଫଣ୍ଡ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ଏକ କମ୍ପାନୀର ୨.୧୬ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଜବତ କରିଛି। ଓଡ଼ିଶାର ଜଣେ ପୂର୍ବତନ ଏମ୍‌ପି ଏବଂ ଦୁଇଜଣ ପୂର୍ବତନ ବିଧାୟକ ପୂର୍ବରୁ ଏହି କମ୍ପାନୀର ନିର୍ଦ୍ଦେଶକ ଥିଲେ। ସେମାନେ ହେଲେ ମୟୂରଭଞ୍ଜର ପୂର୍ବତନ ଏମ୍‌ପି ରାଜଚନ୍ଦ୍ର ହାଁସଦା, କେନ୍ଦୁଝର ସଦରର ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ ଏବଂ ଖରିଆରର ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି। ଏମାନଙ୍କ ବ୍ୟତୀତ ଅଞ୍ଜନ କୁମାର ବଳିୟାରସିଂ, ପ୍ରଦୀପ କୁମାର ପଟ୍ଟନାଏକ, କାର୍ତ୍ତିକେୟ ପରିଡ଼ା କମ୍ପାନୀର ନିର୍ଦ୍ଦେଶକ ଅଛନ୍ତି।

ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍ଏଲ୍ଏ) ଅଧୀନରେ ନବଦିଗନ୍ତ କ୍ୟାପିଟାଲ ସର୍ଭିସେସ୍ ଲିଃ ଏବଂ ଏହାର ଗ୍ରୁପ୍ କମ୍ପାନୀଗୁଡ଼ିକର ସମ୍ପତ୍ତି ବାଜ୍ୟାପ୍ତି ଲାଗି ଅସ୍ଥାୟୀ ନିର୍ଦ୍ଦେଶନାମା ଜାରି ହୋଇଥିଲା। ହାଁସଦା ଏନ୍‌ସିପି ଏବଂ ବିଜେଡି ପରେ ଗତବର୍ଷ ଜେଏମ୍‌ଏମ୍‌ରେ ଯୋଗଦେଇଥିଲେ। ସୁବର୍ଣ୍ଣ ନାଏକ ମଧ୍ୟ ବିଜେଡିରେ ଥିଲେ। ଚିଟ୍‌ଫଣ୍ଡ ମାମଲାରେ ୨୦୧୪ରେ ସେମାନେ ଗିରଫ ହେବା ପରେ ବିଜେଡିରୁ ନିଲମ୍ବିତ ହୋଇଥିଲେ। ଭାଜପା ଟିକେଟରେ ଜିତିଥିବା ବଗର୍ତ୍ତି ମଧ୍ୟ ଗିରଫ ହୋଇଥିଲେ। ଜବତ ସମ୍ପତ୍ତି ମଧ୍ୟରେ ରହିଛି ଆଇଡିବିଆଇ ଏବଂ ଇଣ୍ଡିଆନ ବ୍ୟାଙ୍କର ୪୮ଟି ଆକାଉଣ୍ଟରେ ଜମା ହୋଇଥିବା ୧୬ ଲକ୍ଷ ଟଙ୍କା। ପୁରୀ ଜିଲାର ନରେନ୍ଦ୍ରପୁର ମୌଜା ଏବଂ ଖୋର୍ଦ୍ଧା ଜିଲାର କାଇପଦର ମୌଜାରେ ୨ କୋଟି ଟଙ୍କା ମୂଲ୍ୟର ଦୁଇଟି ଜମି। ସିବିଆଇର ଏତଲା ଓ ଦୁଇଟି ଚାର୍ଜଶିଟ୍ ଆଧାରରେ ଅଭିଯୁକ୍ତମାନଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା ରୁଜୁ ହୋଇଥିଲା।

## ମା'ଝିଅଙ୍କୁ ଗାଡ଼ି...

ପ୍ରଥମ ପୃଷ୍ଠାରୁ...

ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଏହି ଘଟଣା ନେଇ ପୂର୍ବରୁ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ତେବେ ପୋଲିସ ସମସ୍ତ ବିଷୟରେ ଅବଗତ ହେବା ପରେ ଏକ ହତ୍ୟା ମାମଲା(ନଂ.୨୦୭/୨୨) ରୁଜୁ କରିଛି। ଅନ୍ୟପକ୍ଷେ ବଡ଼ଚଣା ଡାକ୍ତରଖାନାରେ ଶ୍ରୀତିକା,ସୋମାଲୀଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ନିଜ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୋଲିସ ଦୁର୍ଘଟଣା ଘଟାଇଥିବା ଟିପ୍ପର (ନଂ.ଓଆର୍-୧୬-ଡି-୬୪୦୮)କୁ ଜବତ କରି ତଦନ୍ତ ଚଳାଇଛି।

## ଜଷ୍ଟିସ୍ ୟୁ.ୟୁ. ଲଳିତ...

ଜଷ୍ଟିସ ଲଳିତ ଦେଶର ୪୯ତମ ସିଜେଆଇ ଭାବେ ଦାୟିତ୍ୱ ଗ୍ରହଣ କରିବେ। ସେ ଏହି ପଦରେ ମାତ୍ର ୭୪ ଦିନ ରହି ନଭେମ୍ବର ୮ରେ ଅବସର ନେବେ ବୋଲି ଜଣାପଡ଼ିଛି। ଉତ୍ତରାଧିକାରୀଙ୍କ ନାମ ସୁପାରିସ କରିବା ଲାଗି ବୁଧବାର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ସିଜେଆଇଙ୍କୁ ଜଣାଇଥିଲା। ସିଜେଆଇ ମନ୍ତ୍ରଣାଳୟକୁ ପଠାଇଥିବା ସୁପାରିସ ପତ୍ରର ଏକ ନକଲ ବ୍ୟକ୍ତିଗତ ଭାବେ ଜଷ୍ଟିସ ଲଳିତଙ୍କୁ ହସ୍ତାନ୍ତର କରିଛନ୍ତି। ପୂର୍ବତନ ସିଜେଆଇ ଏସ୍.ଏ. ବୋବ୍‌ଡେଙ୍କ ପରେ ଜଷ୍ଟିସ ରମନା ୨୦୨୧ ଏପ୍ରିଲ ୨୪ରେ ୪୮ତମ ସିଜେଆଇ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୧୬ ମାସରୁ ଊର୍ଦ୍ଧ୍ୱ କାର୍ଯ୍ୟକାଳ ପରେ ଅଗଷ୍ଟ ୨୬ରେ ସେ ଅବସର ନେବାକୁ ଯାଉଛନ୍ତି। ଜଷ୍ଟିସ ଲଳିତଙ୍କ ପରେ ବରିଷ୍ଠତା ଦୃଷ୍ଟିରୁ ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼ ଦେଶର ପ୍ରଧାନ ବିଚାରପତି ହେବେ।

ଜଷ୍ଟିସ୍ ୟୁ.ୟୁ. ଲଳିତ ମାତ୍ର ୭୪ ଦିନ ପାଇଁ ସିଜେଆଇ ହେବାକୁ ଯାଉଛନ୍ତି। ତେବେ ଏହା ପୂର୍ବରୁ ୧୯୯୧ରେ ଜଷ୍ଟିସ କମଲ ନାରାୟଣ ସିଂ ମାତ୍ର ୧୭ ଦିନ ପାଇଁ ସିଜେଆଇ ହୋଇଥିଲେ। ଜଷ୍ଟିସ ଲଳିତ ୨୦୧୪ ଅଗଷ୍ଟ ୧୩ରେ ସୁପ୍ରିମକୋର୍ଟ ବିଚାରପତି ଭାବେ ଯୋଗଦେଇଥିଲେ। ଏହା ପୂର୍ବରୁ ସେ ସର୍ବୋଚ୍ଚ ଅଦାଲତରେ ଜଣେ ବରିଷ୍ଠ ଆଇନଜୀବୀ ଭାବେ କାର୍ଯ୍ୟ କରୁଥିଲେ। ଗୁରୁତ୍ୱପୂର୍ଣ୍ଣ ୩ତଲାକ ମାମଲାରେ ରାୟପ୍ରଦାନ କରିଥିବା ସୁପ୍ରିମକୋର୍ଟର ୫ ଜଣିଆ ପୀଠରେ ଜଷ୍ଟିସ ଲଳିତ ରହିଥିଲେ। ସେହିପରି ଶିଶୁ ଶରୀରର ଗୋପନ ଅଙ୍ଗ ଛୁଆଁଇବା କିମ୍ବା ଯୌନ ଉଦ୍ଦେଶ୍ୟ ରଖି ସେମାନଙ୍କ ସହ ଶାରୀରିକ ସଂସ୍ପର୍ଶରେ ଆସିବା ପୋକ୍ସୋ ଆଇନ ଅନୁଯାୟୀ ଯୌନ ବ୍ୟଭିଚାର ବୋଲି ଜଷ୍ଟିସ ଲଳିତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ରାୟ ଦେଇଥିଲେ। ତାଙ୍କ ବାପା ୟୁ.ଆର୍. ଲଳିତ ମଧ୍ୟ ଜଣେ ଆଇନଜୀବୀରୁ ଦିଲ୍ଲୀ ହାଇକୋର୍ଟ ବିଚାରପତି ହୋଇଥିଲେ।

## ୨୨୫୩.୧୫ କୋଟିରେ...

■ **ସୁନ୍ଦରଗଡ଼ରେ ଲୁହାପଥର ବେନିଫିକେଶନ କାରଖାନା**
■ **ଢେଙ୍କାନାଳରେ ଶସ୍ୟଭିତ୍ତିକ ଇଥାନଲ ପ୍ଲାଣ୍ଟ**

ଲିମିଟେଡ୍ ପକ୍ଷରୁ ଡିଆର୍‌ଆଇ ଆଣ୍ଡ୍ ପେଲେଟ୍ ୱିଥ୍ ବେନିଫିକେଶନ ପ୍ଲାଣ୍ଟ ଏବଂ ଫେରୋ ଆଲୋଏ କମ୍ପାନୀ ସ୍ଥାପନ ହେବ। ଏହି ପ୍ରକଳ୍ପରେ ୬୦୦ ଜଣ ନିଯୁକ୍ତି ପାଇବେ। କେନ୍ଦୁଝରଠାରେ ୧୭୫.୭୫ କୋଟି ଟଙ୍କା ବିନିଯୋଗରେ ଆର୍ଯ୍ୟ ଆଇରନ୍ ଆଣ୍ଡ ଷ୍ଟିଲ୍ କମ୍ପାନୀ ଲିଃ ପକ୍ଷରୁ ବିଲେଟ/କଲର କୋଟେଡ୍ ଟିଏମ୍‌ଟି ଏବଂ ଫିଲ୍‌ଟର କେକ୍ ହ୍ୟାଣ୍ଡଲିଂ ସିଷ୍ଟମ ପ୍ରଭୃତି କାରଖାନା ସ୍ଥାପନ କରାଯିବ। ମୋଟ ୬୦୦ ଜଣ ନିଯୁକ୍ତି ପାଇବେ। ସମ୍ବଲପୁରଠାରେ ୧୦୧ କୋଟି ଟଙ୍କା ବିନିଯୋଗରେ ସିଏମ୍‌ଆର ଇକୋ ଆଲୁମିନିୟମ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଲିକ୍ୟୁଇଡ୍ ଆଲୁମିନିୟମ ଆଲୋଏଜ କାରଖାନା ସ୍ଥାପନ କରାଯିବ। ୨୦୦ ଜଣଙ୍କୁ ନିଯୁକ୍ତି ମିଳିବ। ଖୋର୍ଦ୍ଧାଠାରେ ୫୦୦ କୋଟି ଟଙ୍କା ବିନିଯୋଗରେ ଆଦାନୀ ଏଣ୍ଟରପ୍ରାଇଜେସ୍ ଲିଃ ପକ୍ଷରୁ କ୍ଲାଉଡ୍ ହୋଷ୍ଟିଙ୍ଗ ସର୍ଭିସ୍ ସୁବିଧାଯୁକ୍ତ ଡାଟାସେଣ୍ଟର ପ୍ରତିଷ୍ଠା ହେବ, ଯେଉଁଥିରେ ୨୦୦ ଜଣ ନିଯୁକ୍ତି ପାଇବେ। ଖୋର୍ଦ୍ଧାଠାରେ ୫୦ କୋଟି ଟଙ୍କା ବିନିଯୋଗରେ ପୁଷ୍ପମ୍ ଟେକ୍ ନଲୋଜିସ୍ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ସଫ୍ଟୱେର ଡେଭ୍‌ଲପ୍‌ମେଣ୍ଟ ଏବଂ ବାଣିଜ୍ୟ ପାଇଁ ଡିଜିଟାଲ ପ୍ଲାଟ୍‌ଫର୍ମ ସ୍ଥାପନ କରାଯିବ। ଏଥିରେ ୨୫୦ ଜଣ ନିଯୁକ୍ତି ପାଇବେ। ଖୋର୍ଦ୍ଧାଠାରେ ୫୨.୩୭ କୋଟି ଟଙ୍କା ବିନିଯୋଗରେ ସ୍ମାର୍ଟ ଡିଜାଇନ ପ୍ରୋଜେକ୍ଟସ୍ ସଂସ୍ଥା ପକ୍ଷରୁ ଓ୍ୟାର ହାଉସିଂ ଏବଂ ଲଜିଷ୍ଟିକ୍ ସ୍ଥାପନ ହେବ। ଏଥିରେ ୩୧୫ ଜଣଙ୍କୁ ଚାକିରି ମିଳିବ। ଗଞ୍ଜାମରେ ୧୫୦ କୋଟି ଟଙ୍କା ବିନିଯୋଗରେ ରାଜ୍ ରାଜେଶ୍ୱର ସଂସ୍ଥା ପକ୍ଷରୁ ହାଇଗ୍ରେଡ୍ ଟିଟାନିୟମ୍ ସ୍ଲାଗ୍ ଏବଂ ବାଇ ପ୍ରଡକ୍ଟ ସ୍ଥାପନ ହେବ। ଏହାଦ୍ୱାରା ୪୦୦ ଜଣଙ୍କୁ ନିଯୁକ୍ତି ମିଳିବ। କଟକଠାରେ ୮୯.୪୮ କୋଟି ଟଙ୍କା ବିନିଯୋଗରେ ଅମ୍ରିତ ଧାରା ନ୍ୟୁଟ୍ରି ଫୁଡ୍ ଏଲ୍‌ଏଲ୍‌ପି ସଂସ୍ଥା ପକ୍ଷରୁ ଡାଏରି ପ୍ରଡକ୍ଟସ୍ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ହେବ। ୧୫୨ ଜଣଙ୍କୁ ଚାକିରି ସୁବିଧା ମିଳିବ। ଢେଙ୍କାନାଳଠାରେ ୬୧.୩୦ କୋଟି ଟଙ୍କା ବିନିଯୋଗରେ ଯାତକ ଜୀବନ ପେଟ୍ରୋକେମିକାଲସ୍ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଶସ୍ୟଭିତ୍ତିକ ଇଥାନଲ ପ୍ଲାଣ୍ଟ ସ୍ଥାପନ ହେବ, ଯେଉଁଥିରେ ୬୦ ଜଣ ନିଯୁକ୍ତି ସୁଯୋଗ ପାଇବେ। ଯାଜପୁର ଏବଂ କେନ୍ଦୁଝରଠାରେ ୫୦ କୋଟି ଟଙ୍କା ବିନିଯୋଗରେ ଭାରତ ଗ୍ୟାସ୍ ରିସୋର୍ସେସ୍ ଲିଃ ପକ୍ଷରୁ ପ୍ରାକୃତିକ ଗ୍ୟାସ୍ ରେଗୁଲେଟିଂ ସିଷ୍ଟମ ଏବଂ ଡି-କମ୍ପ୍ରେସିଂ ୟୁନିଟ୍ ସ୍ଥାପନ ହେବ। ଏଥିରେ ୧୧ ଜଣଙ୍କୁ ନିଯୁକ୍ତି ମିଳିପାରିବ ବୋଲି ସୂଚନା ଦିଆଯାଇଛି। ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ପ୍ରକଳ୍ପଗୁଡ଼ିକର ବୈଷୟିକ, ଆର୍ଥିକ ଏବଂ ଭିତ୍ତିଭୂମି ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଛନ୍ତି। ଏସବୁ ପ୍ରକଳ୍ପ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଆର୍ଥିକ ପ୍ରଗତିରେ ସହାୟକ ହେବ। ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସାରିବା ଏବଂ ଉତ୍ପାଦନ ଆରମ୍ଭ କରିବା ଲାଗି ମୁଖ୍ୟ ଶାସନ ସଚିବ ଇପିକଲ୍‌କୁ ନିର୍ଦ୍ଦେଶ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟରେ ପରୋକ୍ଷ ଶତ୍ରୁତା ସାମୟିକ ବାଧାର ସୂଚନା ରହିଛି। ଆବଶ୍ୟକତା ଅନୁଭବ କରି ନୂତନ ଗୃହୋପକରଣ କ୍ରୟ କରିପାରନ୍ତି। ଅଶ୍ୱିନୀ ନକ୍ଷତ୍ର ଆର୍ଥିକ ଅନଟନ କାର୍ଯ୍ୟର ପ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି କରିବ।

**ବୃଷ**

ପରିସ୍ଥିତି ତାଡନାରେ ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ ହେବେ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ବନ୍ଧୁଙ୍କୁ କର୍ମକ୍ଷେତ୍ରରେ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ମୃଗଶିରା ନକ୍ଷତ୍ରର ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମିଥୁନ**

ଆରଦ୍ରା ନକ୍ଷତ୍ରର ବିଭିନ୍ନ ପ୍ରକାରର ଅଭାବ ଅନଟନ ମାନସିକ ଶାନ୍ତିକୁ ନଷ୍ଟ କରିପାରେ। ପାରିବାରିକ ସମସ୍ୟା କ୍ରମଶଃ ବଳିଯାଉଥିବାରୁ ମନର ଦୁଃଖକୁ ଲୁଚାଇ ରଖି ବନ୍ଧୁମାନଙ୍କ ସମ୍ମୁଖରେ ହସି ହସି କଥା କହିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**କର୍କଟ**

ପୁଷ୍ୟା ନକ୍ଷତ୍ର ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ପ୍ରଶାସନ, ପ୍ରକାଶନ, ଶିଳ୍ପ, ବାଣିଜ୍ୟରେ ମଧ୍ୟ ପ୍ରତିବନ୍ଧକର ଆଶଙ୍କା ରହିଛି। ଅବଶ୍ୟ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

**ସିଂହ**

କର୍ମ କ୍ଷେତ୍ରରେ ଆହ୍ୱାନ ବ୍ୟତିରେକ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି। ପୂର୍ବାଫାଲଗୁନୀ ନକ୍ଷତ୍ରର ପାରିବାରିକ ସ୍ତରରେ ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ନିଜର ଦକ୍ଷତା ବଳରେ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। କିନ୍ତୁ ପାରିବାରିକ କ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**କନ୍ୟା**

ବନ୍ଧୁଙ୍କ ସହ ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିପାରନ୍ତି। ପୂର୍ବ ରାଗ ଶୁଝାଇବାକୁ ଯାଇ ମିତ୍ରମାନେ ଶତ୍ରୁତା ଆଚରଣ କରିବେ। ଉତ୍ତରାଫାଲଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ନିର୍ମାଣ, ଯୋଗାଯୋଗ, ସଂଗଠନ, ପ୍ରଶାସନ ସ୍ତରରେ ସମସ୍ୟା ମୁକ୍ତ ରହିବ।

**ତୁଳା**

ସ୍ୱାତୀ ନକ୍ଷତ୍ରର ବିଭିନ୍ନ କାରଣକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିବାର ସୂଚନା ରହିଛି। ବନ୍ଧୁଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ବିଛା**

ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ନିଜର ଆତ୍ମୀୟ ମାନଙ୍କ ସହ ଆଲୋଚନା କରିପାରନ୍ତି। କର୍ମକ୍ଷେତ୍ରରେ ଶତ୍ରୁତା ପଥରୋଧ କରୁଥିବାର ସନ୍ଦେହ କରି ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ଅନୁରାଧା ନକ୍ଷତ୍ର ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ସାମାନ୍ୟ ବିଳମ୍ବିତ ସମୟରେ ଆଶା ପୂରଣ ହୋଇଯିବ।

**ଧନୁ**

ପାରିବାରିକ କ୍ଷେତ୍ରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ପୂର୍ବାଷାଢ଼ା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଯିବ। ନିର୍ମାଣାଧୀନ କାମ ପୂର୍ଣ୍ଣାଙ୍ଗ ନ ହେବା ମୂଳରେ ଅର୍ଥାଭାବ ଯୋଗୁଁ ବିଚଳିତ ହେବେ।

**ମକର**

କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ପରିବାରରେ ସାଧାରଣ ଘଟଣାକୁ କେନ୍ଦ୍ରକରି ଅଶାନ୍ତି ଉପୁଜିପାରେ। ଶ୍ରବଣା ନକ୍ଷତ୍ରର ପ୍ରତିଯୋଗିତାରେ ସଫଳତା ଯୋଗୁଁ ମନ ଖୁସି ରହିବ। ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ।

**କୁମ୍ଭ**

ଆଜିର କାମ ସମୟରେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ଶତଭିଷା ନକ୍ଷତ୍ର କିନ୍ତୁ ସହମତିରେ କାମ କଲେ ସଫଳତା ପାଇପାରନ୍ତି। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି। ପରିବାରରେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଯୋଗୁଁ ମନ ଅଶାନ୍ତ ରହିବ।

**ମୀନ**

ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ଟେନ୍ସନ ଜମା ଛାଡିବ ନାହିଁ। ବନ୍ଧୁଙ୍କ ପରାମର୍ଶକୁ ଅନୁଧ୍ୟାନ କରି ସମସ୍ୟା ସମାଧାନରେ ରାସ୍ତା ପାଇବେ। ପାରିବାରିକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ରାଜନୈତିକ ସ୍ଥିତିରେ ଉତ୍ତରଭାଦ୍ରବ ନକ୍ଷତ୍ର ବନ୍ଧୁମାନଙ୍କ ସହାୟତାରେ ଉପକୃତ ହେବେ।

## classifieds

**Everyday 0674-2580101, 2549302**




**HIRE**

New Model Dzire Etios Hondacity, Ciaz, Inova ବିକ୍ରି କରିବାକୁ ଚାହୁଁଛନ୍ତି କି। 9937272794. D-73944




**SALE**

Land Investments starting from Rs. One Lakh in and around Bhubaneswar. Contact: 9078020885. D-73341

**5000sqft. (50ft. X100ft.) gharabari, sthitiban yellowzone, 100% clear single Patta owner plot for sale with boundary, filling & outhouse completed. Address- Bhargavi Vihar, just 3rd plot from Dhauli & Uttara NH with 25ft. wide concrete road Price Rs.1,35,00,000/-. Contact owner. 9040026465 (BABU BHAI).** D-1039

BDA Yellow plot 30 ଫୁଟ୍ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି । 9556840491. D-73628

ଜାଗା କିଣି ତୁରନ୍ତ ଘର କରନ୍ତୁ। ଭୁବନେଶ୍ୱର **New Railway Station**ରୁ **400mtr** ଦୂରତାରେ **yellowzone- sqft.-650/-**, ବାରଙ୍ଗ-ତ୍ରିଶୁଳିଆ **NH side**ରେ **sqft.-1500/- (SC plot available). 9078371787.** D-73290

**Immediate** ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ **sqft. 500/** ବାଳକାଟିରେ **sqft.1000/-. 8114929186.** D-73946

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73292

ନଖରା **East** କଲେଜଠାରୁ **2.5k.m.** ଦୂରତାରେ **@870/-** ପାଚେରି ଥାଇ **Govt. Medical** ନିକଟରେ ଘରବାରି ପ୍ଲଟ୍ ମିଳୁଛି। **9348152874.** D-73291

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School & College**କୁ ଲାଗି **layout approval plot (Bank finance) @9,00,000/-** ଦେଇ ତୁରନ୍ତ ଘର କରନ୍ତୁ। **(OD Group). 9437033320.** D-73283

ଭୁବନେଶ୍ୱର ରଙ୍ଗବଜାରରୁ 2K.M. ଦୂରତାରେ well developed plot road, electricity, gate ଥାଇ sqft.-800/- ବିକ୍ରିହେବ। 9853169267, 7205624547. D-73285

ହଂସପାଳ, ବାଲିଅନ୍ତା, ନଖରା, ନିଆଳି ରାସ୍ତା ପାଖରେ ଜାଗା ବିକ୍ରି କରାଯାଉଅଛି। **9437765989.** D-73289

**Hanspal near Balianta Rangabazar Middle point**ରେ **road, electricity, boundary** ସହିତ **plot** କିଣନ୍ତୁ। **sqft.-1350/-. 7008425796.** D-73286




Newly open Asribada Panchakarma herbal SPA Kesarimall Bhubaneswar. Contact: 8926173473. D-73945

All type body massage by Expert Therapist, Room service available. 8917243035. D-73631

Newly open full body massage, ladies and gents. 7846923244. D-73948

Newly open full body massage ladies and gents. 8327740003, 8093860513. D-73947

Newly opened full body massage center by expert therapist. 7381172169. D-73629

**Relax, Refresh your body, mind at Saikrupa Spa with best therapies. 8984068077.** D-1121

Newly open full body massage 1099 free massage one. Mo: 9583808247. D-1164

Fullbody massage relax your body, mind by best therapist. 7008773793. D-73626




Gold Investments/Cash against Gold@4% P.A. Contact: 9078020885. D-73342

**AFFIDAVIT**

By virtue of an affidavit date 03.08.22 before the Court of Executive Magistrate, Bhubaneswar. I Bishnu Charan Das, F/o- Bibhujeet Das, want to change my Wife's name from GOURI DAS to GAURI DAS. Hence forward she will be known as GAURI DAS for all purposes. D-1180

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୮,୫୭,୩୩,୩୭୨ | ୬୪,୨୮,୮୩୬ | ୫୫,୬୨,୮୬,୦୨୯ |
| ଭାରତ | ୪,୪୦,୮୭,୦୩୭ | ୫,୨୬,୫୩୦ | ୪,୩୪,୨୪,୦୨୯ |
| ଓଡ଼ିଶା | ୧୩,୧୬,୪୭୩ | ୯୧୪୪(+୫୩) | ୧୩,୦୧,୯୩୦ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ନନ୍ଦିନୀ ଥିଲେ ନାରୀ ପ୍ରଗତିର ମୂର୍ତ୍ତିମନ୍ତ ପ୍ରତୀକ

**ଭୁବନେଶ୍ୱର,୪।୮(ବ୍ୟୁରୋ)**

ନନ୍ଦିନୀ ଶତପଥୀ ଥିଲେ ନାରୀ ସଶକ୍ତୀକରଣ ଓ ପ୍ରଗତିର ପ୍ରତୀକ। ନାରୀ ସ୍ୱାଧୀନତା ପାଇଁ ସେ ଆଜୀବନ ଲଢ଼େଇ କରିଥିଲେ। ପ୍ରଶାସନିକ ନିଷ୍ପତ୍ତି ନେବାରେ କଠୋର ଥିବାବେଳେ ଜନକଲ୍ୟାଣ କାର୍ଯ୍ୟରେ ଜଣେ ମା’ ଭାବରେ ସ୍ନେହମୟୀର ଭୂମିକା ନିର୍ବାହ କରୁଥିଲେ। ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ, ପ୍ରଥମ ମହିଳା କେନ୍ଦ୍ରମନ୍ତ୍ରୀ, ସୁସାହିତ୍ୟିକା, ସଂଗ୍ରାମୀ ନନ୍ଦିନୀ ଶତପଥୀଙ୍କ ଷୋଡ଼ଶ ଶ୍ରାଦ୍ଧବାର୍ଷିକ ପାଳନ ଅବସରରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁବାର ରାଜଭବନ ନିକଟ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ଅର୍ଥମନ୍ତ୍ରୀ ତଥା କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ପୂର୍ବତନ ମହାନଗରପାଳ ମିହିର ମହାନ୍ତି, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ଆବାହକ ପ୍ରବୀର ମହାନ୍ତି, ଉତ୍କଳ ସମ୍ମିଳନୀ ସଭାପତି ପ୍ରଫେସର ଡ. ଅଦ୍ୱୈତ କୁମାର ପାତ୍ର, ନାରୀ ନେତ୍ରୀ ଉଷାରାଣୀ ମହାନ୍ତି, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ମହାପାତ୍ର ପ୍ରମୁଖ ଯୋଗଦେଇ ନନ୍ଦିନୀଙ୍କ ସ୍ମୃତିଚାରଣ କରିଥିଲେ।






ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଷୋଡ଼ଶ ଶ୍ରାଦ୍ଧବାର୍ଷିକ ପାଳନ ଅବସରରେ ଗୁରୁବାର ରାଜଭବନ ନିକଟ ଏଲ୍ଆଇସି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ। ଉତ୍କଳ ସମ୍ମିଳନୀ ପକ୍ଷରୁ ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ କର୍ମକର୍ତ୍ତା।

## ■ ଉଷାରାଣୀ ମହାନ୍ତିଙ୍କୁ ‘ନନ୍ଦିନୀ ଶତପଥୀ ସ୍ମୃତି ସମ୍ମାନ’
## ■ ଶ୍ରଦ୍ଧାଞ୍ଜଳି ଜଣାଇଲେ ଧର୍ମେନ୍ଦ୍ର

ସେମାନେ କହିଥିଲେ, ନନ୍ଦିନୀ ସ୍କୁଲ୍ ଜୀବନରୁ ସାମ୍ୟବାଦୀ ଆନ୍ଦୋଳନରେ ସାମିଲ୍ ହୋଇ ବ୍ରିଟିଶ୍ ବିରୋଧରେ ସଂଗ୍ରାମ କରି ବିପ୍ଳବିନୀର ଭୂମିକା ନିର୍ବାହ କରିଥିଲେ। ରେଭେନ୍ସା କଲେଜ ରାଜନୀତିରେ ସାମିଲ ହୋଇ ପରବର୍ତ୍ତୀ ସମୟରେ ପ୍ରତ୍ୟକ୍ଷ ରାଜନୀତିକୁ ଓହ୍ଲାଇଥିଲେ। ପ୍ରଥମେ କମ୍ୟୁନିଷ୍ଟ ପାର୍ଟି ଓ ପରେ କଂଗ୍ରେସରେ ଯୋଗଦେଇଥିଲେ। ଇନ୍ଦିରା ଗାନ୍ଧୀଙ୍କ ଅନ୍ତରଙ୍ଗ ଭାବରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇ ୧୯୬୬ରେ କେନ୍ଦ୍ରମନ୍ତ୍ରୀ ହୋଇଥିଲେ। ୧୯୭୨ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୁକୁଟ ପିନ୍ଧି ରାଜ୍ୟବାସୀ ତଥା ରାଜ୍ୟର ମହିଳାଙ୍କ ପାଇଁ ପ୍ରଭାବଶାଳୀ ପଦକ୍ଷେପ ନେଇଥିଲେ। ୧୯୭୭ରୁ ୧୯୯୦ ପର୍ଯ୍ୟନ୍ତ ଢେଙ୍କାନାଳ ନିର୍ବାଚନମଣ୍ଡଳୀରୁ ଲଗାତର ଜନତାଦଳ, କଂଗ୍ରେସ ଓ ସ୍ୱାଧୀନ ଭାବେ ବିଧାୟିକା ହୋଇଥିଲେ। ୧୯୮୫ରେ ଜାଗ୍ରତ ଓଡ଼ିଶା ଗଠନ କରି ଓଡ଼ିଶାରେ ବିକଳ୍ପ ରାଜନୈତିକ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ଉଦ୍ୟମ କରିଥିଲେ। ସେ ଏକମାତ୍ର ନାରୀ ନେତ୍ରୀ ଭାବରେ ଅପରାଜେୟର ମର୍ଯ୍ୟାଦା ଲାଭ କରିଥିଲେ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ନାରୀନେତ୍ରୀ ଉଷାରାଣୀ ମହାନ୍ତିଙ୍କୁ ‘ନନ୍ଦିନୀ ଶତପଥୀ ସ୍ମୃତି ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ବିଭାଗୀୟ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନନ୍ଦିନୀଙ୍କ ଶ୍ରାଦ୍ଧବାର୍ଷିକୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

ପ୍ରକାଶ ପାଇଲା ପ୍ରକାଶ ପାଇଲା
ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକଙ୍କ ବହୁ ପ୍ରତୀକ୍ଷିତ - ସମ୍ପୂର୍ଣ୍ଣ ନିର୍ଭର ଯୋଗ୍ୟ
ଦଶମ ଶ୍ରେଣୀ
ସମେଟିଭ୍ ଆସେସ୍‌ମେଣ୍ଟ -୧ ପାଇଁ
ଓସ୍‌ଷ୍ଟା ଟେଷ୍ଟପେପର (ଓଡ଼ିଆ ଓ ଇଂରାଜୀ ମାଧ୍ୟମ)
2022-23 OSSTA H.S.C.E. TEST PAPERS TERM-1
SUMMATIVE ASSESSMENT 1 ON OBJECTIVE (MCQ) & SUBJECTIVE
Odisha Secondary School Teachers' Association
ବିକ୍ରୟ ଆରମ୍ଭ : ତା.୦୫.୦୮.୨୨ରିଖ ଠାରୁ ...
ଖୁବ୍‌ଶୀଘ୍ର ପ୍ରକାଶ ପାଇବାକୁ ଯାଉଛି : ଦଶମ SA-II ଓ ନବମ ଶ୍ରେଣୀ ଟେଷ୍ଟ ପେପରସ୍

STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT
ADMISSION OPEN
FOR HOTEL MANAGEMENT COURSES

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subjects (Minimum 50% marks) | 25 Years as on 1st July 2022 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | 1½ Year | 10+2 pass or equivalent | |
| 3. Diploma In Food & Beverage Service | 1½ Year | 10+2 pass or equivalent | |
| 4. Diploma In Food Production | 1½ Year | 10+2 pass or equivalent | |
| 5. Diploma In Housekeeping Operation | 1½ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | 1½ Year | 10th pass | |

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9348849484




DSPL - 128
ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା
www.ceoorissa.nic.in
ଆପଣ ଜଣେ ଭୋଟର ଅଟନ୍ତି କି?
ଗଣତନ୍ତ୍ରକୁ ସୁଦୃଢ କରିବାରେ ଆପଣ ନିଜର ଭୂମିକା ନିର୍ବାହ କରୁଛନ୍ତି କି?
ଆପଣଙ୍କ ବୟସ ଯଦି ନିମ୍ନୋକ୍ତ କୌଣସି ଯୋଗ୍ୟ ତାରିଖରେ ୧୮ ବର୍ଷ ହେଉଛି:
୦୧ ଜାନୁଆରୀ
୦୧ ଏପ୍ରିଲ
୦୧ ଜୁଲାଇ
୦୧ ଅକ୍ଟୋବର
ତାହେଲେ ଆପଣ ନିଜର ନାମ ଭୋଟର ତାଲିକାରେ ପଞ୍ଜିକରଣ କରିବା ପାଇଁ ଚିଠା ଭୋଟର ତାଲିକାର ପ୍ରକାଶନ ତାରିଖ (୦୯.୧୧.୨୦୨୨) ଠାରୁ ଅଗ୍ରିମ ଭାବରେ ଆବେଦନ କରିପାରିବେ। ଭୋଟର ପରିଚୟ ପତ୍ର ଯୋଗ୍ୟ ତାରିଖ ପରେ ସ୍ୱତଃ ପ୍ରେରଣ କରାଯିବ ।
ଭୋଟର ହେଲ୍ପଲାଇନ ଆପ୍ ମାଧ୍ୟମରେ ଅନଲାଇନରେ ଆବେଦନ କରନ୍ତୁ କିମ୍ବା ନିଜର ବୁଥ୍ ସ୍ତରୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।
ଜାଣନ୍ତୁ ଆପଣଙ୍କ ପାଇଁ ଉଦ୍ଦିଷ୍ଟ ଆବେଦନ ଫର୍ମଗୁଡିକ ବିଷୟରେ
ଫର୍ମ ୬ ▶ ଭୋଟର ତାଲିକାରେ ନାମ ପଞ୍ଜିକରଣ
ଫର୍ମ ୮ ▶ ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ ପାଇଁ
ଫର୍ମ ୭ ▶ ନାମ ବାଦ ଦେବା ପାଇଁ
ଫର୍ମ ୬ଖ ▶ ଭୋଟର ପରିଚୟ ପତ୍ରକୁ ଆଧାର କାର୍ଡ ସହିତ ସଂଯୋଗ କରିବା ପାଇଁ
ଦୋହରା ଏଣ୍ଟ୍ରିଗୁଡିକୁ ବାଦ ଦେବାକୁ ସକ୍ଷମ କରିବା ପାଇଁ ଆପଣଙ୍କ ଭୋଟର ଫଟୋ ପରିଚୟ ପତ୍ର (EPIC) କୁ ଆଧାର କାର୍ଡ ସହିତ ସଂଯୋଗ କରନ୍ତୁ
OIPR-12113/13/0003/2223
www.nvsp.in www.eci.gov.in ୧୯୫୦ ଡାଉନଲୋଡ଼ ଭୋଟର ହେଲପ୍‌ଲାଇନ ଆପ୍

ଶକ୍ତି ହୋଇଉଠେ ମହାନ୍ -ଯେତେବେଳେ ତାହା କ୍ରୋଧମୁକ୍ତ ହୋଇ ଊର୍ଦ୍ଧ୍ୱଗାମୀ ହୁଏ। କୌଣସି କିଛିର ଧ୍ୱଂସସାଧନ ମଧ୍ୟ ମହିମାମୟ ହୋଇପାରେ। କିନ୍ତୁ ତା'ର ଉତ୍ସ ବା କାରଣ ଯଦି ହୁଏ ପ୍ରତିହିଂସା, ତେବେ ତାହା କାଳିମାମୟ ହୋଇଉଠେ। **-ଶ୍ରୀଅରବିନ୍ଦ**



# ସଚେତନ ହେବାର ବେଳ



**ସାଲ୍‌ଭୋଜ ଜିଜେକ୍**

ନିକଟରେ କାନାଡାର ମନସ୍ତତ୍ତ୍ୱବିତ୍ ତଥା ମିଡିଆ ଫିଗର ଜୋର୍ଡାନ ପିଟରସନ 'ରୁଷିଆ ବନାମ ୟୁକ୍ରେନ କିମ୍ବା ପାଶ୍ଚାତ୍ୟରେ ଗୃହଯୁଦ୍ଧ' ଶୀର୍ଷକ ଏକ ଭିଡିଓରେ ୟୁରୋପରେ ଚାଲିଥିବା ଯୁଦ୍ଧ ସହ ଉଦାରବାଦୀ ମୁଖ୍ୟସ୍ରୋତ ଏବଂ ଉତ୍ତର ଆମେରିକା ଓ ୟୁରୋପର ନୂତନ ଲୋକପ୍ରିୟ ଦକ୍ଷିଣପନ୍ଥୀ ସଂଘର୍ଷର ସମ୍ପର୍କ ଥିବା ସ୍ୱୀକାର କରିଥିଲେ। ଯଦିଓ ପିଟରଶନ ଉତ୍ତେଜନାପୂର୍ଣ୍ଣ ଯୁଦ୍ଧ ଲାଗି ଭ୍ଲାଡିମିର ପୁଟିନ୍‌ଙ୍କୁ ଦୋଷାରୋପ କରିଛନ୍ତି, ତଥାପି ତାଙ୍କ ଦୃଷ୍ଟିକୋଣ ଧୀରେ ଧୀରେ ରୁଷିଆର ସିଦ୍ଧାନ୍ତଗତ ସୁରକ୍ଷା ଆଡକୁ ଏକ ପ୍ରକାର ପରିବର୍ତ୍ତନ ହୋଇଛି। ଦୋସ୍ତୋଭିସ୍କିଙ୍କ ଲେଖାଗୁଡ଼ିକର ଦୃଷ୍ଟାନ୍ତ ଦେଇ ସେ କହିଛନ୍ତି ଯେ, ପାଶ୍ଚାତ୍ୟ ୟୁରୋପୀୟ ସୁଖବାଦୀ ବ୍ୟକ୍ତିବାଦ ରୁଷୀୟ ଆଧ୍ୟାତ୍ମିକତା ତୁଳନାରେ ସାମଗ୍ରିକ ଭାବେ ବହୁତ ନିକୃଷ୍ଟ। ସେ ଆଧୁନିକବାଦ ପୂର୍ବ ସମୟକୁ ମାର୍କ୍ସବାଦର ପରିବର୍ତ୍ତିତ ରୂପ ଭାବେ ବର୍ଣ୍ଣନା କରିଛନ୍ତି, ଯାହା ଖ୍ରୀଷ୍ଟିଆନ ସଭ୍ୟତାର ଭିତ୍ତିଭୂମିକୁ ନଷ୍ଟ କରିବାକୁ ଚାହୁଁଛି। ଏ ଦୃଷ୍ଟିରୁ ବିଚାର କଲେ, ୟୁକ୍ରେନରେ ଚାଲିଥିବା ଯୁଦ୍ଧ ହେଉଛି ପାରମ୍ପରିକ ଖ୍ରୀଷ୍ଟିଆନ ମୂଲ୍ୟବୋଧ ଏବଂ କମ୍ୟୁନିଷ୍ଟ ଅଧପତନର ଏକ ନୂଆ ରୂପ ମଧ୍ୟରେ ପ୍ରତିଯୋଗିତା। ଯେଉଁମାନେ ହଙ୍ଗେରୀର ପ୍ରଧାନମନ୍ତ୍ରୀ ଭିକ୍ଟର ଓର୍ବାନଙ୍କୁ କିମ୍ବା ୬ ଜାନୁୟାରୀ ୨୦୨୧ରେ ଆମେରିକା କ୍ୟାପିଟଲରେ ଜବରଦସ୍ତ ପ୍ରବେଶ କରିବା ଘଟଣାକୁ ଜାଣିଥିବେ ସେମାନେ ଏହି କଥାକୁ ଭଲ ଭାବେ ବୁଝିପାରିବେ। ଏହି ଘଟଣାକୁ ଲକ୍ଷ୍ୟ କରି ସେହି ଦିନ ସିଏନଏନ୍‌ର ଜନ୍ ବ୍ଲାକେ କହିଥିଲେ , ଆମେରିକା ବୃଦ୍ଧିପାଇଥିବା ଏକ ଶ୍ୱେତ ଖ୍ରୀଷ୍ଟିଆନ ଜାତୀୟତାବାଦୀ ଆନ୍ଦୋଳନକୁ ସାମ୍ନା କରୁଛି। ଏହି ଆନ୍ଦୋଳନ କୃଷ୍ଣକାୟ ଲୋକ ଓ ଅଣ ଶ୍ୱେତାଙ୍ଗ ପ୍ରବାସୀମାନଙ୍କ ପ୍ରତି ହେଉଥିବା ଲିଙ୍ଗଭେଦ ଏବଂ ଶତ୍ରୁତାକୁ ଲୁଚାଇବା ଲାଗି ଖ୍ରୀଷ୍ଟିଆନ ଶବ୍ଦ ବ୍ୟବହାର କରୁଛି। ଏହା ଶ୍ୱେତ ଖ୍ରୀଷ୍ଟିଆନ ଆମେରିକା ସୃଷ୍ଟି କରିବା ସନ୍ଧାନରେ ରହିଛି। ବିଶ୍ୱସ୍ତରରେ ଉକ୍ତ ଦୃଷ୍ଟିକୋଣ ଏବେ ଧାର୍ମିକ ମୁଖ୍ୟ ସ୍ରୋତରେ ଏତେ ଅଧିକ ପ୍ରବେଶ କରିଛି ଯେ, ବାସ୍ତବରେ ଏହାର ବିଚାରଧାରାକୁ ଚ୍ୟାଲେଞ୍ଜ କରିବାକୁ ଚେଷ୍ଟା କରୁଥିବା ଯେ କେହି ଖ୍ରୀଷ୍ଟିଆନ ଧର୍ମଯାଜକ ସେମାନଙ୍କ କ୍ୟାରିୟରକୁ ବିପଦରେ ପକାଉଛନ୍ତି।

ମୁଖ୍ୟକଥା ହେଉଛି ପିଟରଶନଙ୍କର କମ୍ୟୁନିଷ୍ଟ ବିରୋଧୀ ଭାବ ଏକ ବ୍ୟାପକ ଢାଞ୍ଚାକୁ ସୂଚିତ କରିଛି। ଆମେରିକାରେ ରିପବ୍ଲିକାନ ପାର୍ଟିର ବହୁ ସାଂସଦ ୟୁକ୍ରେନ୍‌କୁ ସମର୍ଥନ କରିବାକୁ ମନା କରିଦେଇଛନ୍ତି। ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନରେ ଓହିଓରୁ ରିପବ୍ଲିକାନ ପ୍ରାର୍ଥୀ ହୋଇଥିବା ଜେ.ଡି. ଭ୍ୟାନ୍‌ସେ ପ୍ରକାଶ କରିଛନ୍ତି ଯେ ନିଜ ଦେଶର ସମସ୍ୟାକୁ ଅଣଦେଖା କରି ଯୁଦ୍ଧରେ ଆମେରିକାର ଅନେକ ବିଲିୟନ ଡଲାର ସଂସାଧନ ଉପଯୋଗ କରିବା ଏକ ରଣନୀତିକ ବୋକାମି। ଫ୍ଲୋରିଡାରୁ ପ୍ରତିନିଧିତ୍ୱ କରୁଥିବା ହାଉସ ଅଫ ରିପ୍ରେଜେଣ୍ଟେଟିଭର ରିପବ୍ଲିକାନ ସଦସ୍ୟ ମ୍ୟାଟ୍ ଗେଟ୍‌ଜେ କହିଛନ୍ତି ଯେ,ଚଳିତ ବର୍ଷ ନଭେମ୍ବରରେ ଯଦି ତାଙ୍କ ପାର୍ଟି ଜିତେ ତେବେ ୟୁକ୍ରେନକୁ ସମର୍ଥନ ଦେବ ନାହିଁ। ରୁଷିଆର ଯୁଦ୍ଧ ଏବଂ ଆମେରିକାରେ ଦକ୍ଷିଣପନ୍ଥୀ ସମାନ ପ୍ରକାର ଅଭିଯାନର ସୈନ୍ୟ। ଯଦିଓ ବାମବାଦକୁ ପ୍ରତିରୋଧ କରିବାକୁ ପିଟରସନ ଦାବି କରିଛନ୍ତି, ତଥାପି ସେ ବୈଶ୍ୱିକ ପୁଞ୍ଜିବାଦର ପ୍ରମୁଖ ପରିଣାମକୁ ଆକ୍ରମଣ କରିଛନ୍ତି। ୧୫୦ ରୁ ଅଧିକ ବର୍ଷ ପୂର୍ବେ କମ୍ୟୁନିଷ୍ଟ ମାନିଫାଷ୍ଟୋର ପ୍ରଥମ ଅଧ୍ୟାୟରେ ମାର୍କ୍ସ ଓ ଏଙ୍ଗେଲ୍ସ ଉଲ୍ଲେଖ କରିଥିଲେ ଯେ, ପୁଞ୍ଜିପତି ବର୍ଗ ଯେତେବେଳେ କ୍ଷମତା ପାଇଛି ସେତେବେଳେ ସବୁ ସଂଘୀୟ, ପୁରୁଷପ୍ରାଧାନ୍ୟତା, ସୁଖଦ ଓ ଶାନ୍ତିପୂର୍ଣ୍ଣ ସମ୍ପର୍କକୁ ନଷ୍ଟ କରିଦେଇଛି। ସମସ୍ତ ସ୍ଥାୟୀ ତଥା ଦୃଢ ସମ୍ପର୍କ ସମେତ ସେମାନଙ୍କ ପୁରାତନ ଓ ପୂର୍ବଧାରଣାର ସିଦ୍ଧାନ୍ତ ଏବଂ ମତଗୁଡ଼ିକୁ ମାଟିରେ ମିଶାଇଦିଏ। ଯାହା ବି ନୂଆକରି ଗଢି ଉଠେ ଅପ୍ରଚଳିତ ହୋଇଯାଏ। ଏହି ଅନୁଭବକୁ ବାମପନ୍ଥୀ ସଂସ୍କୃତିର ସିଦ୍ଧାନ୍ତକାରୀ ସତର୍କତାର ସହ ଅଣଦେଖା କରିଛନ୍ତି, ଯେଉଁମାନେ ସେମାନଙ୍କ ପୁରୁଷପ୍ରାଧାନ୍ୟ ବିଚାରଧାରାର ବିଶ୍ଳେଷଣ ବା ମୂଲ୍ୟାଙ୍କନ ଓ ତାହାର ଅଭ୍ୟାସ ଉପରେ ଧ୍ୟାନ ଦେଉଛନ୍ତି। ତଥାପି ବ୍ୟକ୍ତିବାଦ ଏହାକୁ ଧୂଳିସାତ କରିଦେଇଥିବାବେଳେ ପୁରୁଷପ୍ରାଧାନ୍ୟ ସାମାଜିକ ବ୍ୟବସ୍ଥା ଶୀର୍ଷରେ ପହଞ୍ଚିଛି। ଅବଶ୍ୟ ବାମପନ୍ଥୀମାନେ ଉଗ୍ର କାନ୍ତିକାରୀ ବୋଲି ଯୁକ୍ତି କରୁଛନ୍ତି। ଏବେ ପ୍ରାକ୍ ଆଧୁନିକ ସାମାଜିକ ସମ୍ପର୍କ ଏବଂ ଢାଞ୍ଚାକୁ ନଷ୍ଟ କରିବା ଦ୍ୱାରା ତାହା ମାର୍କ୍ସ ଚିନ୍ତା କରିଥିବା ବ୍ୟବସ୍ଥାଠାରୁ ବହୁ ଦୂରକୁ ଚାଲିଯାଇଛି।




ପିଟରସନଙ୍କ ଦୃଷ୍ଟିରେ ବିକଶିତ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଗୃହଯୁଦ୍ଧ ହେଉଛି ବିଶ୍ୱର ଏକା ଗୋଷ୍ଠୀର ପୁଞ୍ଜିବାଦୀ ବ୍ୟବସ୍ଥାର ଦୁଇ ସଂସ୍କରଣ ମଧ୍ୟରେ ଏକ ସଂଘର୍ଷ। ଏହା ଅସଂଯମ ଉଦାର ବ୍ୟକ୍ତିବାଦ ବନାମ ନବ ଫାସୀବାଦୀ ରୂଢ଼ିବାଦ ମଧ୍ୟରେ ଏକ ଲଢେଇ। ଏହି ସଂଘର୍ଷ ପୁଞ୍ଜିବାଦୀ ଗତିଶୀଳତା ସହ ପାରମ୍ପରିକ ମୂଲ୍ୟ ଓ ପଦାନୁକ୍ରମକୁ ଏକାଠି କରିବାକୁ ଚାହୁଁଛି। ଏଠାରେ ଦୁଇ ବିରୋଧାଭାସ ରହିଛି। ସାମାଜିକ ସମସ୍ୟା ଉପରେ ପାଶ୍ଚାତ୍ୟ ରାଜନୈତିକ ସଚେତନତା ଶ୍ରେଣୀ ସଂଘର୍ଷକୁ ଦୂର କରୁଛି ବୋଲି ପ୍ରତିପାଦିତ କରୁଛି। ଏକ ଉଦାର ଆଭିଜାତ୍ୟ ବର୍ଗ ସୃଷ୍ଟି କରି ବିପଦରେ ଥିବା ଜାତିଗତ ଏବଂ ଲିଙ୍ଗଗତ ଭେଦଭାବର ଶିକାର ହେଉଥିବା ସଂଖ୍ୟାଲଘୁଙ୍କୁ ରକ୍ଷା କରୁଛି ବୋଲି ଦାବି କରୁଛି। ବାସ୍ତବରେ ତାହାର ରାଜନୈତିକ ଓ ଆର୍ଥିକ କ୍ଷମତାଧାରୀ ସଦସ୍ୟମାନଙ୍କ ଦୃଷ୍ଟି ହଟାଇବାକୁ ଏଭଳି କରୁଛି। ଠିକ୍ ଏହି ସମୟରେ ଏଭଳି ଯୁକ୍ତି ଦକ୍ଷିଣପନ୍ଥୀ ଲୋକପ୍ରିୟ ନେତାମାନଙ୍କୁ କର୍ପୋରେଟ ଏବଂ ଅଭିଜାତ୍ୟ ବର୍ଗଙ୍କ ବିରୋଧରେ ଥିବା ଅସଲ ଲୋକଙ୍କ ରକ୍ଷକ ଭାବେ ଦର୍ଶାଇବାକୁ ସୁଯୋଗ ଦେଇଛି। ଏପରି କି ସେମାନେ ମଧ୍ୟ ଆର୍ଥିକ ଓ ରାଜନୀତିର କମାଣ୍ଡିଂ ସ୍ତରରେ ପଦବୀ ଦଖଲ କରୁଛନ୍ତି। ଶେଷରେ ଉଭୟ ପକ୍ଷ ସମ୍ପୂର୍ଣ୍ଣ ଭାବେ ସଲାସୁତୁରା ହୋଇ ଏକ ବ୍ୟବସ୍ଥାକୁ ନଷ୍ଟ କରିବା ଲାଗି ଲଢେଇ କରୁଛନ୍ତି। ଶୋଷିତଙ୍କ ପାଇଁ କୌଣସି ପକ୍ଷ ଠିଆ ହେଉନାହାନ୍ତି କି ଶ୍ରମିକ ଶ୍ରେଣୀର ଏକତା ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହାର ଅର୍ଥ ନୁହେଁ ଯେ,ବାମ ଓ ଦକ୍ଷିଣ ପନ୍ଥୀ ଅଦରକାରୀ ହୋଇଯାଇଛନ୍ତି, ବରଂ ଏକ ରାଜନୈତିକ ଇଞ୍ଜିନ ଭାବେ ଯୁଦ୍ଧ ସଂସ୍କୃତି ଏକ ଶ୍ରେଣୀ ସଂଘର୍ଷକୁ ସୂଚିତ କରିଛି।

ଏଭଳି ସ୍ଥିତି ୟୁରୋପକୁ କେଉଁଠି ପହଞ୍ଚାଇଛି, ସେ ସମ୍ପର୍କରେ ଗାର୍ଡିଆନ ଖବର କାଗଜର ସ୍ତମ୍ଭକାର ସିମନ୍ ଟିସ୍‌ଦାଲ ଠିକ୍ ଛବି ସାମ୍ନାକୁ ଆଣିଛନ୍ତି। ୟୁରୋପକୁ ବୁଡ଼ାଇବା ପୁଟିନଙ୍କ ଲକ୍ଷ୍ୟ ବୋଲି ସେ ଉଲ୍ଲେଖ କରିଛନ୍ତି। ଶକ୍ତି, ଖାଦ୍ୟ, ଶରଣାର୍ଥୀ, ସୂଚନାକୁ ଅସ୍ତ୍ରକରି ରୁଷିଆର ନେତା ଆର୍ଥିକ ଓ ରାଜନୈତିକ ଯନ୍ତ୍ରଣା ବଢାଉଛନ୍ତି। ସଭିଙ୍କ ପାଇଁ ଏକ ଯୁଦ୍ଧ ଭଳି ସ୍ଥିତି ସୃଷ୍ଟି କରିଛନ୍ତି। ପେନସନ ଭୋଗୀଙ୍କୁ ପ୍ରାପ୍ୟ ନ ଦେବା, ପିଲାଙ୍କୁ ଭୋକିଲା ରଖିବା, ସୁପରମାର୍କେଟ ଖାଲି କରିବା, ମୂଲ୍ୟ ଆଶାତୀତ ଭାବେ ବଢାଇବା, ମଜୁରିର ଅବମୂଲ୍ୟାୟନ, ଆନ୍ଦୋଳନ ଓ ରାସ୍ତା ଅବରୋଧ ଶ୍ରୀଲଙ୍କା ଭଳି ସ୍ଥିତିକୁ ସୂଚାଉଛି। ସମ୍ପୂର୍ଣ୍ଣ ପତନ ରୋକିବାକୁ ହେଲେ ସଶସ୍ତ୍ରବଳ ଦ୍ୱାରା ପ୍ରଶାସନକୁ ପୁନର୍ବାର ସକ୍ରିୟ କରିବା ସହ ଅନ୍ୟ ଦେଶଗୁଡ଼ିକ ସହ ସମନ୍ୱୟ ରକ୍ଷା କରି ଶକ୍ତି, ଖାଦ୍ୟ ବଣ୍ଟନକୁ ସଞ୍ଚାଳନ କରିବାକୁ ପଡ଼ିବ। ୟୁରୋପ ମଧ୍ୟ ଅନ୍ୟର କଲ୍ୟାଣ ପାଇଁ ଆଭିଜାତ୍ୟ ଜୀବନକୁ ପଛରେ ପକାଇବାକୁ ହେବ।

ସେ ସତ କହୁଛନ୍ତି। ୟୁରୋପ ଏବେ ବିପଦରେ। ଏହା ସକ୍ରିୟ ହେବା ଦରକାର। କେବଳ ସାମରିକ କ୍ଷେତ୍ରରେ ନୁହେଁ ବରଂ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ସକ୍ରିୟତା ପ୍ରକାଶ କରିବା ଦରକାର। ଆମେ ସଙ୍କଟରୁ ଶିକ୍ଷା କରିବା ଉଚିତ ଓ ଏହାକୁ ବ୍ୟବହାର କରି ଆମ ଜୀବନର ପଥ ବଦଳାଇବା ଆବଶ୍ୟକ। ଏବକାର ସ୍ଥିତି ଉପରେ ଏବେ ସଚେତନ ହେବାର ବେଳ ଆସିଛି। ଏକ ମୂଲ୍ୟବୋଧକୁ ସ୍ୱୀକାର କରିବା ଯାହା ଆମକୁ ଆଗାମୀ ଦଶନ୍ଧିଗୁଡ଼ିକରେ ଆସୁଥିବା ଏକ ପରିସଂସ୍ଥାଗତ ବିନାଶରୁ ମଧ୍ୟ ରକ୍ଷା କରିପାରିବ । ଏହା ଆମ ପାଇଁ ଏକ ମାତ୍ର ସୁଯୋଗ ବୋଲି ବିଚାର କରିବାକୁ ହେବ।

**ପ୍ରଫେସର ଅଫ୍ ଫିଲୋଶଫି,**
**ୟୁରୋପିଆନ ଗ୍ରାଜୁଏଟ୍ ସ୍କୁଲ**

## ଏଇ ଭାରତରେ

ଗୋଟିଏ କି ଦୁଇଟି ନୁହେଁ, ୭୦୦ରୁ ଅଧିକ କିସମର ବିଦେଶୀ ଫଳ ଉତ୍ପାଦନ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି କର୍ନାଟକର କୃଷକ ଅନିଲ ବଲାଞ୍ଜା। ସେ ଏହି ଫଳର ମଞ୍ଜି ୪୦ଟି ଦେଶରୁ ସଂଗ୍ରହ କରିଛନ୍ତି। ଅନିଲଙ୍କ ପିତା ଜଣେ କୃଷକ ଥିଲେ। ତାଙ୍କ ପିତା ମୁଖ୍ୟତଃ ପଣସ ଓ ଆମ୍ବଚାଷ କରୁଥିଲେ। ପିଲାଦିନେ ଅନିଲ ପିତାଙ୍କ କୃଷିକାର୍ଯ୍ୟ ପ୍ରତି ଆକର୍ଷିତ ହୋଇଥିଲେ। ପରେ ଅନିଲଙ୍କୁ ୧୯ ବର୍ଷ ହୋଇଥିବାବେଳେ ସେ ଆର୍‌କା, ନଡ଼ିଆ ଏବଂ ରବର ଚାଷ ଆରମ୍ଭ କରିଥିଲେ। କିନ୍ତୁ ପାଞ୍ଚବର୍ଷ ପୂର୍ବେ ଫଳଚାଷକୁ ବ୍ୟାପକ କରିବା ଲାଗି ସେ ବିଦେଶୀ ଫଳ ଚାଷ କରିବାକୁ ଯୋଜନା କରିଥିଲେ। ପ୍ରଥମେ ଆମ ଦେଶରେ କରାଯାଉଥିବା ଆଭାକୋଡା, ସାନ୍ତୋଲ, କିପେଲ ଓ ଆଉ କିଛି ଚାଷ ଆରମ୍ଭ କରିଥିଲେ। ଦକ୍ଷିଣ କନ୍ନଡ ଜିଲାରେ ଥିବା ଅନିଲଙ୍କ ୩୦ ଏକର ଫାର୍ମ ଏବେ ୭୦୦ ପ୍ରକାର ବିଦେଶୀ ଫଳଗଛ ଶୋଭା ପାଉଛି। ବିଦେଶରେ ଥିବା ତାଙ୍କ ସାଙ୍ଗମାନେ ଏହିସବୁ ଫଳ ମଞ୍ଜି ପାଇବାରେ ତାଙ୍କୁ ସାହାଯ୍ୟ କରିଛନ୍ତି। ଏହା ବ୍ୟତୀତ ଦେଶରେ ବିଭିନ୍ନ ନର୍ସରୀରୁ ବି ସେ କେତେକ ଚାରା ସଂଗ୍ରହ କରିଛନ୍ତି। ସେ ବୈଜ୍ଞାନିକ ପଦ୍ଧତିରେ ଚାଷ କରୁଛନ୍ତି। ଅଧିକାଂଶ ଫଳଚାରା କିମ୍ବା ମଞ୍ଜି ସେ ମାଲେସିଆ, କାମ୍ବୋଡିଆ, ଭିଏତ୍‌ନାମ, ବ୍ରାଜିଲ ଓ ଥାଇଲାଣ୍ଡ ଆଦି ଦେଶରୁ ସଂଗ୍ରହ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୫ ଅଗଷ୍ଟ ୧୯୯୭**

- ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ମରଣୋତ୍ତର ଭାବେ 'ଭାରତରତ୍ନ' ସମ୍ମାନ ପ୍ରଦାନ ପାଇଁ କେନ୍ଦ୍ର ସରକାରଙ୍କ ଲିଖିତ ଘୋଷଣା ଦିଲ୍ଲୀ ହାଇକୋର୍ଟରେ ରଦ୍ଦ।
- ବାଚସ୍ପତି ଚିନ୍ତାମଣି ସାମନ୍ତରାୟଙ୍କ ପୈତୃକ ବାସଭବନରେ ପୋଲିସର ରାତିଅଧିଆ ଚଢ଼ାଉ ଘଟଣାରେ କ୍ଷୁବ୍ଧ ଏବଂ ଅପମାନିତ ହୋଇ ବାଚସ୍ପତି ପଦରୁ ଇସ୍ତଫା ଦେଇଛନ୍ତି।
- ଭାରତର ଅଗ୍ରଣୀ ଘରୋଇ ବ୍ୟାଙ୍କ 'ବ୍ୟାଙ୍କ ଅଫ୍ ରାଜସ୍ଥାନ' ପକ୍ଷରୁ ରାଜ୍ୟରେ ଏହାର ପ୍ରଥମ ଶାଖା ଉଦ୍‌ଘାଟିତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | | | 8 | 9 | 6 |
| | | | | | 4 | | 1 | |
| | 1 | | | | | 4 | | 5 |
| 6 | | | 9 | | | 2 | 5 | |
| 8 | 9 | | 3 | | | | | |
| | | 5 | | 2 | | | | 3 |
| | | | 1 | 5 | 9 | | | 7 |
| | | | | 8 | | | | 1 |
| | | 3 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 6 | 4 | 5 | 2 | 8 | 9 | 3 |
| 8 | 4 | 2 | 9 | 1 | 3 | 7 | 6 | 5 |
| 3 | 5 | 9 | 7 | 8 | 6 | 4 | 1 | 2 |
| 7 | 2 | 1 | 3 | 9 | 5 | 6 | 8 | 4 |
| 4 | 9 | 3 | 1 | 6 | 8 | 5 | 2 | 7 |
| 6 | 8 | 5 | 2 | 7 | 4 | 1 | 3 | 9 |
| 5 | 1 | 4 | 8 | 3 | 9 | 2 | 7 | 6 |
| 2 | 3 | 8 | 6 | 4 | 7 | 9 | 5 | 1 |
| 9 | 6 | 7 | 5 | 2 | 1 | 3 | 4 | 8 |

ଗତକାଲିର ଉତ୍ତର

# ବିଜ୍ଞାନରେ ବସୁଧୈବ କୁଟୁମ୍ବକମ



**ଡ. ନରେନ୍ଦ୍ର ସେଠୀ**

ଜର୍ମାନୀର ମ୍ୟୁନିଚ ସହରରେ ଅବସ୍ଥିତ ମ୍ୟାକ୍ସ ପ୍ଲାଙ୍କ ଇନ୍‌ଷ୍ଟିଚ୍ୟୁଟର ମୁଖ୍ୟ ମହାନ୍ ପଦାର୍ଥ ବିଜ୍ଞାନୀ ହାନ୍ସ-ପିଟର ଡୁରେର୍ ତାଙ୍କ ପଚାଶ ବର୍ଷର ଗବେଷଣାକୁ ଏକାଠି କରି ଯୋଉ ନିଷ୍କର୍ଷରେ ପହଞ୍ଚିଲେ ତାହା ହେଲା ପଦାର୍ଥ ଓ ଶକ୍ତି ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ । ଅର୍ଥାତ୍ ମଣିଷ ନିଜେ ଓ ସଂସାରର ଅନ୍ୟ ଯୋଉ ସବୁ ବିଦ୍ୟମାନ ଜିନିଷ ଦେଖୁଛି ତାହା ପଦାର୍ଥରୁ ତିଆରି ହୋଇନାହିଁ, ଏସବୁ ଶୂନ୍ୟରୁ ତିଆରି ହୋଇଛି । ପଦାର୍ଥକୁ ଶକ୍ତିରେ ଓ ଶୂନ୍ୟରେ ଥିବା ଅଦୃଶ୍ୟ ଶକ୍ତିକୁ ପଦାର୍ଥରେ ପରିଣତ କରିହେବ, ଏହା ଆଇନ ଷ୍ଟାଇନ ମଧ୍ୟ ପ୍ରମାଣିତ କରିଛନ୍ତି । ଜଣେ ମହାନ୍ ବୈଜ୍ଞାନିକ ଭାବରେ ସୂକ୍ଷ୍ମ ସ୍ତରରେ ପଦାର୍ଥକୁ ବିଶ୍ଳେଷଣ କରିବାକୁ ଚେଷ୍ଟା କରି ହାନ୍ସ-ପିଟର ହୃଦୟଙ୍ଗମ କରିଥିଲେ ଯେ ଅଦୃଶ୍ୟ ଶକ୍ତିଠାରୁ ଭିନ୍ନ କିଛି ନାହିଁ। ସେହି ବିଶାଳ ସର୍ବଶକ୍ତିମାନ ଶକ୍ତି ହେଉଛି ବିଶ୍ୱ ଚେତନା (କିମ୍ବା ଭଗବାନ) ଏବଂ ଆମେ ମଣିଷମାନେ ସେହି ଚେତନାର ଏକ ଛୋଟ ଅଂଶ, ଯାହାକୁ ବ୍ୟକ୍ତିଗତ ଚେତନା କୁହାଯାଇପାରେ । ଯେହେତୁ ଉଭୟ ବିଜ୍ଞାନ ଓ ଅଧ୍ୟାତ୍ମ ଅନୁସାରେ ବସ୍ତୁର ବିନାଶ ନାହିଁ ଓ ସବୁ ବସ୍ତୁ ଶକ୍ତିରୁ ସୃଷ୍ଟି, ତେଣୁ ଆମକୁ ଏପରି ଏକ ପରମେଶ୍ୱରଙ୍କ ସନ୍ଧାନ କରିବାକୁ ହେବ ; ଯିଏ ସମସ୍ତଙ୍କୁ ସହଜରେ ଉପଲବ୍ଧ ହେଇପାରୁଥିବେ। ଏସବୁ କରିବା ପାଇଁ ଜଣେ ବିଶେଷ ଜ୍ଞାନୀ ହେବା ଆବଶ୍ୟକ ଦରକାର ନାହିଁ ବରଂ କେବଳ ଏତିକି ବୁଝିବା ଦରକାର ଯେ ଈଶ୍ୱର ଆମ ସମସ୍ତଙ୍କ ଭିତରେ ବିଦ୍ୟମାନ। ଅତୀତରେ ଯାହା ଘଟିତ ହୋଇ ଯାଇଛି ତାହା ଏକ ସ୍ୱପ୍ନ ଥିଲା ଓ ପୃଥିବୀର କୌଣସି ଶକ୍ତି ତାକୁ ଠିକ୍ କରିପାରିବ ନାହିଁ । ଆସନ୍ତାକାଲି ମରୁଭୂମିର ଏକ ମରୀଚିକା ସଦୃଶ ଯାହା କେହି ବି ପୂର୍ବାନୁମାନ କରିପାରିବେ ନାହିଁ । ତେଣୁ ମଣିଷ ଆସନ୍ତାକାଲି ଓ ଗତକାଲି ବିଷୟରେ ବ୍ୟର୍ଥ ଚିନ୍ତା କରିବା ଅପେକ୍ଷା ବର୍ତ୍ତମାନରେ ଜିଇବା ଆବଶ୍ୟକ।

ଉପନିଷଦରେ କୁହାଯାଇଛି ସୁଖ ସେତିକିବେଳେ ପ୍ରାପ୍ତ ହୁଏ ଯେତେବେଳେ ଆମେ ଆଉ କାହାକୁ ସୁଖ ଦେବା ପାଇଁ ସାହାଯ୍ୟ କରୁ । ଭଗବାନଙ୍କୁ ହୃଦୟଙ୍ଗମ କରିବା ପାଇଁ ମଣିଷକୁ ଏତେ ବ୍ୟଗ୍ର ହେବାର ଆବଶ୍ୟକତା ନାହିଁ। ନିୟମିତ ଭାବରେ ପ୍ରାଣାୟାମ ମାଧ୍ୟମରେ ଆମର ଡାହାଣ ମସ୍ତିଷ୍କ ଉପରେ ଧ୍ୟାନ କେନ୍ଦ୍ରିତ କରି ଆମେ ତାହା କରିପାରିବା ; ଯାହା ଆମର ମୁନି ଋଷିମାନେ କରୁଥିଲେ । ସନ୍ ଡିଏଗୋ ବିଶ୍ୱବିଦ୍ୟାଳୟର ସ୍ନାୟୁ ତତ୍ତ୍ୱବିତ ଡେଭିଡ ସ୍କାନଫ ଖାଲସା ନାକରୁ ନିଃଶ୍ୱାସର (କ୍ରିୟା ଯୋଗ) ନିୟନ୍ତ୍ରିତ ଅଭ୍ୟାସକୁ ଉଦାସୀନତା ଏବଂ ଅନ୍ୟାନ୍ୟ ମସ୍ତିଷ୍କଜନିତ ରୋଗର ଚିକିତ୍ସା ପାଇଁ କାର୍ଯ୍ୟ କରି ଏକ ଚମତ୍କାର ଓ ଆଶ୍ଚର୍ଯ୍ୟଜନକ ତଥ୍ୟ ଆବିଷ୍କାର କଲେ । ତାହା ହେଲା ମଣିଷର ମନ ହେଉଛି ସୂକ୍ଷ୍ମ ସ୍ତରରେ ଅନେକ ଆଣବିକ ଶକ୍ତିର ଏକ ସମାହାର । ଆମେ ସ୍କୁଲ କଲେଜରେ ପଢ଼ିଥିବା ପୁସ୍ତକ ପଠିତ ଜ୍ଞାନରେ ଏହା ବୁଝିପାରୁନା ଯେ ଜୀବନ୍ତ କ'ଣ ମୃତ କ'ଣ । ବିଜ୍ଞାନ ପୁସ୍ତକ କେବଳ ଏତିକି କହିପାରେ ଯେ ଜୀବନ୍ତ ଅବସ୍ଥା ଅନେକ ଜୀବନ ନ ଥିବା ଜଟିଳ ପ୍ରକ୍ରିୟାର



ଏକ ସମାହାର କିନ୍ତୁ ପ୍ରକୃତରେ ସତ କଥାଟା ହେଲା ଏହାର ଓଲଟା । ଅସଲ କଥା ହେଲା ଏ ବିଶ୍ୱରେ ସବୁ ପଦାର୍ଥ ଜୀବନ୍ତ । କିନ୍ତୁ ସବୁ ପଦାର୍ଥ ଯଦି ଶକ୍ତିରୁ ଉତ୍ପନ୍ନ ଏବଂ ପଦାର୍ଥ ଓ ଶକ୍ତି ପରସ୍ପରକୁ ଜନ୍ମ ଦିଅନ୍ତି ତାହାଲେ ଏକଥା ମଧ୍ୟ ସତ୍ୟ ଯେ କୌଣସି ମୃତ ବା ଜଡ଼ ପଦାର୍ଥରୁ ଜୀବନ ତିଆରି ହୋଇ ନ ଥିବ ବା ହୋଇପାରିବ ନାହିଁ । ତାହାଲେ ସେହି ଜୀବନ ତିଆରି କରିଥିବା ଶକ୍ତି କ'ଣ ଜୀବନ୍ତ? ତାହାଲେ ଦୁଇ ଶହ କୋଟି ବର୍ଷ ତଳେ କୌଣସି ଜଡ଼ ପଦାର୍ଥରୁ ଜୀବନ ତିଆରି ହେଲା କେମିତି ? ଆଧୁନିକ ବିଜ୍ଞାନ ଅନୁସାରେ ଆମେ ଯାହା ସବୁ ବାସ୍ତବିକତା ଦେଖୁଛେ ଓ ଅନୁଭବ କରୁଛେ ପ୍ରକୃତରେ ଏସବୁ ସତ ନୁହେଁ ବରଂ ଗୋଟେ ସମ୍ଭାବିତ ବାସ୍ତବତାର ସମ୍ଭାବନା ମାତ୍ର। ଆଧୁନିକ ଶୃଙ୍ଖଳ ତତ୍ତ୍ୱ ଅନୁସାରେ ଏ ସଂସାରର ସବୁ ଜିନିଷ ପରସ୍ପର ସହ ଜଡ଼ିତ ବା ଏକ ସମ୍ପର୍କ ସୂତ୍ରରେ ବନ୍ଧା । ଅର୍ଥାତ୍ ଆମ ପ୍ରତ୍ୟେକ ମଣିଷ ଆମ ଅଜାଣତରେ ଅନ୍ୟମାନଙ୍କ ସହ ସମ୍ପର୍କରେ ଅଛୁ ଓ ଏହା ଏକ ବିଜ୍ଞାନ ପ୍ରମାଣିତ ସତ୍ୟ। ଅନ୍ୟ ଅର୍ଥରେ ଆମେ ସମସ୍ତେ ଏ ସଂସାରରେ ପରସ୍ପରର ସହକର୍ମୀ ସଦୃଶ ଓ ଆମ ଭିତରେ ଏକ ଅଦୃଶ୍ୟ ସମ୍ପର୍କର ଭାଇଚାରା ବିଦ୍ୟମାନ। ତେଣୁ ଏହା ପରୋକ୍ଷ ଭାବରେ ଭାରତୀୟ ପରମ୍ପରା ବସୁଧୈବ କୁଟୁମ୍ବକମ ବା ଏ ସମଗ୍ର ବିଶ୍ୱ ଏକ ପରିବାର ସଦୃଶ ବୋଲି ଆଧୁନିକ ବିଜ୍ଞାନ ମତ ଦେଇଛି ।

ମହାନ୍ ବୈଜ୍ଞାନିକ ଡାରଉଇନ୍ ତାଙ୍କ ଉଦ୍‌ବର୍ତ୍ତନ ତଥ୍ୟରେ ସେହି ଏକା କଥା କହିଥିଲେ ଯେ, ଆମେ ସବୁ ପ୍ରାଣୀ ଗୋଟିଏ ପରେ ଗୋଟିଏ ପରସ୍ପର ମଧ୍ୟରୁ ସମୟ କ୍ରମେ ଆସିଛନ୍ତି। ଅର୍ଥାତ୍ ଆମେ ସବୁ ଜୀବ, କୀଟ, ପତଙ୍ଗ ଗୋଟିଏ ପରିବାର । ତେଣୁ ସମସ୍ତେ ମିଳିମିଶି ରହିବା ପ୍ରକୃତି ଓ ବିଜ୍ଞାନର ନିୟମ ଏବଂ ଆବଶ୍ୟକ । ତେବେ ମୂଳ କଥା ହେଲା, ଯଦି ଶକ୍ତିରୁ ପଦାର୍ଥ ଓ ପଦାର୍ଥର ବିଲୟରେ ଶକ୍ତିର ସୃଷ୍ଟି ତାହାଲେ ଜୀବର ମୃତ୍ୟୁହୁଏ ନାହିଁ ବା ଏ ସଂସାରରେ ସମସ୍ତେ ଅଜର ଅମର । ଏହାକୁ ଗୀତାରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ନା ପ୍ରାଣୀ ମରେ ନା ତା'ର ବିନାଶ ହୁଏ । ଖାଲି ଅବସ୍ଥାର ପରିବର୍ତ୍ତନ ହୋଇଥାଏ । ଅର୍ଥାତ୍ ବିଜ୍ଞାନ ଅନୁସାରେ ମୃତ୍ୟୁ ବୋଲି କିଛି ନାହିଁ ଓ ଏହା ଏକ ଅବସ୍ଥାର ପରିବର୍ତ୍ତନ ମାତ୍ର । ଅଢ଼େଇ କୋଟି ବର୍ଷ ପୂର୍ବେ ଜୀବନ ଜଡ଼ ପଦାର୍ଥରୁ ସୃଷ୍ଟି ହେଲା ଓ ଜୀବ ପରେ ପୁଣି ସେଇ ଜଡ଼ ପଦାର୍ଥରେ ଦିନେ ମିଶିଯିବ। ମଣିଷ ଯଦି ତା'ର ମାନବ ପରିବାର ବୃକ୍ଷ ବା ଫାମିଲି ଟ୍ରିକୁ ପଛକୁ ପଛ ଲେଖି ଚାଲିବ ତାହାଲେ କିଛି କୋଟି ବର୍ଷ ପୂର୍ବକୁ ଗଲେ ନିଜ ସମ୍ପର୍କୀୟ ଭାଇ ଭାବେ ବିଶାଳକାୟ ଡାଇନୋସରକୁ ପାଇବ । ଏହା ଦ୍ୱାରା ବିଜ୍ଞାନ ପ୍ରମାଣିତ କରୁଛି ଯେ ଆମେ ଗୋଟିଏ ପରିବାର ଓ ଆମ ଭିତରେ ଗୋଟିଏ ଫରକ ହେଲା ସମୟ। ଏ ସମୟ ଆମ ପାଇଁ ଲମ୍ବା ହୋଇପାରେ କିନ୍ତୁ ସଂସାର ବା ବିଶ୍ୱ ପାଇଁ ଏହା ଏକ ଛୋଟିଆ କାଳଖଣ୍ଡ ମାତ୍ର। ବିଜ୍ଞାନ ଓ ଅଧ୍ୟାତ୍ମର ଏହି ବିଶ୍ଳେଷଣରୁ ଏତିକି ସଂକ୍ଷେପରେ କୁହାଯାଇପାରେ ଯେ ଆମେ ସମସ୍ତେ ସର୍ବଦା ଜୀବିତ ଥିଲେ ଓ ରହିଥିବା ଏବଂ ଏ ସଂସାରର ସବୁ ପ୍ରାଣୀ କୀଟ ପତଙ୍ଗ ଏପରି କି ଜଡ଼ବସ୍ତୁ ପରସ୍ପର ସମ୍ପର୍କୀୟ ଓ ଏକ ପରିବାର ।

**ଯାଦୁଗୁଡା, ପୂର୍ବ ସିଂଭୂମି, ଝାଡ଼ଖଣ୍ଡ,**
**ମୋ:୭୦୦୪୦୬୮୧୧୦**

# ପରିବାରର ଭୂମିକା



**ଶ୍ରୁତକୀର୍ତ୍ତି ତ୍ରିପାଠୀ**

ପରିବାର ବା କୁଟୁମ୍ବର ସହଯୋଗ ଥିଲେ ବ୍ୟକ୍ତି ସବୁ ପ୍ରକାର ବାଧାବିଘ୍ନକୁ ହସିହସି ସହିଯାଏ। ଏହା ସମାଜର ଏକ ମୌଳିକ ଅଙ୍ଗ। କୋଭିଡ୍ ମହାମାରୀ କାଳରେ ପରିବାରର ଆବଶ୍ୟକତାକୁ ସର୍ବସାଧାରଣ ଅମାନ୍ୟ କରିପାରିବେ ନାହିଁ। ଏଭଳି ଏକ ବିପତ୍ତି କାଳରେ ପରିବାର ନିଜ ସଦସ୍ୟମାନଙ୍କୁ ଦେଇଛି ମାନସିକ, ସାମାଜିକ ଓ ଅର୍ଥନୈତିକ ନିରାପତ୍ତା। ପରିବାର ମଧ୍ୟରେ ରହିଲେ ପ୍ରେମ, ଆନନ୍ଦ, ଶାନ୍ତି ଓ ନିରାପତ୍ତା ଅନୁଭବ ହୁଏ। ତେଣୁ କୁହାଯାଏ, ଯେଉଁ ଦେଶରେ ସମ୍ପୂର୍ଣ୍ଣ ପରିବାର ସଂଖ୍ୟା ଯେତେ ବେଶି, ସେ ଦେଶ ସେତେ ସମୃଦ୍ଧ ଓ ସଶକ୍ତ। ଇଂଲିଶ୍‌ରେ କଥାଟିଏ ଅଛି- "A family is not only an important thing, it is every-thing." ଏହାର ବାସ୍ତବିକ ଅର୍ଥ କେତେ ଗହନ।

ଭାରତରେ ପରିବାରର ଅର୍ଥ ବ୍ୟାପକ। ପ୍ରତିଟି ସମ୍ପର୍କ ଏହାର ଜଣେ ଜଣେ ସଭ୍ୟ। ଧାର୍ମିକ ଅନୁଷ୍ଠାନ, ସାମାଜିକ କର୍ମ, ବିପଦ-ଆପଦ, ଦୁଃଖ-ସୁଖ, ଉତ୍ସବ, ପୂଜା-ପାର୍ବଣ ଆଦିରେ ସମଗ୍ର ପରିବାର ଏକାଠି ହେବା ଦ୍ୱାରା ସମ୍ପର୍କ ଦୃଢ଼ ଓ ଅତୁଟ ହୁଏ। ଗୋଟିଏ ପରିବାରରେ ଛୋଟ ବଡ଼ ସମସ୍ତେ ପାରିବାରିକ ନିଷ୍ପତ୍ତିରେ ଭାଗ ନିଅନ୍ତି। ସମସ୍ତଙ୍କ ସମ୍ମତି ନେଇ ଯେକୌଣସି କାର୍ଯ୍ୟ କରାଯାଏ । ଉଭୟ ବରିଷ୍ଠ ଏବଂ କନିଷ୍ଠମାନଙ୍କ ମତକୁ ସମ୍ମାନ ଦେଇ ବିଚାର କରାଯାଏ । ଯୁକ୍ତିତର୍କ, ମତାନ୍ତର, ମନାନ୍ତର ସତ୍ତ୍ୱେ ଆଲୋଚନା ଓ ବୁଝାମଣା କରାଯାଇ ସମସ୍ୟା ସମାଧାନର ବାଟ ଖୋଜାଯାଏ। ପରିବାର ସହ ଏକତ୍ର ବାସ କଲେ ବ୍ୟକ୍ତିକୁ ଅର୍ଥନୈତିକ, ସାମାଜିକ, ମାନସିକ ନିରାପତ୍ତା ଲାଭ ହୁଏ । ଆହୁରି ପରିବାରରେ ଦୃଢ଼ ହୁଏ ମାତୃଭାଷା ସହିତ ବନ୍ଧନ। ଦମ୍ଭ ଓ ଆପଣାପଣର ଛାୟା କରି ସବୁ ଝଡ଼ଝଞ୍ଜାରୁ ମୁକୁଳାଇ ଆଣିବାର ସାମର୍ଥ୍ୟ ମାନବ ମଧ୍ୟରେ ଆତ୍ମବିଶ୍ୱାସ ଭରିଦିଏ, ଯାହା ପରିବାର ଭିତରେ ହିଁ ସମ୍ଭବପର। ପିଲାଙ୍କ ଭବିଷ୍ୟତ ପାଇଁ ମାତାପିତା ଆଜୀବନ ତ୍ୟାଗ ଏବଂ ପ୍ରାର୍ଥନାରେ ରତ ଥାଆନ୍ତି। ନିଜଠାରୁ ଅଧିକ ଅନ୍ୟ ପାଇଁ ଭାବିବା, ପରିପ୍ରକାଶ କରିବା ପୂର୍ବରୁ ମନକଥା ବୁଝି ତାକୁ ପୂରଣ କରିବା ପରିବାର ବ୍ୟତୀତ ଆଉ କେଉଁଠି ସମ୍ଭବ? ସେଥିପାଇଁ ତ ଆମେ ଭାରତୀୟମାନେ ଶିକ୍ଷାନୁଷ୍ଠାନରେ, କାର୍ଯ୍ୟାଳୟରେ, ପଡ଼ୋଶୀଙ୍କ ମେଳରେ ସବୁଠି ପରିବାରଟିଏ ସୃଷ୍ଟି କରିବାର କ୍ଷମତା ରଖୁ। ଗବେଷକମାନେ ମଧ୍ୟ ମତ ରଖନ୍ତି ଯେ, ପରିବାର ମଧ୍ୟରେ ବାସ କରୁଥିବା ବ୍ୟକ୍ତି ଅପେକ୍ଷାକୃତ ଭାବରେ ଅଧିକ ଶାନ୍ତିରେ ବଞ୍ଚେ ଏବଂ ଦୀର୍ଘାୟୁ ହୁଏ। ଏମାନଙ୍କର ମାନସିକ ଅବସାଦ କମ୍। ବରିଷ୍ଠମାନଙ୍କର ଅଭିଜ୍ଞତା, ମାତାପିତାଙ୍କର ସଂସ୍କାର, ପରିବାରର ପରମ୍ପରା, ଚଳଣି ଏସବୁର ମିଳିତ ସହାବସ୍ଥାନରେ ପରିବାର ଋଦ୍ଧିମନ୍ତ।

ମାତ୍ର ଆଧୁନିକୀକରଣ, ସହରୀକରଣ, ବଜାରୀକରଣ ଯୋଗୁ ପରିବାରଗୁଡ଼ିକ ଏବେ ଦୁର୍ବଳ ଏବଂ ବିଭକ୍ତ । ଏହାଦ୍ୱାରା ଯଦିଓ ପରିବାରର ଆୟ ଏବଂ ରୋଜଗାର ବଢ଼ିଛି, ମହିଳାଙ୍କ ସାମାଜିକ ସ୍ଥିତିରେ ପରିବର୍ତ୍ତନ ଆସିଛି, ଶିକ୍ଷାରେ ଉନ୍ନତି ଘଟିଛି, ମାତ୍ର ପରିବାର ତା'ର ପରମ୍ପରା ଭୁଲିବାରେ ଲାଗିଛି । ବିବାଦ, କଳହ, ବିଚ୍ଛେଦ ପରିବାରଗୁଡ଼ିକୁ ଭାଙ୍ଗିଦେଉଛି। ଲୋକେ ଆଉ ପରିବାର ବନ୍ଧନରେ ବାନ୍ଧି ହେବାକୁ ଚାହୁଁନାହାନ୍ତି। ସମ୍ପର୍କକୁ ବୋଝ ମନେ କରି ଦୂରେଇ ଦେବାରେ ସେମାନଙ୍କର ତିଳେ ହେଲେ ଦ୍ୱିଧା ରହୁନାହିଁ। ଆମେରିକା, ଜାପାନ, ସିଙ୍ଗାପୁର ଭଳି ଉନ୍ନତ ଦେଶଗୁଡ଼ିକଠାରୁ ଅନୁକରଣ କରି ଆମ ଯୁବବର୍ଗ ମଧ୍ୟ ବିବାହ ନ କରି ଏକାଠି (ଲିଭ ଇନ୍) ରହିବା ସପକ୍ଷରେ ଅଛନ୍ତି। ପରିଣାମ ପରିବାର ସଂଖ୍ୟା କ୍ରମେ ହ୍ରାସ ପାଇବାରେ ଲାଗିବ।

ଆଧୁନିକତାର ବଶବର୍ତ୍ତୀ ହୋଇ ପରିବାରଠାରୁ ଦୂରେଇ ଯିବା ସାମାଜିକ ଅଧୋଗତିକୁ ନିମନ୍ତ୍ରଣ କରିବ, ଯାହାର ଅଳ୍ପେ ବହୁତେ ପରିଣାମ ଆମେ ଭୋଗିବା ଆରମ୍ଭ କଲେଣି। ମାତ୍ର ତଥାପି ଆଶାଟିଏ ରହିଛି ଯେ ଆମେ ସୁଧୁରିଯିବା। ଆମ ଆଗାମୀ ପିଢ଼ି ପୁଣିଥରେ ପରିବାରର ମହତ୍ତ୍ୱ ବୁଝିବେ, ପରିବାରକୁ ନିଜର ଶକ୍ତି ମନେକରି ଆଗେଇ ଚାଲିବେ। ସ୍ୱାର୍ଥହୀନ ସେବା, ସର୍ତ୍ତହୀନ ପ୍ରେମ ଏବଂ ସ୍ନେହଭରା ନିରାପତ୍ତା ପରିବାର ଭିତରେ ହିଁ ମିଳେ। ଦୁର୍ବଳ ସମ୍ପର୍କକୁ ଯୋଡ଼ି, ମରାମତି କରି ପୁଣିଥରେ ନୂଆ କରି ଗଢ଼ିବାର ବେଳ ଇୟେ । ତେଣୁ ଆସନ୍ତୁ ନିଜ ନିଜ ପରିବାର ପ୍ରତି ଆନୁଗତ୍ୟ ପ୍ରଦର୍ଶନ ପୂର୍ବକ ସମସ୍ତେ ଏକାଠି ହେବା।

**ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର**
**ମୋ: ୬୩୭୦୫୧୬୪୭୮**

## ପାଠକ ଶ୍ରେଷ୍ଠ ବିଚାରକ

### ସାପକାମୁଡ଼ା ମୃତ୍ୟୁ ସହାୟତା ରାଶି ମିଳୁନି

ମହାଶୟ,

ସାପକାମୁଡ଼ାରେ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଦିଆଯିବାର ବ୍ୟବସ୍ଥା ରହିଛି। କିନ୍ତୁ ପୁରୀ ସହର ସମେତ ଜିଲାର ୧୧ ଗୋଟି ବ୍ଲକରେ ସଚେତନତାର ଅଭାବ ଓ ପ୍ରମାଣପତ୍ର ଯୋଗାଡ଼ କରିବାରେ ସମସ୍ୟା ଇତ୍ୟାଦି କାରଣରୁ ଅଧିକାଂଶ ପରିବାର ସହାୟତା ରାଶିରୁ ବଞ୍ଚିତ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାଧାରଣଭାବେ ବର୍ଷାଦିନେ ସାପ କାମୁଡ଼ାରେ ଅଧିକାଂଶ ଲୋକଙ୍କ ପ୍ରାଣ ଯାଉଛି। ସମୟ ଅନୁସାରେ ଉପଯୁକ୍ତ ଚିକିତ୍ସାର ଅଭାବ ଓ ଗୁଣିଗାରେଡି ଉପରେ ଭରସା କରି ଅନେକ ଲୋକ ଆଖି ବୁଜୁଛନ୍ତି। ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ଅଞ୍ଚଳର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ସାପକାମୁଡ଼ା ପାଇଁ ମିଳୁଥିବା ଔଷଧ ବା ଇଂଜେକ୍‌ସନ ମହଜୁଦ ନ ଥିବାରୁ ଲୋକଙ୍କୁ ଜିଲା ସ୍ୱାସ୍ଥ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ପଡୁଛି। ହାରାହାରି ଭାବେ ପ୍ରତିବର୍ଷ ରାଜ୍ୟରେ ୩ ହଜାରରୁ ଅଧିକ ଲୋକ ସାପ କାମୁଡ଼ାରେ ପ୍ରାଣ ହରାଉଛନ୍ତି। ତେବେ ପୁରୀ ଜିଲାରୁ ଅଧିକାଂଶ ପରିବାର ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପାଇଁ ଆବେଦନ ବି କରିପାରିନାହାନ୍ତି। ଏମିତିକି ଅନେକ ବ୍ୟକ୍ତି ପ୍ରମାଣପତ୍ର ପାଇଁ ତହସିଲ, ଜିଲା କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି। ପୁରୀ ଜିଲାର ଅଧିକାଂଶ ଲୋକ ଗ୍ରାମାଞ୍ଚଳରେ ପ୍ରମାଣପତ୍ର ସଂଗ୍ରହରେ ସମୟ ଗଡ଼ି ଯାଉଥିବାରୁ ଅନେକ ସହାୟତା ପାଇଁ ଆବେଦନ କରିପାରୁ ନ ଥିବା ଜଣାପଡ଼ିଛି। ସାପ କାମୁଡ଼ାରେ ସରକାରୀ ଡାକ୍ତରଖାନାକୁ ଯାଇ ଚିକିତ୍ସା ହେବା, ମୃତ୍ୟୁ ହେଲେ ଆନୁଷଙ୍ଗିକ ପ୍ରମାଣପତ୍ର ଯୋଗାଡ଼ କରିବା ଏବଂ ଏ ଦିଗରେ ସଚେତନତା ସୃଷ୍ଟି କରାଯାଇପାରିଲେ ସରକାରଙ୍କର ଏହି ଯୋଜନାରେ ଅନେକ ଲୋକ ଉପକୃତ ହୋଇପାରିବେ ।

**-ଦେବତିକ୍ତ ମିଶ୍ର, ସାକ୍ଷୀଗୋପାଳ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମଳୟର ମଧୁ ହାସେ ଭାସୁଥିଲା ରଜନୀ
ତୁମେ କିପାଁ ଧୀରପଦେ ଉଭା ହେଲ ସଜନୀ!
ପଞ୍ଚମୀର ଜୋଛନା ବୋଲି ଦେଇ ଆକାଶେ
ନ ଜାଣେ ମୁଁ ଚାହିଁଥିଲି ସେ କାହାର ସକାଶେ।
ନିବିଡ଼ ଜୋଛନା ତଳେ ଶୋଇଥିଲା ରଜନୀ
ତୁମେ କିପାଁ ଧୀର ପଦେ ଉଭା ହେଲ ସଜନୀ!

-(ଛନ୍ଦ ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଜୀବନ ବଞ୍ଚିବ, ଜୀବିକା ଚାଲିଗଲା

କେନ୍ଦ୍ରାପଡ଼ା ଅଫିସ, ୪।୮

ଜୀବନ ରକ୍ଷା ପାଇଁ ଦୀର୍ଘ ୫ ଦଶନ୍ଧି ସଂଘର୍ଷର ଅବସାନ ଘଟିଛି। କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ସାତଭାୟାର ଶେଷ ୧୪୮ ପରିବାର ସହ ଚାରିଘରିଆ ଗ୍ରାମର ୯୯ ପରିବାରଙ୍କୁ ବଗପାଟିଆରେ ଘର ପାଇଁ ସରକାରୀ ଜମି ମିଳିଛି। ଏହାପୂର୍ବରୁ ୫୭୧ ପରିବାରଙ୍କୁ ସାତଭାୟା ସମୁଦ୍ର ତଟରୁ ବଗପାଟିଆକୁ ସ୍ଥାନାନ୍ତର କରାଯାଇଥିଲା। ଜୀବନ ବଞ୍ଚିବା ସମ୍ଭାବନା ବଢ଼ିଲା ସତ, ଜୀବିକା ହରାଇଲେ ବୋଲି ସ୍ଥାନାନ୍ତର ହୋଇଥିବା ଲୋକମାନେ କହିଛନ୍ତି। ଜୀବିକା ପାଇଁ ଲୋକମାନେ ଜନ୍ମସ୍ଥାନ ଛାଡି ଦେଶ ବିଦେଶରେ କର୍ମ ନିଯୁକ୍ତି ପାଇଁ ବାରଦୁଆର ହେଉଛନ୍ତି। ତଟକ୍ଷୟ ରୋକିବା ପାଇଁ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ କୌଣସି ଆଖିଦୃଶିଆ ଯୋଜନା ନାହିଁ। ସାତଭାୟାରେ ଲୋକଙ୍କ ଥିବା ଜମିରେ ତଟାଞ୍ଚଳ ସୁରକ୍ଷା ପାଇଁ ହେନ୍ତାଳବଣ ଜରୁରୀ ହୋଇପଡିଛି। ସେହିପରି ଅଗରନାସୀକୁ ପଥର ବନ୍ଧ ଦ୍ୱାରା ସୁରକ୍ଷିତ କରା ନ ଗଲେ ତଟାଞ୍ଚଳର ବହୁ ପଞ୍ଚାୟତ ସମେତ ଗାଁ ସମୁଦ୍ର ଗର୍ଭରେ ଲୀନ ହେବ ବୋଲି ସ୍ଥାନୀୟ ଅଞ୍ଚଳବାସୀଙ୍କ ମତ ମିଳିଛି।

ଅଡ଼ସଲ ଗ୍ରାମର କରୁଣାକର ମଲ୍ଲିକ କହିଛନ୍ତି, ତଟକ୍ଷୟ ଏବେ କେନ୍ଦ୍ରାପଡ଼ା ଜିଲାର ପ୍ରମୁଖ ସମସ୍ୟା ହୋଇଛି।




କୂଳ ଖାଉଥିବାରୁ ସାତଭାୟାରେ ଥିବା ଏକ ଗାଁର ନଳକୂପ ଓ ପଞ୍ଚୁବରାହୀ ମନ୍ଦିର ସମୁଦ୍ର ଗର୍ଭକୁ ଚାଲି ଗଲାଣି।

କେନ୍ଦ୍ରାପଡ଼ା ଜିଲାର ବଙ୍ଗୋପସାଗର କୂଳବର୍ତ୍ତୀ ୪୮ କିମି ଲମ୍ବର ତଟରୁ ପ୍ରାୟ ୨୮ କିମି ଅଞ୍ଚଳରେ ଭୟାବହ ପରିସ୍ଥିତି ସୃଷ୍ଟି ହୋଇଛି। ସାତଭାୟାଠାରେ ଗତ ବର୍ଷକ ମଧ୍ୟରେ ପ୍ରାୟ ୧୦୦ ମିଟର ତଟକ୍ଷୟ ହୋଇଛି। ୧୨୦୦ ବର୍ଷର ପୁରୁଣା ଭୌମକର ବଂଶର ନିଦର୍ଶନ ପଞ୍ଚୁବରାହୀ ମନ୍ଦିର ମଧ୍ୟରେ ଏବେ ଜୁଆର ପାଣି ବାଡେଇ ହେଉଛି। ପୁରୁଣା ପଞ୍ଚୁବରାହୀ ମନ୍ଦିର ଏହି ବର୍ଷାଋତୁ ମଧ୍ୟରେ ଇତିହାସ ପାଲଟିବାକୁ ଯାଉଥିବା ବେଳେ ସମୁଦ୍ରର ଆଖି ନିକଟସ୍ଥ ସୁନେଇ ରୂପେଇ ଜଙ୍ଗଲ ଉପରେ ପଡିଛି। ଏହାର ନିରାକରଣ ପାଇଁ ସାତଭାୟାର ଅବଶିଷ୍ଟ ଚାଷଜମିକୁ ହେନ୍ତାଳବଣ ସୃଷ୍ଟି କରିବା ଆବଶ୍ୟକ ହୋଇପଡିଛି। ବଗପାଟିଆକୁ ସ୍ଥାନାନ୍ତର ଓ ବରାହୀପୁରର ମୂଳ ନିବାସୀ ସୁଦର୍ଶନ ସ୍ୱାଇଁ କହିଛନ୍ତି, ସାତଭାୟା ପଞ୍ଚାୟତ ୭ ରାଜସ୍ୱ ଗ୍ରାମକୁ ନେଇ ଗଠିତ ହୋଇଥିଲା। ଏହି ରାଜସ୍ୱ ଗ୍ରାମଗୁଡ଼ିକ ଗତ ୫ ଦଶନ୍ଧି ମଧ୍ୟରେ ସମୁଦ୍ର ଗର୍ଭକୁ ଚାଲି ଯାଇଥିବା ବେଳେ ଏବେ ମଗରକନ୍ଦା, ଅଡ଼ସଲ ପ୍ରଭୃତି ପଡା ଗ୍ରାମ କିଛି ମାତ୍ରାରେ ଅଛି। ସମୁଦ୍ରର ଦ୍ରୁତ ତଟକ୍ଷୟ ସ୍ଥାନୀୟ ଅଞ୍ଚଳରୁ ଅଧିବାସୀଙ୍କୁ ସ୍ଥାନାନ୍ତର ହେବା ପାଇଁ ବାଧ୍ୟ କରିଛି। ତେବେ ଏଠାରେ ଥିବା ଚାଷ ଜମି ଏବେ ଗ୍ରାମବାସୀଙ୍କ ନିକଟରେ ନାହିଁ। ପଶୁ ସମ୍ପଦଠାରୁ ଆରମ୍ଭ କରି ଜୀବିକା ପାଇଁ ମାଛ, କଙ୍କଡା ପର୍ଯ୍ୟନ୍ତ ସହାୟ ହେଉଥିଲା। ୧୨ କିମି ସ୍ଥାନାନ୍ତର ପରେ ଗ୍ରାମବାସୀଙ୍କୁ ଜୀବିକା ହରାଇବାକୁ ପଡିଛି। ଏହି ଅଞ୍ଚଳ ଜାତୀୟ ଉଦ୍ୟାନ ମଧ୍ୟରେ ଥିବାରୁ ବନ ବିଭାଗ ଗ୍ରାମବାସୀଙ୍କୁ ଜୀବିକା ଉପାର୍ଜନ ପାଇଁ ଛାଡୁ ନାହାନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳର ଯୁବବର୍ଗ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି। ତଟକ୍ଷୟକୁ ରୋକିବା ପାଇଁ ସାତଭାୟାର ଅବଶିଷ୍ଟ ଚାଷ ଜମିକୁ ହେନ୍ତାଳବଣରେ ପରିଣତ କରିବା ଆବଶ୍ୟକ ବୋଲି ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି। ସେ କହିଛନ୍ତି, ପେଣ୍ଠାରେ ନିର୍ମିତ ଜିଓ ଟ୍ୟୁବ ୱାଲ ସମୁଦ୍ର ଜୁଆର ମାଡକୁ ସହି ପାରୁନାହିଁ। ଏଠାରେ ଥିବା ଗାବିଅନ ବକ୍ସ ଓ ପଥରବନ୍ଧ ବାଦ ପଡୁନାହିଁ। ପରିବେଶ ଓ ପାଣିପାଗ ପରିବର୍ତ୍ତନ ସହ ବିଶ୍ୱ ତାପନ ଫଳରେ ସମୁଦ୍ରର ଜଳପତନ ବୃଦ୍ଧି ପାଉଛି। ଅମାବାସ୍ୟା, ପୂର୍ଣ୍ଣିମା ଆଦି ତିଥିରେ ଆସୁଥିବା ଜୁଆର ଲୁଣାବନ୍ଧକୁ ଡେଇଁ ଯାଉଛି। ସୁରକ୍ଷା ପ୍ରାଚୀର ଭାବେ ହେନ୍ତାଳବଣ ବୃଦ୍ଧିର ଆବଶ୍ୟକତା ଅଛି। ଅଧ୍ୟାପକ କ୍ଷୀତିଶ କୁମାର ସିଂହ କହିଛନ୍ତି,

- ସାତଭାୟାର ସମସ୍ତ ଅଧିବାସୀଙ୍କୁ ମିଳିଲା ଘର ଜମି
- ଚାଷଜମିକୁ ହେନ୍ତାଳ ବଣ କରାଯାଉ
- ଅଗରନାସୀରେ ପଥରବନ୍ଧରେ ତଟକ୍ଷୟ ରୋକିବ

ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ଆଦ୍ରଭୂମିରେ ହେନ୍ତାଳବଣ ବୃଦ୍ଧି ପାଇଁ ଯଥେଷ୍ଟ ପରିମାଣର ମଧୁର ଜଳ ପହଞ୍ଚି ପାରୁନାହିଁ। ଆଦ୍ରଭୂମି ପାଇଁ ଅନ୍ୟୁନ ୪୦ ପ୍ରତିଶତ ମଧୁର ଜଳ ଆବଶ୍ୟକତା ଥିବା ବେଳେ ଖରାଦିନେ ମାତ୍ର ୧୫ ପ୍ରତିଶତ ପହଞ୍ଚୁଛି। ଅଗରନାସୀ ଦ୍ୱୀପ ପୂର୍ବରୁ ୭ କିମି ଲମ୍ବ ଥିଲା। ଏବେ ମାତ୍ର ୭୦୦ ମିଟର ରହିଛି। ଏଠାରେ ବଡ ପଥର ଦ୍ୱାରା ବନ୍ଧ ବନ୍ଧା ଗଲେ ତଟକ୍ଷୟ ରୋକାଯାଇ ପାରିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ତଟାଞ୍ଚଳରେ ହେନ୍ତାଳବଣ ସୃଷ୍ଟି ପାଇଁ ଗୁରୁତ୍ୱ ଦିଆଯାଇଛି। ସାତଭାୟା, ପେଣ୍ଠ ଆଦି ଅଞ୍ଚଳରେ ବହୁ ପରିମାଣରେ ଚାରା ଲାଗିଛି। ତଟକ୍ଷୟ ସମ୍ପର୍କରେ ବିଶେଷଜ୍ଞଙ୍କୁ ଅବଗତ କରାଇ ରିପୋର୍ଟ ପ୍ରସ୍ତୁତ ହୋଇଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଚିତ୍ରୋତ୍ପଳା ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ମାର୍ଶାଘାଇ, ୪।୮(ଡି.ଏନ.ଏ.):ମାର୍ଶାଘାଇ ଥାନା ଅନ୍ତର୍ଗତ ପିକରାଳି ଗାଁର ଜଣେ ବୃଦ୍ଧ ଗୁରୁବାର ନଦୀ ପାଣିରେ ବୁଡ଼ି ଯିବାରୁ ମୃତ୍ୟୁ ହୋଇଛି। ସେ ହେଲେ ରମେଶ ଚନ୍ଦ୍ର ବେହେରା (୬୧)। ବୃଦ୍ଧ ଜଣକ ମଧ୍ୟାହ୍ନରେ ଘର ପଛରେ ଥିବା ଚିତ୍ରୋତ୍ପଳା ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ ନଦୀର ପ୍ରଖର ସ୍ରୋତରେ ବୁଡ଼ି ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକ ନଦୀକୂଳକୁ ଯାଇ ଖୋଜା ଖୋଜି କରିଥିଲେ। ନଦୀକୂଳରେ ତାଙ୍କର ଚପଲ ଥିବା ଦେଖି ସେ ନଦୀରେ ବୁଡ଼ି ଯାଇଥିବା ଆଶଙ୍କା କରି ମାର୍ଶାଘାଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ନଦୀରେ ଖୋଜାଖୋଜି କରି ତାଙ୍କ ମୃତଦେହକୁ ଜବତ କରିଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

### ସ୍ୱାମୀଙ୍କ ମାଡ଼ରେ ସ୍ତ୍ରୀ ଗୁରୁତର ନେଇ ଥାନାରେ ଅଭିଯୋଗ

ଡେରାବିଶ, ୪।୮(ସ୍ୱ.ପ୍ର.): ଡେରାବିଶ ଥାନା ଅନ୍ତର୍ଗତ ଏଣ୍ଡର ପଞ୍ଚାୟତ କୁସୁନୁପୁର ଗାଁରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଆକ୍ରମଣ କରି ଗୁରୁତର କରିଥିବା ନେଇ ଗୁରୁବାର ଅଭିଯୋଗ ହୋଇଛି। ଅଭିଯୋଗକାରିଣୀ କୁସୁନୁପୁର ଗାଁର ବାବାଜୀ ବେହେରାଙ୍କ ସ୍ତ୍ରୀ ମାନସୀ (୩୫)। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ନିଶାଶକ୍ତ ଅବସ୍ଥାରେ ତାଙ୍କ ସ୍ୱାମୀ ବାବାଜୀ ମା'ଙ୍କୁ ମାରଧର କରୁଥିବା ବେଳେ ମାନସୀ ବିରୋଧ କରିଥିଲେ। ଏହି ଘଟଣାରେ ଉତ୍କ୍ଷିପ୍ତ ହୋଇ ବାବାଜୀ ତାଙ୍କୁ ବାଡ଼େଇ ଥିଲେ। କିଛି ଅସାମାଜିକ ଯୁବକଙ୍କ କବଳରେ ବାବାଜୀ ରହି ଏଭଳି କାର୍ଯ୍ୟ କରୁଥିବା ନେଇ ଅଭିଯୋଗରେ ଦର୍ଶାଯାଇଛନ୍ତି। ମାତ୍ର ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଗୁରୁବାର ୫୩ ନଂ. ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକ ନିକଟରେ ବାବାଜୀ ବସିଥିବା ବେଳେ ମଧ୍ୟାହ୍ନ ୧୨ଟାରେ ମାନସୀ ଓ ଭଣଜା କିଶୋର ଅତର୍କିତ ଭାବେ ବାବାଜୀଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ବାବାଜୀଙ୍କ ହାତ ଓ ମୁଣ୍ଡରେ ଗଭୀର କ୍ଷତ ହୋଇଛି। ବାବାଜୀଙ୍କୁ ଗୁରୁତର ଅବସ୍ଥାରେ ଗ୍ରାମବାସୀ ଆମ୍ବୁଲାନ୍ସ ଯୋଗେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଥିବା ୨ନଂ. ୱାର୍ଡର ୱାର୍ଡ ସଭ୍ୟ ଭରତ ସାମଲ ସୂଚନା ଦେଇଛନ୍ତି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରି ଫେରିଛି। ତେବେ ଗୁରୁତର ହୋଇ ଚିକିତ୍ସିତ ହେଉଥିବାରୁ ବାବାଜୀଙ୍କ ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ସୂତ୍ରରୁ ପ୍ରକାଶ। ତେବେ ଏହି ଘଟଣାର ତଦନ୍ତ ହେଲେ ଏହା ପଛର ରହସ୍ୟ ଲୋକଲୋଚନକୁ ଆସିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ଯୁବକଙ୍କୁ ହତ୍ୟା ଅଭିଯୋଗ, ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଧାରଣା




ଅଭିଯୁକ୍ତଙ୍କୁ ଗିରଫ ଦାବିରେ ମୃତକଙ୍କ ସମ୍ପର୍କୀୟମାନେ ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି।

ରାଜନଗର, ୪।୮(ଡି.ଏନ.ଏ.)

ରାଜନଗର ଥାନା ଅନ୍ତର୍ଗତ ଧୋବେଇଗଡ ଗାଁର ଗୁରୁବାରୀ ରାଉତଙ୍କ ପୁଅ ସଞ୍ଜୟଙ୍କର ଗତ ୨୬ ତାରିଖରେ ମୃତ୍ୟୁ ଘଟିଥିଲା। ତାଙ୍କ ବାପା ପୁଅକୁ ସାପ କାମୁଡିଛି ବୋଲି ଥାନାରେ ଅଭିଯୋଗ କରିବା ପରେ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ଗୋଟିଏ ଦିନ ପରେ ସଞ୍ଜୟଙ୍କ ବଡଭଉଣୀ ଉର୍ମିଳା ପାତ୍ର ତାଙ୍କ ଭାଇଙ୍କୁ ମାରି ଦିଆଯାଇଛି ବୋଲି ଅନ୍ୟ ଏକ ଅଭିଯୋଗ ଥାନାରେ କରିଥିଲେ। ଅଭିଯୋଗ ମୁତାବକ, ତାଙ୍କ ସାନଭାଇ ସଞ୍ଜୟ ପଡୋଶୀ ଗଣେଶ ରାଉତଙ୍କ ଝିଅକୁ ଭଲ ପାଉଥିଲେ। ଉଭୟଙ୍କୁ ଭଲ ପାଇବା ସହ ବିବାହ କରିବାକୁ କଥା ଦେଇଥିଲେ। ମାତ୍ର ଗଣେଶ ଓ ତାଙ୍କ ପରିବାର ଲୋକେ ଉଭୟଙ୍କ ଭଲ ପାଇବାକୁ ବିରୋଧ କରୁଥିଲେ। ଏ ନେଇ ପୂର୍ବରୁ ମାରିଦେବାକୁ ଧମକ ଦେଇଥିଲେ। ସଞ୍ଜୟଙ୍କ ମୃତ୍ୟୁର ଦୁଇଦିନ ପୂର୍ବରୁ ଗଣେଶ ତାଙ୍କୁ ଡାକି ମୋ ଉପରେ ରାଗ ନାହିଁ କହି ପ୍ରଲୋଭିତ କରିଥିଲେ। ତାଙ୍କ ଘରକୁ ଖାଇବାକୁ ଡାକିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସଞ୍ଜୟ ଘରକୁ ଫେରି ନ ଥିଲେ। ତା'ପରେ ଆମେ ଜାଣିବାକୁ ପାଇଲୁ ଯେ ସେମାନେ ସଞ୍ଜୟଙ୍କୁ ମାରି ଆମ ଗ୍ରୀଲରେ ଟଙ୍ଗାଇ ଦେଇଛନ୍ତି। ପୁଅ ମରିବା ପରେ ବାପାଙ୍କ ମୁଣ୍ଡ ଖରାପ ହେତୁ ବାପାଙ୍କୁ ଝିଅଘର ଲୋକେ ଶିଖାଇ ସାପ କାମୁଡାର ଅଭିଯୋଗ କରିଥିଲେ। ମାତ୍ର ତାଙ୍କୁ ହତ୍ୟା କରାଯାଇଛି, ଅଭିଯୁକ୍ତଙ୍କୁ ଗିରଫ କରିବାକୁ ୨୭ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଏ ନେ ଥାନାରେ ଦଫା ଦଫା ୩୦୨, ୩୪ ଆଇପିସିରେ ନଂ. ୨୭୨/୨୨ ମାମଲା ରୁଜୁ ହୋଇଛି। ଗୁରୁବାର ୨୦ଜଣ ମହିଳା ଥାନାରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରି ଥାନା ଆଗରେ ଧାରଣାରେ ବସିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅଭିଯୁକ୍ତଙ୍କୁ ନିଶ୍ଚିତ ଗିରଫ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଧାରଣାରୁ ହଟି ଥିଲେ।

### ମହିଳା, ଯୁବକଙ୍କୁ ମାଡ଼ ନେଇ ଭିଡ଼ିଓ ଭାଇରାଲ୍

ଡେରାବିଶ, ୪।୮(ସ୍ୱ.ପ୍ର.)

ମହିଳା ଓ ଯୁବକଙ୍କୁ ଗଛରେ ବାନ୍ଧି ମହିଳାମାନେ ମାଡ଼ ମାରୁଥିବା ଦୃଶ୍ୟର ଏକ ଭିଡ଼ିଓ ଦୁଇଦିନ ହେବ ଡେରାବିଶ ଥାନା ଅଞ୍ଚଳରେ ମୋବାଇଲରେ ଘୂରି ବୁଲୁଛି। ତେବେ ଥାନା ଅଞ୍ଚଳର ଏକ ଗ୍ରାମରେ ଜଣେ ବିବାହିତା ମହିଳାଙ୍କ ପରକ୍ରୀୟା ପ୍ରିତି ପାଇଁ ଏଭଳି ଘଟଣା ଘଟିଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ମହିଳା ତାଙ୍କ ପ୍ରେମିକଙ୍କ ସହ ଦୀର୍ଘଦିନ ଧରି ପ୍ରେମ ସମ୍ପର୍କ ରଖିଥିବା ନେଇ ଗ୍ରାମରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ତେବେ ସମ୍ଭବତ ବୁଧବାର ସମ୍ପୃକ୍ତ ପ୍ରେମିକ ଯୁବକ ଓ ମହିଳାଙ୍କୁ ଏକ ଗଛରେ ବାନ୍ଧି ମହିଳାମାନେ ନିସ୍ତୁକ ମାଡ଼ ମାରୁଥିବା ଭିଡ଼ିଓ ଭାଇରାଲ୍ ହେବାରେ ଲାଗିଛି। ତେବେ ଏ ସମ୍ପର୍କରେ ଡେରାବିଶ ଥାନାରେ କୌଣସି ସୂଚନା ନ ଥିବା ନେଇ ପୋଲିସ ସୂତ୍ରରୁ ପ୍ରକାଶ।

### କନିଷ୍ଠ ଶିକ୍ଷକ ସଂଘର କର୍ମକର୍ତ୍ତା ଚୟନ

ରାଜନଗର, ୪।୮(ଡି.ଏନ.ଏ.)

ରାଜନଗର ବ୍ଲକ କନିଷ୍ଠ ଶିକ୍ଷକ ସଂଘର କର୍ମକର୍ତ୍ତା ଚୟନ କରାଯାଇଛି। କନିଷ୍ଠ ଶିକ୍ଷକ ସଂଘର ଜିଲା ସଭାପତି ଉମେଶ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ବିଜୟ ସେନ ଲୋହାର, ସମ୍ପାଦକ ଭାବେ ରୁଦ୍ର ନାରାୟଣ ସେଠୀ, ଉପସଭାପତି ସୌମ୍ୟ ରଞ୍ଜନ ମହାପାତ୍ର, ସହ ସମ୍ପାଦକ ଭାବେ ବସନ୍ତ କୁମାର ମହାନ୍ତି, କୋଷାଧ୍ୟକ୍ଷ ଭାବେ ଏସ.ଏନ. ସୋନାଙ୍କୁ ଚୟନ କରାଯାଇଛି।

## ବଗପାଟିଆ କଲୋନୀରେ ୨୪୭ ପରିବାର ଥଇଥାନ ପାଇଁ ଜମି ଚିହ୍ନଟ

ରାଜନଗର, ୪।୮(ଡି.ଏନ.ଏ.)

ବଙ୍ଗୋପସାଗର ଆଁ ମୁହଁରେ ଥିବା ରାଜନଗର ବ୍ଲକ ସାତଭାୟାର ୫୭୧ ପରିବାରକୁ ବଗପାଟିଆଠାରେ କଲୋନୀରେ ଥଇଥାନ କରାଯାଇଛି। ଅନ୍ୟପକ୍ଷେ ୨୪୭ ପରିବାର ଏବେବି ଥଇଥାନ ଅପେକ୍ଷାରେ ରହିଥିଲେ। ସାତଭାୟା ପଞ୍ଚାୟତର କାନପୁରର ୬୬ ପରିବାରକୁ ୧୦ନଂ. ରୁ ୧୯ ନଂ. ଲେନରେ, ସାତଭାୟାର ୮୨ ପରିବାରକୁ ୧ ନଂ.ରୁ ୯ନଂ. ଲେନରେ ଓ ଚାରିଘରିଆର ୯୯ ପରିବାରକୁ ୧୪ନଂ.ରୁ ୧୯ନଂ. ଲେନ ମଧ୍ୟରେ ଜାଗା ଚିହ୍ନଟ ଦିଆଯାଇଛି। ପ୍ରତ୍ୟେକ ପରିବାରକୁ ୧୦୦ କଡି ଲମ୍ବା ଓ ୧୦୦ କଡି ଚଉଡାରେ ଜାଗା ଚିହ୍ନଟ ଦିଆଯାଇଛି। ଏହି ୨୪୭ ପରିବାରକୁ ବିଜୁ ପକ୍କାଘର ଯୋଗାଇ ଦେବାକୁ ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଛି। ବର୍ତ୍ତମାନ ବର୍ଷାଦିନ ହୋଇଥିବାରୁ ପରେ ବିଜୁ ପକ୍କାଘର ଯୋଗାଇ ଦିଆଯିବ ବୋଲି ଜଣାପଡିଛି। କେନ୍ଦ୍ରାପଡ଼ା ଉପଜିଲାପାଳ ନିରଞ୍ଜନ ବେହେରା, ତହସିଲଦାର ଭୋଳାନାଥ ସେଠୀ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ଆଇଆଇସି ତପନ କୁମାର ନାୟକ, ସରପଞ୍ଚ ପ୍ରସନ୍ନ କୁମାର ପରିଡା, ସମିତିସଭ୍ୟ କୌଶିକ ବେହେରା, ସାତଭାୟା ଥଇଥାନ କମିଟିର ସଦସ୍ୟ କରୁଣାକର ସ୍ୱାଇଁ, ନିରଞ୍ଜନ ସ୍ୱାଇଁ, ସୁଦର୍ଶନ ରାଉତ, ମଙ୍ଗୁଳି ଚରଣ ଦାସ, ଅକ୍ଷୟ କୁମାର ପରିଡା ପ୍ରମୁଖ ଏହି ଜାଗା ଚିହ୍ନଟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ବଗପାଟିଆରେ ୨୪୭ ପରିବାରକୁ ଥଇଥାନ ପାଇଁ ଜମି ଚିହ୍ନଟ କରାଯାଉଛି।

## ବାଇକ୍‌କୁ ପିଟିଲା ଟ୍ରେକର:୩ ଆହତ, ଜଣେ ଗୁରୁତର




ଦୁର୍ଘଟଣାରେ ଆହତ ହୋଇଥିବା ଦୁଇଭାଇ ସୌମ୍ୟରଞ୍ଜନ ଓ ପ୍ରୀତିରଞ୍ଜନ।

ଆଳି,୪।୮(ଡି.ଏନ.ଏ.)

ଗୁରୁବାର ଅପରାହ୍ନରେ କଟକ-ଚାନ୍ଦବାଲି ରାସ୍ତାରେ ଥିବା ଜଳ ପରିମଳ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ପରିମିଳ ବିଭାଗର ଟ୍ରେକର ଏକ ବାଇକ୍‌କୁ ଧକ୍କା ଦେଇଛି। ଫଳରେ ବାଇକରେ ଥିବା ୩ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଭାବେ କଟକ ବଡ ମେଡିକାଲରେ ଚିକିତ୍ସା ହେଉଥିବା ସୂଚନା ମିଳିଛି। ସୂଚନା ମୁତାବକ, ଆଳି ଥାନା ଅନ୍ତର୍ଗତ ମେଣ୍ଟପୁର ଗାଁର ବିଜୟ କୁମାର ବେହେରା (୩୮) ଗୁରୁବାର ଅପରାହ୍ନରେ ତାଙ୍କ ପୁଅ ସୌମ୍ୟ ରଞ୍ଜନ (୧୦) ଓ ପୁତୁରା ପ୍ରୀତିରଞ୍ଜନ (୬)ଙ୍କୁ ବାଇକ୍ ଯୋଗେ ଘରୁ ମାଳପାଟଣାକୁ ଟିଉସନ ନେଇ ଯାଉଥିଲେ। ସେମାନେ ଯିବା ସମୟରେ ଜଳ ପରିମଳ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିଭାଗର ମାଲ ପରିବହନ କରୁଥିବା ଟ୍ରେକର କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାକୁ ଉଠାଉଥିବା ବେଳେ ବିଜୟଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ବିଜୟ ପୁଅ ଓ ପୁତୁରା ସହ ଗାଡ଼ିରୁ ପଡି ଯାଇଥିଲେ। ଏହି ଦୁର୍ଘଟଣାରେ ବିଜୟଙ୍କ ମୁଣ୍ଡ ଫାଟିଯିବା ସହ ଛାତିରେ ମାଡ଼ ହୋଇଥିଲା। ତାଙ୍କ ପୁଅ ସୌମ୍ୟରଞ୍ଜନଙ୍କ ମୁଣ୍ଡ ଫାଟିଥିବା ବେଳେ ପୁତୁରା ପ୍ରୀତିରଞ୍ଜନଙ୍କ ଗୋଡ଼ ଭାଙ୍ଗି ଯାଇଛି। ସମସ୍ତଙ୍କୁ ଆଳି ମେଡିକାଲ ଅଣାଯିବା ପରେ ଡାକ୍ତରମାନେ ପ୍ରାଥମିକ ଚିକିତ୍ସା କରଥିଲେ।

## ଛାତ୍ରୀଛାତ୍ରଙ୍କ କାନ୍ଧରେ ବସ୍ତାନି ବୋଝ

ମହାକାଳପଡ଼ା,୪।୮ (ଡି.ଏନ୍.ଏ.)

ଦେଶର ସର୍ବୋଚ୍ଚ ନ୍ୟାୟାଳୟ ୨୦୧୭ ମେରେ ଏକ ଡିଭିଜନ ବେଞ୍ଚ ରାୟରେ ଉଲ୍ଲେଖ ଥିଲା ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ବସ୍ତାନି ବୋଝ କମାଇବାକୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଥିଲା। ଏହି ଆଦେଶରେ ଅନ୍ୟ ଏକ ଦିଗ ଥିଲା ପିଲାମାନଙ୍କ କାନ୍ଧରେ ଅଧିକ ବହି ବସ୍ତାନି ବୋଝ ରହିବା ଦ୍ୱାରା ମାନସିକ, ଶାରିରୀକ ଓ ମେରୁଦଣ୍ଡ ପ୍ରଭାବିତ ହେବା ଆଶଙ୍କା ରହିଛି ବୋଲି କୁହାଯାଇଥିଲା। ଶିଶୁମାନଙ୍କର କାନ୍ଧ ଓ ମେରୁଦଣ୍ଡ ଉପରେ ଅଧିକ ବସ୍ତାନି ବୋଝ ଭାରାକ୍ରାନ୍ତ ହେଲେ ଭବିଷ୍ୟତରେ ମେରୁଦଣ୍ଡ ଜନିତ ସ୍ନାୟୁ ବା (ସ୍ପାଇନାଲ କର୍ଡ) ରୋଗରେ ପୀଡିତ ହେବା ଯଥେଷ୍ଟ ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନଙ୍କ ମତ ଥିଲା। ପରବର୍ତ୍ତୀ ସମୟରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ, ଶିକ୍ଷା ବିଭାଗ ପିଲାମାନଙ୍କ କାନ୍ଧରେ ବୋଝ କମାଇବାକୁ ଆବଶ୍ୟକ ଅନୁସାରେ ବହି ଖାତା, ଖାଦ୍ୟ, ପାଣି ବୋତଲ, ଯନ୍ତ୍ର ବାକ୍ସ ଓ ଅନ୍ୟ ସାମଗ୍ରୀକୁ ବ୍ୟାଗ ଭିତରେ କାଣ୍ଟ ଛାଣ୍ଟ ପାଇଁ ପରାମର୍ଶ ଦିଆଯାଇଥିଲା। ତେବେ ଏହି ନିର୍ଦ୍ଦେଶ କିଛିଦିନ ଚାଲିଲା ପରେ ଶିକ୍ଷା ବିଭାଗର ଦାୟିତ୍ୱ ହୀନତା ଯୋଗୁ ପୁନର୍ବାର ପିଲାମାନେ ଅଧିକ ଓଜନ ବସ୍ତାନି ସ୍କୁଲକୁ ନେଉଥିବା କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଅଞ୍ଚଳରେ ଦେଖିବାକୁ ମିଳିଛି। କେତେଜଣ ପିଲାଙ୍କ ମତରେ ଦୈନିକ ବସ୍ତାନିରେ ଅଧିକ ବହି ଖାତା, ଜଳଖିଆ, ପାଣି ବୋତଲ, ଯନ୍ତ୍ର ବାକ୍ସ ଆଦି ନେବାକୁ ପଡେ। ଆଗ ଅପେକ୍ଷା ଏବେ ବହି ଖାତା ଓ ଅନ୍ୟ ସାମଗ୍ରୀ ବସ୍ତାନିରେ ପୂରେଇବାକୁ ପଡୁଛି। ଫଳରେ ଅଧିକ ଓଜନିଆ ହୋଇଥାଏ ବୋଲି କହିଛନ୍ତି। ପିଲା ଅବସ୍ଥାରେ ମେରୁଦଣ୍ଡ ଉପରେ ପ୍ରଭାବ ପକାଇ ନ ଥାଏ। ଭବିଷ୍ୟତରେ ଏହାର ପ୍ରଭାବ ପଡିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନଙ୍କୁ ସଚେତନତା କରିବା ଆବଶ୍ୟକ ରହିଛି ବୋଲି କୁହାଯାଇଛି। ବ୍ଲକ ଅଧୀନରେ ଥିବା ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରମାନଙ୍କ କାନ୍ଧରେ ବସ୍ତାନି ବୋଝକୁ ଶିକ୍ଷା ବିଭାଗ ପକ୍ଷରୁ କମା ଯାଉନାହିଁ। ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ଏହି ଘଟଣାକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରାଙ୍କୁ ପଚାରିବାରେ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ବସ୍ତାନି ବୋଝ କମାଇବାକୁ ସରକାରଙ୍କ ଗାଇଡ୍ ଲାଇନ୍ ରହିଛି। ପିଲାମାନଙ୍କର ଦୈନିକ ପାଠ୍ୟ ସୂଚୀ ଅନୁଯାୟୀ ପୁସ୍ତକ ବିଦ୍ୟାଳୟକୁ ନେବାକୁ କୁହାଯାଇଛି। ଫଳରେ ବସ୍ତାନି ବୋଝ ସମସ୍ୟା ଦୂର ହେବ। ଏ ସଂକ୍ରାନ୍ତରେ ଅଭିଭାବକମାନଙ୍କୁ ସଚେତନତା କରାଯାଇଛି ବୋଲି ସେ କହିଛନ୍ତି।




ମହାକାଳପଡ଼ା ବ୍ଲକ ଅଞ୍ଚଳରେ ବିଦ୍ୟାଳୟରୁ ଛାତ୍ରୀଛାତ୍ର ବସ୍ତାନି ପକାଇ ଫେରୁଛନ୍ତି।

- ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଉଲ୍ଲଂଘନ
- ମେରୁଦଣ୍ଡ ପ୍ରଭାବିତ ହେବା ଆଶଙ୍କା
- ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

# ମୋଦିଙ୍କ ନେତୃତ୍ୱ: ଓଡ଼ିଶା ପାଇଁ ସକାରାତ୍ମକ ଦୃଷ୍ଟିଭଙ୍ଗୀ



ଧର୍ମେନ୍ଦ୍ର ପ୍ରଧାନ

ଓଡ଼ିଶା ମାଟିର ଝିଅ ଦ୍ରୌପଦୀ ମୁର୍ମୁ ଭାରତର ପଞ୍ଚଦଶ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରି ଓଡ଼ିଆ ଅସ୍ମିତାର ପ୍ରତୀକ ପାଲଟି ଯାଇଛନ୍ତି। ସେ ପ୍ରଥମ ଓଡ଼ିଆ ତଥା ପ୍ରଥମ ଆଦିବାସୀ ମହିଳା, ଯିଏ ଭାରତବର୍ଷର ସର୍ବୋଚ୍ଚ ସାମ୍ବିଧାନିକ ପଦ ମଣ୍ଡନ କରିଛନ୍ତି। ଏହା ଓଡ଼ିଶାବାସୀଙ୍କ ପାଇଁ କେବଳ ଗୌରବର ବିଷୟ ନୁହେଁ, ଭାରତର ବଞ୍ଚିତ, ଅବହେଳିତ ଓ ଅନଗ୍ରସର ବର୍ଗଙ୍କ ପାଇଁ ଗରିମାର କଥା। ଓଡ଼ିଶାର ଏକ ଆଦିବାସୀବହୁଳ ଜିଲା ମୟୂରଭଞ୍ଜର ଏକ ଅଖ୍ୟାତ ପଲ୍ଲୀର ସୁକନ୍ୟା ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରର ପ୍ରଥମ ନାଗରିକର ମର୍ଯ୍ୟାଦା ପ୍ରଦାନ କରିବାରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ବନଫୁଲର ମହକରେ ସମଗ୍ର ଭାରତବର୍ଷକୁ ମହକିତ କରିବା କଥା କେବଳ ମୋଦିଜୀ ହିଁ ଚିନ୍ତା କରିପାରନ୍ତି ଏବଂ ତା'ର ବାସ୍ତବ ରୂପାୟନ ମଧ୍ୟ କରିପାରନ୍ତି। ସାଧାରଣ ଲୋକମାନେ କାଳେକାଳେ ଅସାଧାରଣ ପ୍ରତିଭାର ଅଧିକାରୀ ହୋଇଥା'ନ୍ତି। ଶେଷ ତଳ ପାହାଚରେ ଥିବା ଅନେକଙ୍କ ପାଖରେ ଥାଏ ଅସୀମ ଶକ୍ତି ଓ ସାମର୍ଥ୍ୟ। କିନ୍ତୁ ଏପରି ପ୍ରତିଭାମାନେ ବଣମଲ୍ଲୀ ପରି ବଣରେ ଫୁଟି ମଉଳିଯାଆନ୍ତି। ରହିଯାଆନ୍ତି ଜନସମାଜର ଆଢୁଆଳରେ। ଲୋକ ହିତ ପାଇଁ ସେମାନଙ୍କ ଶକ୍ତି ମଧ୍ୟ ବିନିଯୋଗ କରାଯାଇପାରେ ନାହିଁ। ତେଣୁ ଏପରି ବଣମଲ୍ଲୀମାନଙ୍କୁ ଖୋଜିବା ଏବଂ ଚିହ୍ନଟ କରିବା ସମାଜ ଆଗରେ ସବୁବେଳେ ଏକ ବଡ଼ ଆହ୍ୱାନ।

ଭାରତବର୍ଷ ଅନାଦି କାଳରୁ ବିବିଧ ଜାତି, ବର୍ଣ୍ଣ ଓ ଗୋଷ୍ଠୀର ବାସସ୍ଥାନ। ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶୈକ୍ଷିକ ଅନଗ୍ରସର ଜାତି ତଥା ଅସ୍ୱଚ୍ଛଳ ବର୍ଗ ଭାରତବର୍ଷର ଜନସଂଖ୍ୟାର ଏକ ପ୍ରମୁଖ ଅଂଶ। ପୁଣି ଅବସ୍ଥିତି ଭିତ୍ତିରେ କେତେକ ଅଞ୍ଚଳ ମଧ୍ୟ ପଛୁଆ ରାଜ୍ୟ ଭାବରେ ପରିଗଣିତ। ଆମ ସମାଜରେ ପଛରେ ପଡ଼ିଥିବା ପଛୁଆ ବର୍ଗ ଏବଂ ପଛୁଆ ରାଜ୍ୟକୁ ଆଗକୁ ନ ଆଣିଲେ ଦେଶର ସନ୍ତୁଳିତ ବିକାଶ ଅସମ୍ଭବ।

ଭାରତର ସର୍ବାଙ୍ଗୀନ ବିକାଶ ପଛରେ ଥିବା ଏହି ସହଜ ସତ୍ୟକୁ ଅନେକ ଶାସକ ବୁଝି ମଧ୍ୟ ବୁଝିପାରନ୍ତି ନାହିଁ। ସେମାନେ ସାମାଜିକ ନ୍ୟାୟ ବିଷୟରେ ଦୀର୍ଘ ସମୟ ଭାଷଣ ଦିଅନ୍ତି, କିନ୍ତୁ କାର୍ଯ୍ୟରେ କରି ଦେଖାନ୍ତି ନାହିଁ। ଆଦିବାସୀମାନଙ୍କ ପାରମ୍ପରିକ ନୃତ୍ୟରେ ଭାଗ ନିଅନ୍ତି, କିନ୍ତୁ ସେମାନଙ୍କ ବିକାଶକୁ ତ୍ୱରାନ୍ୱିତ କରନ୍ତି ନାହିଁ। କିନ୍ତୁ ଗତ ୮ ବର୍ଷ ହେବ, ଏପରି ଦୃଷ୍ଟିଭଙ୍ଗୀରେ ବ୍ୟାପକ ପରିବର୍ତ୍ତନ ଆସିଛି। ଭାରତର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମାଜିକ ନ୍ୟାୟ ଓ ସନ୍ତୁଳିତ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱାରୋପ କରୁଛନ୍ତି। ଭୌଗୋଳିକ ଦୃଷ୍ଟିରୁ ଭାରତର ପୂର୍ବ ଭାଗ ବିକାଶ କ୍ଷେତ୍ରରେ ପଛରେ ପଡ଼ିଛି। ବିହାର, ଓଡ଼ିଶା ଓ ଝାଡ଼ଖଣ୍ଡ ଆଦି ରାଜ୍ୟ ଅନ୍ୟ ରାଜ୍ୟ ତୁଳନାରେ ଅନଗ୍ରସର। ମାନ୍ୟବର ମୋଦିଜୀ ଭାରତର ସନ୍ତୁଳିତ ବିକାଶକୁ ଆଖି ଆଗରେ ରଖି ପୂର୍ବ ଭାରତର ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ପୁଣି ପୂର୍ବ ଭାରତରେ ଓଡ଼ିଶା ତାଙ୍କର ଏକ ପ୍ରିୟ ରାଜ୍ୟ। କାରୁକାର୍ଯ୍ୟପୂର୍ଣ୍ଣ କୀର୍ତ୍ତିରାଜି, ପ୍ରାକୃତିକ ଓ ଖଣିଜ ସମ୍ପଦ ପାଇଁ ଯେ ଓଡ଼ିଶା ତାଙ୍କ ଦୃଷ୍ଟି ଆକର୍ଷଣ କରିଛି ତା' ନୁହେଁ, ବରଂ ଓଡ଼ିଶାର ବିକାଶ ପ୍ରତି ସେ ସର୍ବଦା ସମ୍ବେଦନଶୀଳ। ପ୍ରାଚୁର୍ଯ୍ୟ ଓ ସମ୍ଭାବନାରେ ପରିପୂର୍ଣ୍ଣ ଓଡ଼ିଶାର ବିକାଶ କରିବା ପାଇଁ ମୋଦିଜୀଙ୍କ ପ୍ରତିବଦ୍ଧତାର ତୁଳନା ନାହିଁ। ଓଡ଼ିଶାର ପ୍ରତିଭାମାନଙ୍କୁ ସ୍ୱୀକୃତି ଦେବାରେ ତାଙ୍କର କାର୍ପଣ୍ୟ ନାହିଁ। ଓଡ଼ିଶାବାସୀଙ୍କ ଆଶା-ଆକାଂକ୍ଷା ପୂରଣ କରିବାରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ତତ୍ପରତାର ପଟାନ୍ତର ନାହିଁ।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜଣେ ପରମ ଭକ୍ତ। ୨୦୧୩ ମସିହାରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ସମୟରେ ସେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପାଇଁ ପୁରୀ ଆସିଥିଲେ। ପ୍ରଧାନମନ୍ତ୍ରୀ ଭାବରେ ୨୦୧୬ ମସିହା ଫେବୃୟାରୀ ମାସରେ ପୁରୀ ଆସି ଦିଅଁ ଦର୍ଶନ କରିଥିଲେ। ତାଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ପ୍ରଥମ ଥର ପାଇଁ ନବକଳେବର ନିମନ୍ତେ କେନ୍ଦ୍ର ସରକାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ମହୋଦୟ ନବକଳେବର ସ୍ମାରକୀ ମୁଦ୍ରାକୁ ଅନୁମୋଦନ ମଧ୍ୟ କରାଇଥିଲେ। ଓଡ଼ିଶାର ପର୍ବପର୍ବାଣି ପ୍ରତି ତାଙ୍କର ଅପ୍ରମିତ ଶ୍ରଦ୍ଧା ରହିଛି। ମହାବିଷୁବ ସଂକ୍ରାନ୍ତି, ରଜ ସଂକ୍ରାନ୍ତି, ରଥଯାତ୍ରା ଓ ନୂଆଁଖାଇ ଆଦି ଅବସରରେ ପ୍ରଧାନମନ୍ତ୍ରୀ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇ ତାଙ୍କ ଓଡ଼ିଶା ପ୍ରୀତିର ପରିଚୟ ଦେଇଆସୁଛନ୍ତି। ଓଡ଼ିଶା ଯେ କଳା ଓ ସଂସ୍କୃତିର ଉତ୍କର୍ଷ ଭୂମି, ଏହା ତାଙ୍କୁ ଭଲ ଭାବରେ ଜଣା। ମାଣବସା ଗୁରୁବାର, ଛଉ ନୃତ୍ୟ ଓ ରାବଣ ଛାୟାକୁ ସୂକ୍ଷ୍ମ ଐତିହ୍ୟ (ଇନ୍‌ଟେଞ୍ଜିବୁଲ ହେରିଟେଜ୍)ର ମାନ୍ୟତା ତାଙ୍କର ଅବଦାନ। ୨୦୧୮ ମସିହାରେ ଇଣ୍ଡୋନେସିଆ ରାଷ୍ଟ୍ରପତିଙ୍କ ସହିତ 'ବାଲିଯାତ୍ରା' ବିଷୟରେ ଆଲୋଚନା କରି ସେ ଓଡ଼ିଶାର ଏହି ଐତିହାସିକ ପର୍ବ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରିଛନ୍ତି।

ଦିଲ୍ଲୀରେ ଓଡ଼ିଆମାନଙ୍କୁ ସ୍ୱୀକୃତି ଦେବାରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କର ଅବଦାନ ଯେ ସବା ଉପରେ, ଏହା ଅବିସମ୍ବାଦିତ। ପୂର୍ବରୁ ଓଡ଼ିଶାରୁ ଜଣେ ଦୁଇ ଜଣ କେନ୍ଦ୍ରମନ୍ତ୍ରୀ ପଦ ପ୍ରାପ୍ତ ହୋଇଥିଲେ। ତାହା ପୁଣି ରାଷ୍ଟ୍ରମନ୍ତ୍ରୀ ପାହ୍ୟାରେ। ୨୦୧୪ ପୂର୍ବରୁ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀଙ୍କ ସଂଖ୍ୟାରେ ଓଡ଼ିଶାର ସ୍ଥାନ ଥିଲା ନଗଣ୍ୟ। କିନ୍ତୁ ମୋଦିଜୀଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ଜୁଏଲ ଓରାମଙ୍କଠାରୁ ଅଶ୍ୱିନୀ ବୈଷ୍ଣବଙ୍କ ପର୍ଯ୍ୟନ୍ତ ଓଡ଼ିଶାର ଅନେକ ନେତା କ୍ୟାବିନେଟ୍ ମନ୍ତ୍ରୀ ହୋଇଛନ୍ତି। ଆଦିବାସୀ ନେତା ବିଶେଶ୍ୱର ଟୁଡୁ କେନ୍ଦ୍ରରେ ରାଷ୍ଟ୍ରମନ୍ତ୍ରୀ ପଦ ମଣ୍ଡନ କରିଛନ୍ତି। ତା' ପୂର୍ବରୁ ପ୍ରତାପ ଷଡ଼ଙ୍ଗୀ ରାଷ୍ଟ୍ରପାହ୍ୟା ମନ୍ତ୍ରୀ ପଦରେ ଅବସ୍ଥାପିତ ହୋଇଥିଲେ। ମୋଦିଜୀ ଦ୍ରୌପଦୀ ମୁର୍ମୁ, ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ରାଜ୍ୟପାଳ ପଦବୀରେ ଅଧିଷ୍ଠିତ କରାଇଛନ୍ତି।

ପୂର୍ବରୁ ପଦ୍ମ ପୁରସ୍କାର ତାଲିକାରେ ଓଡ଼ିଆ ଲୋକଙ୍କର ନାଁ ଖୋଜି ନିରାଶ ହେବାକୁ ପଡୁଥିଲା। କେବେ କେମିତି ଗୋଟେ ନାଁ ଆଖିରେ ପଡୁଥିଲା। କିନ୍ତୁ ୨୦୧୫ ମସିହା ପରଠାରୁ ଲଗାତର ଓଡ଼ିଶାର ପ୍ରତିଭାମାନେ ପଦ୍ମସମ୍ମାନ ପାଇ ଆସୁଛନ୍ତି। ମନୋଜ ଦାସ, ପ୍ରତିଭା ରାୟଙ୍କ ପରି ସାହିତ୍ୟିକମାନେ ପଦ୍ମଭୂଷଣ ସମ୍ମାନ ପାଇଥିବା ବେଳେ ପ୍ରସ୍ତର ଶିଳ୍ପୀ ସୁଦର୍ଶନ ସାହୁ ପଦ୍ମ ବିଭୂଷଣ ସମ୍ମାନ ପାଇଛନ୍ତି। ପଦ୍ମ ସମ୍ମାନ ପାଇଥିବା ଅନେକ ଖ୍ୟାତନାମା କବି, ଲେଖକ, ନୃତ୍ୟାଙ୍ଗନା, କଣ୍ଠଶିଳ୍ପୀ, ସ୍ଥପତିଙ୍କର ଏକ ଲମ୍ବା ତାଲିକା ଏଠାରେ ପ୍ରଦାନ କରିବା ଅନାବଶ୍ୟକ। କିନ୍ତୁ ସମାଜ ପାଇଁ, ଜନସେବା ପାଇଁ ତଥା କିଛି ନୂଆ କାମ କରିବା ପାଇଁ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଥିବା ଅଥଚ ଦୃଷ୍ଟି ଆଢୁଆଳରେ ରହିଯାଇଥିବା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିଛନ୍ତି କେନ୍ଦ୍ରର ମୋଦି ସରକାର। ହଳଧର ନାଗ, ମିତ୍ରଭାନୁ ଗୌନ୍ତିଆଙ୍କଠାରୁ ଆରମ୍ଭ କରି ଦୈତାରୀ ନାୟକ ଓ ପୂର୍ଣ୍ଣମାସୀ ଜାନିଙ୍କ ପର୍ଯ୍ୟନ୍ତ ଅନେକ ଏକନିଷ୍ଠ ନୀରବ ସାଧକମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ କରିଛନ୍ତି ଏବେର କେନ୍ଦ୍ର ସରକାର। ଗୁଣ ଚିହ୍ନିବାରେ ମୋଦି ସରକାର ସଦା ଅଗ୍ରଣୀ।

ଓଡ଼ିଶା କେବଳ କଳା କାରିଗରିର ଖଣ୍ଡ ନୁହେଁ, ପ୍ରାକୃତିକ ବିପର୍ଯ୍ୟୟ ଯଥା: ବଢ଼ି, ଝଡ଼ି ଓ ମରୁଡ଼ିର ଚରାଭୂଇଁ ମଧ୍ୟ। ସମ୍ରାଟ୍ ଖାରବେଳଙ୍କ ରାଜତ୍ୱର ପ୍ରଥମ ବର୍ଷ ଓଡ଼ିଶାରେ ଭୟଙ୍କର ମହାବାତ୍ୟା ସଂଘଟିତ ହୋଇଥିଲା ବୋଲି ଗବେଷକମାନେ ମତ ଦିଅନ୍ତି। ସମ୍ବେଦନଶୀଳ ମୋଦିଜୀ ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସଦା ସହାନୁଭୂତିଶୀଳ। ଓଡ଼ିଶାର ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ସେ କେବଳ ଆଗୁଆ ସମୀକ୍ଷା କରନ୍ତି ନାହିଁ, ଆବଶ୍ୟକ ଅର୍ଥର ବନ୍ଦୋବସ୍ତ ମଧ୍ୟ କରନ୍ତି। ୨୦୧୯ ମସିହାରେ ଫନୀ ବାତ୍ୟା ସମୟରେ ସେ ୧ ହଜାର କୋଟି ଟଙ୍କାର ମଧ୍ୟବର୍ତ୍ତିକାଳୀନ ସହାୟତା ଘୋଷଣା କରିଥିଲେ ଏବଂ ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ଅଗ୍ରିମ ୩୪୧ କୋଟି ଟଙ୍କା ସହାୟତା ମଞ୍ଜୁର କରାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ଅତିରିକ୍ତ ୩,୩୩୮ କୋଟି ଅର୍ଥାତ୍ ମୋଟ ୪,୬୭୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୋଦି ସରକାର ପ୍ରଦାନ କରିଥିଲେ। ପୁନଶ୍ଚ ୨୦୨୧ ୟସ୍ ବାତ୍ୟା ବେଳେ ମୋଦିଜୀ ଭୁବନେଶ୍ୱର ଆସି ଓଡ଼ିଶାରେ ବାତ୍ୟାଜନିତ କ୍ଷୟକ୍ଷତିର ସମୀକ୍ଷା କରିବା ସହିତ ଆକାଶ ମାର୍ଗରୁ କ୍ଷୟକ୍ଷତିର ସର୍ବେକ୍ଷଣ କରିଥିଲେ। ସରକାର ଦାବି କରିବା ପୂର୍ବରୁ ସେ ୫ଶହ କୋଟି ଟଙ୍କାର ସହାୟତା ରାଶି ମଧ୍ୟ ଘୋଷଣା କରିଥିଲେ। ବିଶ୍ୱ ମହାମାରୀ କୋଭିଡ୍-୧୯ ସମୟରେ ପ୍ରଧାନମନ୍ତ୍ରୀ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନ, ସମାଜସେବୀ ନନ୍ଦକିଶୋର ସାହୁ, ବୃନ୍ଦାବନ କଳସ ଏବଂ କିଷାନ ସାହୁଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

ଊନବିଂଶ ଶତାବ୍ଦୀରେ ବ୍ରିଟିଶ୍ ବିରୋଧୀ ଆନ୍ଦୋଳନ ମଧ୍ୟରେ ପାଇକ ବିଦ୍ରୋହ ଏକ ଗୁରୁତ୍ୱପୂର୍ଣ୍ଣ ମୁକ୍ତି ସଂଗ୍ରାମ। ଏହି ଅଦ୍ୱିତୀୟ ସଂଗ୍ରାମକୁ ଦେଶବ୍ୟାପୀ ପାଳନ କରିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ୨୦୦ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା। ୨୦୧୮ ମସିହା ସେପ୍ଟେମ୍ବର ମାସରେ ରାଉରକେଲାଠାରେ ପ୍ରଧାନମନ୍ତ୍ରୀ ପାଇକ ଇତିହାସର ସ୍ମାରକୀ ମୁଦ୍ରା ଓ ଡାକ ଟିକଟ ଲୋକାର୍ପଣ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରେ ଗବେଷଣା ଚେୟାର ସ୍ଥାପନ କରିବା ପାଇଁ ମଧ୍ୟ ଘୋଷଣା କରାଯାଇଛି। ୨୦୧୯ ମସିହା ଡିସେମ୍ବର ମାସରେ ଭାରତର ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇଠାରେ ପାଇକ ବିଦ୍ରୋହ ସ୍ମାରକୀ ପ୍ରତିଷ୍ଠା ନିମନ୍ତେ ଶିଳାନ୍ୟାସ କରିଥିଲେ। ଓଡ଼ିଆ ଜାତିର ବୀରତ୍ୱର ଗାଥାକୁ ସର୍ବଭାରତୀୟ ସ୍ତରରେ ସ୍ୱୀକୃତି ଦେବା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ପ୍ରଶଂସନୀୟ ଭୂମିକା ରହିଆସିଛି।

କଳା, ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ରାଜ୍ୟ ସଭାକୁ ମନୋନୀତ କରିବା ଏକ ସାମ୍ବିଧାନିକ ବ୍ୟବସ୍ଥା। ପ୍ରଥମ ଥର ପାଇଁ ବର୍ତ୍ତମାନର କେନ୍ଦ୍ର ସରକାର ବିଶିଷ୍ଟ ସ୍ଥପତି ସ୍ୱର୍ଗତ ରଘୁନାଥ ମହାପାତ୍ର ଏବଂ ଖ୍ୟାତନାମା ଓଡ଼ିଶୀ ନୃତ୍ୟାଙ୍ଗନା ସୋନାଲ ମାନ ସିଂଙ୍କୁ ରାଜ୍ୟ ସଭାକୁ ମନୋନୀତ କରିଥିଲେ। ଓଡ଼ିଶା ପ୍ରତି ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସକାରାତ୍ମକ ମାନସିକତାର ଏହା ଉଜ୍ଜ୍ୱଳ ଦୃଷ୍ଟାନ୍ତ।

'ମନ୍ କୀ ବାତ୍' ଆମ ଲୋକପ୍ରିୟ ପ୍ରଧାନମନ୍ତ୍ରୀଙ୍କର ଏକ ଜନାଦୃତ କାର୍ଯ୍ୟକ୍ରମ। ସେହି କ୍ରମରେ ସେ ଓଡ଼ିଶାର ଅନେକ ନିଷ୍ଠାପର ତଥା ସର୍ଜନଶୀଳ ପ୍ରତିଭାଙ୍କ ସହିତ ବାର୍ତ୍ତାଳାପ କରିଛନ୍ତି। ନୀଳଗିରିର ଆଶାକର୍ମୀ ଯମୁନାମଣି ସିଂ, ଗରିବ ପିଲାମାନଙ୍କୁ ପାଠ ପଢ଼ାଉଥିବା କଟକର ଚା' ଦୋକାନୀ ସ୍ୱର୍ଗତ ଡି. ପ୍ରକାଶ ରାଓ, ନର୍ଦ୍ଦମା ନିଷ୍କାସନ ସମ୍ପର୍କରେ ମୌଳିକ ପରାମର୍ଶ ଦେଇଥିବା ଭୁବନେଶ୍ୱରର ସିତାଂଶୁ ମୋହନ ପରିଡ଼ା, ଚିତ୍ରଶିଳ୍ପୀ ବିଜୟ ବିଶ୍ୱାଳ, ଟିଙ୍ଗାରି ଆପ୍‌ର ସହ ପ୍ରତିଷ୍ଠାତା ବିଶ୍ୱାତ୍ମା ନାୟକ, ସାମରିକ ଓ ଅର୍ଦ୍ଧସାମରିକ ତାଲିମଦାତା ସିଲୁ ନାୟକ, କୋଭିଡ୍ ଟିକାକରଣ ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିବା ପୁଷ୍ପା ଶୁକ୍ଳା, କ୍ଷୁଦ୍ର ଜଙ୍ଗଲ ସୃଷ୍ଟି କରିଥିବା ଅମରେଶ ସାମନ୍ତ, ହେନ୍ତାଳ ବନ ସୃଷ୍ଟି କରିଥିବା ବିଜୟ କୁମାର କବି, ୟୁଟ୍ୟୁବ୍‌ର ଚର୍ଚ୍ଚିତ ଚେହେରା ଇସାକ ମୁଣ୍ଡା ଏବଂ ପୁରୀକୁ ପ୍ଲାଷ୍ଟିକମୁକ୍ତ କରୁଥିବା ରାହୁଲ ମହାରଣାଙ୍କ ସମ୍ପର୍କରେ ମୋଦିଜୀ ନିଜ 'ମନ୍ କୀ ବାତ୍'ରେ ଉଲ୍ଲେଖ କରିଥିଲେ। ଓଡ଼ିଶାର ଏତେ ସଂଖ୍ୟକ ଲୋକଙ୍କ ସହିତ ଭାବ ବିନିମୟ କରିବା ତାଙ୍କ ଓଡ଼ିଶା ପ୍ରୀତିର ପରିଚାୟକ।

ଉଚ୍ଚ ଶିକ୍ଷା କ୍ଷେତ୍ରରେ କେନ୍ଦ୍ର ସରକାର ଓଡ଼ିଶାକୁ ମଧ୍ୟ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ୨୦୧୫ ମସିହାରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦେଶରେ ଛଅ ଗୋଟି ନୂଆ ଆଇଆଇଏମ୍ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଓଡ଼ିଶା ଭାଗରେ ପଡ଼ିଥିଲା ଗୋଟିଏ, ସମ୍ବଲପୁର ଆଇଆଇଏମ୍। କେବଳ ଆଇଆଇଏମ୍ ନୁହେଁ, ବ୍ରହ୍ମପୁରରେ ଆଇଜର (ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ସଂସ୍ଥା) ଖୋଲିବା ପାଇଁ ନିଷ୍ପତ୍ତି ନେଇଥିଲେ ମୋଦି ସରକାର।

ଏବଂ ସର୍ବୋପରି ଦେଶରେ ଓଡ଼ିଆ ଅସ୍ମିତା ପ୍ରତିଷ୍ଠିତ ହୋଇଛି ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ମାଧ୍ୟମରେ। ଆଜି ଦେଶର ରାଷ୍ଟ୍ରପତି ଜଣେ ଓଡ଼ିଆ ଝିଅ, ଆଦିବାସୀ ମହିଳା। ଏହା ଭାରତବର୍ଷର ନେତୃତ୍ୱର ଅଭୂତପୂର୍ବ ପରାକାଷ୍ଠା ନୁହେଁ କି?

- ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର

# କେନ୍ଦ୍ରୀୟ ନୋଡାଲ ଅଧିକାରୀଙ୍କ ତଦାରଖ

**ଜିଲା ଜଳଶକ୍ତି ଅଭିଯାନ**

- ସହରରେ ବର୍ଷାଜଳ ଅମଳ ପ୍ରକଳ୍ପ ପରିଦର୍ଶନ
- ଅଲାଣ୍ଡୋ ଓ ଏରସମା ଅମୃତ ସରୋବର ଦେଖିଲେ
- ପୋଷକ ଖାତ, ବିଦ୍ୟାଳୟ ରୂପାନ୍ତରଣ ଉପରେ ଅନୁଧ୍ୟାନ



ବୈଠକରେ ଜଳଶକ୍ତି ଅଭିଯାନର ସଦସ୍ୟ ଓ ପ୍ରଶାସନିକ ଅଧିକାରୀମାନେ।

ଜଗତ୍‌ସିଂହପୁର ଅଫିସ, ୪।୮

ଜଗତ୍‌ସିଂହପୁର ଜିଲାରେ ଜଳଶକ୍ତି ଅଭିଯାନ କ୍ୟାଚ୍ ଦ ରେନ କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ସେଣ୍ଟ୍ରାଲ ନୋଡାଲ ଅଫିସର (ସିଏନ୍‌ଓ) ଡ. ରାଉତ ପାଣ୍ଡୁରଙ୍ଗା କେ. ଓ ଜଳଶକ୍ତି ଅଭିଯାନ ବରିଷ୍ଠ ବୈଜ୍ଞାନିକ ରବୀନ୍ଦ୍ର ଆର୍. ଭାଟେ ୩ ଦିନିଆ ଜିଲା ଗସ୍ତରେ ଆସିଛନ୍ତି। ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଆୟୋଜିତ ବୈଠକରେ ଯୋଗଦେଇ ଜିଲାର ଜଳଶକ୍ତି ଅଭିଯାନ ସହ ଜଡିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବିଶେଷକରି ବର୍ଷା ଜଳ ସଂରକ୍ଷଣ ପାଇଁ ଥିବା ଯୋଜନାଗୁଡିକ ଉପରେ ତର୍ଜମା କରିଥିଲେ। ଏହି ସମୟରେ ଜିଲା ନୋଡାଲ ଅଫିସର ଭାବେ ଡ୍ରେନେଜ୍ ସୁପରିଣ୍ଟେଣ୍ଡେଟ ଇଞ୍ଜିନିୟରଙ୍କ ସମେତ ଜଳଶକ୍ତି ଅଭିଯାନ ସହ ଜଡିତ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। ତା'ପରେ ପୌର ପରିଷଦ ଅଧୀନରେ ଥିବା ଏଫଏସ୍‌ଟିପି ପ୍ଲାଣ୍ଟକୁ ପରିଦର୍ଶନରେ ଯାଇଥିଲେ। ସେଠାରେ ସ୍ଥିତି ସମୀକ୍ଷା କରିବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସହ ଆଲୋଚନା କରିଥିଲେ। ସହରରେ ନିର୍ମାଣ କରାଯାଇଥିବା ବର୍ଷା ଜଳ ଅମଳ ପ୍ରକଳ୍ପଗୁଡିକୁ ବୁଲି ଦେଖିଥିଲେ। ସେହିପରି ବିରିଡ଼ି ବ୍ଲକ ଅନ୍ତର୍ଗତ ଅଲାଣ୍ଡୋ ପଞ୍ଚାୟତର ଅମୃତ ସରୋବରକୁ ବୁଲି ଦେଖିଥିଲେ। ଏହି ଅବସରରେ ବ୍ଲକର ଯନ୍ତ୍ରୀ, ବୃକ୍ଷରୋପଣ ଓ ଶ୍ରମଦାନ କରୁଥିବା ହିତାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏରସମା ବ୍ଲକ ପଲ୍ଲୀକଣ୍ଠା ପଞ୍ଚାୟତରେ ଥିବା ନୂତନ ଅମୃତ ସରୋବର ଯୋଜନାକୁ ଦେଖିବା ସହ ବିଡିଓ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ସହ ପ୍ରକଳ୍ପର କାର୍ଯ୍ୟକାରିତା ବିଷୟରେ ଆଲୋଚନା କରିଥିଲେ। ଅରଣା ପଞ୍ଚାୟତରେ ହିତାଧିକାରୀମାନଙ୍କ ଦ୍ୱାରା ନିର୍ମିତ ପୋଷକ ଖାତ ଓ କମ୍ପୋଷ୍ଟ ପିଟ୍‌ଗୁଡିକ ବୁଲି ଦେଖିଥିଲେ। ରଘୁନାଥପୁର ବ୍ଲକର ତାରପୁର ପଞ୍ଚାୟତରେ ୫-ଟି ଅଧୀନ ବିଦ୍ୟାଳୟ ରୂପାନ୍ତରଣରେ ତାରପୁର ହାଇସ୍କୁଲ ସାମିଲ ହୋଇଛି । ଏହି ବିଦ୍ୟାଳୟରେ ନିର୍ମାଣ କରାଯାଇଥିବା ରୁଫ ଟପ୍ ରେନ୍ ୱାଟର ହାର୍ଭେଷ୍ଟିଂ ପ୍ରକଳ୍ପ ଦେଖିବା ସାଙ୍ଗକୁ ଛାତ୍ରୀଛାତ୍ରମାନଙ୍କ ସହ ପ୍ରକଳ୍ପର ଉପକାରିତା ବିଷୟରେ ଆଲୋଚନା କରିଥିଲେ। ସେହିପରି ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ବିଭାଗୀୟ ମୁଖ୍ୟ ସେବକମାନଙ୍କ ସହ ବୃକ୍ଷରୋପଣ ଓ ଉଦ୍ୟାନ କୃଷି ସମ୍ବଳିତ ଯୋଜନାଗୁଡିକ ବୁଲି ଦେଖିଥିଲେ। ଶେଷରେ କୃଷକମାନଙ୍କ ଅଧ୍ୟୟନ କାର୍ଯ୍ୟକ୍ରମରେ ଯୋଗ ଦେଇ ମୃତ୍ତିକା ସଂରକ୍ଷଣ, ବର୍ଷା ଜଳ ସଂରକ୍ଷଣ ଏବଂ କମ୍ ଜଳ ବ୍ୟବହାର ଉପରେ ନିଜର ବକ୍ତବ୍ୟ ରଖିଥିଲେ ।

## ପୃଥକ୍ ମାମଲା: ୩ କୋର୍ଟଚାଲାଣ

ବାଲିଆ,୪।୮(ସ୍ୱ.ପ୍ର.)

ବିରିଡି ଥାନା ପୋଲିସ ପୃଥକ୍ ମାମଲାରେ ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଦରଡାଗ୍ରାମର ସୁଦର୍ଶନ ରାଉଳଙ୍କ ଠାରୁ ସେହି ଗ୍ରାମର ପ୍ରଦୀପ ମାଝି କିଛି କାଠ ଓ ପଟା ନେଇଥିଲେ। ଏବାବଦରେ ପ୍ରଦୀପ ବର୍ଷେ ହେବ ଟଙ୍କା ନଦେଇ ଦିନ ଗଡ଼ାଇ ଚାଲିଥିଲେ। ସୁଦର୍ଶନ ଟଙ୍କା ମାଗିବାରୁ ପ୍ରଦୀପ ଓ ତାଙ୍କ ଭାଇ ଲକ୍ଷ୍ମୀଧର ଗାଳିଗୁଲଜ କରି ତାଙ୍କୁ ବିଦା କରିଦେଇଥିଲେ। ଏ ସମ୍ପର୍କରେ ସୁଦର୍ଶନ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ମାମଲା (ନଂ.୧୫୦/୨୨) ରୁଜୁ କରି ପ୍ରଦୀପଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଲକ୍ଷ୍ମୀଧର ଫେରାର ହୋଇଯାଇଛନ୍ତି। ସେହିପରି ଗୋପୀନାଥପୁର ଗ୍ରାମରେ ଦୁଇ ଭାଇ ସାଇରାମ ପ୍ରସାଦ ନାୟକ ଓ ରାମାନୁଜ ପ୍ରସାଦ ନାୟକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ରାମାନୁଜଙ୍କ ସ୍ତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ଜମିବାଡ଼ିକୁ କେନ୍ଦ୍ର କରି ସାଇରାମ ତାଙ୍କ ମା'ଙ୍କୁ କେତେଜଣ ସମ୍ପର୍କୀୟ ସହ ମିଶି ଗାଳିଗୁଲଜ କରିବା ସହ ଟଣାଓଟଣା କରିଥିଲେ। ସାନଭାଇ ରାମାନୁଜ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଅପରପକ୍ଷେ ସାଇରାମଙ୍କ ପକ୍ଷରୁ ମଧ୍ୟ ପାଲଟା ଅଭିଯୋଗ ହୋଇଛି। ପୋଲିସ ମାମଲା (ନଂ. ୧୬୬/୨୨ ଓ ୧୬୭/୨୨) ରୁଜୁ କରି ଉଭୟ ଭାଇଙ୍କୁ କୋର୍ଟ ଚାଲାଣ କରିଛି।

## ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ତାଲିମ ଶିବିର



ତାଲିମ ଶିବିରରେ ଯୋଗଦେଇଥିବା ପ୍ରାଇମେରି ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

ରଘୁନାଥପୁର,୪।୮(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରେଡୁଆ ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ୨ ଦିନିଆ ତାଲିମ ଶିବିର ଶେଷ ହୋଇଛି। ଏଥିରେ ରେଡୁଆ ଓ ଅଢେଇକୁଳ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନରେ ଥିବା ବିଭିନ୍ନ ପ୍ରାଇମେରି ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉପସ୍ଥିତ ରହି ତାଲିମ ନେଇଥିଲେ। ବୁଧବାର ୧୮ଜଣ ପ୍ରଧାନ ଶିକ୍ଷକ ତାଲିମ ନେଇଥିବାବେଳେ ଗୁରୁବାର ୨୨ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଶିବିରରେ ଯୋଗ ଦେଇଥିଲେ। ସିଆର୍‌ସିସି ତରୁଣ କୁମାର ଜେନା ଓ ପ୍ରଶାନ୍ତ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଡିଆରଜି(ଡିଷ୍ଟ୍ରିକ୍ଟ ରିସୋର୍ସ ଗ୍ରୁପ)ବାଉରିବନ୍ଧୁ ଓଝା ତାଲିମ ପ୍ରଦାନ କରିଥିଲେ। ସରକାରୀ ସ୍କୁଲରେ ପ୍ରଥମ ରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ କୋମଳମତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ବିକାଶ କରାଇବା ଏହାର ଉଦ୍ଦେଶ୍ୟ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ରିତା ରାଉତ ପ୍ରକାଶ କରିଥିଲେ। ଏହାଦ୍ୱରା ପିଲାମାନେ ଶବ୍ଦ ପଢ଼ିବା ଓ ଲେଖିବା, ସଂଖ୍ୟା ଗଣନ କରିବା ସହ ଚାରି ଗାଣିତିକ ପ୍ରକ୍ରିୟା ସମ୍ପର୍କରେ ଶିକ୍ଷାଲାଭ କରିପାରିବେ। ଏହାଛଡା ନୂତନଭାବେ ସ୍କୁଲ ପ୍ରବେଶ କରୁଥିବା ପିଲାଙ୍କୁ ଆଦର ସହକାରେ ଗ୍ରହଣ କଲେ ସେମାନଙ୍କ ଭୟ ଦୂରେଇଯିବା ସହ ଶିକ୍ଷା ପ୍ରତି ମନୋନିବେଶ କରିବେ ବୋଲି ସିଆର୍‌ସିସି ତରୁଣ ମତ ପ୍ରକାଶ କରିଥିଲେ। ଶେଷରେ ସିଆର୍‌ସିସି ରାଉତ ଧନ୍ୟବାଦ ଦେଇଥିଲେ।

# ପାରାଦୀପ ପୌର ପରିଷଦର ନାଗରିକ ପରାମର୍ଶ ଶିବିର

ପାରାଦୀପ,୪।୮(ସ୍ୱ.ପ୍ର.)

ପାରାଦୀପ ପୌର ପରିଷଦ ପକ୍ଷରୁ ଗୁରୁବାର ପୌର କଲ୍ୟାଣ ମଣ୍ଡପରେ ନାଗରିକ ପରାମର୍ଶ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ସମସ୍ତ କାଉନସିଲର ସମେତ ବିଭିନ୍ନ ସଙ୍ଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ସରକାରୀ ବିଭାଗର ଲୋକେ ଭାଗ ନେଇଥିଲେ। ଏହି ଅବସରରେ ପୌରାଞ୍ଚଳର ବହୁବିଧ ସମସ୍ୟା ସମାଧାନ ଓ ନୂଆ ପ୍ରକଳ୍ପ ସମ୍ପର୍କରେ ଭିନ୍ନ ଭିନ୍ନ ମତ ଆସିଥିଲା। ସେସବୁ ସମସ୍ୟାର ସମାଧାନ ନିମନ୍ତେ ଆଗାମୀ ଦିନରେ କାର୍ଯ୍ୟ କରାଯିବ ବୋଲି ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ କହିଥିଲେ। ଏହି ଶିବିରରେ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍କରଚନ୍ଦ୍ର ବେହେରା, ବନ୍ଦର ସମ୍ପଦ ଅଧିକାରୀ ବିଶ୍ୱଜିତ ମିଶ୍ର, ଉପାଧ୍ୟକ୍ଷା ଛବିଲତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।




ଶିବିରରେ ଯୋଗଦେଇଥିବା ଅତିଥିମାନେ।

# ବାସନ୍ଦରାରୁ ଉକୁନ୍ଦରା କେନାଲ ବନ୍ଧ ରାସ୍ତା ବିପର୍ଯ୍ୟସ୍ତ

**ଅର୍ଥ ମଞ୍ଜୁରୀ ପାଇଁ ବିଧାୟକଙ୍କୁ ଦାବିପତ୍ର**

ବାଲିଆ, ୪।୮(ସ୍ୱ.ପ୍ର.)

ବିରିଡି ବ୍ଲକ ୨୨ ମୌଜାର ବାସନ୍ଦରା ଆରଡି ରାସ୍ତାଠାରୁ ଉକୁନ୍ଦରା ପର୍ଯ୍ୟନ୍ତ ଯାଇଥିବା କେନାଲ ବନ୍ଧ ରାସ୍ତା ବିପର୍ଯ୍ୟସ୍ତ ହୋଇଯାଇଛି। ଏହାକୁ ମରାମତି କରିବା ପାଇଁ ଅର୍ଥ ମଞ୍ଜୁର କରିବାକୁ ଗ୍ରାମବାସୀ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ନିକଟରେ ଦାବି କରିଛନ୍ତି। ସେଥିରେ ଉଲ୍ଲେଖ କରାଯାଇଛି ଯେ, ରାସ୍ତାଟି ଉଭୟ ଉକୁନ୍ଦରା ଓ ବାସନ୍ଦରା ପଞ୍ଚାୟତବାସୀଙ୍କ ସବୁଦିନିଆ ରାସ୍ତା। ଏହି ବାଟ ଦେଇ ସାଧାରଣ ଜନତାଙ୍କ ସମେତ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରମାନେ ମଧ୍ୟ ଯାତାୟାତ କରିଥାନ୍ତି। ଏବେ ରାସ୍ତା ଉପରେ ବର୍ଷା ପାଣି ଜମି ବିଭିନ୍ନ ସ୍ଥାନ ଖାଲଖମାରେ ପୂରିଯାଇଛି। ତୁରନ୍ତ ଏହି ରାସ୍ତାକୁ ସୁଦୃଢ ଓ ଦୀର୍ଘସ୍ଥାୟୀ କରିବାକୁ ପଦକ୍ଷେପ ନେବା ପାଇଁ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ଉପାଧ୍ୟକ୍ଷ ଶିବପ୍ରସାଦ ଜେନା, ସମିତି ସଭ୍ୟ ସନ୍ତୋଷ ଜେନା, ମହେଶ୍ୱତା ଜେନା, ରଞ୍ଜିତ ବିଶ୍ୱାଳ, ତ୍ରିଲୋଚନ ବେହେରା, ପ୍ରହଲ୍ଲାଦ ଜେନା, ଜ୍ଞାନରଞ୍ଜନ ଜେନା, ଚିତ୍ତରଞ୍ଜନ ଜେନା, ଶରତ ଚନ୍ଦ୍ର ବିଶ୍ୱାଳ, ବିଭୁ ପ୍ରସାଦ ବେହେରା, ସନାତନ ଭୋଇ, ଶଙ୍କର ଚରଣ ବିଶ୍ୱାଳ, ବେଣୁଧର ଭୋଇ, ସରୋଜ ଜେନା ଓ ପ୍ରଶାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଯାତ୍ରା କଳାକାରଙ୍କ ଆତ୍ମହତ୍ୟା

ବାହାନଗା, ୪।୮(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣ୍ଡାଶୁଣି ପଞ୍ଚାୟତର ପଣ୍ଡାହରିପୁର ଗ୍ରାମର ଜଣେ ଯାତ୍ରା କଳାକାର ଜଗତସିଂହପୁରଠାରେ ଥିବା ଏକ ଯାତ୍ରା ପାର୍ଟିର ଆଖଡାଶାଳରେ ଥିବା ଘର ଭିତରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟା କାରଣ ଜଣାପଡିନାହିଁ। ପଣ୍ଡାହରିପୁର ଗ୍ରାମର ଅନନ୍ତ ମହାରଣାଙ୍କ ପୁଅ ଅଭୟ (୩୮) ଜଗତସିଂହପୁରଠାରେ ଥିବା ଏକ ଯାତ୍ରା ପାର୍ଟିରେ କଳାକାର ଭାବେ ଅଭିନୟ କରନ୍ତି। ଏବେ ଅଫ୍ ସିଜିନ ଥିବାରୁ ଆଖଡାଶାଳରେ ରହି ନାଟକ ଅଭ୍ୟାସ କରିଥାନ୍ତି। ବୁଧବାର ଆଖଡାଶାଳରେ ସେ ଅଭ୍ୟାସ ସାରି ଖାଇ ଘରକୁ ଫେରିବା ପରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଉକ୍ତ ସକାଳେ ତାଙ୍କର ଜଣେ ସାଙ୍ଗ ତାଙ୍କ ପାଖକୁ ୭ ହଜାର ଟଙ୍କା ପଠାଇଥିଲେ। ଖବରପାଇ ପରିବାର ଲୋକେ ଗୁରୁବାର ସେଠାରେ ପହଞ୍ଚିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଇଁ ଭାଜପାର ପ୍ରସ୍ତୁତି ବୈଠକ



ପଟ୍ଟାମୁଣ୍ଡାଇ, ୪।୮(ସ୍ୱ.ପ୍ର.): ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଇଁ ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହର ଘର ତ୍ରିରଙ୍ଗା ନାମରେ ଏକ ଅଭିଯାନ ଆରମ୍ଭ କରିଛନ୍ତି। ଅଗଷ୍ଟ ୨ ତାରିଖରୁ ସମସ୍ତ ଦେଶବାସୀ ନିଜର ସାମାଜିକ ଗଣମାଧ୍ୟମରେ ତ୍ରିରଙ୍ଗାକୁ ପ୍ରୋଫାଇଲ ଫଟୋ ରୂପେ ରଖିବା ଏବଂ ଅଗଷ୍ଟ ୧୩ରୁ ୧୫ ଯାଏ ସମସ୍ତ ଦେଶବାସୀ ନିଜ ଘରେ ଜାତୀୟ ପତାକା ଉଡାଇବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ଜଗତ ପ୍ରସାଦ ନଡ୍ଡାଙ୍କ ନିର୍ଦ୍ଦେଶାନୁଯାୟୀ, ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ହେବ। ଏହି ମର୍ମରେ ବୁଧବାର ପଟ୍ଟାମୁଣ୍ଡାଇ ନଗର ଭାଜପା ପକ୍ଷରୁ ମଙ୍ଗଳା ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ନଗର ଭାଜପା ଉପସଭାପତି ପୀତାମ୍ବର କରଙ୍କ ଅଧ୍ୟକ୍ଷତା ଓ ଆଇନଜୀବୀ ପ୍ରମୋଦ ସାହୁଙ୍କ ସଂଯୋଜନାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ରାଜନଗର ନିର୍ବାଚନ ମଣ୍ଡଳୀ ଭାଜପା ପ୍ରଭାରୀ ସୁନାକର ପ୍ରଧାନ ମୁଖ୍ୟଅତିଥି, ଭାଜପା ନେତା ଶଶିକାନ୍ତ ସ୍ୱାଇଁ, ରବୀନ୍ଦ୍ର ବିଶ୍ୱାଳ, ସମୀର ପାତ୍ର, ଅନ୍ତର୍ଯ୍ୟାମୀ ମଲିକ, ରାହାସ ବିହାରୀ ଦାଶ, ସଞ୍ଜୟ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ସାରା ଦେଶରେ ହର ଘର ତିରଙ୍ଗା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ଭାରତୀୟ ଦେଶମାତୃକାର ପ୍ରତୀକ ଜାତୀୟ ପତାକାକୁ ତ୍ରିରଙ୍ଗାକୁ ନିଜ ଘର ଉପରେ ଉଡାଇବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ କାଉନସିଲର ବିଦ୍ୟାଧର ସେଠୀ, ବନିତା ମଲିକ, ଶ୍ରୀମତି ମଲିକ, ଦୀପକ କୁମାର ମଲିକ, ସୁଶୀଲ କୁମାର ପରିଡା, ନୀଳକଣ୍ଠ ମିଶ୍ର, ସୁଧାଂଶୁ ଜେନା, ଗୁନା ସେଠୀ, ନାରିନେତ୍ରୀ ସୀମା ପଣ୍ଡା, ଲିଜାରାଣୀ ଦାସ ପ୍ରମୁଖ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ।

# ପଟ୍ଟାମୁଣ୍ଡାଇରେ ୧୬ ସମବାୟ ସମିତି ନେଉନି ସାର

ପଟ୍ଟାମୁଣ୍ଡାଇ,୪।୮(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଶ୍ରାବଣ ମାସରେ ଆଶାନୁରୂପ ବର୍ଷା ହେଲାନାହିଁ। ଖାଲୁଆ କିସମ ଜମିରେ ଯେଉଁଠି ବି ରୁଆ, ବେଉଷଣ କାମ ହେଉଛି ସେଠି ଜମିରେ ପକାଇବାକୁ ସାର ଚାଷୀ ପାଉନାହାନ୍ତି। ଫଳରେ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ। ବ୍ଲକ କୃଷି ବିଭାଗର ରିପୋର୍ଟ ଅନୁସାରେ, ଚଳିତ ଖରିଫ ଋତୁରେ ପଟ୍ଟାମୁଣ୍ଡାଇ ବ୍ଲକର ୩୧ ପଞ୍ଚାୟତରେ ୧୧,୭୦୦ ହେକ୍ଟର ଜମିରେ ଶାରଦ ଧାନ ଫସଲ ହେଉଛି। ସେଥିମଧ୍ୟରୁ ଏଯାବତ ଖାଲୁଆ କିସମ ୩ ହଜାର ହେକ୍ଟର ଜମିରେ ରୁଆପୋତା କାମ ସରିଛି। ଅବଶିଷ୍ଟ ଜମିରେ ରୁଆଧାନ ପାଇଁ ତଳି ପଡି ରହିଛି। ତଳିଧାନ, ବୁଣା ଜମିରେ ସାର ପକାଇବା ପାଇଁ ଚାଷୀ ସାର ପାଉ ନ ଥିବା ଅଭିଯୋଗ ହେଉଛି। ଚଳିତ ବର୍ଷ ମାର୍କଫେଡ ପକ୍ଷରୁ ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଚାଷୀଙ୍କୁ ସାର ଯୋଗାଣର ବ୍ୟବସ୍ଥା ହୋଇଛି ବୋଲି କୁହାଯାଉଛି। ତେବେ ବ୍ଲକର ୧୬ ଟି ସମବାୟ ସମିତିରେ ସାର ପହଞ୍ଚି ପାରି ନ ଥିବାରୁ ଚାଷୀ ସାର ପାଇପାରୁନାହାନ୍ତି। ମାର୍କଫେଡ ସାର ଆବଣ୍ଟନ କରୁ ନ ଥିବାରୁ ଚାଷୀମାନେ ବାଧ୍ୟ ହୋଇ ବଜାରରୁ ଚଢା ଦରରେ ସାର କିଣିବାକୁ ପଡୁଛି।

କୃଷକ ନେତା ବିଜୟ ଦାସ କହନ୍ତି, ସରକାର ଚାଷ ଓ ଚାଷୀଙ୍କର ଉନ୍ନତି ଆଣିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି। କେତେଜଣ ଅସାଧୁ ବ୍ୟକ୍ତିଙ୍କ ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ସାରର କୃତ୍ରିମ ଅଭାବ ଦେଖାଯାଇଛି। ବିଶେଷ କରି ବର୍ତ୍ତମାନ ଶାରଦ ଧାନ ରୁଆ ସମୟରେ ଚାଷୀମାନେ ଗ୍ରୋମର, ଡିଏପି, ୟୁରିଆ ଓ ପଟାସ ପ୍ରଭୃତି ସାରର ଆବଶ୍ୟକତା ରହିଛି। ଏହି ସାର ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ ଉଚ୍ଚା ଦରରେ ବଜାରରେ ବିକ୍ରି ହେଉଛି। ଡିଏପି ୧୩୦୦ ସ୍ଥାନରେ ୧୭୦୦, ୟୁରିଆ ୨୫୪ ସ୍ଥାନରେ ୪୫୦, ପଟାସ ୧୭୦୦ ସ୍ଥାନରେ ୨୦୦୦ଟଙ୍କାରେ ବିକ୍ରି ହେଉଛି। ତେବେ ଏହି ସବୁ ସାର ଗୁଡିକ ମାର୍କଫେଡ ଜରିଆରେ ସମବାୟ ସମିତି ଗୁଡିକୁ ଆସିଲା ପରେ ଚାଷୀମାନେ କିଣିଥାନ୍ତି। ମାର୍କଫେଡ ଗୋଦାମରୁ ପଟ୍ଟାମୁଣ୍ଡାଇରେ ଥିବା ୧୬ଟି ସମବାୟ ସମିତିରୁ କେହି ବି ସାର ଉଠାଇ ନ ଥିବା ଜଣାପଡିଛି। ଏହି ଗୋଦାମଟି ବହୁ ସମୟରେ ବନ୍ଦ ରହୁଥିବା ଏବଂ ବର୍ତ୍ତମାନ ଏହି ଗୋଦାମରେ ଅତ୍ୟାବଶ୍ୟକ ଗ୍ରୋମର ଓ ଡିଏପି ମହଜୁଦ ନ ଥିବା ସାରର ଚୋରା ଚାଲାଣ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହାର ସୁଯୋଗ ନେଇ ବ୍ୟବସାୟୀମାନେ ସାର କଳାବଜାରୀ କରି ଉଚ୍ଚା ଦରରେ ବିକ୍ରି କରୁଛନ୍ତି। ତେବେ ମାର୍କଫେଡ ସାର କେତେବେଳେ ଆସୁଛି ଏବଂ ବିକ୍ରି ହୋଇଯାଉଛି ତାହା ଜଣାପଡୁନାହିଁ ବୋଲି ସେ କହିଛନ୍ତି। ସାମାଜିକ କର୍ମୀ ପ୍ରଫୁଲ୍ଲ ଦାଶ କହିଛନ୍ତି, ଗୋଟିଏ ପଟରେ ତେଲ ଦର ବୃଦ୍ଧି କାରଣରୁ ଟ୍ରାକ୍ଟରରେ ହଳ ଖର୍ଚ୍ଚ ଦୁଇଗୁଣା ଦେଇ ଚାଷୀମାନେ ଜମି ହଳ, ବେଉଷଣ କରି ଧାନ ତଳି ରୁଆ ପାଇଁ ପ୍ରସ୍ତୁତ କରି ରଖିଛନ୍ତି। କେନାଲ ପାଣି ବିଲକୁ ନ ମାଡିବା ସାଙ୍ଗକୁ ବର୍ଷା ଅଭାବ ବାଧକ ସାଜିଛି। ସାରର ଅଭାବ ଚାଷୀମାନଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି। ବହୁ ଖର୍ଚ୍ଚାନ୍ତ ହୋଇ ଚାଷୀ ଚାଷ କରିଛନ୍ତି। ଏଭଳି ସମୟରେ କେନାଲକୁ ଉପଯୋଗ କରାଯାଇ ଜମିକୁ ଜଳ ଯୋଗାଣ କରାଯିବା ସହ ସାର, କୀଟନାଶକ ଯୋଗାଇ ଦିଆଗଲେ ଚାଷୀକୂଳ ଉପକୃତ ହୋଇ ପାରନ୍ତେ। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ମାର୍କଫେଡ ଗୋଦାମ ମନେଜର ପ୍ରଶାନ୍ତ କୁମାର ରାଉତଙ୍କୁ ପଚାରିବାରେ, ପଟ୍ଟାମୁଣ୍ଡାଇରେ ଥିବା ୧୬ ଟି ସମବାୟ ସମିତିରୁ କେହି ସାର ପାଇଁ ଯୋଗାଯୋଗ କରିନାହାନ୍ତି। କେନ୍ଦ୍ରାପଡ଼ା ଜିଲାର ୯ଟି କେନ୍ଦ୍ରରୁ ୫୯ଟି ସମବାୟ ସମିତିକୁ ସାର ଯୋଗାଇ ଦିଆଯାଇଛି। ମାତ୍ର ପଟ୍ଟାମୁଣ୍ଡାଇରୁ କୌଣସି ସମବାୟ ସମିତି ଯୋଗାଯୋଗ କରି ନ ଥିବା ଯୋଗୁ ସେମାନେ ସାର ପାଇ ପାରିନାହାନ୍ତି ବୋଲି ସେ କହିଛନ୍ତି।

**ସାର ପାଇଁ ଆଗେଇପାରୁନି ଚାଷକାମ**



ପଟ୍ଟାମୁଣ୍ଡାଇରେ ଥିବା ମାର୍କଫେଡର ସାର ଗୋଦାମ ଗୃହ।

# ଅସରାଏ ବର୍ଷାରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପାଣି

ନାଉଗାଁ,୪।୮(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୧୬ ପଞ୍ଚାୟତର ଏକ ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରିଥାନ୍ତି। କିନ୍ତୁ ଅସରାଏ ବର୍ଷା ହେଲେ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ବେହାଲ ହୋଇପଡ଼େ। ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଥିବା ବହିଃବିଭାଗ ଚତୁଃପାର୍ଶ୍ୱରେ ପାଣି ଜମିଯାଏ। ଅଧିକ ବର୍ଷା ହେଲେ ଏହି ବହିଃବିଭାଗ କୋଠରି ମଧ୍ୟରେ ବି ପାଣି ପଶିଯାଏ। ଫଳରେ ରୋଗୀ ହନ୍ତସନ୍ତ ହେଉଥିବା ବେଳେ ଡାକ୍ତରମାନେ ରୋଗୀ ଦେଖିବାରେ ଅନେକ ଅସୁବିଧା ହୁଏ। ପାଣି ଜମିଥିବାରୁ ଅନେକ ସମୟରେ ଡାକ୍ତରଙ୍କ ପାଖରେ ଚିକିତ୍ସା ପାଇଁ ରୋଗୀଙ୍କ ସମ୍ପର୍କୀୟମାନେ ଟେକିଟେକି ଆଣିବାକୁ ବାଧ୍ୟ ହୋଇଥାନ୍ତି। ସମ୍ମୁଖରେ ଯାଇଥିବା ପୂର୍ତ୍ତ ବିଭାଗର ରାସ୍ତା ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଉଚ୍ଚରେ ରହିଛି। ଫଳରେ ବର୍ଷା ହେଲେ ରାସ୍ତାର ପାଣି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜମା ହୋଇଯାଏ। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନୂତନ କୋଠା ନିର୍ମାଣ କରାଯାଉଥିବାବେଳେ ଏଠାରେ ଜଳ ନିଷ୍କାସନ ଅବା ଡ୍ରେନେଜ ବ୍ୟବସ୍ଥା ହୋଇନାହିଁ। ଫଳରେ ପାଗ ପରିବର୍ତ୍ତନ ହୋଇ ପାଣି ନ ଶୁଖିବା ପର୍ଯ୍ୟନ୍ତ ଲୋକେ ସମସ୍ୟାରେ ପଡ଼ିଥାନ୍ତି। ବର୍ଷା ପାଣି ଜମି ରହୁଥିବାରୁ ଡେଙ୍ଗୁ, ମ୍ୟାଲେରିଆ ଆଦି ଜ୍ୱର ବ୍ୟାପିବା ଆଶଙ୍କା ରହିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡେଙ୍ଗୁ ସଚେତନତା ସପ୍ତାହ ପାଳନ କରାଯାଉଥିବା ବେଳେ ଆଶା, ଅଙ୍ଗନୱାଡିକର୍ମୀଙ୍କ ମାଧ୍ୟମରେ କୌଣସି ସ୍ଥାନରେ ପାଣି ଅଧିକ ଜମି ରହିଲେ ମଶାବଂଶ ବିସ୍ତାର କରିବାର ସମ୍ଭାବନା ରହିଛି ବୋଲି ସଚେତନତା କରାଯାଉଛି। ମାତ୍ର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ପାଣି ଜମିବା ସମସ୍ୟା ଦୂର କରିବା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏସମ୍ପର୍କରେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ମାନସ କୁମାର ମହାପାତ୍ର କୁହନ୍ତି, ପାଣି ଜମୁଥିବା ସମ୍ପର୍କରେ ପ୍ରଶାସନକୁ ଅବଗତ କରାଯାଇଛି।


ବର୍ଷା ପରେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଣି ଜମି ରହିଛି ।

- ଡାକ୍ତର,ରୋଗୀ ହନ୍ତସନ୍ତ
- ୧୬ ପଞ୍ଚାୟତର ଲୋକ ନିର୍ଭରଶୀଳ
- ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚାଲିଛି ଡେଙ୍ଗୁ ସଚେତନତା

# ମେଧାବୀ ଛାତ୍ରୀଙ୍କୁ ସହାୟତା

ପଟ୍ଟାମୁଣ୍ଡାଇ, ୪।୮(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ବ୍ଲକ ଆୟବା ପଞ୍ଚାୟତ ଗଣ୍ଡାକିଆ ଗ୍ରାମର ସୁରେନ୍ଦ୍ର ଲେଙ୍କାଙ୍କ ଝିଅ ମୋନାଲିସା ଚଳିତ ମାଟ୍ରିକ ପରୀକ୍ଷାରେ ୮୩ ପ୍ରତିଶତ ନମ୍ବର ରଖି ପାସ କରିଛନ୍ତି। ଉଚ୍ଚଶିକ୍ଷା ପାଇଁ ଅର୍ଥ ନ ଥିବାରୁ ପ୍ରଶାସନ ପକ୍ଷରୁ ଏ ନେଇ ସହାୟତା ଯୋଗାଇ ଦେବାକୁ ନିବେଦନ କରିଥିଲେ। ତେବେ ପ୍ରଶାସନ ପକ୍ଷରୁ ଏ ନେଇ ସହଯୋଗ ନ ମିଳିବାରୁ କେନ୍ଦ୍ରାପଡ଼ା କେଡ୍ରିଟ କୋ ଅପରେଟିଭ ବ୍ୟାଙ୍କ ପକ୍ଷରୁ ଗୁରୁବାର ସହାୟତା ଯାଗାଇ ଦିଆଯାଇଛି। ଏ ସମ୍ପର୍କରେ ସହାୟତା ପ୍ରଦାନ କରିଥିବା ସୋସାଇଟି ସଭାପତି ପ୍ରମୋଦ ସାହୁ କହିଛନ୍ତି, ସୁରେନ୍ଦ୍ର ଏବେ ଗୁଜୁରାଟ ସୁରତରେ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ମାଆ ଘର କାର୍ଯ୍ୟ ସମ୍ଭାଳୁ ଥିବା ବେଳେ ମୋନାଲିସା ଓ ଅନ୍ୟ ୩ ଝିଅଙ୍କ ପାଠପଢ଼ା ଚାଲିଛି। ସୋସାଇଟି ସର୍ବଦା ଆର୍ଥିକ ଅନଗ୍ରସର ମେଧାବୀ ଶିକ୍ଷାର୍ଥୀଙ୍କ ସହାୟତା କରିଆସିଛି। ଏହିକ୍ରମରେ ପରିବାରକୁ ଆର୍ଥିକ ସହାୟତା, ସାଇକେଲ ପ୍ରଦାନ ସହ ଆଗାମୀଦିନରେ ପାଠପଢ଼ା ଖର୍ଚ୍ଚ ତୁଲାଇବ ବୋଲି ପ୍ରତିଶ୍ରୁତି ଦେଇଛି। ଏହି କାର୍ଯ୍ୟକମରେ ଏଜେଣ୍ଟ ଅରକ୍ଷିତ ଜେନା, ରଞ୍ଜନ ରଣା, ପ୍ରଦୀପ ବେହେରା, ବିଚିତ୍ରାନନ୍ଦ କର, ଦେବାଶିଷ ମିଶ୍ର, ଅବଦୁଲ ସୁତାର ପ୍ରମୁଖ ସାମିଲ ହୋଇଥିଲେ।


କେନ୍ଦ୍ରାପଡ଼ା କେଡ୍ରିଟ କୋ ଅପରେଟିଭ ବ୍ୟାଙ୍କ ପକ୍ଷରୁ ଛାତ୍ରୀଙ୍କୁ ସହାୟତା ଦିଆଯାଉଛି।

# ୫-ଟି ସ୍କୁଲରେ ପାଠପଢ଼ା ତଦାରଖ କଲେ ସରପଞ୍ଚ, ସମିତି ସଭ୍ୟ


ମହାବୀର ସରକାରୀ ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନରେ ଆସିଥିବା ସରପଞ୍ଚ ଓ ସମିତିସଭ୍ୟ ।

ବାଲିଆ,୪।୮(ସ୍ୱ.ପ୍ର.)

ବିରିଡି ବ୍ଲକ ଉତ୍ତରଶାସନ ପଞ୍ଚାୟତ ସରପଞ୍ଚ ସୁରେନ୍ଦ୍ର ଶତପଥୀ ଓ ସମିତି ସଭ୍ୟ ସବ୍ୟସାଚୀ ଶତପଥୀ ୫-ଟି ଯୋଜନାରେ ରୂପାନ୍ତରଣ ହୋଇଥିବା ମହାବୀର ସରକାରୀ ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନ କରିଥିଲେ। ସେମାନେ ବିଦ୍ୟାଳୟର ଶ୍ରେଣୀଗୃହ ବୁଲି ଦେଖିବା ସହ ସ୍ମାର୍ଟ କ୍ଲାସ୍‌ରୁମ୍ ଓ ଲାଇବ୍ରେରି ଆଦି ବୁଲି ଦେଖିଥିଲେ। ପିଲାମାନଙ୍କ ସହ ପାଠପଢା ଓ ପ୍ରଧାନ ଶିକ୍ଷକଙ୍କ ସହ ମଧ୍ୟାହ୍ନଭୋଜନ ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟ ପରିସରରେ ଥିବା ଏକ ଆଜବେଷ୍ଟ ଘରକୁ ଭାଙ୍ଗି କିପରି ଛାତଘର କରାଯିବ ସେସମ୍ପର୍କରେ ପଦକ୍ଷେପ ନେବାକୁ କହିଥିଲେ। ଏହି ଅବସରରେ ମୋ ସ୍କୁଲ ଅଭିଯାନ ସଭାପତି ବିଭୁପ୍ରସାଦ ଦାଶ ଉପସ୍ଥିତ ଥିଲେ।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

ବିରିଡି/ବାଲିଆ,୪।୮(ଡି.ଏନ.ଏ./ସ୍ୱ.ପ୍ର.)

କନ୍ଦରପୁର-ମାଛଗାଁ ରାସ୍ତାର ବିରିଡି ଛକ ନିକଟରେ ଗୁରୁବାର ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ କୂଳସାହି ଗାଁର ସୌମ୍ୟରଞ୍ଜନ ସ୍ୱାଇଁ (୨୧)। ସେ ଜଣେ ଫଟୋଗ୍ରାଫର ଭାବେ କାର୍ଯ୍ୟ କରନ୍ତି। ସ୍ୱାଇଁ ସକାଳେ ନିଜ କାମ ସାରି ବାଇକ୍‌ରେ କଟକରୁ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା କାର ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ। ସେଠାରେ ସ୍ୱାଇଁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

# ମିଶନ ୨୦୨୪ ପାଇଁ ରଣନୀତି ପ୍ରସ୍ତୁତ

**ଭାଜପା କାର୍ଯ୍ୟକାରିଣୀ ବୈଠକ**

କୁଜଙ୍ଗ, ୪।୮(ଡି.ଏନ୍.ଏ.)

କୁଜଙ୍ଗ ବ୍ଲକର ସୂଚନାକେନ୍ଦ୍ରଠାରେ ମଣ୍ଡଳ ଭାଜପାର ଚତୁର୍ଥ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଣ୍ଡଳ ସଭାପତି ଚୈତନ୍ୟ ଖଟୁଆ ଅଧ୍ୟକ୍ଷତା କରିଥିଲେ। ବୈଠକରେ ମିଶନ ୨୦୨୪ ପାଇଁ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦିଆଯାଇଥିଲା। କୁଜଙ୍ଗ ଡାକ୍ତରଖାନାରେ ଡାକ୍ତର ଅଭାବ ପୂରଣ କରିବା, ବଜାରରେ ଡ୍ରେନେଜ ବ୍ୟବସ୍ଥା କରିବା ଓ ବିଭିନ୍ନ ପଞ୍ଚାୟତରେ ଜଳଭଣ୍ଡାର ଖୋଲି ମଧୁର ଜଳ ଗଚ୍ଛିତ କରିବା ଉପରେ ଜୋର ଦିଆଯାଇଥିଲା। ନଚେତ୍ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ସ୍ଥିର ହୋଇଥିଲା। ବୈଠକରେ ଭାଜପା ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଡ. ବିଭୁପ୍ରସାଦ ତରାଇ, ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସମ୍ପଦ ସ୍ୱାଇଁ, ଜିଲା ସମ୍ପାଦକ ତପନ ତ୍ରିପାଠୀ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ମଣ୍ଡଳ ମହିଳା ସଭାନେତ୍ରୀ ମିଲି ପରିଡା, ଯୁବମୋର୍ଚ୍ଚା ସଂଯୋଜକ ଅକ୍ଷୟ ଦାସ, ମଣ୍ଡଳ ସାଧାରଣ ସମ୍ପାଦକ ତରଣୀ ରାଉତ, ରାଜେନ୍ଦ୍ର ନାରାୟଣ ଦାସ ଓ ଭରତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ଅସହାୟ ପରିବାରକୁ ପ୍ରଶାସନର ରାଶନ କାର୍ଡ ପ୍ରଦାନ

ମାର୍ଶାଘାଇ, ୪।୮(ଡି.ଏନ.ଏ.)

ନୁଆଁଣିଆ ଚାଳ ଘର। ଜମିବାଡ଼ି ବୋଲି କିଛି ନାହିଁ। ମଜୁରୀ ଲାଗିଲେ ଘର ଚଳେ। ସରକାରୀ ସହାୟତା ସାତ ସପନ। ଏମିତି ଜଣେ ଲୋକ ହେଲେ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଆଇତିପୁର ପଞ୍ଚାୟତର ଦିଆନପାଟଣା ଗାଁର ଭୀମସେନ ସାମଲ, ପତ୍ନୀ ମାଣିକ ଓ ଦୁଇ ଛୋଟ ଝିଅଙ୍କୁ ନେଇ ତାଙ୍କ ସଂସାର। ନା ଅଛି ରାଶନ କାର୍ଡ, କି ଅବା ପକ୍କାଘର। ତାଙ୍କର ଦୟନୀୟ ସ୍ଥିତି ବିଷୟରେ ଜାଣିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଗୁରୁବାର ପୂର୍ବାହ୍ନରେ ଭୀମସେନ ତାଙ୍କ ପତ୍ନୀ ଓ ଦୁଇ ଝିଅଙ୍କୁ ଧରି ବ୍ଲକକୁ ଆସିଥିଲେ। ବିଡିଓ ଉମାଶଙ୍କର ବେହେରା ତୁରନ୍ତ ତାଙ୍କୁ ରାଶନ କାର୍ଡ ପ୍ରଦାନ କରିଥିଲେ। ଅଗ୍ରାଧିକାର ଭିତ୍ତିରେ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯିବ ବୋଲି କହିଥିଲେ। ଏ ସମ୍ପର୍କରେ ଭୀମସେନ କୁହନ୍ତି, ଦୀର୍ଘବର୍ଷ ଧରି ସେ ନେତା ଓ ସରକାରୀ ବାବୁଙ୍କୁ ଗୁହାରୀ କରି ଥକି ଯାଇଥିଲେ। କେହି ତାଙ୍କ କଥା କର୍ଣ୍ଣପାତ କରି ନ ଥିଲେ। ସାହାଯ୍ୟ ପାଇ ସେ ବିଡିଓଙ୍କୁ ଧନ୍ୟବାଦ ଦେଇଥିଲେ।



ବିଡିଓ ଉମାଶଙ୍କର ବେହେରା ଭୀମସେନଙ୍କୁ ରାଶନ କାର୍ଡ ପ୍ରଦାନ କରୁଛନ୍ତି।

# ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆଢୁଆଳରେ ପଞ୍ଚୁପାଣ୍ଡବଙ୍କ ମନ୍ଦିର

ଡେରାବିଶ, ୪।୮(ସ୍ୱ.ପ୍ର.)

ପୌରାଣିକ ଓ ଐତିହାସିକ ତଥ୍ୟକୁ ଭିତ୍ତିକରି ବିଭିନ୍ନ ସ୍ଥାନରେ ଥିବା ଧର୍ମପୀଠଗୁଡ଼ିକ ପ୍ରାଚୀନ ସଂସ୍କୃତିକୁ ଉଜ୍ଜୀବିତ କରି ରଖିଛି। କେନ୍ଦ୍ରାପଡ଼ା ଜିଲାର ପ୍ରସିଦ୍ଧ ଧର୍ମପୀଠ ଡେରାବିଶ ବ୍ଲକ ଅନ୍ତର୍ଗତ ଏଣ୍ଡର ପଞ୍ଚାୟତ ଡେରାଡିହରେ ଥିବା ପାଣ୍ଡବ ପାଞ୍ଚ ଭାଇ ପଞ୍ଚୁପାଣ୍ଡବଙ୍କ ମନ୍ଦିର ପୌରାଣିକ କିମ୍ବଦନ୍ତୀ ରହିଛି। ଜିଲାରେ ଅନ୍ୟତମ ପ୍ରସିଦ୍ଧ ଧର୍ମପୀଠ ଭାବେ ପରିଚିତ ଏହି ପୀଠକୁ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆଢୁଆଳରେ ରହି ଯାଇଛି। କେନ୍ଦ୍ରାପଡ଼ା, କଟକ ଓ ଯାଜପୁର ଜିଲାର କେନ୍ଦ୍ରସ୍ଥଳୀରେ ଅବସ୍ଥିତ ଏହି ପୀଠର ମାହାତ୍ମ୍ୟ ସୁଦୂର ପ୍ରସାରୀ।

ଜନଶ୍ରୁତି ଅନୁଯାୟୀ, ମହାଭାରତର କୌରବ ରାଜବଂଶର ରାଜା ମାନୀ ଦୁର୍ଯ୍ୟୋଧନଙ୍କ ଭୟରେ ଅଜ୍ଞାତବାସରେ ଦିନ କାଟୁଥିବା ପାଣ୍ଡବ ପାଞ୍ଚ ଭାଇ ଘନ ଅରଣ୍ୟ ମଧ୍ୟରେ ଡେରାଡିହଠାରେ ରହିଥିଲେ। ସେମାନଙ୍କ ସହ ମାତା କୁନ୍ତୀ ଓ ସ୍ତ୍ରୀ ଦ୍ରୌପଦୀ ମଧ୍ୟ ଏହିଠାରେ ଅବସ୍ଥାନ କରୁଥିଲେ ବୋଲି ଡେରାଡିହ ଗ୍ରାମର ଭାଗ୍ୟଧର ପଣ୍ଡା କହିଛନ୍ତି। କେବଳ ସେତିକି ନୁହେଁ, ଡେରାଡିହର ଅନତି ଦୂରରେ ଅରାଖଣ୍ଡ ଗାଁରେ ଭକ୍ତ ବିଦୁର ଓ ଭକ୍ତ ଉଦ୍ଧବଙ୍କ ଆଶ୍ରମ ରହିଥିଲା, ଯାହାକି ବର୍ତ୍ତମାନ ଅଞ୍ଚଳବାସୀଙ୍କ ଭକ୍ତି ଓ ବିଶ୍ୱାସର ପୀଠ ଭାବେ ଏହି ମନ୍ଦିର ଦୁଇଟି ସେହିଠାରେ ରହି ଭକ୍ତି ନିଦର୍ଶନ ରୂପେ ପୂଜା ପାଇଆସୁଛନ୍ତି। ବୌଦ୍ଧ ଗବେଷକ ଐତିହାସିକ ପ୍ରାଧ୍ୟାପକ ଡ. ହରିଶ ଚନ୍ଦ୍ର ପ୍ରୁଷ୍ଟିଙ୍କ ସୂଚନା ଅନୁଯାୟୀ, ଖ୍ରୀଷ୍ଟପୂର୍ବ ଏକାଦଶ ଦ୍ୱାଦଶ ଶତାବ୍ଦୀରେ ସୋମ ରାଜବଂଶ ସମୟରେ ଏହି ପୀଠ ଆବିଷ୍କୃତ ହୋଇଥିଲା। ଏହାକୁ ପଞ୍ଚ ଆୟତନ ଭାବେ ପୂଜା କରାଯାଉଥିଲା। ଯାହାକି ପରବର୍ତ୍ତୀ ସମୟରେ ଖନନ ବେଳେ ବୌଦ୍ଧ ଯୁଗର ୧୮ ଇଞ୍ଚ ଓସାରର ଇଟା ଓ ଇଟାକାନ୍ଥ ଆବିଷ୍କୃତ ହୋଇଥିଲା। ମାତ୍ର କେହି ତାହାକୁ ମାଟିରେ ପୋତି ଦେଇଥିଲେ। ସେହିପରି ଭାଗ୍ୟଧରଙ୍କ ସୂଚନା ଅନୁଯାୟୀ, ପରବର୍ତ୍ତୀ ସମୟରେ ଆଳି ରାଜାଙ୍କ ଇଲାକାରେ ଏହି ପୀଠଟି ଯାଉଥିବାରୁ ସମ୍ଭବତଃ ଆଳି ରାଜା ହରିଶଙ୍କର ଦେବ ଯୁଧିଷ୍ଠିରଙ୍କ ମନ୍ଦିର ନିର୍ମାଣ କରିଥିଲେ। ଏଥିସହ ପଞ୍ଚୁପାଣ୍ଡବ, ମାତା କୁନ୍ତୀ ଓ ଦ୍ରୌପଦୀଙ୍କ ସହ ସେଠାରେ ଥିବା ମହାଦେବ ମନ୍ଦିରର ପୂଜାର୍ଚ୍ଚନା ପାଇଁ ଏକ ବ୍ରାହ୍ମଣ ଶାସନ ପ୍ରତିଷ୍ଠା କରାଇଥିଲେ। ୨୦୧୪ ମସିହାରେ ରାଜ୍ୟ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ସମସ୍ତ ମନ୍ଦିରର ଉନ୍ନତୀକରଣ କରିଥିବା ବେଳେ ରାଜ୍ୟ ପର୍ଯ୍ୟଟନ ବିଭାଗ ଏହି ପୀଠର ଉନ୍ନତି ପାଇଁ ସାମାନ୍ୟତମ ଉଦ୍ୟମ ନ କରିବା ଦୁର୍ଭାଗ୍ୟର ବିଷୟ ବୋଲି ଶିକ୍ଷାବିତ୍ ହରେକୃଷ୍ଣ ମହାନ୍ତି କହିଛନ୍ତି। ତେବେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ହେଉଥିବା ସୂଚନା ପୁସ୍ତିକାରେ ପ୍ରସିଦ୍ଧ ଧର୍ମପୀଠକୁ ସ୍ଥାନିତ କରିବାକୁ ସଞ୍ଜୟକେତନ ଜେନା ଜିଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି।


ଡେରାବିଶରେ ଥିବା ପଞ୍ଚୁପାଣ୍ଡବ ମନ୍ଦିର। ପୁରୁଣା ମୂର୍ତ୍ତିଗୁଡିକ ବାହାରେ ପଡି ରହିଛି।









ୱେଲ୍ସ ବିପକ୍ଷରେ ଗୋଲ୍ ସ୍କୋର ପରେ ଖୁସି ମୁହୂର୍ତ୍ତରେ ଭାରତୀୟ ହକି ଦଳ। ହାମର ଥ୍ରୋ ଇଭେଣ୍ଟରେ ଦକ୍ଷତା ପ୍ରଦର୍ଶନ କରୁଛନ୍ତି ମଞ୍ଜୁ ବାଲା।

# ହକିରେ ସେମି, ମଞ୍ଜୁ ଫାଇନାଲରେ

ବର୍ମିଂହାମ୍,୪।୮(ପି.ଟି)

ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୨ର ସେମି ଫାଇନାଲରେ ପ୍ରବେଶ କରିଛି ଭାରତୀୟ ପୁରୁଷ ହକି ଦଳ। ଗୋଟିଏ ଦିନ ପୂର୍ବରୁ ମହିଳା ହକି ଦଳ ମଧ୍ୟ ସେମିରେ ପ୍ରବେଶ କରିଥିଲା। ଉପ ଅଧିନାୟକ ହରମନପ୍ରୀତ୍ ସିଂ ହ୍ୟାଟ୍ରିକ୍ ସ୍କୋର କରିଥିବା ବେଳେ ଭାରତ ୪-୧ରେ ୱେଲ୍ସକୁ ପରାସ୍ତ କରିଛି। ହରମନ୍‌ପ୍ରୀତ ଦୁଇଟି ପେନାଲ୍ଟି କର୍ନର ଏବଂ ଗୋଟିଏ ଫିଲ୍ଡ ଗୋଲ୍ ଦେଇଥିଲେ। ଭାରତ ସୁବିଧାଜନକ ପରିସ୍ଥିତିରେ ରହିଥିବା ବେଳେ ପ୍ରଥମ କ୍ୱାର୍ଟରଟି ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟ କ୍ୱାର୍ଟରରେ ମାତ୍ର ୧ ମିନିଟ ବ୍ୟବଧାନରେ ଦୁଇଟି ଗୋଲ ସ୍କୋର କରିଥିଲେ ହରମନପୀତ୍। ଦ୍ୱିତୀୟ କ୍ୱାର୍ଟରର ୧୯ ଓ ୨୦ ତମ ମିନିଟରେ ହରମନପ୍ରୀତ ଗୋଲ ସ୍କୋର କରିଥିଲେ। ୪୦ ତମ ମିନିଟରେ ଏକ ଫିଲ୍ଡ ଗୋଲ ସହିତ ହରମନପ୍ରୀତ ନିଜର ହ୍ୟାଟ୍ରିକ୍ ପୂରଣ କରିଥିଲେ। ୪୯ ତମ ମିନିଟରେ ଗୁରୁଜନ୍ତଙ୍କ ଫିଲ୍ଡ ଗୋଲ ଭାରତର ଅଗ୍ରଣୀକୁ ୪-୦ରେ ପହଞ୍ଚାଇ ଥିଲା। ୫୫ତମ ମିନିଟରେ ଡ୍ରାଗ୍ ଫ୍ଲିକର ଗେରାଥ୍ ଫରଲଙ୍ଗ ୱେଲ୍ସ ପକ୍ଷରୁ ଏକମାତ୍ର ଗୋଲଟି ପରିଶୋଧ କରିଥିଲେ। ପ୍ରଥମ ମ୍ୟାଚରେ ଘାନାକୁ ୧୧-୦ରେ ପରାସ୍ତ କରିବା ପରେ ଦ୍ୱିତୀୟ ମ୍ୟାଚରେ ଇଂଲଣ୍ଡ ସହିତ ପଏଣ୍ଟ ବାଣ୍ଟିଥିଲା ଭାରତ।

**ମଞ୍ଜୁ ବାଲା ଫାଇନାଲରେ**

ଭାରତର ମଞ୍ଜୁ ବାଲା ମହିଳା ହାମର ଥ୍ରୋ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସରିତା ସିଂ ଆଗକୁ ଯିବାରେ ବିଫଳ ହୋଇଛନ୍ତି। ୩୩ ବର୍ଷୀୟା ବାଲା କ୍ୱାଲିଫିକେଶନ ରାଉଣ୍ଡରେ ତାଙ୍କର ଶ୍ରେଷ୍ଠ ଥ୍ରୋ ୫୯.୬୮ ମିଟର ସହ ୧୧ତମ ସ୍ଥାନରେ ରହିଥିଲେ। ସମାନ ଇଭେଣ୍ଟରେ ଅନ୍ୟ ଭାରତୀୟ ଆଥଲେଟ ସରିତା ୫୭.୪୮ ମିଟର ଟାଇମିଂ ସହ ୧୩ତମ ସ୍ଥାନ ଅଧିକାର କରିବାରୁ ଫାଇନାଲ ପ୍ରବେଶରେ ବିଫଳ ହୋଇଥିଲେ। ନିୟମାନୁସାରେ ଶ୍ରେଷ୍ଠ ୧୨ ପ୍ରଦର୍ଶନକାରୀ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଏହା ଶନିବାର ଅନୁଷ୍ଠିତ ହେବ। କ୍ୱାଲିଫିକେଶନ ରାଉଣ୍ଡରେ କାନାଡାର କାମରିନ୍ ରୋଜର୍ସ ଶ୍ରେଷ୍ଠ ଥ୍ରୋ କରିଥିଲେ। ୭୪.୬୮ ମିଟର ଥ୍ରୋ କରି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏକ ନୂଆ ରେକର୍ଡ କରିଛନ୍ତି।




ମହିଳା ୨୦୦ମିଟର ଦୌଡ଼ ହିଟ୍ ଜିତିବା ପରେ ହିମା ଦାସ।

**ହିମା ସେମିଫାଇନାଲରେ**

ଭାରତର ଷ୍ଟାର ସ୍ପ୍ରିଣ୍ଟର ହିମା ଦାସ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ୨୦୦ ମିଟର ଦୌଡ଼ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୨୩.୪୨ ସେକେଣ୍ଡ ଟାଇମିଂ ସହ ସେ ତାଙ୍କ ହିଟ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ହିଟ୍ ନମ୍ବର-୨ରେ ୨୨ ବର୍ଷୀୟା ହିମାଙ୍କ ସମେତ ୫ଜଣ ଭାଗ ନେଇଥିଲେ। ଏଥିରେ ଜାମ୍ବିଆର ରୋଡା ଏନ୍‌ଜୋବିଭୁ ୨୩.୮୫ ସେକେଣ୍ଡ ଟାଇମିଂରେ ଦ୍ୱିତୀୟ ଏବଂ ଉଗାଣ୍ଡାର ଜାସେଣ୍ଟ ନ୍ୟାମ୍‌ହୁଙ୍ଗେ (୨୪.୦୭) ତୃତୀୟ ହୋଇଥିଲେ। ମହିଳା ୨୦୦ ମିଟର ଦୌଡ଼ରେ ୬ଟି ହିଟ୍ ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ୧୬ ଜଣ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ହିମା ୨ ନମ୍ବର ହିଟ୍ ଜିତିଥିଲେ ମଧ୍ୟ ନାଇଜେରିଆର ଫେଭର ଓଫିଲି (ହିଟ୍-୧ରେ ୨୨.୭୧ ସେକେଣ୍ଡ) ଏବଂ ଥମ୍ପସନ ହେରା (ହିଟ୍-୫ରେ ୨୨.୮୦ ସେକେଣ୍ଡ)ଙ୍କର ତାଙ୍କଠାରୁ ଯଥେଷ୍ଟ ଉନ୍ନତ ଟାଇମିଂ ରହିଛି। ସେମିଫାଇନାଲ ପଥରେ ଅତି କମ୍‌ରେ ୬ ଆଥଲେଟ୍ ହିମାଙ୍କଠାରୁ ଉନ୍ନତ ଟାଇମିଂ ରଖିଛନ୍ତି।

**ସିନ୍ଧୁ, ଶ୍ରୀକାନ୍ତ ପ୍ରି କ୍ୱାର୍ଟରରେ**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଓ କିଡାମ୍ବି ଶ୍ରୀକାନ୍ତ ସେମାନଙ୍କ ସିଙ୍ଗଲ୍ସ ଇଭେଣ୍ଟର ପ୍ରି-କ୍ୱାର୍ଟେର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ସିନ୍ଧୁ ମାଳଦ୍ୱୀପର ଫାଥିମାଥ୍ ନାବାହା ଅବ୍ଦୁଲ ରାଜାକଙ୍କୁ ୨୧-୪, ୨୧-୧୧ରେ ହରାଇ ଦେଇଥିଲେ। ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଶ୍ରୀକାନ୍ତ ଉଗାଣ୍ଡାର ଡାନିଲ ୱାନାଗାଲିୟାଙ୍କୁ ୨୧-୯, ୨୧-୯ରେ ପରାସ୍ତ କରିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ମିକ୍ସଡ ଟିମ୍ ଫାଇନାଲରେ ଶ୍ରୀକାନ୍ତ ତାଙ୍କଠାରୁ ନିମ୍ନ ର୍ୟାଙ୍କିଙ୍ଗପ୍ରାପ୍ତ ଟିଜ୍ ୟଙ୍ଗ୍ ଏଙ୍ଗ୍‌ଠାରୁ ହାରିଯାଇଥିଲେ। ତେବେ ବିଶ୍ୱର ୧୩ ନମ୍ବର ର୍ୟାଙ୍କିଙ୍ଗ ପ୍ରାପ୍ତ ଖେଳାଳି ଗୁରୁବାର ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସହଜରେ ହରାଇ ଦେଇଥିଲେ। ସେ କ୍ରସ୍ କୋର୍ଟ ଆଙ୍ଗଲ ଡ୍ରପ୍ ଶଟ୍ ଖେଳି ପଏଣ୍ଟ ପକେଟସ୍ଥ କରିଥିଲେ। ଉଗାଣ୍ଡା ବ୍ୟାଡ୍‌ମିଣ୍ଟନ ଖେଳାଳି ତାଙ୍କର ଅଧିକାଂଶ ପଏଣ୍ଟ ଶ୍ରୀକାନ୍ତଙ୍କ ଅପ୍ରତ୍ୟାଶିତ ତ୍ରୁଟିରୁ ସଂଗ୍ରହ କରିଥିଲେ।

**ପଙ୍ଘାଲ, ଜସ୍ମିନ୍ ସେମିଫାଇନାଲରେ**

ରାଜ୍ୟଗୋଷ୍ଠୀ କ୍ରୀଡ଼ା ବକ୍ସିଂ ରିଙ୍ଗ୍‌ରେ ଅମିତ ପଙ୍ଘାଲ ଓ ଜସ୍ମିନ୍ ଲାମ୍ବୋରିୟା ସେମାନଙ୍କ ବର୍ଗରେ ଭାରତ ପାଇଁ ପଦକ ପକ୍କା କରିଛନ୍ତି। ଗୁରୁବାର ଫ୍ଲାଇୱେଟ୍ (୪୮-୫୧କେଜି) କ୍ୱାର୍ଟରଫାଇନାଲରେ ସେ ସ୍କଟଲାଣ୍ଡର ଲେନନ ମୁଲିଗାନ୍‌ଙ୍କୁ ପରାସ୍ତ କରିଛନ୍ତି। ୨୬ବର୍ଷୀୟ ପଙ୍ଘାଲ ଗୋଲ୍ଡ କୋଷ୍ଟରେ ଗତ ସଂସ୍କରଣରେ ଏକ ରୌପ୍ୟ ପଦକ ହାସଲ କରିଥିଲେ। ଜସ୍ମିନ ମହିଳା ଲାଇଟ୍‌ୱେଟ୍ ୬୦କେଜି ଶ୍ରେଣୀ କ୍ୱାର୍ଟରଫାଇନାଲରେ ନ୍ୟୁଜିଲାଣ୍ଡର ଟ୍ରଏ ଗାର୍ଟନଙ୍କୁ ୪-୧ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ନିଖତ ଜରିନ୍(୫୦କେଜି), ନୀତୁ ଗଙ୍ଘାସ (୪୮କେଜି) ଓ ମହମ୍ମଦ ହୁସାମୁଦ୍ଦିନ(୫୭କେଜି) ମଧ୍ୟ ସେମାନଙ୍କ କାଟେଗୋରିରେ ସେମିଫାଇନାଲରେ ପ୍ରବେଶ ସହ ପଦକ ନିଶ୍ଚିତ କରିଛନ୍ତି।

**ଘୋଷାଲ-ପାଲିକଲ ମିକ୍ସଡ ଡବଲ୍ସ କ୍ୱାର୍ଟରରେ**

ଟପ୍ ସିଡ୍ ଦୀପିକା ପାଲିକଲ ଓ ସୌରଭ ଘୋଷାଲ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍କ୍ୱାଶ ମିକ୍ସଡ ଡବଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଏହି ଯୋଡ଼ି ୱେଲ୍ସର ଏମିଲି ହ୍ୱିଟ୍‌ଲକ୍ ଓ ପିଟର କ୍ରିଡ୍‌ଙ୍କୁ ୧୧-୮, ୧୧-୪ରେ ହରାଇ ଦେଇଛନ୍ତି। ୟଙ୍ଗଷ୍ଟର ସୁନୟନା କୁରୁଭିଲା ଓ ଅନାହତ ସିଂ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ଡବଲ୍ସ ଇଭେଣ୍ଟ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ପ୍ରଥମ ଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେଇଥିବା ସୁନୟନା ଓ ୧୪ ବର୍ଷୀୟ ଅନାହତ ଶ୍ରୀଲଙ୍କାର ୟେହେନି କୁରୁପୁ ଓ ଚାନିଥମା ସିନାଲିଙ୍କୁ ୧୧-୯, ୧୧-୨ ସିଧାସଳଖ ଗେମ୍‌ରେ ହରାଇ ଦେଇଛନ୍ତି। ଭାରତର ଅନ୍ୟ ଯୋଡ଼ି ଜ୍ୟୋତ୍ସ୍ନା ଚିନାପ୍ପା ଓ ଦୀପିକା ପାଲିକଲ ମଧ୍ୟ ଏହି ଇଭେଣ୍ଟରେ ଭାଗ ନେଇଛନ୍ତି। ଅନ୍ୟପକ୍ଷରେ ଅଭୟ ସିଂ ଓ ଭେଲାଭାନ୍ ସେନ୍ଥିଲ କୁମାର ବ୍ରିଟେନର ଲୁକା ରିଚ୍ ଓ ଜୋ ଚାପମ୍ୟାନଙ୍କ ବିପକ୍ଷରେ ସିଧାସଳଖ ଗେମ୍‌ରେ ବିଜୟ ଲାଭ କରି ପୁରୁଷ ଡବଲ୍ସ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଅଭିଜ୍ଞ ମିକ୍ସଡ ଡବଲ୍ସ ଯୋଡ଼ି ଜ୍ୟୋତ୍ସ୍ନା ଚିନାପ୍ପା ଓ ହରିନ୍ଦର ପାଲ୍ ସିଂ ସେମାନଙ୍କ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ଡୋନା ଲାବାନ୍ ଓ କାମେରନ ପିଲିଙ୍କଠାରୁ ୮-୧୧, ୯-୧୧ରେ ହାରିଯାଇଛନ୍ତି।

**ଶେଟ୍ଟି-ଟେନିସନ ଯୋଡ଼ି ଆଉଟ୍**

ଭାରତୀୟ ଯୋଡ଼ି ସାନିଲ ଶେଟ୍ଟି ଓ ରିଥ୍ ଟେନିସନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମିକ୍ସଡ ଡବଲ୍ସ ଟେନିସ ଇଭେଣ୍ଟରୁ ବିଦାୟ ନେଇଛନ୍ତି। ଏହି ଯୋଡ଼ି ରାଉଣ୍ଡ ଅଫ୍ ୬୪ ମ୍ୟାଚରେ ମାଲେସିଆର ଓଙ୍ଗ୍ କ୍ୱି ଶେନ୍ ଓ ତି ଆଇ ଜିନ୍‌ଙ୍କଠାରୁ ୬-୧୧, ୧୦-୧୨, ୧୩-୧୧, ୧୧-୮ ଓ ୮-୧୧ରେ ହାରିଯାଇଛନ୍ତି।

**ବର୍ଗୋହେନ୍ ହାରିଗଲେ**

ଭାରତର ମ୍ରିଦୁଲ ବର୍ଗୋହେନ୍ ଲନ୍ ବୋଲ୍ ଇଭେଣ୍ଟର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲ ପ୍ରବେଶରେ ବିଫଳ ହୋଇଛନ୍ତି। ଜର୍ସିର ରସ୍ ଡେଭିସଙ୍କଠାରୁ ସେ ୧୩-୨୧ରେ ହାରି ଯାଇଛନ୍ତି। ବର୍ଗୋହେନ୍ ନ୍ୟୁଜିଲାଣ୍ଡର ଶାନନ ମ୍ୟାକିଲ ରୟଙ୍କ ବିପକ୍ଷ ପ୍ରଥମ ଗେମ୍ ହାରିଯାଇଥିଲେ, କିନ୍ତୁ ବୁଧବାର ସେ ତାଙ୍କର ପରବର୍ତ୍ତୀ ଦୁଇଟି ଗେମ୍‌ରେ ବିଜୟ ଲାଭ କରଇଥିଲେ। ସେ ଫକ୍‌ଲାଣ୍ଡର ଖ୍ରିସ୍ ଲୋକିଙ୍କୁ ୨୧-୫ ଏବଂ ସ୍କଟଲାଣ୍ଡର ଆଇଏନ ମ୍ୟାକ୍‌ଲିନ୍‌ଙ୍କୁ ୨୧-୧୯ରେ ହରାଇ ଦେଇଥିଲେ।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ତାଲିକା

| ଦଳ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଅଷ୍ଟ୍ରେଲିଆ | ୪୮ | ୩୮ | ୩୯ | ୧୨୫ |
| ଇଂଲଣ୍ଡ | ୪୦ | ୪୦ | ୨୯ | ୧୦୯ |
| କାନାଡ଼ା | ୧୬ | ୨୦ | ୨୧ | ୫୭ |
| ନ୍ୟୁଜିଲାଣ୍ଡ | ୧୬ | ୧୦ | ୧୧ | ୩୭ |
| ସ୍କଟଲାଣ୍ଡ | ୭ | ୮ | ୧୭ | ୩୨ |
| ଦକ୍ଷିଣ ଆଫ୍ରିକା | ୬ | ୭ | ୭ | ୨୦ |
| **ଭାରତ** | **୫** | **୬** | **୭** | **୧୮** |
| ୱେଲ୍ସ | ୪ | ୪ | ୧୦ | ୧୮ |
| ମାଲେସିଆ | ୩ | ୨ | ୩ | ୮ |
| ନାଇଜେରିଆ | ୩ | ୧ | ୪ | ୮ |
| ସାଇପ୍ରସ୍ | ୨ | ୧ | ୪ | ୭ |
| ଉଗାଣ୍ଡା | ୨ | ୦ | ୦ | ୨ |

(ଗୁରୁବାର ରାତି ୯ଟା ୩୦ ସୁଦ୍ଧା)

## ଲିଜେଣ୍ଡ୍ସ ମ୍ୟାଚ ଖେଳିବେ ଶ୍ରଦ୍ଧାଞ୍ଜଳି

**ମହିଳା ଫିଫା ବିଶ୍ୱକପ ଟିକେଟ ଲଞ୍ଚ୍ ଆଜି**

ଭୁବନେଶ୍ୱର, ୪।୮ (କ୍ରୀଡ଼ା ପ୍ରତିନିଧି)

୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ୭ମ ସଂସ୍କରଣ ଆସନ୍ତା ଅକ୍ଟୋବର ୧୧ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମ୍ୟାଚ ଗୁଡ଼ିକ ଭୁବନେଶ୍ୱର ସମେତ ୩ଟି ଭେନ୍ୟୁରେ ଖେଳାଯିବ। ଏହାର ଟିକେଟ ଲଞ୍ଚ୍ କାର୍ଯ୍ୟକ୍ରମ ଶୁକ୍ରବାର ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଏହି ଅବସରରେ ଏକ ଲିଜେଣ୍ଡ୍ସ ମ୍ୟାଚ ମଧ୍ୟ ଆୟୋଜନ ହେବ। ଏଥିରେ ଦେଶର ଖ୍ୟାତନାମା ଫୁଟବଲ ଖେଳାଳିମାନେ ଅଂଶଗ୍ରହଣ କରିବେ। ଲିଜେଣ୍ଡ୍ସ ମ୍ୟାଚରେ ଖେଳିବା ସହ ଟିକେଟ ଲଞ୍ଚ୍ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ପୂର୍ବତନ ଭାରତୀୟ ମହିଳା ଫୁଟବଲ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ଫିଫା ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ଫିଫା ନିମନ୍ତ୍ରଣ ପାଇବା ପରେ ସ୍ୱାଭାବିକଭାବେ ଉଲ୍ଲସିତ ହୋଇଛନ୍ତି ଶ୍ରଦ୍ଧାଞ୍ଜଳି। ଫିଫାର ଲିଜେଣ୍ଡ୍ସ ତାଲିକାରେ ଜଣେ ଓଡ଼ିଆ ଝିଅ ସାମିଲ ହୋଇଥିବାରୁ ରାଜ୍ୟ କ୍ରୀଡ଼ା ମହଲରେ ମଧ୍ୟ ଆନନ୍ଦ ପ୍ରକାଶ ପାଇଛି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଟିକେଟ ଲଞ୍ଚ୍ କାର୍ଯ୍ୟକ୍ରମରେ ଯୋଗଦେବା ସହ ଲିଜେଣ୍ଡ୍ସ ମ୍ୟାଚ ସମୟରେ ଉପସ୍ଥିତ ରହିବେ ବୋଲି



ଜଣାଯାଇଛି। ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ ପାଇଁ ଭୁବନେଶ୍ୱର ଭେନ୍ୟୁ ହୋଇଥିବାରୁ ରାଜ୍ୟ ଫୁଟବଲ ଖେଳାଳିଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ସହିତ ମାର୍ଗାଓର ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମ ଏବଂ ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମରେ ମ୍ୟାଚ ଗୁଡ଼ିକ ଅନୁଷ୍ଠିତ ହେବ। ଭାରତ, ଆମେରିକା, ମରକ୍କୋ ଓ ବ୍ରାଜିଲ ସାମିଲ ଥିବା ଗ୍ରୁପ୍ 'ଏ' ମ୍ୟାଚ ଭୁବନେଶ୍ୱରରେ ଅନୁଷ୍ଠିତ ହେବ।

ପ୍ରକାଶ ଯୋଗ୍ୟ ଯେ, ୧୯୯୨ରେ ଓଡ଼ିଶାରେ ପ୍ରଥମଥରପାଇଁ ମହିଳା ଫୁଟବଲ ଆରମ୍ଭ ହେବାବେଳେ ଶ୍ରଦ୍ଧାଞ୍ଜଳି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଗତ ୩୦ ବର୍ଷ ହେଲା ସେ ନିରବଚ୍ଛିନ୍ନଭାବେ ମହିଳା ଫୁଟବଲ ସହ ଜଡ଼ିତ ଅଛନ୍ତି। ଖେଳାଳିଭାବେ ସେ ଜାତୀୟ ଦଳର ଅଧିନାୟିକା ଦାୟିତ୍ୱ ତୁଲାଇବାପରେ ଜାତୀୟ ଓ ରାଜ୍ୟ ଦଳର କୋଚ୍ ଏବଂ ଚୟନକର୍ତ୍ତା ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବାରେ ସକ୍ଷମ ହୋଇଛନ୍ତି। ଲିଜେଣ୍ଡ୍ସ ମ୍ୟାଚ ପାଇଁ ଖେଳିବା ସୁଯୋଗ ପାଇଥିବାରୁ ସେ ନିଜ ବୃତ୍ତିଗତ ସଂସ୍ଥା ନାଲ୍‌କୋ, ରାଜ୍ୟ ସରକାର, ସର୍ବଭାରତୀୟ ଫୁଟବଲ ଫେଡେରେଶନ ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନା ଅନୁସାରେ ଲିଜେଣ୍ଡ୍ସ ମ୍ୟାଚ ପାଇଁ ଶ୍ରଦ୍ଧାଞ୍ଜଳିଙ୍କ ସମେତ ବାଲା ଦେବୀ, ଗୁରପ୍ରୀତ ସିଂ ସାନ୍ଧୁ, ଆଶାଲତା ଦେବୀ, ଜେଜେ ଲାଲପେଖଲୁଆ, ବାଇଚୁଙ୍ଗ ଭୂଟିଆ, ମେମୋଲ ରକି, ଜୋ ପଲ୍, ଲିଣ୍ଡସେ ତାରପ୍ଲେ, ଅଦିତି ଚୌହାନ, ସୁନୀଲ ଛେତ୍ରୀ, ବେମ୍‌ବେମ୍ ଦେବୀ, ମେହରାଜୁଦ୍ଦିନ ୱାଡୋ, ବ୍ରୁନୋ କୌଟିନୋ, ସନ୍ତୋଷ, ରେନେଡି ସିଂ, ଆଇ.ଏମ୍. ବିଜୟନ ପ୍ରମୁଖଙ୍କୁ ଫିଫା ପକ୍ଷରୁ ଡାକରା ମିଳିଛି।

## ନିପ୍ପନ ଷ୍ଟିଲ୍ ଓଡ଼ିଶା ଜଗରନଟ୍ସର ପ୍ରମୁଖ ପ୍ରାୟୋଜକ

**ଭୁବନେଶ୍ୱର, ୪।୮ (ସ୍ପୋର୍ଟ୍ସ ବ୍ୟୁରୋ):** ବିଶ୍ୱର ଅଗ୍ରଣୀ ଇସ୍ପାତ ନିର୍ମାତା ଆର୍ସେଲରମିତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ରାଜ୍ୟସରକାରଙ୍କ ଓଡ଼ିଶା ସ୍ପୋର୍ଟ୍ସ ଡେଭଲପମେଣ୍ଟ ଆଣ୍ଡ ପ୍ରମୋଶନ କମ୍ପାନୀ (ଓଏସ୍‌ଡିପିସି) ସହ ମିଳିତ ଉଦ୍ୟମରେ କ୍ରୀଡ଼ାର ବିକାଶ ଓ ଏହାକୁ ପ୍ରୋତ୍ସାହନ ଦେବା ନିମନ୍ତେ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହା ଓଡ଼ିଶା ଜଗରନଟ୍ସର ପ୍ରିନ୍ସିପାଲ ଟିମ୍ ସ୍ପନସର ହୋଇଛି। ମହାରାଷ୍ଟ୍ରର ପୁଣେଠାରେ ଚଳିତ ମାସ ୧୪ ତାରିଖରୁ ହେବାକୁଥିବା ଜାତୀୟ ଟୁର୍ନାମେଣ୍ଟରେ ରାଜ୍ୟର ଖୋ ଖୋ ଦଳ ଓଡ଼ିଶା ଜଗରନଟ୍ସ ଅଂଶଗ୍ରହଣ କରିବ। ଉଭୟ ପକ୍ଷଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ପତ୍ରରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ମାନବ ସମ୍ବଳ ଓ ପ୍ରଶାସନ ବିଭାଗରେ ଉପ ନିର୍ଦ୍ଦେଶକ ସିଙ୍ଗୋ ନାକାମୁରା ଓ ରାଜ୍ୟ ସରକାରଙ୍କ ଓଏସ୍‌ଡିପିସିର ନିର୍ଦ୍ଦେଶକ ତଥା କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ରଞ୍ଜିତପରିଡ଼ାସ୍ୱାକ୍ଷରକରିଥିଲେ।

## ଫ୍ଲୋରିଡାରେ ଖେଳାଯିବ ଅନ୍ତିମ ଦୁଇ ଟି୨୦

**ମୁମ୍ବାଇ,୪।୮:** ୱେଷ୍ଟଇଣ୍ଡିଜ୍ ସିରିଜର ଅନ୍ତିମ ଦୁଇ ମୁକାବିଲାକୁ ନେଇ ଦେଖା ଦେଇଥିବା ସଙ୍କଟର ଅବସାନ ଘଟିଛି। ଖେଳାଳିଙ୍କୁ ଭିଜା ମିଳିବାରେ ବିଳମ୍ବ ହେବା କାରଣରୁ ଏପରି ଆଶଙ୍କା ଦେଖା ଦେଇଥିଲା। ହେଲେ ଗୟାନା ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ପରେ ସମସ୍ତ ଖେଳାଳିଙ୍କୁ ଆମେରିକୀୟ ଭିଜା ପ୍ରଦାନ କରାଯାଇଛି। ଆସନ୍ତା ୬ ଓ ୭ ତାରିଖରେ ଫ୍ଲୋରିଡାର ଲାଉଡେର ହିଲରେ ଦୁଇଟି ଯାକ ମୁକାବିଲା ଖେଳାଯିବ। ବର୍ତ୍ତମାନ ସୁଦ୍ଧା ଭାରତ ଏହି ସିରିଜରେ ୨-୧ରେ ଆଗୁଆ ରହିଛି। ୱେଷ୍ଟଇଣ୍ଡିଜ୍ ଦଳ ଏବଂ କିଛି ଭାରତୀୟ ଖେଳାଳି ମିଆମିରେ ପହଞ୍ଚି ସାରିଲେଣି। ଅନ୍ୟ ଖେଳାଳିମାନେ ଜର୍ଜଟାଉନରେ ଭିଜା ପାଇଁ ଅପେକ୍ଷା କରିଛନ୍ତି।

ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ପ୍ରବୀଣ କୁମାର ଦାଶ
କାଣ୍ଡସର, ସ୍କୁଲ ସାହି, ଅନୁଗୋଳ
ଆବିର୍ଭାବ: ୨୦।୦୭।୧୯୫୫
ତିରୋଧାନ: ୦୮।୦୮।୨୦୧୯
ବାପା, ଦେଖୁ ଦେଖୁ ତିନିବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନୀତି, ଆଦର୍ଶ ଓ ଭଲପାଇବାକୁ ସାଉଁଟି ଆମେ ବଞ୍ଚି ରହିଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦେ ପ୍ରାର୍ଥନା ।
ଶୋକସନ୍ତପ୍ତ: ପତ୍ନୀ: ତୃପ୍ତି, ଲିପି, ଦିପା, ରାଜା, ବୁନୁ, ସୁବୁ, ଲିଲୁ, ଟାଇନି।
ଧ-୧୧୮୩

Birthday Wish



Well , I just want to remind you that you are the best person I have ever met in my whole life. Happiest birthday to mo Lii .... May bi it's my bad luck to I can't make your day but I hope you enjoy your day and make your best Birthday forever . Again
Happy Birthday Rita
D-1179

CLASSIFIED DISPLAY
MORE SPACE • SAME PRICE
TARIFF
GST 5%

India's No.1 Company
ପ୍ରଥମ ଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ
Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 80,000,00/-
ପାଆନ୍ତୁ ଓ ମାସକୁ
ଭଡା 80,000/-
ଟଙ୍କା ପାଆନ୍ତୁ +
ବାଇକ୍ ପାଆନ୍ତୁ



Bansal Tower B Wing, Bangalore , Karnataka-400021.
Call or SMS
7735130553

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଚେସ୍ ଗ୍ଲାମର

ଚେନ୍ନାଇର ମହାବଳିପୁରମ୍‌ଠାରେ ଚାଲିଥିବା ଚେସ୍ ଅଲିମ୍ପିଆଡ୍‌ରେ ବିଭିନ୍ନ ଦେଶର ଖେଳାଳିଙ୍କ ହେୟାର ଷ୍ଟାଇଲ।

















# କ୍ରୀଡ଼ା: ଦକ୍ଷତା ପ୍ରଦର୍ଶନର ଅନ୍ୟତମ ମାର୍ଗ



ରମେଶ ସାହୁ

ସମଗ୍ର ବିଶ୍ୱରେ କ୍ରୀଡ଼ାର ମହତ୍ତ୍ୱ ବଢ଼ିଛି। ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚିତ ହେବା ଲାଗି ବିଭିନ୍ନ ଦେଶ କ୍ରୀଡ଼ାକୁ ଗୁରୁତ୍ୱ ଦେଉଛନ୍ତି। କ୍ରୀଡ଼ାରେ ଉତ୍କର୍ଷତା ହାସଲ କରିବା ଏବେ ସେମାନଙ୍କର ଏକମାତ୍ର ଲକ୍ଷ୍ୟ। ଲକ୍ଷ୍ୟପଥକୁ ତ୍ୱରାନ୍ୱିତ କରିବା ସକାଶେ ପର୍ଯ୍ୟାପ୍ତ ପାଣ୍ଠି ବିନିଯୋଗ କରାଯାଉଛି। ଏସିଆ ମହାଦେଶରେ ଚାଇନା, ଜାପାନ, କୋରିଆ, ଭାରତ, ମାଲେସିଆ, ଇଣ୍ଡୋନେସିଆ ପ୍ରମୁଖ କ୍ରୀଡ଼ା କ୍ଷେତ୍ରରେ ବେଶ୍ ଅଗ୍ରଗତି କରିଛନ୍ତି। ବିଶ୍ୱର ଅଗ୍ରଣୀ ଦେଶଗୁଡ଼ିକ ସହିତ ସେମାନେ ମୁକାବିଲା କରୁଛନ୍ତି। ଏଥିପାଇଁ ଦେଶଗୁଡ଼ିକର ସରକାର ସ୍ୱତନ୍ତ୍ର କ୍ରୀଡ଼ା ନୀତି ପ୍ରସ୍ତୁତ କରିଛନ୍ତି। ବ୍ୟକ୍ତିଗତ ବା ଏକକ କ୍ରୀଡ଼ାଗୁଡ଼ିକ ମଧ୍ୟରେ କୁସ୍ତି, ବକ୍ସିଂ, ଲନ୍ ଟେନିସ, ବ୍ୟାଡମିଣ୍ଟନ, ଟେବୁଲ ଟେନିସ, ତୀର ଚାଳନା ଆଦି ଜନପ୍ରିୟତା ହାସଲ କରିଛି। ଦୌଡ଼କୁଦ ଶୃଙ୍ଖଳା ଅନ୍ତର୍ଗତ ଏକକ କ୍ରୀଡ଼ାଗୁଡ଼ିକ ମଧ୍ୟ ଲୋକପ୍ରିୟ। ବିଭିନ୍ନ ଦୂରତାର ଦୌଡ଼, ଲଙ୍ଗଜମ୍ପ, ହାଇଜମ୍ପ, ଟ୍ରିପଲ୍ ଜମ୍ପ, ଜାଭେଲିନ୍ ଥ୍ରୋ, ଶଟ ପୁଟ୍ ଓ ଡିସକସ୍ ଆଦି ଏକକ କ୍ରୀଡ଼ା। ଏକକ କ୍ରୀଡ଼ା ପାଇଁ ବଛା ବଛା କ୍ରୀଡ଼ାବିତ୍‌ଙ୍କୁ ପ୍ରସ୍ତୁତ କରିବାକୁ ପଡ଼େ। ସେହିପରି ଦଳଗତ କ୍ରୀଡ଼ା ପାଇଁ ଏକାଧିକ ଦଳକୁ ପ୍ରସ୍ତୁତ କରାଯାଇ ତାଲିମ ଦିଆଯାଏ। ଯେପରି କି କ୍ରିକେଟ, ହକି, ଫୁଟବଲ, ଭଲିବଲ ଅଥବା ବାସ୍କେଟ ବଲ। ଏକକ କ୍ରୀଡ଼ାରେ ଜଣେ ପ୍ରତିଯୋଗୀର ସଫଳତା ସମ୍ଭାବନା ଯେତିକି ରହେ ତାହା ଦଳଗତ କ୍ରୀଡ଼ାରେ ଦେଖାଯାଏ ନାହିଁ। କାରଣ ପୂରା ଟିମ୍‌ର ଏକକାଳୀନ ପ୍ରସ୍ତୁତି ସମାନ ହୋଇ ନ ଥାଏ। ଖେଳାଳିର ଉପସ୍ଥିତ ଫର୍ମ ଏବଂ ତାକୁ କେନ୍ଦ୍ର କରି ମାନସିକତାକୁ ନେଇ ପ୍ରଦର୍ଶନ ପ୍ରତିଫଳିତ ହୋଇଥାଏ। ସବୁବେଳେ ଗୋଟିଏ ପ୍ରକାର ଫର୍ମ ବଜାଏ ରଖିବା ଖେଳାଳି ପକ୍ଷେ ସମ୍ଭବ ହୋଇ ନ ଥାଏ। ଆଜି ଜଣେ ଖେଳାଳି ଯେଉଁ ମାନର ଦକ୍ଷତା ପ୍ରଦର୍ଶନ କରେ ପରେ ତାହା ଦୋହରାଇବାରେ ବିଫଳ ହୋଇପାରେ। ଖେଳର ସବୁଦିଗରେ ସର୍ବଦା ସ୍ଥିର ପ୍ରଦର୍ଶନ ପାଇଁ ଖେଳାଳିର ମନସ୍ତାତ୍ତ୍ୱିକ ପ୍ରସ୍ତୁତି ଜରୁରୀ। ଏସିଆ, ଆଫ୍ରିକା ଓ ଦକ୍ଷିଣ ଆମେରିକାର କେତେକ ଦେଶର ଦୁର୍ବଳ ଅର୍ଥନୀତି ଯୋଗୁ ଲୋକମାନଙ୍କର ମାନସିକ ସ୍ଥିତି ଅପେକ୍ଷାକୃତ ଦୁର୍ବଳ। ଏସିଆ ଓ ଆଫ୍ରିକା ମହାଦେଶର କୌଣସି ଦଳ ଫୁଟବଲ ବିଶ୍ୱକପ୍ ବିଜୟୀ ହୋଇ ପାରିନାହାନ୍ତି। ମାତ୍ର ଭାରତୀୟ ଉପମହାଦେଶରେ ହକିଖେଳର ପ୍ରସାର ଥିବାରୁ ଉଭୟ ଭାରତ ଓ ପାକିସ୍ତାନ ସଂଖ୍ୟାଧିକ ଥର ହକି ବିଶ୍ୱକପ୍ ଜିତି ପାରିଛନ୍ତି। ଦକ୍ଷିଣ ଆମେରିକାର ବିଭିନ୍ନ ଦେଶର ଅର୍ଥନୀତି ଭିନ୍ନ ଭିନ୍ନ ହୋଇପାରେ, ମାତ୍ର ଫୁଟବଲ ଖେଳର ଅତୀତ ବହୁ ପୁରୁଣା। ସେଇଥିପାଇଁ ଉରୁଗୁଏ, ଆର୍ଜେଣ୍ଟିନା, ବ୍ରାଜିଲ ଫୁଟବଲ ବିଶ୍ୱକପ୍ ଜିଣିବାରେ ସଫଳ ହୋଇଛନ୍ତି। ଭାରତରେ ହକି ଏବେ ହୃତ ଗୌରବ ଫେରିପାଇବା ପଥରେ ରହିଛି। ଟୋକିଓ ଅଲିମ୍ପିକ୍ସ ଏବଂ ଗତ ବିଶ୍ୱକପ୍ ଏହାର ପ୍ରକୃଷ୍ଟ ପ୍ରମାଣ। ଟୋକିଓରେ ଭାରତୀୟ ପୁରୁଷ ହକି ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା ବେଳେ ଭାରତୀୟ ମହିଳା ହକି ଦଳ ଚତୁର୍ଥ ସ୍ଥାନ ହାସଲ କରି ଅଗ୍ରଣୀ ଦଳଗୁଡ଼ିକ ପାଇଁ ଆଶଙ୍କା ସୃଷ୍ଟି କରିପାରିଛି।

### ବିଶ୍ୱ ଦୌଡ଼କୁଦରେ ଚାମ୍ପିୟନମାନଙ୍କ ଆଧିପତ୍ୟ

ଇତିମଧ୍ୟରେ ଆମେରିକାର ୟୁଜିନ୍‌ଠାରେ ଶେଷ ହୋଇଛି ୧୮ଶ ବିଶ୍ୱ ଦୌଡ଼କୁଦ ଚାମ୍ପିୟନଶିପ୍। ଏଥିରେ ଆୟୋଜକ ଦେଶ ଆମେରିକା ପୁଣି ଥରେ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିବାରେ ସଫଳ ହୋଇଛି। ଆଫ୍ରିକୀୟ ଦେଶ ଇଥିଓପିଆ ମଧ୍ୟ ନିଜର ଆଧିପତ୍ୟ ବଜାୟ ରଖିଛି। ପଦକ ବିଜୟୀ ତାଲିକାରେ ଇଥିଓପିଆ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଭାରତୀୟ ଜାଭେଲିନ୍ ଥ୍ରୋୟର୍ ନୀରଜ ଚୋପ୍ରା ଦେଶର ସମ୍ମାନ ରକ୍ଷା କରିଛନ୍ତି। ଚାମ୍ପିୟନଶିପ୍‌ର ଶେଷ ଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ନୀରଜ ୮୮.୧୩ ମିଟର ଦୂରକୁ ଜାଭେଲିନ୍ ଫିଙ୍ଗି ରୌପ୍ୟ ପଦକ ହାସଲ କରିଥିଲେ। ଗ୍ରେନେଡାର ଆଣ୍ଡରସନ ପିଟର୍ସ ଫାଇନେଲ ରାଉଣ୍ଡରେ ୯୦.୫୪ ମିଟର ଦୂରକୁ ଜାଭେଲିନ ଫିଙ୍ଗି ସମସ୍ତଙ୍କଠାରୁ ଅଗ୍ରଣୀ ରହିଥିଲେ। ତାହା ଶେଷ ପର୍ଯ୍ୟନ୍ତ ବଜାୟ ରହିଥିଲା। ଅନ୍ୟପକ୍ଷରେ ନୀରଜ ଓ ଜାକ୍ୟୁବ୍‌ଙ୍କ ମଧ୍ୟରେ ୨ୟ ଓ ୩ୟ ସ୍ଥାନ ପାଇଁ ମୁକାବିଲା ହୋଇଥିଲା। ଏହି ସମୟରେ ନୀରଜ କିଛି ମୁହୂର୍ତ୍ତ ଉତ୍କଣ୍ଠା ଦେଇ ଗତି କରିଥିଲେ। ଶେଷରେ ସେ ୮୮.୧୩ ମିଟର ଦୂରକୁ ଜାଭେଲିନ ଥ୍ରୋ କରି ରୌପ୍ୟ ଏବଂ ଜାକ୍ୟୁବ୍ ୮୮.୮ ମିଟର ଦୂରତାରେ ସୀମିତ ରହି ବ୍ରୋଞ୍ଜ ପଦକ ଜିତିଥିଲେ। ଫଳରେ ଦୀର୍ଘ ୧୯ ବର୍ଷ ପରେ ଭାରତ ବିଶ୍ୱ ଚାମ୍ପିୟନଶିପ୍‌ରେ ନୀରଜ୍ ଚୋପ୍ରାଙ୍କ ମାଧ୍ୟମରେ ଦ୍ୱିତୀୟ ଆଥ୍‌ଲେଟିକ୍ ପଦକ ଜିଣିପାରିଥିଲା। ଏହା ପୂର୍ବରୁ ପ୍ୟାରିସ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଞ୍ଜୁ ବବି ଜର୍ଜ ମହିଳା ଲଙ୍ଗ୍ ଜମ୍ପରେ ବ୍ରୋଞ୍ଜ ପଦକ ବିଜୟିନୀ ହୋଇ ଭାରତକୁ ଗର୍ବିତ କରିଥିଲେ। ୭ଜଣ ଭାରତୀୟ ଆଥଲେଟ୍ ବିଭିନ୍ନ ଇଭେଣ୍ଟରେ ସେମି ଫାଇନାଲକୁ ଉଠିଥିଲେ। ଏଣୁ ଏହାକୁ ଶ୍ରେଷ୍ଠ ପ୍ରଦର୍ଶନ କୁହାଯାଉଛି। ତେବେ ଭାରତ ପାଇଁ ଲଜ୍ଜାଜନକ ଘଟଣା ବି ଘଟିଛି। ଭାରତୀୟ ମହିଳା ଆଥଲେଟ୍ ଏସ. ଧନଲକ୍ଷ୍ମୀ (୧୦୦ମି, ୨୦୦ମି ଦୌଡ଼) ଓ ଲଙ୍ଗ ଜମ୍ପର୍ ଐଶ୍ୱର୍ଯ୍ୟ ବାବୁ ଡୋପ୍ ଟେଷ୍ଟରେ ଶକ୍ତି ବର୍ଦ୍ଧକ ଔଷଧ ଖାଇଥିବା ଜଣାପଡ଼ିବା ପରେ ଭାରତୀୟ ଦୌଡ଼କୁଦ ମହାସଂଘ ସମସ୍ୟାରେ ପଡ଼ିଯାଇଛି।

ସମଗ୍ର ବିଶ୍ୱରେ କ୍ରୀଡ଼ାର ମହତ୍ତ୍ୱ ବଢ଼ିଛି। ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚିତ ହେବା ଲାଗି ବିଭିନ୍ନ ଦେଶ କ୍ରୀଡ଼ାକୁ ଗୁରୁତ୍ୱ ଦେଉଛନ୍ତି। କ୍ରୀଡ଼ାରେ ଉତ୍କର୍ଷତା ହାସଲ କରିବା ସେମାନଙ୍କର ଏକମାତ୍ର ଲକ୍ଷ୍ୟ...

ଗ୍ରୋଇନ୍ ଇଞ୍ଜୁରୀ ଯୋଗୁ ନୀରଜ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେଇପାରି ନାହାନ୍ତି। ତାଙ୍କ ଅନୁପସ୍ଥିତି ଯୋଗୁ ଭାରତ ଜାଭେଲିନ ଥ୍ରୋରେ ଏକ ନିଶ୍ଚିତ ପଦକ ହରାଇଲା ବୋଲି କୁହାଯାଇପାରିବ। ଗତ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ନୀରଜ ଚାମ୍ପିୟନ ହୋଇଥିଲେ। ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ମରୋକୋର ସୌଫିଆନ୍ ଏଲ୍ ବକାଲି ପୁରୁଷ ୩ ହଜାର ମିଟର ଷ୍ଟିପଲଚେଜ୍ ରେସ୍‌ରେ କେନିଆର ଆଧିପତ୍ୟକୁ ପଣ୍ଡ କରି ଚାମ୍ପିୟନ ହୋଇଛନ୍ତି। କାତାରୀ ହାଇଜମ୍ପର୍ ବରଶୀମ୍ ୨.୩୭ ମିଟର ଉଚ୍ଚତା ଡେଇଁ କ୍ରମାଗତ ୩ଥର ବିଶ୍ୱ ଚାମ୍ପିୟନ୍ ହୋଇ ହ୍ୟାଟ୍ରିକ ହାସଲ କରିଥିଲେ। ଟୋକିଓରେ ବରଶୀମ୍ ଇଟାଲୀର ଜିଆନ୍‌ମାର୍କୋ ତମ୍ବାରୀଙ୍କ ସହିତ ମିଳିତ ଭାବେ ହାଇଜମ୍ପ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ମହିଳା ଟ୍ରିପଲଜମ୍ପ ଇଭେଣ୍ଟରେ ଭେନିଜୁଏଲାର ୟୁଲିମାର ରୋଜାସ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଅଲିମ୍ପିକ୍ ଚାମ୍ପିୟନ୍ ରୋଜାସ୍ ୧୫.୪୭ମିଟର ଲମ୍ଫ ପ୍ରଦାନ କରି କ୍ରମାଗତ ୩ୟ ଥର ଟାଇଟଲ୍ ଜିତିଥିଲେ। ସେ ଏହି ଶୃଙ୍ଖଳାରେ ନିଜକୁ ବିଶ୍ୱର ଶ୍ରେଷ୍ଠ ପ୍ରମାଣିତ କରିଛନ୍ତି। ଇଥିଓପିଆର ଗୋଟିଟମ୍ ଗାବ୍ରେସ୍ଲାସ୍ ମହିଳା ମାରାଥନ ଦୌଡ଼ରେ ୨ଘଣ୍ଟା ୧୮ ମିନିଟ ୧୧ସେକେଣ୍ଡ ନେଇ ଚାମ୍ପିୟନ୍ ହୋଇଛନ୍ତି। ଇଥିଓପିଆର ତମିରାଟ୍ ତୋଲା ପୁରୁଷ ମାରାଥନରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୁରୁଷ ୩ ହଜାର ମିଟର ଷ୍ଟିପିଲଚେଜ୍ ଫାଇନାଲରେ ଭାରତର ଅଭିନାଶ ସାବ୍‌ଲେ ବିଫଳ ହୋଇଥିଲେ। ୨୭ ବର୍ଷୀୟ ସାବ୍‌ଲେ ୮:୩୧.୭୫ ସେକେଣ୍ଡ ସମୟ ନେଇ ରେସ୍ ପୂରଣ କରିଥିଲେ ସୁଦ୍ଧା ତାଙ୍କର ଜାତୀୟ ରେକର୍ଡ ୮:୧୨.୪୮ ସେକେଣ୍ଡ ରହିଛି। ଯେଉଁ ଦେଶର ସରକାର କ୍ରୀଡ଼ାକୁ ଯେତେ ଗୁରୁତ୍ୱ ଦେଉଛନ୍ତି ସେହି ଦେଶର ଖେଳାଳି ସେତେ ସଫଳତା ପାଉଛନ୍ତି। କ୍ରୀଡ଼ାବିତ୍‌ମାନଙ୍କୁ ଭିତ୍ତିଭୂମି ଯୋଗାଇଦେବା ସହିତ ଦୀର୍ଘସୂତ୍ରୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି। ବୈଜ୍ଞାନିକ ପଦ୍ଧତିରେ ପ୍ରଶିକ୍ଷଣ ହେଉଥିଲାବେଳେ ମନସ୍ତାତ୍ତ୍ୱିକ ଦିଗକୁ ସର୍ବାଧିକ ଦୃଷ୍ଟି ଦିଆଯାଉଛି। ବିଜୟ ସମ୍ଭାବନା ରଖୁଥିବା ଖେଳାଳିମାନଙ୍କୁ ସ୍ୱତନ୍ତ୍ର କ୍ରୀଡ଼ା ପ୍ରତିଷ୍ଠାନରେ ରଖାଯାଉଛି, ଯେପରି କି ସେମାନେ ଗୋଟିଏ ଲକ୍ଷ୍ୟରେ ତାଲିମ ନେବେ। ଇଥିଓପିଆ ଓ କେନିଆକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ଦୁଇ ଆଫ୍ରିକୀୟ ଦେଶର ଲମ୍ବାଦୌଡ଼ ପ୍ରତିଯୋଗୀମାନେ ଅନ୍ୟଦେଶ ପାଇଁ ସଫଳତାର ନମୁନା ସାଜୁଛନ୍ତି। ଏହା ପଛରେ ଦୁଇ ସରକାରଙ୍କର ନିଷ୍ଠାପର ଉଦ୍ୟମ ରହୁଛି। ନିଜ ଖେଳାଳିମାନଙ୍କର ଉନ୍ନତ ପ୍ରଦର୍ଶନ ବଳରେ ଦୁଇ ଦେଶ ପ୍ରଶଂସା ସାଉଁଟୁଛନ୍ତି। ଖେଳାଳିମାନେ ଅର୍ଜୁଥିବା ପ୍ରଶଂସା ଦେଶ ନିର୍ମାଣରେ ସହାୟକ ହୋଇପାରୁଛି। ଧନୀ ଦେଶଗୁଡ଼ିକ ପାଣ୍ଠି ସହାୟତା କରିବା ସଙ୍ଗେ ସଙ୍ଗେ ସେମାନଙ୍କର ନୈତିକ ମନୋବଳ ବଢ଼ାଉଛନ୍ତି।

*-ଶ୍ରୀ ଗୌର କୁଟୀର, ବଡ଼ବଜାର, ବାରିପଦା*



ନୀରଜ ଚୋପ୍ରା



## ଦକ୍ଷତା

ପରିବାର ପରମ୍ପରା ରଖିବାକୁ
ବନିଗଲେ ଆଥିଲେଟ
ବା'ଷଠି ବର୍ଷରେ କୋର୍ଟକୁ ଡେଇଁଲେ
ପିନ୍ଧି ଜର୍ସି ଫଟାଫଟ
କୋଚ୍ ଭାବେ କରି ନାଟ
ଇଂଲଣ୍ଡ ଜନ୍ମିତ ଷ୍ଟିଭ୍ ରିଲି ମନ୍ତ୍ର
ଦକ୍ଷତା ବିକାଶ ବାଟ।

ଯେତେକାମ ଥାଉ ସିଡ୍ୟୁଲ ଭିତରେ
ବ୍ୟାଡ୍‌ମିଣ୍ଟନ ଖେଳ ରଖି
ହିରୋଇନ ତାପସ୍ୱୀ ପାନ୍ନୁ ପ୍ରତିଦିନ
ଖେଳନ୍ତି ସମୟ ଦେଖି
ଫ୍ଲପ୍ ହିରୋ ସଙ୍ଗେ ଲାଖି
ଦକ୍ଷତା ବଳରେ ସାଉଥ୍ ଇଣ୍ଡିଆନ
ଫିଲ୍ମରେ ହୋଇଛି ଲକି।

ଏକଦା ସୂତାର ଏମ୍ବ୍ରୋଡୋରୀ କାମ
କରୁଥିଲା ଯେଉଁ ହାତ
ସେ ହାତ ଲୁହାର ଓଜନ ଉଠାଇ
ଅଚିନ୍ତ ସେଉଲି ପ୍ରୀତ
ନିଜ ଦକ୍ଷତାର ମିତ
ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ପଦକ ପାଇ ସେ
ଇଣ୍ଡିଆର ଭବିଷ୍ୟତ।

-ସୁବାସ ଚନ୍ଦ୍ର ପ୍ରଧାନ

# ଭାରତ-ବାଂଲାଦେଶ ଫାଇନାଲ ଆଜି



କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ ଅବସରରେ ଟ୍ରଫି ସହ ଭାରତ ଓ ବାଂଲାଦେଶ କୋଚ୍ ଓ ଖେଳାଳି।

ଭୁବନେଶ୍ୱର, ୪।୮ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୦ ବର୍ଷରୁ କମ୍ ସାଫ୍ (ସାଉଥ ଏସିଆନ ଫୁଟବଲ ଫେଡେରେଶନ) ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ଶୁକ୍ରବାର ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ହେବ। ରାତି ୭ଟାରେ ମ୍ୟାଚ ଆରମ୍ଭ ହେବ। ଗତ ସଂସ୍କରଣର ଫାଇନାଲରେ ବାଂଲାଦେଶକୁ ୨-୧ ଗୋଲରେ ହରାଇ ଭାରତ ଚାମ୍ପିୟନ ହୋଇଥିଲା। ଏଥର ସେହି ପ୍ରଦର୍ଶନ ଦୋହରାଇବା ଲକ୍ଷ୍ୟରେ ରହିଛି ଭାରତୀୟ ଦଳ। ଏଥର ଲିଗ୍ ପର୍ଯ୍ୟାୟରେ ବାଂଲାଦେଶ ୨-୧ ଗୋଲରେ ଭାରତକୁ ହରାଇ ଦେଇଥିଲା। ତେଣୁ ଏହାର ମଧୁର ପ୍ରତିଶୋଧ ନେବା ସୁଯୋଗ ମଧ୍ୟ ଭାରତ ନିକଟରେ ରହିଛି। ଲିଗ୍ ପର୍ଯ୍ୟାୟରେ ବାଂଲାଦେଶ ୧୦ ଓ ଭାରତ ୯ ପଏଣ୍ଟ ପାଇ ଫାଇନାଲରେ ପ୍ରବେଶ କରିଛନ୍ତି। ତେଣୁ ଟାଇଟଲ ମୁକାବିଲା ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିବେ।

"ଫାଇନାଲ ଖେଳିବାର ଅନୁଭୂତି ସର୍ବଦା ଭିନ୍ନ ହୋଇଥାଏ। ଏହା ସ୍ୱତନ୍ତ୍ର। ଜଣେ ଖେଳାଳି ଓ ଅଧିନାୟକଭାବେ ମୁଁ ୩ଟି ସାଫ୍ ଚାମ୍ପିୟନଶିପ୍ ଜିତିଛି। ୨ଟି ସାଫ୍ ଫାଇନାଲରେ ଜାତୀୟ

## ୨୦ ବର୍ଷରୁ କମ୍ ସାଫ୍ ଫୁଟବଲ

ସିନିୟର ଦଳର ସହକାରୀ କୋଚ୍ ଥିଲି। ଏହାର ଅନୁଭବ ସ୍ୱତନ୍ତ୍ର" ବୋଲି ଗୁରୁବାର ଅନୁଷ୍ଠିତ ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ ଭାରତୀୟ ଦଳର ମୁଖ୍ୟ କୋଚ୍ ଶନମୁଗମ ଭେଙ୍କଟେଶ ପ୍ରକାଶ କରିଛନ୍ତି। କୌଣସି ପରିସ୍ଥିତିରେ ଖେଳକୁ ହାଲ୍‌କାଭାବେ ନ ନେଇ ନିଜ ଦକ୍ଷତା ଅନୁସାରେ ପ୍ରଦର୍ଶନ କରି ମ୍ୟାଚ ବିଜୟୀ ହେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଅନ୍ୟପକ୍ଷରେ ଭାରତର ସମସ୍ତ ମ୍ୟାଚ ଦେଖି ସେହି ଅନୁସାରେ ରଣନୀତି ପ୍ରସ୍ତୁତ କରିଥିବା କହିଛନ୍ତି ବାଂଲାଦେଶ ମୁଖ୍ୟ କୋଚ୍ ପଲ୍ ସ୍ମଲି। " ଭାରତ ଆମ ବିପକ୍ଷରେ ଯେପରି ଖେଳିଥିଲା ମାଳଦ୍ୱୀପ ବିପକ୍ଷରେ ସେହି ରଣନୀତିରେ ନଜର ଆସି ନ ଥିଲା। ସେମାନେ ଖେଳରେ ଭିନ୍ନତା ଆଣୁଛନ୍ତି। ତେଣୁ ଆମେ ସେହି ଅନୁସାରେ ପ୍ରସ୍ତୁତ ହୋଇଛୁ" ବୋଲି ସ୍ମଲି କହିଛନ୍ତି। ଭାରତୀୟ ଦଳର ଦୁର୍ବଳତା ଉପରେ ଆମର ନଜର ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

ଫାଇନାଲ ପୂର୍ବରୁ ଉଭୟ ଦଳର ଜଣେ ଲେଖାଏ ଖେଳାଳି ସସ୍‌ପେଣ୍ଡ ହୋଇଛନ୍ତି। ବାଂଲାଦେଶ ଶହିଦୁଲ ଇସଲାମ ଏବଂ ଭାରତ ପାର୍ଥିବ ଗୋଗୋଇଙ୍କ ଅନୁପସ୍ଥିତି ଅନୁଭବ କରିବ। "ଆମେ ପାର୍ଥିବଙ୍କୁ ଆଗାମୀ ମ୍ୟାଚରେ ମିସ୍ କରିବୁ। ତେବେ ଏହା ଫୁଟବଲ। ଦଳରେ ୨୩ ଖେଳାଳି ରହିଛନ୍ତି। ଆମେ ଦଳଗତଭାବେ ଖେଳିବା ସହ ବିଜୟ କିମ୍ବା ପରାଜୟରେ ବିଶ୍ୱାସ କରୁ" ବୋଲି ଶନ୍‌ମୁଗମ୍ କହିଛନ୍ତି। ଦଳର ଭଲ ପ୍ରଦର୍ଶନକୁ ନେଇ ଡିଫେଣ୍ଡର ହାଲେନ ନଙ୍ଗଡୁ ମଧ୍ୟ ବେଶ୍ ଆଶାବାଦୀ। "ଆମେ ଅତ୍ୟଧିକ ଆତ୍ମବିଶ୍ୱାସରେ ନାହୁଁ। ଆମେ ଧୈର୍ଯ୍ୟର ସହ ଯୋଜନାବଦ୍ଧଭାବେ ଆଗାମୀ ମ୍ୟାଚରେ ଖେଳିବୁ। ଦଳଗତଭାବେ ଖେଳିଲେ ଯାଇ ଆମେ ବାଂଲାଦେଶକୁ ହରାଇ ପାରିବୁ ବୋଲି ଭଲଭାବେ ଜାଣିଛୁ। ପ୍ରତ୍ୟେକ ମ୍ୟାଚରେ ଆମେ କିଛିକିଛି ଶିଖିବାକୁ ପାଉଛୁ" ବୋଲି ହାଲେନ ପ୍ରକାଶ କରିଛନ୍ତି। ଏହି ଅବସରରେ ବାଂଲାଦେଶ ଅଧିନାୟକ ମହମ୍ମଦ ତନଭୀର ହୋସେନ ମଧ୍ୟ ଉପସ୍ଥିତ ଥିଲେ।

## ଦର୍ଶକଙ୍କ ପାଇଁ ଏଣ୍ଟ୍ରି ଫ୍ରି

ଭାରତ-ବାଂଲାଦେଶ ଫାଇନାଲ ପାଇଁ ଦର୍ଶକଙ୍କୁ ମାଗଣାରେ ଏଣ୍ଟ୍ରି ସୁଯୋଗ ମିଳିବ। ଷ୍ଟାଡିୟମରେ ପ୍ରବେଶ ପାଇଁ ଗେଟ୍ ଅପରାହ୍ନ ୪ଟାରୁ ଉନ୍ମୁକ୍ତ ରହିବ। ୪ ଚକିଆ ଗାଡ଼ି ନେଇ ଆସୁଥିବା ଦର୍ଶକମାନେ ଗେଟ୍ ନମ୍ବର ୮ ବାଟେ ପ୍ରବେଶ କରି କ୍ଲାଇମ୍ବିଂ ୱାଲ ପଛପଟେ ପି-୬ରେ ପାର୍କିଂ କରିପାରିବେ। ସେହିପରି ୨ ଚକିଆ ଗାଡ଼ି ୩ ନମ୍ବର ଗେଟ୍‌ବାଟେ ନେଇ ସୁଇମିଂ ପୁଲ୍ ବାହାରେ ପି-୧ ଏବଂ ସୁଇମିଂ ପୁଲ୍ ସମ୍ମୁଖରେ ପି-୨ରେ ପାର୍କିଂ କରିବେ। ଦର୍ଶକଙ୍କ ପାଇଁ ସ୍କାଏ ୱାକ୍ ୪ ନିକଟସ୍ଥ ବ୍ଲକ୍ 'ବି' ଓ 'ସି' ଗ୍ୟାଲେରୀରେ ବସିବା ବ୍ୟବସ୍ଥା କରାଯାଇଛି।









ମୁଁ ତିଳୋତ୍ତମା ଦେବୀ, ବୟସ 30 ବର୍ଷ, ଜିଲ୍ଲା ନାଳନ୍ଦା (ବିହାର)ର ବାସିନ୍ଦା । ବିଗତ ଅନେକ ଦିନ ଧରି ମୁଁ ଦୁର୍ବଳତା, ଥକ୍କାପଣ, ଚିଡ଼ିଚିଡ଼ାପଣ, କଠିନ ଯନ୍ତ୍ରଣା ଭଳି ସମସ୍ୟା କାରଣରୁ ବ୍ୟଥିତ ଥିଲି । ଦିନକୁ ଦିନ ମୋ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାକୁ ଲାଗିଥିଲା । ଦିନେ ମୁଁ 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ବିଷୟରେ ଜାଣିବାକୁ ପାଇଲି। ଡବାରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ 'ସଚ୍ଚୀ-ସହେଲୀ' ଟନିକ୍ ଦୁଇ-ଦୁଇ ଚାମଚ ସକାଳେ-ସନ୍ଧ୍ୟାବେଳେ ସେବନ କରିବା ଆରମ୍ଭ କଲି । ମାତ୍ର 1 ମାସର ବ୍ୟବହାର ଦ୍ୱାରା ହିଁ ମୋର ସମସ୍ତ ସମସ୍ୟା ପୂର୍ବାପେକ୍ଷା ବହୁତ କମିଗଲା । 'ସଚ୍ଚୀ ସହେଲୀ' ଉପରେ ମୁଁ ସମ୍ପୂର୍ଣ୍ଣ ଭରସା କରୁଛି ।


ମୋର ନାମ ମୀନାକ୍ଷୀ ମିଲିନ୍ଦୱାଲକେ, ବୟସ 52 ବର୍ଷ, ଜିଲ୍ଲା: ଚନ୍ଦ୍ରପୁର (ମହାରାଷ୍ଟ୍ର)ର ବାସିନ୍ଦା । ମୁଁ କିଛି ଦିନ ଧରି ଦୁର୍ବଳତା, ଥକ୍କାପଣ, ଅଣ୍ଟାବ୍ୟଥା ଓ ମାନସିକ ଚାପ କାରଣରୁ ଚିନ୍ତିତ ଥିଲି । ଚିଡ଼ିଚିଡ଼ାପଣ ମଧ୍ୟ ରହୁଥିଲା । ଦିନେ ମୁଁ 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ବିଷୟରେ ଜାଣିବାକୁ ପାଇଲି । ଯାହାର ନିର୍ଦ୍ଦେଶ ଅନୁସାରେ ସବୁଦିନ ବ୍ୟବହାର କରିବା ଦ୍ୱାରା ମୋତେ ଥକ୍କାପଣ, ଦୁର୍ବଳତା, ମାନସିକ ଚାପ ଓ ଅଣ୍ଟାବ୍ୟଥା ଭଳି ସମସ୍ୟାରୁ ଅନେକ ମାତ୍ରାରେ ଉପଶମ ମିଳିଲା ଓ ମୋର ଇମ୍ୟୁନିଟି ମଧ୍ୟ ବଢ଼ିଗଲା । ଏହାଦ୍ୱାରା ମୋତେ ନୂଆ ସ୍ଫୂର୍ତ୍ତିର ଅନୁଭୂତି ମିଳିଲା । ମୁଁ 'ସଚ୍ଚୀ ସହେଲୀ' ନିକଟରେ ଅତ୍ୟନ୍ତ କୃତଜ୍ଞ ।


ମୁଁ ଉଷା, ବୟସ 33 ବର୍ଷ, ଜିଲ୍ଲା ଯୋଧପୁର (ରାଜସ୍ଥାନ)ର ବାସିନ୍ଦା । ବିଗତ ଅନେକ ସମୟ ଧରି ମୁଁ ରକ୍ତହୀନତା, ଅଣ୍ଟାବ୍ୟଥା, ଚିଡ଼ିଚିଡ଼ାପଣ ଭଳି ସମସ୍ୟାରେ ଘେରି ହୋଇ ରହିଥିଲି । ସମୟ ସହିତ ମୋର ଅବସ୍ଥା ଆହୁରି ଖରାପ ହେବାକୁ ଲାଗିଥିଲା । ଦିନେ ମୁଁ ଏକ ଖବରକାଗଜରେ 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକର ବିଜ୍ଞାପନ ଦେଖିଲି । ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ମୁଁ 'ସଚ୍ଚୀ ସହେଲୀ' ଟନିକ 6 ମାସ ପାଇଁ ସେବନ କଲି । ଅଳ୍ପ କିଛି ଦିନ ପରେ ମୋର ଅଣ୍ଟାବ୍ୟଥା, ରକ୍ତହୀନତା ଓ ଚିଡ଼ିଚିଡ଼ାପଣ ଭଳି ସମସ୍ୟାରୁ ବହୁତ ଉପଶମ ମିଳିଲା ଓ ମୋ ଚେହେରାରେ କାନ୍ତି ମଧ୍ୟ ଦିଶିବାକୁ ଲାଗିଲା ।


ମୁଁ କୃଷ୍ଣା ଦେବୀ, ବୟସ 26 ବର୍ଷ, ଉତ୍ତରପ୍ରଦେଶର ବାସିନ୍ଦା । ମୁଁ ସିଲେଇ କାମ କରୁଥିଲି । ଅନେକ ଦିନ ଧରି ମୋର ଅଣ୍ଟା ବ୍ୟଥା, କ୍ଳାନ୍ତି ଭଳି ସମସ୍ୟା ରହୁଥିଲା । ଦିନେ ମୁଁ 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ଏବଂ ଟାବ୍‌ଲେଟ୍ ବିଷୟରେ ଜାଣିବାକୁ ପାଇଲି । ଯାହାର ପ୍ରଦତ୍ତ ନିର୍ଦ୍ଦେଶ ଅନୁସାରେ 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ଏବଂ କ୍ୟାପ୍‌ସୁଲର ଏକ ମାସର ବ୍ୟବହାର ଦ୍ୱାରା ହିଁ ମୋର ଅଣ୍ଟାବ୍ୟଥା, କ୍ଳାନ୍ତି ଭଳି ସମସ୍ୟାରୁ ମୋତେ ବହୁତ ଉପଶମ ମିଳିଲା । ଅଳ୍ପ କିଛିଦିନରେ ହିଁ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲି । ଏବେ ମୋ'ଠାରେ କିଛି ସମସ୍ୟା ନାହିଁ । ମୁଁ 'ସଚ୍ଚୀ ସହେଲୀ'କୁ ଧନ୍ୟବାଦ ଜଣାଉଛି ।

24x7 Helpline : 77106 44444 | ଆପଣଙ୍କ ନିକଟତମ ମେଡିକାଲ ଷ୍ଟୋର୍‌ରୁ କିଣନ୍ତୁ




To locate your nearest store and know more on 6366920017. Buy online at tanishq.co.in or Download our App *Conditions apply.

New showrooms now open at Grand Road-Puri & Chorda Road Bypass-Jajpur Road, Jajpur

Scan and Discover.


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ

## ସଂକ୍ଷେପରେ

### ସ୍ୱାଧୀନତା ଦିବସ ଉପଲକ୍ଷେ କାଗଜରେ କ୍ଷୁଦ୍ର ତ୍ରିରଙ୍ଗା



**ବ୍ରହ୍ମପୁର ଅଫିସ୍,୪।୮:** ୭୫ ତମ ସ୍ୱାଧୀନତା ଦିବସ ଉପଲକ୍ଷେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା କାଗଜରେ କ୍ଷୁଦ୍ରତମ ତ୍ରିରଙ୍ଗା ପତାକା ନିର୍ମାଣ କରିଛନ୍ତି। ଏହି ତ୍ରିରଙ୍ଗାର ଉଚ୍ଚତା ୧ ମିଲି ମିଟରରୁ କମ ରହିଛି। ପୂର୍ବରୁ ସେ କାଗଜରେ ୩ ମିଲିମିଟର ବିଶିଷ୍ଟ କ୍ଷୁଦ୍ରତମ ତ୍ରିରଙ୍ଗା ନିର୍ମାଣ କରିଥିଲେ। ବର୍ତ୍ତମାନ ପଲିଥିନ ବ୍ୟବହାର ନେଇ କଟକଣା ଜାରି କରାଯାଇଥିବା ଏଭଳି କଳାକୃତି ପଲିଥିନରୁ ନିବୃତ୍ତ ରହିବାର ବାର୍ତ୍ତା ପହଞ୍ଚାଇବ ବୋଲି ସତ୍ୟ କହିଛନ୍ତି। ବର୍ତ୍ତମାନ ସେ ନିର୍ମାଣ କରିଥିବା ତ୍ରିରଙ୍ଗା ବିଶ୍ୱର ସବୁଠାରୁ କ୍ଷୁଦ୍ର କଳାକୃତି ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏଥିପୂର୍ବରୁ ସତ୍ୟ ଦେଶର ୭୫ ଟି ଐତିହ୍ୟସ୍ଥଳୀକୁ ଚକ୍‌ରେ ନିର୍ମିତ କରି ଏସିଆ ବୁକ ଅଫ୍ ରେକର୍ଡ଼ ଓ ଇଣ୍ଡିଆ ବୁକ ଅଫ୍ ରେକର୍ଡରେ ସ୍ଥାନ ହାସଲ କରିଛନ୍ତି। ବର୍ତ୍ତମାନ ନିର୍ମାଣ କରିଥିବା କ୍ଷୁଦ୍ରତମ ତ୍ରିରଙ୍ଗା ରେକର୍ଡ ହାସଲ କରିବ ବୋଲି ସେ ଆଶାବାଦୀ ଅଛନ୍ତି।

### ଅକ୍ସଫୋର୍ଡ ପବ୍ଲିକ ସ୍କୁଲରେ ବିଦ୍ୟା ଆରମ୍ଭ ସଂସ୍କାର ଉତ୍ସବ

**ବ୍ରହ୍ମପୁର ଅଫିସ,୪।୮:** ଅକ୍ସଫୋର୍ଡ ପବ୍ଲିକ ସ୍କୁଲ ପକ୍ଷରୁ ଗୁରୁବାର ଯୁକ୍ତ ୨ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ବିଦ୍ୟା ଆରମ୍ଭ ସଂସ୍କାର ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଇଂ.ଅଶୋକ କୁମାର ପାଳ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇଥିଲେ। ଏଥିସହ ଭବିଷ୍ୟତରେ ଭଲ ପାଠ ପଢିବା ସାଙ୍ଗକୁ ଉତ୍ତମ ଚରିତ୍ର ଗଠନରେ ଦାୟିତ୍ୱବାନ ହେବା ପାଇଁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁକ୍ତ ୨ ବିଭାଗର ଅଧାପକ ଏ.କେ.ସାହୁ, ପି.ଭେଙ୍କେଟେଶ୍ୱରଲୁ, ପି.ମନୋଜ କୁମାର, ପ୍ରମୋଦ ପତି, ଅଧାପିକା ପି.ସରିତା, କସ୍ତୁରୀ ମିଶ୍ର, ସୁନୀତା ମିଶ୍ର, ବିଜ୍ଞାନୀ ପୃଷ୍ଟି ଓ ସ୍ୱପ୍ନାରାଣୀ ପାତ୍ରଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଜଗନ୍ନାଥପ୍ରସାଦରୁ ଉଦ୍ଧାର ଶିଶୁକନ୍ୟା ଶା'ରେ ଭର୍ତ୍ତି

ବ୍ରହ୍ମପୁର ଅଫିସ,୪।୮

ଗଞ୍ଜାମ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ୭ ମାସର ଶିଶୁକନ୍ୟାକୁ ଜଗନ୍ନାଥପ୍ରସାଦ ଅଞ୍ଚଳରୁ ଉଦ୍ଧାର କରାଯାଇଥିଲା। ପରେ ଶିଶୁଟିକୁ ଚାଇଲଡ଼ଲାଇନକୁ ହସ୍ତାନ୍ତର କରାଯାଇଥିଲା। ଚାଇଲଡ଼ ଲାଇନ ନିର୍ଦ୍ଦେଶକ୍ରମେ ଶିଶୁଟିକୁ ବ୍ରହ୍ମପୁର ଗୋଷାଣୀନୂଆଗାଁ ଉତ୍କଳ ବାଳାଶ୍ରମ ପରିସରରେ ଥିବା ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ର (ଶା)ରେ ରଖାଯାଇଛି। ଶିଶୁଟିର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଶିଶୁଟିର ସ୍ୱାସ୍ଥ୍ୟବସ୍ଥା ଠିକ ଥିବା ଶା' ଅଧୀକ୍ଷକ ସିବିୟାନ ପ୍ରଧାନ ସୂଚନା ଦେଇଛନ୍ତି।

**ତିନି ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଏମ୍‌ଓଙ୍କୁ ନୋଟିସ**

ଶିଶୁ କନ୍ୟାଟିକୁ ଜନ୍ମ ଦେବା ପରେ ମା'ମେଡିକାଲ ଛାଡ଼ି କିପରି ପଳାଇଲେ, ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀମାନେ ଏନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ନାହିଁ କାହିଁକି ଓ ମେଡିକାଲ କର୍ମଚାରୀ ଶିଶୁଟିକୁ ଜଣେ ଦମ୍ପତିଙ୍କୁ କିପରି ଦେଇଦେଲେ ତାର ତଦନ୍ତ ପାଇଁ ମେଡିକାଲ ଅଫିସରଙ୍କୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ଚିଠି ନମ୍ବର ୫୦୮/୨୨ରେ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୩ଦିନ ମଧ୍ୟରେ ଏମ୍‌ଓ, ଜିଲାପାଳଙ୍କ ନିକଟରେ ଏନେଇ ଏକ ରିପୋର୍ଟ ଦାଖଲ କରିବେ ବୋଲି ଚିଠିରେ ଉଲ୍ଲେଖ ରହିଥିବା ଡିସିପିଓ ସୁବୋଧ ଷଡଙ୍ଗୀ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଜଗନ୍ନାଥପ୍ରସାଦରେ ଜଣେ ଲୋକ ବେଆଇନ ଭାବେ ଏକ ଶିଶୁ କନ୍ୟାକୁ ନିଜ ଘରେ ରଖିଥିବା ଜଣାପଡିଥିଲା। ଜିଲା ପ୍ରଶାସନ ଘଟଣାର ଅନୁସନ୍ଧାନ କରି ଏକ ରିପୋର୍ଟ ଦାଖଲ କରିବାକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜଗନ୍ନାଥପ୍ରସାଦ ସିଡିପିଓ ଘଟଣାର ଅନୁସନ୍ଧାନ ବେଳେ ଉକ୍ତ ଶିଶୁ କନ୍ୟାଟି ଜାନୁୟାରୀ ୧୭ ରେ ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ୍ମ ହୋଇଥିଲା। ପରେ ଏକ ଦମ୍ପତି ଉକ୍ତ ଶିଶୁ କନ୍ୟାଟିକୁ ମେଡିକାଲର ଜଣେ କର୍ମଚାରୀଙ୍କଠାରୁ ପାଇ ନିଜ ଘରକୁ ନେଇ ଲାଳନ ପାଳନ କରୁଥିଲେ। ଏପରିକି ଉକ୍ତ ଶିଶୁ କନ୍ୟାଟିକୁ ପୋଷ୍ୟ ସନ୍ତାନ କରି ସେମାନେ ରଖିଥିଲେ। କିନ୍ତୁ ଏଭଳି ରଖିବା କିଶୋର ନ୍ୟାୟ ଆଇନରେ ନିୟମ ନ ଥିବାରୁ ସ୍ଥାନୀୟ ବ୍ଲକ ଓ ତହସିଲ ପ୍ରଶାସନ ଉକ୍ତ ପରିବାରକୁ ଜଣାଇଥିଲେ। ପରେ ଉକ୍ତ ଦମ୍ପତି ଲାଳନପାଳନ କରୁଥିବା ଶିଶୁଟିକୁ ସ୍ଥାନୀୟ ତହସିଲଦାର, ପୋଲିସ ଓ ସିଡିପିଓଙ୍କ ଉପସ୍ଥିତରେ ବୁଧବାର ହସ୍ତାନ୍ତର କରିଥିଲା।

# ସାମ୍ପ୍ରଦାୟିକ ବିବାଦର ସମାଧାନ



ଗୋପାଳପୁର,୪।୮(ଡି.ଏନ.ଏ.)

ବ୍ରହ୍ମପୁର ପୋଲିସ ଜିଲା ଗୋଳନ୍ଥରା ଥାନା ଅଧୀନସ୍ଥ କତରୁ ପଞ୍ଚାୟତର ଦୟାନିଧି ପେଣ୍ଠ ଗ୍ରାମରେ ଠାକୁରାଣୀ ମନ୍ଦିର ନିର୍ମାଣକୁ ନେଇ ଖ୍ରୀଷ୍ଟିୟାନ ଓ ହିନ୍ଦୁ ସମ୍ପ୍ରଦାୟ ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ ଗୁରୁବାର ପୋଲିସ ହସ୍ତକ୍ଷେପ ପରେ ଏହା ସମାଧାନ ହୋଇଛି।

ପ୍ରକାଶ ଯେ, ଦୟାନିଧିପେଣ୍ଠ ଗ୍ରାମବାସୀ ଗତ ଦୁଇମାସ ତଳେ ଠାକୁରାଣୀ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିରେ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଲୋକମାନେ ଶ୍ରମଦାନ କରୁଥିଲେ। କିଛି ଦିନ ପରେ ମନ୍ଦିର ନିର୍ମାଣରେ ଶ୍ରମଦାନ କରିବାକୁ ମନା କରିଥିଲେ। ହିନ୍ଦୁ ସମ୍ପ୍ରଦାୟର ଲୋକେ କହିଥିଲେ, ପୂର୍ବରୁ ମିଳିମିଶି ମନ୍ଦିର କାମ କରିବା ପାଇଁ ପ୍ରତିଶ୍ରୁତି ଦେଇ ବର୍ତ୍ତମାନ ଓହରିଗଲେ ମନ୍ଦିର କାମ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ। ଏହାକୁ ନେଇ ଉଭୟ ସମ୍ପ୍ରଦାୟ ମଧ୍ୟରେ ବାଦ ବିବାଦ ଲାଗି ରହିଥିଲା। ଗତ ଜୁଲାଇ ୨୭ରେ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର କିଛି ଲୋକ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହିନ୍ଦୁ ସମ୍ପ୍ରଦାୟର ଲୋକ ଠାକୁରାଣୀ ମନ୍ଦିର ନିର୍ମାଣ କାମ କରିବା ପାଇଁ ବାଧ କରିବା ସହ ଧମକ ଚମକ ଦେଉଥିବା ଅଭିଯୋଗ ପତ୍ରରେ ଦର୍ଶାଇଥିଲେ। ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହାର ସମାଧାନ ଲାଗି ଗୁରୁବାର ସନ୍ଧ୍ୟାରେ ଥାନା ପରିସରରେ ବ୍ରହ୍ମପୁର ସଦର ଏସଡ଼ିପିଓ ଶିବଶଙ୍କର ମହାପାତ୍ର, ଅଧିକାରୀ ବିବେକାନନ୍ଦ ମହନ୍ତ, ଅନ୍ୟ ପୋଲିସ ଅଧିକାରୀ ଓ ଉଭୟ ସମ୍ପ୍ରଦାୟର ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୋଲିସ ପକ୍ଷରୁ ଆପୋଷ ବୁଝାମଣା କରିବା ସହ କିଏ କାହାକୁ ମନ୍ଦିର କାମରେ ଜବରଦସ୍ତି କରିପାରିବେ ନାହିଁ ଓ ମିଳିମିଶି ଚଳିବା ନିମନ୍ତେ ଉଭୟ ଉଭୟ ସମ୍ପ୍ରଦାୟ ମାନିଥିବା ପୋଲିସ କହିଛି।

**ମନ୍ଦିର ନିର୍ମାଣ ଘଟଣା**

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଆସିକା,୪।୮(ଡି.ଏନ.ଏ.)

ଆସିକା ଥାନା ଅନ୍ତର୍ଗତ ବରଗାଁ ଗ୍ରାମରେ ବୁଧବାର ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର କସ୍ତୁରୀ ନାହାକ। କସ୍ତୁରୀ ତାଙ୍କ ଚାଷ ଜମିରେ ଧାନ ତଳି ଭାଙ୍ଗୁଥିଲା ବେଳେ ସାପ କାମୁଡିଥିଲା । ତାଙ୍କୁ ଆସିକା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ଲାଗି ବ୍ରହ୍ମପୁର ବଡମେଡିକାଲକୁ ପଠାଇ ଦିଆଯାଇଥିଲା । ସେଠାରେ ପହଞ୍ଚିବା ପୂର୍ବରୁ ରାସ୍ତାରେ କସ୍ତୁରୀଙ୍କ ମୃତ୍ୟୁ ଘଟିଥିଲା । ଗୁରୁବାରି ତାଙ୍କ ପୁଅ ସୋମନାଥ ନାହାକ ଏ ନେଇ ଆସିକା ପୋଲିସରେ ଅଭିଯୋଗ କରିଛନ୍ତି। ନଂ.୩୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

# ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲଦଣ୍ଡ

**୭ ବର୍ଷର ଶିଶୁ କନ୍ୟା ବଳାତ୍କାର ମାମଲା**

ନୟାଗଡ଼ ଅଫିସ,୪।୮

୭ବର୍ଷର ଶିଶୁକନ୍ୟା ବଳାତ୍କାର ମାମଲାରେ ନୟାଗଡ଼ ପୋକ୍‌ସୋ କୋର୍ଟ ଗୁରୁବାର ଚାନ୍ଦପୁର ଥାନା କେରେଣ୍ଡାଟାଙ୍ଗୀ ଗାଁର ପ୍ରଫୁଲ ବେହେରା(୫୦)ଙ୍କୁ ଦୋଷୀସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦୟ ଅଭିଯୁକ୍ତ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବେ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ୧୦ ଜଣ ସାକ୍ଷୀଙ୍କ ବୟାନ, ସରକାରୀ ଓକିଲଙ୍କ ଯୁକ୍ତି ଓ ପ୍ରମାଣକୁ ଆଖି ଆଗରେ ରଖି ପୋକ୍‌ସୋ କୋର୍ଟର ବିଚାରପତି ବିଭୂ ପ୍ରସାଦ ପଣ୍ଡା ବଳାତ୍କାରୀଙ୍କୁ ଏପରି ଦଣ୍ଡବିଧାନ କରିଛନ୍ତି । ଏଥିସହିତ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦାଶରଥି ସାହୁଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଶିଶୁ କନ୍ୟା ଗାଁ ଦାଣ୍ଡରେ ଖେଳୁଥିଲେ । ମୁଦାଲା କେରେଣ୍ଡାଟାଙ୍ଗୀ ଗାଁର ପ୍ରଫୁଲ ପ୍ରଧାନ ଘର ବାରଣ୍ଡାକୁ ଶିଶୁକନ୍ୟାଙ୍କୁ ଡାକି ନେଇ ୨୦୧୮ ମେ ୩୧ରେ ବଳାତ୍କାର କରିଥିଲେ । ଝିଅର ପାଟି ଶୁଣି ମା'ବାପା ଘଟଣାସ୍ଥଳରେ ପହଞ୍ଚି ଶିଶୁକନ୍ୟାଙ୍କୁ ଉଦ୍ଧାର କରିଥିଲେ । ପରେ ଏନେଇ ଚାନ୍ଦପୁର ଥାନାରେ ଅଭିଯୋଗ କରାଯାଇଥିଲା । ପୋଲିସ ୩୭୬(ଏ), (ବି), ୫୦୬, ପୋକ୍‌ସୋ ଦଫା ୬ରେ ଏକ ମାମଲା(ନଂ.୬୨/୧୮) ରୁଜୁ କରି ତଦନ୍ତ କରିଥିଲା । କିଛିଦିନ ପରେ ବଳାତ୍କାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ସେଦିନଠାରୁ ପ୍ରଫୁଲ ବିଚାରଧୀନ ବନ୍ଦୀ ଭାବେ ଜେଲରେ ଅଛନ୍ତି ।

# ତ୍ରିରଙ୍ଗା ଅଭିଯାନ ପାଇଁ ଭାଜପାର ବୈଠକ



ବୈଠକରେ ଉପସ୍ଥିତ ଭାଜପା ନେତୃବୃନ୍ଦ ।

ବ୍ରହ୍ମପୁର ଅଫିସ,୪।୮

ଗଞ୍ଜାମ ଜିଲା ଭାଜପାର ସ୍ୱତନ୍ତ୍ର ବୈଠକ ଗୁରୁବାର ଗୋଳନ୍ଥରାରେ ଅନୁଷ୍ଠିତ ହୋଇଥିଲା। ସ୍ୱାଧୀନତାର ୭୫ ବର୍ଷ ଉପଲକ୍ଷେ ଭାରତ ଆଜାଦୀର ଅମୃତ ମହୋତ୍ସବ ଏହି ସାଙ୍ଗଠନିକ ଜିଲାର ୩୫ ମଣ୍ଡଳ ସ୍ତରରେ ଧୂମଧାମରେ ପାଳନ କରାଯିବା ନିଷ୍ପତ୍ତି ନିଆଯାଇଛି। ସଭାପତି ବିଭୂତି ଜେନାଙ୍କ ଅଧ୍ୟକ୍ଷତାରେ ହୋଇଥିବା ପ୍ରସ୍ତୁତି ବୈଠକରେ ରାଜ୍ୟ ସଂଗଠନର ବରିଷ୍ଠ ନେତା ସାରଦା ଶତପଥୀ ଯୋଗ ଦେଇଥିଲେ। ମଣ୍ଡଳ ଗୁଡ଼ିକର ସବୁ ଅଞ୍ଚଳର ହର ଘର ତ୍ରିରଙ୍ଗା ଅଭିଯାନ ଯେଭଳି ସଫଳ ହେବ ସେଥିପାଇଁ ମଣ୍ଡଳ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦିଆଯାଇଥିଲା। ବୈଠକରେ ପୂର୍ବତନ ଜିଲା ସଭାପତି କାହ୍ନୁ ଚରଣ ପତି, ଜିଲା ସାଧାରଣ ସମ୍ପାଦକ ଗଙ୍ଗାଧର ଶତପଥୀ, ପ୍ରଭାତ ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଜିଲା ଉପସଭାପତି ରାମ କୁମାର ପାତ୍ର, ମହନ୍ତ ଚିନ୍ମୟାନନ୍ଦ ଦାସ, ଏନ. ରାଜେନ୍ଦ୍ର କୁମାର, ସୁନିଲ ସାହୁ, ଡ଼ା. ସୁବାସ ସାହୁ, ପ୍ରବୀର ପାତ୍ର, ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ମଦନ ମୋହନ ପାତ୍ର, କୃଷକ ମୋର୍ଚ୍ଚାର ନେତା ରାଜେଶ କୁମାର ସାହୁ ଓ ଅନୁସୂଚିତ ଜାତି ମୋର୍ଚ୍ଚାର କୀର୍ତ୍ତନ ଦାସ ପ୍ରମୁଖ ଯୋଗ ଦେଇଥିଲେ।

ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ମୀନା ଦ୍ୟାନ ସାମନ୍ତରାଙ୍କ ସମେତ ରଶ୍ମିରେଖା ମହାପାତ୍ର, ସୁଶିଳା ମଲିକ, ବନିତା ସାହୁ, ସାବିତ୍ରୀ ନାୟକ ଓ ବିଭିନ୍ନ ଛାମୁଆ ସଂଗଠନର ନେତ୍ରୀମାନେ ଉପସ୍ଥିତ ଥିଲେ। ବିଏମ୍‌ସିକୁ ନିର୍ବାଚିତ ଭାଜପା କର୍ପୋରେଟରମାନେ ଆଲୋଚନାରେ ଭାଗ ନେଇଥିଲେ।

# ସ୍ନାତକୋତ୍ତର ଓମେନ ଷ୍ଟଡିଜ୍ ପାଠ୍ୟଖସଡ଼ା ପ୍ରସ୍ତୁତ

ବ୍ରହ୍ମପୁର ଅଫିସ,୪।୮

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ନୂତନ ଭାବେ ସ୍ନାତକୋତ୍ତର ପାଠ୍ୟକ୍ରମରେ ୱମେନ୍ ଷ୍ଟଡିଜ୍ ପାଠ୍ୟ ଖସଡା ସାମିଲ ହୋଇଛି। ଏନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଗଷ୍ଟ ୨ରେ ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି। ଏହି ବିଷୟରେ ନୂତନ ଏମ.ଏ. ପାଠ୍ୟକ୍ରମ ଆରମ୍ଭ କରିବା ନେଇ ଜୁଲାଇ ୧୩ରେ ସିଣ୍ଡିକେଟ ବୈଠକରେ ନିଷ୍ପତ୍ତି ହୋଇଥିଲା। ଗୁରୁବାର ବିଶ୍ୱବିଦ୍ୟାଳୟରେ ମାଷ୍ଟର ଅଫ ଆର୍ଟ୍ସ ଇନ ଓମେନ୍ ଷ୍ଟଡ଼ିଜ୍ ବିଭାଗ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ନାତକୋତ୍ତର ନାରୀଶିକ୍ଷା ପାଠ୍ୟକ୍ରମର ପାଠ୍ୟଖସଡ଼ା ପ୍ରସ୍ତୁତ ହୋଇଛି। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅନୁମୋଦନ ପର୍ଯ୍ୟନ୍ତ ଏହି ପାଠ୍ୟକ୍ରମ ସେଲ୍ଫ ଫାଇନାନ୍ସ ମୋଡ଼ରେ ଚାଲିବ। ଚଳିତ ବର୍ଷଠାରୁ ଏହି ପାଠ୍ୟକ୍ରମରେ ପାଠପଢ଼ା ମଧ୍ୟ ଆରମ୍ଭ ହେବ। ତେବେ ଏଥିରେ ନାମଲେଖା ପ୍ରକ୍ରିୟା ଓ କମନ ପିଜି ଏଣ୍ଟ୍ରାନ୍ସ ସମ୍ପର୍କରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯଥାଶୀଘ୍ର ନୂତନ ବିଜ୍ଞପ୍ତି ପ୍ରକାଶ ପାଇବ। ଏନେଇ ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ନାରୀଶିକ୍ଷା ଗବେଷଣା ବିଭାଗ ଦାୟିତ୍ୱରେ ଥିବା ପ୍ରଫେସର ଡ଼.ପୁଷ୍ପାଞ୍ଜଳି ସାବତଙ୍କଠାରୁ ଜଣାପଡ଼ିଛି।

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ସୂଚନାଯୋଗ୍ୟ,ପୂର୍ବରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୧୯୮୫ରୁ ୱମେନ୍ ଷ୍ଟଡିଜ୍‌ରେ ଏମ୍‌ଫିଲ ଓ ପିଏଚଡ଼ି ବିଭାଗରେ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ। ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ଼.ଉର୍ମିମାଳା ଦାସ ଓ ପ୍ରଫେସର ବିବେକାନନ୍ଦ ଦାସ ଏହା ଦାୟିତ୍ୱରେ ଥିଲେ। ତେବେ ପ୍ରଫେସରଙ୍କ ଅବସର ଗ୍ରହଣ ଓ ୟୁଜିସ ପାଠ୍ୟକ୍ରମର ନୂତନ ଗାଇଡ୍‌ଲାଇନ୍ ହେତୁ ୨୦୧୮ରୁ ବିଶ୍ୱବିଦ୍ୟାଳୟରେ ୱମେନ୍ ଷ୍ଟଡିଜ୍‌ରେ ଏମ୍‌ଫିଲ ପାଠ୍ୟକ୍ରମ ବନ୍ଦ ହୋଇଯାଇଥିଲା। ଏଥିରେ ଗବେଷଣା ଦାୟିତ୍ୱରେ ବିଶ୍ୱବିଦ୍ୟାଳୟ ଗୃହ ବିଜ୍ଞାନ ବିଭାଗ ପ୍ରଫେସର ଡ଼.ସାମନ୍ତରାୟ ଏହି ବିଭାଗର ଦାୟିତ୍ୱରେ ଅଛନ୍ତି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଭଞ୍ଜନଗର,୪।୮(ଡି.ଏନ.ଏ.)



ବିଡିଓ ଶଶିଭୂଷଣ ମହାପାତ୍ର ଦିବ୍ୟାଙ୍ଗମାନଙ୍କ ସହ ଆଲୋଚନା କରୁଛନ୍ତି।

ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ହାଇସ୍କୁଲରେ ଗୁରୁବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୪୦ ଜଣଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଏଥିସହ ସରକାରଙ୍କ ବିଭିନ୍ନ ଯୋଜନାର ସୁବିଧା ପାଇବା ପାଇଁ ଶତାଧିକ ଦିବ୍ୟାଙ୍ଗ ଆବେଦନ କରିଥିଲେ। ଏବେବି ଅନେକ ଦିବ୍ୟାଙ୍ଗ ସରକାରଙ୍କ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହୋଇଛନ୍ତି। ବଡକୋଦଣ୍ଡା ଗ୍ରାମର ବିଦେଶୀ ପ୍ରଧାନଙ୍କ ନାତି ଶତପ୍ରତିଶତ ଦିବ୍ୟାଙ୍ଗ । କିନ୍ତୁ ସରକାରଙ୍କ ଯୋଜନା ତାଙ୍କ ପାଖରେ ପହଞ୍ଚି ପାରୁନାହିଁ। ତେଣୁ ପ୍ରଶାସନିକ ଅଧିକାରୀ ମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ବିଦେଶୀ ନିବେଦନ କରିଛନ୍ତି। ବିଡିଓ ଶଶୀଭୂଷଣ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବ୍ଲକ ଅଧ୍ୟକ୍ଷ ନରିସଭା ନାୟକ, ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗ ମାନଙ୍କୁ ସହାୟତା ପ୍ରଦାନ କରିଥିଲେ। ଅପରପକ୍ଷେ ଦିବ୍ୟାଙ୍ଗ ସଂଘର ନେତା ପ୍ରକାଶ ସାହୁ କହିଛନ୍ତି, ଅନେକ ଦିବ୍ୟାଙ୍ଗଙ୍କ ପାଖରେ ଏବେବି ପ୍ରମାଣପତ୍ର ନାହିଁ। ବ୍ରହ୍ମପୁର ଯାଇ ପ୍ରମାଣପତ୍ର କରିବା ସେମାନଙ୍କ ପାଇଁ କଷ୍ଟକର। ତେଣୁ କରୋନା ସମୟରୁ ବନ୍ଦ ଥିବା ଦିବ୍ୟାଙ୍ଗ ପ୍ରମାଣପତ୍ର ଚିହ୍ନଟ ଶିବିର ପୂର୍ବଭଳି ପ୍ରତିମାସ ୧୬ ତାରିଖରେ ଭଞ୍ଜନଗର ମେଡିକାଲରେ ହେଉ। ଏହାଦ୍ୱାରା ଉପଖଣ୍ଡର ଅନେକ ଦିବ୍ୟାଙ୍ଗ ସୁବିଧା ପାଇବେ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ପ୍ରକାଶ ଦାବି କରିଛନ୍ତି।

### ଭାମଶିଆଳିରେ ଷଣ୍ଢ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

**ବୁଗୁଡ଼ା, ୪।୮ (ଡି. ଏନ୍. ଏ.) :** ବୁଗୁଡ଼ା ଥାନା ଭାମଶିଆଳି ଗ୍ରାମରେ ଷଣ୍ଢ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଦଣ୍ଡପାଣି ରାଉତ (୭୫) । ଗୁରୁବାର ସନ୍ଧ୍ୟାରେ ଦଣ୍ଡପାଣି ଚାହା ପିଇ ସାରି କରଣସାହି ଛକରୁ ଘରକୁ ଫେରୁଥିବା ବେଳେ ବଡ଼ ସାହି ମଝିରେ ଏକ ବୁଲା ଷଣ୍ଢ ତାଙ୍କ ପଛ ପଟୁ ଶିଙ୍ଘରେ ଟେକି ଫୋପାଡ଼ି ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ବୁଗୁଡ଼ା ମେଡିକାଲକୁ ଆଣିଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ସ୍ୱାମୀ ଦାଦନ ଖଟି ଯାଇଥିଲାବେଳେ ସ୍ତ୍ରୀ ଘରେ କଳାକନା ବୁଲାଇଲେ

ନୟାଗଡ଼ ଅଫିସ,୪।୮

- ୪ ବର୍ଷର ଝିଅକୁ ନେଇ ଫେରାର
- ସ୍ୱାମୀଙ୍କ ଅଭିଯୋଗକୁ ଅଣଦେଖା କରୁଛି ପୋଲିସ

ସ୍ୱାମୀ ଦାଦନ ଖଟି ଯାଇଥିବାବେଳେ ସ୍ତ୍ରୀ ଘରେ କଳାକନା ବୁଲାଇ ୪ବର୍ଷର ଝିଅ ସହ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି । ନୟାଗଡ଼ ଜିଲା ଗୋଡିପଡା ଫାଣ୍ଡି ଭାଲିଆଡିହି ଗାଁରେ ଏହି ଘଟଣା ଘଟିଛି। ସ୍ୱାମୀ ଖବର ପାଇଁ ଗାଁରେ ପହଞ୍ଚିବା ପରେ ଶରଣକୁଳ ଥାନାରେ ଅଭିଯୋଗ କରିଛନ୍ତି । ହେଲେ ପୋଲିସ ଚୁପ୍ ବସିଥିବା ସେ କହିଛନ୍ତି।

ଭାଲିଆଡିହିର ସୁକୁରି ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ୩ ପୁଅ ଅଲଗା ରୁହନ୍ତି । ସୁକୁରି ଓ ତାଙ୍କ ସ୍ୱାମୀ ଗାଁରେ ରହୁନ୍ତି । ସାନପୁଅ ପ୍ରଦୀପ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିଲେ । ବୋହୂ ଟିକିନା(୨୬) ଓ ନାତୁଣି ଲକ୍ଷ୍ମୀପ୍ରିୟା (୪) ଗାଁରେ ଥିଲେ । ଗତମାସ ୨୦ରେ ବୋହୂ ଓ ନାତୁଣି ଖାଇ ପିଇ ଶୋଇଥିଲେ । ହେଲେ ତା ପରଦିନ ସକାଳ ୬ଟା ବେଳକୁ ଘରେ ବୋହୂ କି ନାତୁଣି ନ ଥିଲେ । ଘରର କବାଟ ଖୋଲା ରହିଥିଲା । ଖୋଜାଖୋଜି ପରେ ଟେର ନ ପାଇବାରୁ ଶରଣକୂଳ ଥାନାରେ ସୁକୁରି ଅଭିଯୋଗ କରିଥିଲେ। ଏପରିକି ଝିଅର ବାପ ଘରକୁ ମଧ୍ୟ ସେ ଏ ସଂକ୍ରାନ୍ତରେ ଖବର ଦେଇଥିଲେ । ହେଲେ ପୋଲିସ ଏଯାବତ ଖୋଳ ତାଡ କରି ନ ଥିବା ଶୁକରି କହିଛନ୍ତି । ଅନ୍ୟପକ୍ଷେ ସ୍ତ୍ରୀ ଓ ଝିଅ ନିଖୋଜ ଖବର ପାଇ ପ୍ରଦୀପ ଗାଁକୁ ଫେରିଛନ୍ତି । ଗାଁକୁ ଆସିବା ପରେ ସ୍ତ୍ରୀ ଘରେ କାନାକନା ବୁଲାଇଥିବା ଜାଣି ପାରିଛନ୍ତି । ଦାଦନରେ ରହି ଘରକୁ ପଠାଇଥିବା ୫୦ ହଜାର ଟଙ୍କା ସ୍ତ୍ରୀ ନେଇ ଯାଇଛନ୍ତି । ସେହିପରି ବ୍ୟାଙ୍କ ଋଣ କରି ପୁଣି ଦେଢ଼ ଲକ୍ଷ ଟଙ୍କା ଧରି ସେ ଫେରାର ହୋଇଯାଇଛନ୍ତି । ପ୍ରଦୀପଙ୍କ ସୂଚନା ଅନୁସାରେ ତାଙ୍କ ସ୍ତ୍ରୀଙ୍କୁ କେଶପାନିଆ ଗାଁର ଜଣେ ଯୁବକ ନେଇଯାଇଛନ୍ତି। ୪ ବର୍ଷର ଝିଅ ସେମାନଙ୍କ ସହ ଅଛି । ମା'ପରେ ସେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ମାମଲା ରୁଜୁ କରୁ ନ ଥିବା ପ୍ରଦୀପ କହିଛନ୍ତି ।

# ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

ବାଲିଗୁଡା,୪।୮(ଡି.ଏନ.ଏ.)



ବାଲିଗୁଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩୩ଟି ପ୍ରତିଯୋଗିତାରେ ୩୦୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । କୁର୍ତ୍ତମଗଡ଼, ବାଟାଗୁଡା, ଓ ବାଲିଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଚାରକ ଭାବେ ସହଯୋଗ କରିଥିଲେ । ଉଦଯାପନୀରେ ବାଲିଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ମାଝି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଦିବାସୀ ମହାବିଦ୍ୟାଳୟର ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଜ୍ଞାନ ଅଧାପକ ହିମାଂଶୁ ଚରଣ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ମାନସ ରଞ୍ଜନ ଆଚାର୍ଯ୍ୟ ସଭାରେ ସଭାପତିତ୍ୱ କରିଥିଲେ । ଅନୁଷ୍ଠାନର ସହ ସଂପାଦକ ଦଣ୍ଡପାଣି ଭୂୟା, ପୂର୍ବତନ ଉପସଭାପତି ଅନନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅତିଥିମାନଙ୍କ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବରିଷ୍ଠ ଆଚାର୍ଯ୍ୟା ମମତା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଏକ ମାସ ଜେଲରେ ରହିବା ପରେ ଜଣାଗଲା ନାବାଳକ

ବ୍ରହ୍ମପୁର ଅଫିସ,୪।୮

- ମଦ ଚାଲାଣ ମାମଲା
- ଜନ୍ମ ତାରିଖ ଭୁଲ ଦର୍ଶାଇଥିଲା ପୋଲିସ

ବେଆଇନ ଭାବେ ମଦ ଚାଲାଣ କରୁଥିବା ଅଭିଯୋଗରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳକାରାଗାରରେ ଏକ ମାସ ବିଚାରାଧୀନ ବନ୍ଦୀ(ୟୁଟିପି)ଭାବେ ରହିବା ପରେ ଜଣେ ଅଭିଯୁକ୍ତ ନାବାଳକ ବୋଲି ପ୍ରମାଣିତ ହୋଇଛି। କୋର୍ଟ ନିର୍ଦ୍ଦେଶ ପ୍ରକାରେ ତାଙ୍କୁ ମଣ୍ଡଳ କାରାଗାରରୁ ଜୁଭେନାଇଲ ଜଷ୍ଟିସ ବୋର୍ଡ଼ (ଜେଜେବି)ରେ ହାଜର କରାଯାଇଥିଲା। ଗତ ୧ ତାରିଖରେ ଉକ୍ତ ନାବାଳକଙ୍କ ପାଇଁ ବ୍ରହ୍ମପୁରରେ ଥିବା ସ୍ୱତନ୍ତ୍ର ପର୍ଯ୍ୟବେକ୍ଷଣ ଆବାସକୁ ପଠାଇ ଦିଆଯାଇଥିଲା। ତଦନ୍ତକାରୀ ଅଧିକାରୀ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ବେଳେ ଠିକ ବୟସ ପ୍ରମାଣପତ୍ର ଦାଖଲ କରି ନ ଥିବାରୁ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ପୁରୁଷୋତ୍ତମପୁର ଥାନା ପୋଲିସ ଜୁଲାଇ ୧ ରାତିରେ ରଷିପୁର ଛକରୁ ବେଆଇନ ଭାବେ ଦେଶୀ ମଦ ଚାଲାଣ ଅଭିଯୋଗରେ ଜଣେ ଯୁବକଙ୍କୁ କାବୁ କରିଥିଲା। ମାମଲା ନଂ. ୩୬୭/୨୨ ରେ ତାଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ପରେ କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ ମଣ୍ଡଳକାରାଗାରକୁ ପଠାଇ ଦିଆଯାଇଥିଲା।

ପରିବାର ଲୋକ ତାଙ୍କୁ ନାବାଳକ ବୋଲି ଦାବି କରି ତାଙ୍କ ଓକିଲ ସୁରେନ୍ଦ୍ର ବେହେରାଙ୍କୁ ଜଣାଇଥିଲେ। ଆଇନଜୀବୀ ବେହେରା ନାବାଳକ ଥିବା ଦର୍ଶାଇ ଛତ୍ରପୁର ଏଡ଼ିଜେଙ୍କ କୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। କୋର୍ଟ ଏହାର ଶୁଣାଣି କରିବା ସହ ଜନ୍ମ ପ୍ରମାଣ ପତ୍ର କିମ୍ବା ସରକାରୀ ତାଲିକା ପଞ୍ଜୀକୃତ ପ୍ରମାଣପତ୍ର ଦାଖଲ କରିବାକୁ ଆଦେଶ କରିଥିଲେ। ଅଭିଯୁକ୍ତ ଜଣଙ୍କ ପୂର୍ବରୁ ୮ମ ଶ୍ରେଣୀରେ ପଢୁଥିବା କେ.ଦେଓଗାଁ ନୋଡାଲ ହାଇସ୍କୁଲରୁ ଟ୍ରାନ୍ସଫର ସାର୍ଟିଫିକେଟ (ଟିସି) ବାହାର କରିଥିଲେ। ସେଥିରେ ତାଙ୍କର ଜନ୍ମ ତାରିଖ ୨୦୦୪ ଅଗଷ୍ଟ ୧୬ ବୋଲି ଲେଖାଯାଇଥିଲା। ଜନ୍ମ ତାରିଖ ଅନୁସାରେ ଗିରଫ ସମୟରେ ନାବାଳକଙ୍କୁ ୧୭ବର୍ଷ ୧୦ମାସ ୧୫ ଦିନ ହୋଇଥିଲା ବୋଲି ଓକିଲ ବେହେରା କହିଛନ୍ତି।

# ମୋଦିଙ୍କ ନେତୃତ୍ୱ: ଓଡ଼ିଶା ପାଇଁ ସକାରାତ୍ମକ ଦୃଷ୍ଟିଭଙ୍ଗୀ

ଓଡ଼ିଶା ମାଟିର ଝିଅ ଦ୍ରୌପଦୀ ମୁର୍ମୁ ଭାରତର ପଞ୍ଚଦଶ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରି ଓଡ଼ିଆ ଅସ୍ମିତାର ପ୍ରତୀକ ପାଲଟି ଯାଇଛନ୍ତି। ସେ ପ୍ରଥମ ଓଡ଼ିଆ ତଥା ପ୍ରଥମ ଆଦିବାସୀ ମହିଳା, ଯିଏ ଭାରତବର୍ଷର ସର୍ବୋଚ୍ଚ ସାମ୍ବିଧାନିକ ପଦ ମଣ୍ଡନ କରିଛନ୍ତି। ଏହା ଓଡ଼ିଶାବାସୀଙ୍କ ପାଇଁ କେବଳ ଗୌରବର ବିଷୟ ନୁହେଁ, ଭାରତର ବଞ୍ଚିତ, ଅବହେଳିତ ଓ ଅନଗ୍ରସର ବର୍ଗଙ୍କ ପାଇଁ ଗରିମାର କଥା। ଓଡ଼ିଶାର ଏକ ଆଦିବାସୀବହୁଳ ଜିଲା ମୟୂରଭଞ୍ଜର ଏକ ଅଖ୍ୟାତ ପଲ୍ଲୀର ସୁକନ୍ୟା ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରର ପ୍ରଥମ ନାଗରିକର ମର୍ଯ୍ୟାଦା ପ୍ରଦାନ କରିବାରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ବନଫୁଲର ମହକରେ ସମଗ୍ର ଭାରତବର୍ଷକୁ ମହକିତ କରିବା କଥା କେବଳ ମୋଦିଜୀ ହିଁ ଚିନ୍ତା କରିପାରନ୍ତି ଏବଂ ତା'ର ବାସ୍ତବ ରୂପାୟନ ମଧ୍ୟ କରିପାରନ୍ତି। ସାଧାରଣ ଲୋକମାନେ କାଳେକାଳେ ଅସାଧାରଣ ପ୍ରତିଭାର ଅଧିକାରୀ ହୋଇଥା'ନ୍ତି। ଶେଷ ତଳ ପାହାଚରେ ଥିବା ଅନେକଙ୍କ ପାଖରେ ଥାଏ ଅସୀମ ଶକ୍ତି ଓ ସାମର୍ଥ୍ୟ। କିନ୍ତୁ ଏପରି ପ୍ରତିଭାମାନେ ବଣମଲ୍ଲୀ ପରି ବଣରେ ଫୁଟି ମଉଳିଯାଆନ୍ତି। ରହିଯାଆନ୍ତି ଜନସମାଜର ଆଢୁଆଳରେ। ଲୋକ ହିତ ପାଇଁ ସେମାନଙ୍କ ଶକ୍ତି ମଧ୍ୟ ବିନିଯୋଗ କରାଯାଇପାରେ ନାହିଁ। ତେଣୁ ଏପରି ବଣମଲ୍ଲୀମାନଙ୍କୁ ଖୋଜିବା ଏବଂ ଚିହ୍ନଟ କରିବା ସମାଜ ଆଗରେ ସବୁବେଳେ ଏକ ବଡ଼ ଆହ୍ୱାନ।

ଭାରତବର୍ଷ ଅନାଦି କାଳରୁ ବିବିଧ ଜାତି, ବର୍ଣ୍ଣ ଓ ଗୋଷ୍ଠୀର ବାସସ୍ଥାନ। ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶୈକ୍ଷିକ ଅନଗ୍ରସର ଜାତି ତଥା ଅସ୍ପୃଶ୍ୟ ବର୍ଗ ଭାରତବର୍ଷର ଜନସଂଖ୍ୟାର ଏକ ପ୍ରମୁଖ ଅଂଶ। ପୁଣି ଅବସ୍ଥିତି ଭିତ୍ତିରେ କେତେକ ଅଞ୍ଚଳ ମଧ୍ୟ ପଛୁଆ ରାଜ୍ୟ ଭାବରେ ପରିଗଣିତ। ଆମ ସମାଜରେ ପଛରେ ପଡ଼ିଥିବା ପଛୁଆ ବର୍ଗ ଏବଂ ପଛୁଆ ରାଜ୍ୟକୁ ଆଗକୁ ନ ଆଣିଲେ ଦେଶର ସନ୍ତୁଳିତ ବିକାଶ ଅସମ୍ଭବ।

ଭାରତର ସର୍ବାଙ୍ଗୀନ ବିକାଶ ପଛରେ ଥିବା ଏହି ସହଜ ସତ୍ୟକୁ ଅନେକ ଶାସକ ବୁଝି ମଧ୍ୟ ବୁଝିପାରନ୍ତି ନାହିଁ। ସେମାନେ ସାମାଜିକ ନ୍ୟାୟ ବିଷୟରେ ଦୀର୍ଘ ସମୟ ଭାଷଣ ଦିଅନ୍ତି, କିନ୍ତୁ କାର୍ଯ୍ୟରେ କରି ଦେଖାନ୍ତି ନାହିଁ। ଆଦିବାସୀମାନଙ୍କ ପାରମ୍ପରିକ ନୃତ୍ୟରେ ଭାଗ ନିଅନ୍ତି, କିନ୍ତୁ ସେମାନଙ୍କ ବିକାଶକୁ ତ୍ୱରାନ୍ୱିତ କରନ୍ତି ନାହିଁ। କିନ୍ତୁ ଗତ ୮ ବର୍ଷ ହେବ, ଏପରି ଦୃଷ୍ଟିଭଙ୍ଗୀରେ ବ୍ୟାପକ ପରିବର୍ତ୍ତନ ଆସିଛି। ଭାରତର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମାଜିକ ନ୍ୟାୟ ଓ ସନ୍ତୁଳିତ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱାରୋପ କରୁଛନ୍ତି। ଭୌଗୋଳିକ ଦୃଷ୍ଟିରୁ ଭାରତର ପୂର୍ବ ଭାଗ ବିକାଶ କ୍ଷେତ୍ରରେ ପଛରେ ପଡ଼ିଛି। ବିହାର, ଓଡ଼ିଶା ଓ ଝାଡ଼ଖଣ୍ଡ ଆଦି ରାଜ୍ୟ ଅନ୍ୟ ରାଜ୍ୟ ତୁଳନାରେ ଅନଗ୍ରସର। ମାନ୍ୟବର ମୋଦିଜୀ ଭାରତର ସନ୍ତୁଳିତ ବିକାଶକୁ ଆଖି ଆଗରେ ରଖି ପୂର୍ବ ଭାରତର ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ପୁଣି ପୂର୍ବ ଭାରତରେ ଓଡ଼ିଶା ତାଙ୍କର ଏକ ପ୍ରିୟ ରାଜ୍ୟ। କାରୁକାର୍ଯ୍ୟପୂର୍ଣ୍ଣ କୀର୍ତ୍ତିରାଜି, ପ୍ରାକୃତିକ ଓ ଖଣିଜ ସମ୍ପଦ ପାଇଁ ଯେ ଓଡ଼ିଶା ତାଙ୍କ ଦୃଷ୍ଟି ଆକର୍ଷଣ କରିଛି ତା' ନୁହେଁ, ବରଂ ଓଡ଼ିଶାର ବିକାଶ ପ୍ରତି ସେ ସର୍ବଦା ସମ୍ବେଦନଶୀଳ। ପ୍ରାଚୁର୍ଯ୍ୟ ଓ ସମ୍ଭାବନାରେ ପରିପୂର୍ଣ୍ଣ ଓଡ଼ିଶାର ବିକାଶ କରିବା ପାଇଁ ମୋଦିଜୀଙ୍କ ପ୍ରତିବଦ୍ଧତାର ତୁଳନା ନାହିଁ। ଓଡ଼ିଶାର ପ୍ରତିଭାମାନଙ୍କୁ ସ୍ୱୀକୃତି ଦେବାରେ ତାଙ୍କର କାର୍ପଣ୍ୟ ନାହିଁ। ଓଡ଼ିଶାବାସୀଙ୍କ ଆଶା-ଆକାଂକ୍ଷା ପୂରଣ କରିବାରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ତତ୍ପରତାର ପଟାନ୍ତର ନାହିଁ।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜଣେ ପରମ ଭକ୍ତ। ୨୦୧୩ ମସିହାରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ସମୟରେ ସେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପାଇଁ ପୁରୀ ଆସିଥିଲେ। ପ୍ରଧାନମନ୍ତ୍ରୀ ଭାବରେ ୨୦୧୬ ମସିହା ଫେବୃୟାରୀ ମାସରେ ପୁରୀ ଆସି ଦିଅଁ ଦର୍ଶନ କରିଥିଲେ। ତାଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ପ୍ରଥମ ଥର ପାଇଁ ନବକଳେବର ନିମନ୍ତେ କେନ୍ଦ୍ର ସରକାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ମହୋଦୟ ନବକଳେବର ସ୍ମାରକୀ ମୁଦ୍ରାକୁ ଅନୁମୋଦନ ମଧ୍ୟ କରାଇଥିଲେ। ଓଡ଼ିଶାର ପର୍ବପର୍ବାଣି ପ୍ରତି ତାଙ୍କର ଅପ୍ରମିତ ଶ୍ରଦ୍ଧା ରହିଛି। ମହାବିଷୁବ ସଂକ୍ରାନ୍ତି, ରଜ ସଂକ୍ରାନ୍ତି, ରଥଯାତ୍ରା ଓ ନୂଆଁଖାଇ ଆଦି ଅବସରରେ ପ୍ରଧାନମନ୍ତ୍ରୀ



ଧର୍ମେନ୍ଦ୍ର ପ୍ରଧାନ

ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇ ତାଙ୍କ ଓଡ଼ିଶା ପ୍ରୀତିର ପରିଚୟ ଦେଇଆସୁଛନ୍ତି। ଓଡ଼ିଶା ଯେ କଳା ଓ ସଂସ୍କୃତିର ଉତ୍କର୍ଷ ଭୂମି, ଏହା ତାଙ୍କୁ ଭଲ ଭାବରେ ଜଣା। ମାଣବସା ଗୁରୁବାର, ଛଉ ନୃତ୍ୟ ଓ ରାବଣ ଛାୟାକୁ ସୂକ୍ଷ୍ମ ଐତିହ୍ୟ (ଇନ୍‌ଟେଞ୍ଜିବୁଲ ହେରିଟେଜ୍)ର ମାନ୍ୟତା ତାଙ୍କର ଅବଦାନ। ୨୦୧୮ ମସିହାରେ ଇଣ୍ଡୋନେସିଆ ରାଷ୍ଟ୍ରପତିଙ୍କ ସହିତ 'ବାଲିଯାତ୍ରା' ବିଷୟରେ ଆଲୋଚନା କରି ସେ ଓଡ଼ିଶାର ଏହି ଐତିହାସିକ ପର୍ବ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରିଛନ୍ତି।

ଦିଲ୍ଲୀରେ ଓଡ଼ିଆମାନଙ୍କୁ ସ୍ୱୀକୃତି ଦେବାରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କର ଅବଦାନ ଯେ ସବା ଉପରେ, ଏହା ଅବିସମ୍ବାଦିତ। ପୂର୍ବରୁ ଓଡ଼ିଶାରୁ ଜଣେ ଦୁଇ ଜଣ କେନ୍ଦ୍ରମନ୍ତ୍ରୀ ପଦ ପ୍ରାପ୍ତ ହୋଇଥିଲେ। ତାହା ପୁଣି ରାଷ୍ଟ୍ରମନ୍ତ୍ରୀ ପାହ୍ୟାରେ। ୨୦୧୪ ପୂର୍ବରୁ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀଙ୍କ ସଂଖ୍ୟାରେ ଓଡ଼ିଶାର ସ୍ଥାନ ଥିଲା ନଗଣ୍ୟ। କିନ୍ତୁ ମୋଦିଜୀଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ଜୁଏଲ ଓରାମଙ୍କଠାରୁ ଅଶ୍ୱିନୀ ବୈଷ୍ଣବଙ୍କ ପର୍ଯ୍ୟନ୍ତ ଓଡ଼ିଶାର ଅନେକ ନେତା କ୍ୟାବିନେଟ୍ ମନ୍ତ୍ରୀ ହୋଇଛନ୍ତି। ଆଦିବାସୀ ନେତା ବିଶେଶ୍ୱର ଟୁଡୁ କେନ୍ଦ୍ରରେ ରାଷ୍ଟ୍ରମନ୍ତ୍ରୀ ପଦ ମଣ୍ଡନ କରିଛନ୍ତି। ତା' ପୂର୍ବରୁ ପ୍ରତାପ ଷଡ଼ଙ୍ଗୀ ରାଷ୍ଟ୍ରପାହ୍ୟା ମନ୍ତ୍ରୀ ପଦରେ ଅବସ୍ଥାପିତ ହୋଇଥିଲେ। ମୋଦିଜୀ ଦ୍ରୌପଦୀ ମୁର୍ମୁ, ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ରାଜ୍ୟପାଳ ପଦବୀରେ ଅଧିଷ୍ଠିତ କରାଇଛନ୍ତି।

ପୂର୍ବରୁ ପଦ୍ମ ପୁରସ୍କାର ତାଲିକାରେ ଓଡ଼ିଆ ଲୋକଙ୍କର ନାଁ ଖୋଜି ନିରାଶ ହେବାକୁ ପଡୁଥିଲା। କେବେ କେମିତି ଗୋଟେ ନାଁ ଆଖିରେ ପଡୁଥିଲା। କିନ୍ତୁ ୨୦୧୫ ମସିହା ପରଠାରୁ ଲଗାତର ଓଡ଼ିଶାର ପ୍ରତିଭାମାନେ ପଦ୍ମସମ୍ମାନ ପାଇ ଆସୁଛନ୍ତି। ମନୋଜ ଦାସ, ପ୍ରତିଭା ରାୟଙ୍କ ପରି ସାହିତ୍ୟିକମାନେ ପଦ୍ମଭୂଷଣ ସମ୍ମାନ ପାଇଥିବା ବେଳେ ପ୍ରସ୍ତର ଶିଳ୍ପୀ ସୁଦର୍ଶନ ସାହୁ ପଦ୍ମ ବିଭୂଷଣ ସମ୍ମାନ ପାଇଛନ୍ତି। ପଦ୍ମ ସମ୍ମାନ ପାଇଥିବା ଅନେକ ଖ୍ୟାତନାମା କବି, ଲେଖକ, ନୃତ୍ୟାଙ୍ଗନା, କଣ୍ଠଶିଳ୍ପୀ, ସ୍ଥପତିଙ୍କର ଏକ ଲମ୍ବା ତାଲିକା ଏଠାରେ ପ୍ରଦାନ କରିବା ଅନାବଶ୍ୟକ। କିନ୍ତୁ ସମାଜ ପାଇଁ, ଜନସେବା ପାଇଁ ତଥା କିଛି ନୂଆ କାମ କରିବା ପାଇଁ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଥିବା ଅଥଚ ଦୃଷ୍ଟି ଆଢୁଆଳରେ ରହିଯାଇଥିବା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିଛନ୍ତି କେନ୍ଦ୍ରର ମୋଦି ସରକାର। ହଳଧର ନାଗ, ମିତ୍ରଭାନୁ ଗୌନ୍ତିଆଙ୍କଠାରୁ ଆରମ୍ଭ କରି ଦୈତାରୀ ନାୟକ ଓ ପୂର୍ଣ୍ଣମାସୀ ଜାନିଙ୍କ ପର୍ଯ୍ୟନ୍ତ ଅନେକ ଏକନିଷ୍ଠ ନୀରବ ସାଧକମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ କରିଛନ୍ତି ଏବେର କେନ୍ଦ୍ର ସରକାର। ଗୁଣ ଚିହ୍ନିବାରେ ମୋଦି ସରକାର ସଦା ଅଗ୍ରଣୀ।

ଓଡ଼ିଶା କେବଳ କଳା କାରିଗରିର ଖଣ୍ଡ ନୁହେଁ, ପ୍ରାକୃତିକ ବିପର୍ଯ୍ୟୟ ଯଥା: ବଢ଼ି, ଝଡ଼ି ଓ ମରୁଡ଼ିର ଚରାଭୂଇଁ ମଧ୍ୟ। ସମ୍ରାଟ୍ ଖାରବେଳଙ୍କ ରାଜତ୍ୱର ପ୍ରଥମ ବର୍ଷ ଓଡ଼ିଶାରେ ଭୟଙ୍କର ମହାବାତ୍ୟା ସଂଘଟିତ ହୋଇଥିଲା ବୋଲି ଗବେଷକମାନେ ମତ ଦିଅନ୍ତି। ସମ୍ବେଦନଶୀଳ ମୋଦିଜୀ ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସଦା ସହାନୁଭୂତିଶୀଳ। ଓଡ଼ିଶାର ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ସେ କେବଳ ଆଗୁଆ ସମୀକ୍ଷା କରନ୍ତି ନାହିଁ, ଆବଶ୍ୟକ ଅର୍ଥର ବନ୍ଦୋବସ୍ତ ମଧ୍ୟ କରନ୍ତି। ୨୦୧୯ ମସିହାରେ ଫନୀ ବାତ୍ୟା ସମୟରେ ସେ ୧ ହଜାର କୋଟି ଟଙ୍କାର ମଧ୍ୟବର୍ତ୍ତିକାଳୀନ ସହାୟତା ଘୋଷଣା କରିଥିଲେ ଏବଂ ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ଅଗ୍ରିମ ୩୪୧ କୋଟି ଟଙ୍କା ସହାୟତା ମଞ୍ଜୁର କରାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ଅତିରିକ୍ତ ୩,୩୩୮ କୋଟି ଅର୍ଥାତ୍ ମୋଟ ୪,୬୭୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୋଦି ସରକାର ପ୍ରଦାନ କରିଥିଲେ। ପୁନଶ୍ଚ ୨୦୨୧ ୟସ୍ ବାତ୍ୟା ବେଳେ ମୋଦିଜୀ ଭୁବନେଶ୍ୱର ଆସି ଓଡ଼ିଶାରେ ବାତ୍ୟାଜନିତ କ୍ଷୟକ୍ଷତିର ସମୀକ୍ଷା କରିବା ସହିତ ଆକାଶ ମାର୍ଗରୁ କ୍ଷୟକ୍ଷତିର ସର୍ବେକ୍ଷଣ କରିଥିଲେ। ସରକାର ଦାବି କରିବା ପୂର୍ବରୁ ସେ ୫ଶହ କୋଟି ଟଙ୍କାର ସହାୟତା ରାଶି ମଧ୍ୟ ଘୋଷଣା କରିଥିଲେ। ବିଶ୍ୱ ମହାମାରୀ କୋଭିଡ୍-୧୯ ସମୟରେ ପ୍ରଧାନମନ୍ତ୍ରୀ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନ, ସମାଜସେବୀ ନନ୍ଦକିଶୋର ସାହୁ, ବୃନ୍ଦାବନ କଳସ ଏବଂ କିଷାନ ସାହୁଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

ଊନବିଂଶ ଶତାବ୍ଦୀରେ ବ୍ରିଟିଶ୍ ବିରୋଧୀ ଆନ୍ଦୋଳନ ମଧ୍ୟରେ ପାଇକ ବିଦ୍ରୋହ ଏକ ଗୁରୁତ୍ୱପୂର୍ଣ୍ଣ ମୁକ୍ତି ସଂଗ୍ରାମ। ଏହି ଅଦ୍ୱିତୀୟ ସଂଗ୍ରାମକୁ ଦେଶବ୍ୟାପୀ ପାଳନ କରିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ୨୦୦ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା। ୨୦୧୮ ମସିହା ସେପ୍ଟେମ୍ବର ମାସରେ ରାଉରକେଲାଠାରେ ପ୍ରଧାନମନ୍ତ୍ରୀ ପାଇକ ଇତିହାସର ସ୍ମାରକୀ ମୁଦ୍ରା ଓ ଡାକ ଟିକଟ ଲୋକାର୍ପଣ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରେ ଗବେଷଣା ଚେୟାର ସ୍ଥାପନ କରିବା ପାଇଁ ମଧ୍ୟ ଘୋଷଣା କରାଯାଇଛି। ୨୦୧୯ ମସିହା ଡିସେମ୍ବର ମାସରେ ଭାରତର ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇଠାରେ ପାଇକ ବିଦ୍ରୋହ ସ୍ମାରକୀ ପ୍ରତିଷ୍ଠା ନିମନ୍ତେ ଶିଳାନ୍ୟାସ କରିଥିଲେ। ଓଡ଼ିଆ ଜାତିର ବୀରତ୍ୱର ଗାଥାକୁ ସର୍ବଭାରତୀୟ ସ୍ତରରେ ସ୍ୱୀକୃତି ଦେବା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ପ୍ରଶଂସନୀୟ ଭୂମିକା ରହିଆସିଛି।

କଳା, ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ରାଜ୍ୟ ସଭାକୁ ମନୋନୀତ କରିବା ଏକ ସାମ୍ବିଧାନିକ ବ୍ୟବସ୍ଥା। ପ୍ରଥମ ଥର ପାଇଁ ବର୍ତ୍ତମାନର କେନ୍ଦ୍ର ସରକାର ବିଶିଷ୍ଟ ସ୍ଥପତି ସ୍ୱର୍ଗତ ରଘୁନାଥ ମହାପାତ୍ର ଏବଂ ଖ୍ୟାତନାମା ଓଡ଼ିଶୀ ନୃତ୍ୟାଙ୍ଗନା ସୋନାଲ ମାନ ସିଂଙ୍କୁ ରାଜ୍ୟ ସଭାକୁ ମନୋନୀତ କରିଥିଲେ। ଓଡ଼ିଶା ପ୍ରତି ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସକାରାତ୍ମକ ମାନସିକତାର ଏହା ଉଜ୍ଜ୍ୱଳ ଦୃଷ୍ଟାନ୍ତ।

'ମନ୍ କୀ ବାତ୍' ଆମ ଲୋକପ୍ରିୟ ପ୍ରଧାନମନ୍ତ୍ରୀଙ୍କର ଏକ ଜନାଦୃତ କାର୍ଯ୍ୟକ୍ରମ। ସେହି କ୍ରମରେ ସେ ଓଡ଼ିଶାର ଅନେକ ନିଷ୍ଠାପର ତଥା ସର୍ଜନଶୀଳ ପ୍ରତିଭାଙ୍କ ସହିତ ବାର୍ତ୍ତାଳାପ କରିଛନ୍ତି। ନୀଳଗିରିର ଆଶାକର୍ମୀ ଯମୁନାମଣି ସିଂ, ଗରିବ ପିଲାମାନଙ୍କୁ ପାଠ ପଢ଼ାଉଥିବା କଟକର ଚା' ଦୋକାନୀ ସ୍ୱର୍ଗତ ଡି. ପ୍ରକାଶ ରାଓ, ନର୍ଦ୍ଦମା ନିଷ୍କାସନ ସମ୍ପର୍କରେ ମୌଳିକ ପରାମର୍ଶ ଦେଇଥିବା ଭୁବନେଶ୍ୱରର ସିତାଂଶୁ ମୋହନ ପରିଡ଼ା, ଚିତ୍ରଶିଳ୍ପୀ ବିଜୟ ବିଶ୍ୱାଳ, ଚିଙ୍ଗାରି ଆପ୍‌ର ସହ ପ୍ରତିଷ୍ଠାତା ବିଶ୍ୱାତ୍ମା ନାୟକ, ସାମରିକ ଓ ଅର୍ଦ୍ଧସାମରିକ ତାଲିମଦାତା ସିଲୁ ନାୟକ, କୋଭିଡ୍ ଟିକାକରଣ ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିବା ପୁଷ୍ପା ଶୁକ୍ଳା, କ୍ଷୁଦ୍ର ଜଙ୍ଗଲ ସୃଷ୍ଟି କରିଥିବା ଅମରେଶ ସାମନ୍ତ, ହେନ୍ତାଳ ବନ ସୃଷ୍ଟି କରିଥିବା ବିଜୟ କୁମାର କବି, ୟୁଟ୍ୟୁବ୍‌ର ଚର୍ଚ୍ଚିତ ଚେହେରା ଇସାକ ମୁଣ୍ଡା ଏବଂ ପୁରୀକୁ ପ୍ଲାଷ୍ଟିକମୁକ୍ତ କରୁଥିବା ରାହୁଲ ମହାରଣାଙ୍କ ସମ୍ପର୍କରେ ମୋଦିଜୀ ନିଜ 'ମନ୍ କୀ ବାତ୍'ରେ ଉଲ୍ଲେଖ କରିଥିଲେ। ଓଡ଼ିଶାର ଏତେ ସଂଖ୍ୟକ ଲୋକଙ୍କ ସହିତ ଭାବ ବିନିମୟ କରିବା ତାଙ୍କ ଓଡ଼ିଶା ପ୍ରୀତିର ପରିଚାୟକ।

ଉଚ୍ଚ ଶିକ୍ଷା କ୍ଷେତ୍ରରେ କେନ୍ଦ୍ର ସରକାର ଓଡ଼ିଶାକୁ ମଧ୍ୟ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ୨୦୧୫ ମସିହାରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦେଶରେ ଛଅ ଗୋଟି ନୂଆ ଆଇଆଇଏମ୍ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଓଡ଼ିଶା ଭାଗରେ ପଡ଼ିଥିଲା ଗୋଟିଏ, ସମ୍ବଲପୁର ଆଇଆଇଏମ୍। କେବଳ ଆଇଆଇଏମ୍ ନୁହେଁ, ବ୍ରହ୍ମପୁରରେ ଆଇଜର (ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ସଂସ୍ଥା) ଖୋଲିବା ପାଇଁ ନିଷ୍ପତ୍ତି ନେଇଥିଲେ ମୋଦି ସରକାର।

ଏବଂ ସର୍ବୋପରି ଦେଶରେ ଓଡ଼ିଆ ଅସ୍ମିତା ପ୍ରତିଷ୍ଠିତ ହୋଇଛି ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ମାଧ୍ୟମରେ। ଆଜି ଦେଶର ରାଷ୍ଟ୍ରପତି ଜଣେ ଓଡ଼ିଆ ଝିଅ, ଆଦିବାସୀ ମହିଳା। ଏହା ଭାରତବର୍ଷର ନେତୃତ୍ୱର ଅଭୂତପୂର୍ବ ପରାକାଷ୍ଠା ନୁହେଁ କି?

– ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର

## ସଂକ୍ଷେପରେ

### ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ନୟାଗଡ଼ ଅଫିସ,୪।୮:** ଚଳିତ ମାସ ୧୩ ତାରିଖରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ଅନୁଷ୍ଠିତ ହେବ ବୋଲି ପ୍ରାଧିକରଣଙ୍କ ସଚିବ ବିଶେଷ କୁମାର ସାହୁ ପ୍ରକାଶ କରିଛନ୍ତି। ଏହି ଲୋକ ଅଦାଲତରେ ଦେୱାନୀ ଓ ଫୌଜଦାରୀ ମାମଲା, ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ଗାଡ଼ିମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ଶ୍ରମ ଓ ନିଯୁକ୍ତି, ବିଦ୍ୟୁତ୍ ଓ ଜଳ,ବୈବାହିକ ସମସ୍ୟା(ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଭରଣ ପୋଷଣ,ଇ-ଚାଲାଣ ମାମଲା ଆଗତ କରାଯାଇ ଆପୋସ ସମାଧାନ କରାଯିବ। ଏଥିପାଇଁ ଜନସାଧାରଣଙ୍କୁ ଟଙ୍କା ଖର୍ଚ୍ଚ କରିବାକୁ ପଡିବ ନାହିଁ ବୋଲି ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

### ଚାରା ରୋପଣର ତଦନ୍ତ କରୁଛନ୍ତି ଆରସିସିଏଫ୍

**ନୟାଗଡ଼ ଅଫିସ,୪।୮:** ନୟାଗଡ଼ ବନଖଣ୍ଡରେ ଚାରା ରୋପଣର ତଦନ୍ତ କରୁଛନ୍ତି ସହକାରୀ ମୁଖ୍ୟ ବନ ସଂରକ୍ଷକ(ଆରସିସିଏଫ୍) ମନୋଜ ମହାପାତ୍ର। ଗୁରୁବାର ସେ ମହିପୁର, ଗଣିଆ ଓ ନୟାଗଡ଼ ରେଞ୍ଜ ଅଞ୍ଚଳର ଚାରା ରୋପଣ କାର୍ଯ୍ୟ ଦେଖିଥିଲେ। ପରେ ନୟାଗଡ଼ରେ ଏହାର ସମୀକ୍ଷା କରିଥିଲେ। ସେହିପରି ଶୁକ୍ରବାର ପଞ୍ଚରିଡା ରେଞ୍ଜକୁ ଯାଇ ଚାରା ରୋପଣ ନେଇ ଅନୁଧ୍ୟାନ କରିବାର କାର୍ଯ୍ୟକ୍ରମ ରହିଛି। ହାତୀଙ୍କ ଖାଦ୍ୟ ପାଇଁ କରାଯାଉଥିବା ଫଳ ଜଙ୍ଗଲ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଉଜୁଡି ଯାଇଥିଲା। ନୟାଗଡ ବନଖଣ୍ଡ ପଞ୍ଚରିଡା ରେଞ୍ଜର ଗୋଛା ସଂରକ୍ଷିତ ଜଙ୍ଗଲ ଓ ବାଣିଝରି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ୫୫ ହଜାର ଚାରା ଲଗାଇବା ସ୍ଥାନରେ ୪ ହଜାର ରୋପଣ ହୋଇଛି। ଏହି ଜଙ୍ଗଲରେ ଚାରା ରୋପଣ ନାଁରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି। ଶାଳ ଗଛ ତଳେ ଆମ୍ବ ଗଛ ଲଗାଇବା ପାଇଁ ଖୋଳା ଯାଇଛି ଗାତ। ଗାତ ଦେଢ଼ଫୁଟ ସ୍ଥାନରେ ୬ଇଞ୍ଚ ଖୋଳା ଯାଇଛି। ତେବେ ଆମ୍ବ ଚାରା ଫୋପାଡିବା ନେଇ ଭିଡିଓ ଓ ଫଟୋ ଭାଇରାଲ ପରେ ପୁଣି ଆମ୍ବ ଗଛ ରୋପଣ ହେବାକୁ ଆସିଥିଲା ବୋଲି ଅଭିଯୋଗ ହୋଇଥିଲା। ଏଭଳି ଘଟଣା ପରେ ଆରସିସିଏଫ୍‌ଙ୍କ ପଞ୍ଚରିଡା ଗସ୍ତ ଉପରେ ସମସ୍ତଙ୍କର ନଜର ରହିଛି।

## ରିପୋର୍ଟ ଦେଇପାରୁନି ଶିକ୍ଷା ବିଭାଗ

**ଖେଳ, ଲାଇବ୍ରେରି,ଇକୋ କ୍ଲବ ଅନୁଦାନ ଜାଲିଆତି ପ୍ରସଙ୍ଗ**

- କଣ୍ଟ ଶେଷ ହୋଇ ୪୦ ଦିନ ବିତିଲାଣି
- ଶେଷ ହୋଇପାରୁନି ତଦନ୍ତ
- ଦୁର୍ନୀତିକୁ ଚାପିବାକୁ ଚାଲିଛି ପ୍ରୟାସ
- ଜିଲା ପରିଷଦ ଶିକ୍ଷା ଷ୍ଟାଣ୍ଡିଂ କମିଟିର ଅସନ୍ତୋଷ

**ନୟାଗଡ଼ ଅଫିସ,୪।୮**

୨୦୧୯ରୁ ସ୍ପୋର୍ଟସ, ଲାଇବ୍ରେରୀ, ଇକୋ କ୍ଲବ ଅନୁଦାନ କିଭଳି ବିନିଯୋଗ ହୋଇଛି, ୟୁସି ଦିଆ ହୋଇଛି କି ନା ସେ ନେଇ ୭ ଦିନ ଭିତରେ ତଥ୍ୟ ଦେବାକୁ ଜିଲା ପରିଷଦର ଶିକ୍ଷା ଷ୍ଟାଣ୍ଡିଂ କମିଟି ନଂ-୭ ନିର୍ଦ୍ଦେଶ ଦେଇଥିଲା। ହେଲେ ୭ଦିନିଆ କଣ୍ଟ ଶେଷ ହୋଇଛି। ଇତିମଧ୍ୟରେ ୪୦ ଦିନ ବିତିଛି। ଅଥଚ କମିଟି ରିପୋର୍ଟ ପାଇ ନ ଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଜିଲା ପରିଷଦର ଶିକ୍ଷା ଷ୍ଟାଣ୍ଡିଂ କମିଟି ନଂ-୭ର ବୈଠକ ପରେ କେତେକ ସ୍କୁଲରେ ତଦନ୍ତ ହେଉଛି। ହେଲେ ସ୍ପୋର୍ଟସ, ଲାଇବ୍ରେରୀ, ଇକୋ କ୍ଲବ୍ ଅର୍ଥ ବିନିଯୋଗରେ ହୋଇଥିବା ଦୁର୍ନୀତିରେ ଏକ ର୍‍ୟାକେଟ କାମ କରୁଥିବାରୁ ଏହାକୁ ଚାପି ଦେବାକୁ ପ୍ରଚେଷ୍ଟା ହୋଇଛି। ଘଟଣାକୁ ରଫାଦଫା କରିବାକୁ ପ୍ରୟାସ ଚାଲିଛି ବୋଲି ଅଭିଯୋଗ ଉଠିଛି।

ପ୍ରକାଶ ଯେ, ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ଜିଲା ପରିଷଦର ଶିକ୍ଷା ଷ୍ଟାଣ୍ଡିଂ କମିଟି ବୈଠକ (ନଂ-୭) ଜୁନ ୨୪ରେ ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟିର ଅଧ୍ୟକ୍ଷ ରାମେଶ୍ୱର ଶତପଥୀ ଅଧ୍ୟକ୍ଷତା କରିଥିଲେ। ଲାଇବ୍ରେରୀ, ଖେଳ ଓ ଇକୋ କ୍ଲବ ଅନୁଦାନ ଖର୍ଚ୍ଚରେ ଅନିୟମିତତା ହୋଇଥିବାବେଳେ କିଚେନ୍ ଗାର୍ଡେନ୍ ଅନୁଦାନ ଆତ୍ମସାତ୍ ହୋଇଥିବାରୁ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଗୋଟିଏ ଖେଳ ଉପକରଣକୁ ୩ ଥର ବିଲ୍ କରାଯାଇଥିଲା, କିଚେନ୍ ଗାର୍ଡେନ ନ କରି ବିଲ୍ କରାଯାଇଥିଲା ବୋଲି ଅଭିଯୋଗ ଉଠିଥିଲା। ଏନ୍‌ଆରଟିଏସ୍, ବେଷ୍ଟ ସ୍କୁଲ ଆୱାଡସ୍, ଲାଇବ୍ରେରୀ ଓ ସ୍ପୋର୍ଟସ ଅନୁଦାନର ହିସାବ ଜିଲା ଶିକ୍ଷା ଅଧିକାରୀ ଦେଇ ପାରି ନ ଥିବାରୁ ଅପଦସ୍ତ ହୋଇଥିଲେ। ଏଭଳିସ୍ଥଳେ ୨୦୧୯ରୁ ସ୍ପୋର୍ଟସ, ଲାଇବ୍ରେରୀ, ଇକୋ କ୍ଲବ ଅର୍ଥ କିଭଳି ବିନିଯୋଗ ହୋଇଛ, ୟୁସି ଦିଆ ଯାଇଛି କି ନା ସେ ନେଇ ୭ ଦିନ ଭିତରେ ତଥ୍ୟ ଦେବାକୁ କମିଟି ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଜଣେ ଶିକ୍ଷକ କହିଛନ୍ତି, ଅଧିକାଂଶ ସ୍କୁଲରେ କିଚେନ ଗାର୍ଡେନ୍ ନାହିଁ। ପୁଣି ଲାଇବ୍ରେରୀ, ଖେଳ ଓ ଇକୋ କ୍ଲବ ଅନୁଦାନ ଠିକ୍‌ରେ ଖର୍ଚ୍ଚ ହେଉନି। ଏଥିରେ ତଳସ୍ତରରୁ ଉପରସ୍ତର ପର୍ଯ୍ୟନ୍ତ ପିସି କାରବାର ଚାଲିଥିବାରୁ ସ୍କୁଲକୁ ଅନୁଦାନ ଟଙ୍କା ଯାହା ଆସୁଛି ତାହା ଅଣ୍ଟୁନି। ଏଣୁ ଦାୟିତ୍ୱରେ ଥିବା ଶିକ୍ଷକ ବା ପ୍ରଧାନଶିକ୍ଷକ ନିଜ ପାଇଁ କିଛି ରଖି ନିମ୍ନମାନର ଉପକରଣ କିଣୁଛନ୍ତି। ବେଳେ ବେଳେ ପୁରୁଣା ଉପକରଣକୁ ଦେଖାଇ ପୁଣି ନୂଆ ବିଲ୍ କରି ହାତ ଚିକ୍କଣ କରୁଛନ୍ତି। ଏହି ଦୁର୍ନୀତିରେ ତଳୁ ଉପର ଯାଏ ଜଡ଼ିତ ଥିବାରୁ ତାହାକୁ ଘଣ୍ଟ ଘୋଡାବାକୁ ଉଦ୍ୟମ ଚାଲିଛି। ଯଦି ପ୍ରକୃତରେ ଏହାର ତଦନ୍ତ କରାଯାଏ ତେବେ ବହୁ ସ୍କୁଲର ଗୁମର ଫିଟିବ। ବହୁ ଅନିୟମିତତା ପଦାରେ ପଡ଼ିବ ବୋଲି ସେ କହିଛନ୍ତି। ଜିଲା ପରିଷଦର ଶିକ୍ଷା ଷ୍ଟାଣ୍ଡିଂ କମିଟି ନଂ-୭ର ଅଧ୍ୟକ୍ଷ ଶତପଥୀ କୁହନ୍ତି, ସ୍ପୋର୍ଟସ, ଲାଇବ୍ରେରୀ, ଇକୋ କ୍ଲବ ସମେତ କିଚେନ ଗାର୍ଡେନ ଅନୁଦାନ ରାଶି ୨୦୧୯ରୁ କିଭଳି ଖର୍ଚ୍ଚ ହୋଇଛି ସେନେଇ ତଥ୍ୟ ଜିଲା ଶିକ୍ଷା ଅଧିକାରୀଙ୍କୁ ମଗା ଯାଇଥିଲା। ହେଲେ ୭ ଦିନ ପରେ ବି ତଥ୍ୟ ଦେଇ ପାରୁନି ଶିକ୍ଷା ବିଭାଗ। ଏଣୁ ଏନେଇ ଅସନ୍ତୋଷ ବ୍ୟକ୍ତ କରାଯାଇ ତୁରନ୍ତ ରିପୋର୍ଟ ଦେବାକୁ କୁହାଯାଇଛି।

## ଓଡ଼ିଆ ସାମ୍ବାଦିକତା ଦିବସ ପାଳିତ



ଜଣେ ଖବରଦାତାଙ୍କୁ ରୋଟାରୀ କ୍ଲବ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

**ନୟାଗଡ଼ ଅଫିସ,୪।୮**

ନୟାଗଡ଼ର ରୋଟାରୀ କ୍ଲବର ସମ୍ମିଳନୀ କକ୍ଷରେ କ୍ଲବର ସଭାପତି ପ୍ରବୀର କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ସାମ୍ବାଦିକତା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ଜିଲା ସଭାପତି ଶ୍ରୀକାନ୍ତ ଖଟେଇ ଯୋଗ ଦେଇ ସାମ୍ବାଦିକଙ୍କ କର୍ତ୍ତବ୍ୟ ଉପରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସଂଘର ସଭାପତି ବୈଦ୍ୟଭୂଷଣ ମହାପାତ୍ର ଓ ସମ୍ପାଦକ ପ୍ରଦୀପ୍ତ ରଥ ଯୋଗ ଦେଇ ସାଂପ୍ରତିକ ପରିସ୍ଥିତିରେ ଗଣମାଧ୍ୟମ ଓ ସାମ୍ବାଦିକଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ସୁବୋଧ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସମସ୍ତ ସାମ୍ବାଦିକଙ୍କୁ ରୋଟାରୀ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ରଘୁନାଥଜୀଉ ମନ୍ଦିରରେ ଦେବୋତ୍ତର କମିଶନର



**ଓଡ଼ଗାଁ,୪।୮(ସ୍ୱ.ପ୍ର.)**

ଗୁରୁବାର ମଧ୍ୟାହ୍ନରେ ରାଜ୍ୟ ଦେବୋତ୍ତର କମିଶନର ଶିଶିର କୁମାର ରଥ ନୟାଗଡ଼ ଜିଲା ଓଡ଼ଗାଁ ଗସ୍ତରେ ଆସି ବିଭିନ୍ନ ମନ୍ଦିର ପରିଦର୍ଶନ କରିଛନ୍ତି। କମିଶନର ଶରଣକୂଳର ଲଡୁବାବା, ଓଡ଼ଗାଁର ରଘୁନାଥ ମନ୍ଦିର ଓ ଜାମୁପାଟଣାର ବାବା ଦ୍ୟୁତିକେଶ୍ୱର ମହାଦେବ ମନ୍ଦିର ପରିଦର୍ଶନ କରିବା ସହିତ ସ୍ତ୍ରୀଙ୍କ ସହ ମିଶି ପୂଜାର୍ଚ୍ଚନା କରିଥିଲେ। କମିଶନର ରଥଙ୍କୁ ଓଡ଼ଗାଁରେ ପୂଜକ ପରିଷଦ ଓ ମନ୍ଦିର ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଶନର ମନ୍ଦିର ବାହାର ଓ ଭିତର ବେଢା ପରିକ୍ରମା କରିଥିଲେ। ସ୍ଥାନୀୟ କଲେଜରୋଡରେ ଲୋକଙ୍କ ଜବରଦଖଲରେ ରହିଥିବା ଶ୍ରୀଜୀଉଙ୍କ ବହୁ ମୂଲ୍ୟବାନ ଜମିକୁ ଉଚ୍ଛେଦ କରିବା ସହିତ ଶ୍ରୀଜୀଉଙ୍କ ଦଖଲକୁ ଫେରାଇ ଆଣିବା, ପୂଜକ ଓ ସେବାୟତଙ୍କ କଲ୍ୟାଣ ନିମନ୍ତେ ସ୍ଥାୟୀ ବ୍ୟବସ୍ଥା କରିବା, ମନ୍ଦିର ଉନ୍ନୟନ କଲ୍ପେ ଏହାକୁ ୫-ଟିରେ ସାମିଲ କରିବାକୁ ଆଲୋଚନା ସମୟରେ ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ସୁଆର ପରିଷଦ ସଭାପତି କାର୍ତ୍ତିକ ପଣ୍ଡା, ମନ୍ଦିର ପରିଚ୍ଛା ହରିବନ୍ଧୁ ଷଡ଼ଙ୍ଗୀଙ୍କ ସମେତ ଉପସ୍ଥିତ ବରିଷ୍ଠ ସଦସ୍ୟ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଦେବୋତ୍ତର ପରିଚାଳକ ତାପସ ରଞ୍ଜନ ପଟ୍ଟନାୟକ ଓ ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର କମିଶନରଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ।

## ବାରଣ୍ଡାରେ ବସି ପାଠ ପଢୁଛନ୍ତି ଛାତ୍ରୀଛାତ୍ର

**ନୂଆଗାଁ,୪।୮(ଡି.ଏନ.ଏ.)**

ଶିକ୍ଷାର ବିକାଶ ଏବଂ ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ ଅଭିମୁଖୀ କରାଇବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଛନ୍ତି। ସେହି ଯୋଜନାଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ନିୟୋଜିତ କର୍ମଚାରୀଙ୍କ ଖାମଖିଆଲ ନୀତି ଯୋଗୁ ସୁଫଳ ମିଳୁ ନାହିଁ। ଛାତ୍ରୀଛାତ୍ରମାନେ ସ୍କୁଲରୁ ମୁହଁ ଫେରାଇ ନେଉଥିବା ଅଭିଯୋଗ ହେଉଛି। ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତ ସରକାରୀ ଶିମିଳିସାହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏପରି ନାନା ଅବ୍ୟବସ୍ଥାରେ ମଧ୍ୟରେ ଚାଲିଛି।

ଆଦିବାସୀ ବହୁଳ ଜାକେଡା ପଞ୍ଚାୟତ କାର୍ଯ୍ୟାଳୟକୁ ଲାଗି ରହିଛି ସରକାରୀ ଶିମିଳିସାହିପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଉକ୍ତ ସ୍କୁଲରେ ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୫୩ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କୁ ପାଠ ପଢାଇବା ପାଇଁ ଜଣେ ଶିକ୍ଷୟିତ୍ରୀ ଓ ୩ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ହେଲେ ୮ ଶ୍ରେଣୀ ପାଇଁ ୨ ଶ୍ରେଣୀଗୃହ ରହିଛି। ଫଳରେ ପିଲାମାନଙ୍କୁ ବାରଣ୍ଡାରେ ବସାଇ ପାଠପଢାଇବାକୁ ଶିକ୍ଷୟିତ୍ରୀ,ଶିକ୍ଷକମାନେ ବାଧ୍ୟ ହେଉଛନ୍ତି। ୪ ଜଣ ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ମଧ୍ୟରୁ ଗୁରୁବାର କେବଳ ଜଣେ ଶିକ୍ଷୟିତ୍ରୀ ସ୍କୁଲରେ ଉପସ୍ଥିତ ରହି ପିଲାମାନଙ୍କୁ ବାରଣ୍ଡାରେ ପାଠ ପଢାଉଥିବା ଦେଖିବାକୁ ମିଳିଥିଲା। ପଚାରିବାରେ ପ୍ରଧାନଶିକ୍ଷକ ସ୍କୁଲ କାମରେ ବ୍ୟାଙ୍କ ଯାଇଥିବା ବେଳେ ଆଉ ଜଣେ ଶିକ୍ଷକ ଛୁଟିରେ ଅଛନ୍ତି ବୋଲି କହିଥିଲେ। ଆଉ ଜଣେ ଶିକ୍ଷକ ଅନ୍ୟ ସ୍କୁଲକୁ ଡେପୁଟେଶନରେ ଯାଇଥିବା କହିଥିଲେ।




ସ୍କୁଲ ବାରଣ୍ଡାରେ ବସି ପାଠ ପଢୁଛନ୍ତି ଛାତ୍ରୀଛାତ୍ର।

ତେବେ ୮ଟି ଶ୍ରେଣୀ ପିଲାଙ୍କୁ ଜଣେ ଶିକ୍ଷୟିତ୍ରୀ କିଭଳି ଶିକ୍ଷାଦାନ କରୁଥିବେ ତାହା ସହଜରେ ଅନୁମେୟ। କୋଭିଡ କଟକଣା ସମୟରେ ସ୍କୁଲ ବନ୍ଦ ଥିବାରୁ ପ୍ରତି ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ଅନୁଦାନ ଟଙ୍କା ସ୍କୁଲକୁ ଆସିଛି। ହେଲେ ତାହା ଅଦ୍ୟାବଧି ପିଲାମାନଙ୍କୁ ଦିଆଯାଇ ନ ଥିବା କେତେଜଣ ଅଭିଭାବକ କହିଛନ୍ତି। ଏ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷକ ଅର୍ଜୁନ ମଲ୍ଲିକଙ୍କୁ ପଚାରିବାରେ ମୁଁ ଦେଢ ମାସ ହେଲା ଦାୟିତ୍ୱ ନେଇଛି। ପୂର୍ବରୁ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଅବହେଳା କରି ପିଲାଙ୍କୁ ଟଙ୍କା ଦେଇ ନ ଥିଲେ। ଏବେ ମୁଁ ଟଙ୍କା ବ୍ୟାଙ୍କରୁ ଆଣିଛି। କିନ୍ତୁ ମୋତେ କୌଣସି ଖାତାପତ୍ର ଦିଆ ଯାଇ ନ ଥିବାରୁ ମୁଁ ପିଲାମାନଙ୍କୁ ଟଙ୍କା ଦେଇ ପାରୁନାହିଁ ବୋଲି କହିଛନ୍ତି। ଏ ଅଭିଯୋଗ ବାବଦରେ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ଶିକ୍ଷକ ଅଚ୍ୟୁତାନନ୍ଦ ଦାସଙ୍କୁ ପଚାରିବାରେ ମୁଁ ୩ କିସ୍ତିରେ ପ୍ରାୟ ୮୨ ହଜାର ଟଙ୍କା ଦେଇ ସାରିଛି। ମୋ ପାଖରେ କୌଣସି ଟଙ୍କା ରଖିନି ବୋଲି ସେ ସଫେଇ ଦେଇଛନ୍ତି। ସ୍କୁଲର ଏଭଳି ସମସ୍ୟା ବାବଦରେ ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ନୟାଗଡ଼ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକଙ୍କୁ ପଚାରିବାରେ ଏ ବାବଦରେ ମୁଁ ତଦନ୍ତ କରିବି ବୋଲି କହିଛନ୍ତି।

**ଶିମିଳିସାହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

- ୮ଶ୍ରେଣୀକୁ ୨ ଗୃହ
- ଛାତ୍ରୀଛାତ୍ରଙ୍କୁ ମିଳିନି ମଧ୍ୟାହ୍ନ ଭୋଜନ ଅନୁଦାନ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୫ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ଆକ୍ରମଣ ମାମଲାରେ ବାପ, ପୁଅ ଗିରଫ

**ପାଣିକୋଇଲି,୪।୮(ଡି.ଏନ.ଏ.):** ବାକି ଟଙ୍କା ମାଗିବାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ ମାମଲାରେ ଅଭିଯୁକ୍ତ ବାପ, ପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପାଣିକୋଇଲି ପୋଲିସ। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଥାନା ଅଧୀନ ଶଗଡ଼ି ଗ୍ରାମର ଜହିରା ବେଗ(୫୦) ଓ ତାଙ୍କ ପୁଅ ଗୋରା ବେଗ(୨୪)। ଗୋଲେଇପୁର (କେଳା ଗଡ଼ିଆ)ଗ୍ରାମର ଶ୍ରୀଧର ମଲିକଙ୍କ ସ୍ତ୍ରୀ ଜାନକୀ ମଲିକଙ୍କ ଅଭିଯୋଗ ମୁତାବକ, ଗତ ୨ ତାରିଖରେ ଜହିରା ଓ ତାଙ୍କ ପୁଅ ଗୋରା ଜାନକୀଙ୍କ ଘରକୁ ଆସି ମାଟି ପଇସା ମାଗିଥିଲେ। ଏଥିସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏପରି କି ଜାତିଆଣ ଆକ୍ଷେପ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପୂର୍ବରୁ ମାଟିପକା ଟଙ୍କା ଜହିରାଙ୍କ ଭାଗୁଆଲି ଅପତରିଆ ବେଗ ନେଇ ଯାଇଥିବା କଥା ଜାନକୀ କହିଥିଲେ। ପରେ ରାତି ପ୍ରାୟ ୧୦ଟାରେ ଶ୍ରୀଧର ଏକ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ବାଟରେ ତାଙ୍କୁ ଅଟକାଇ ଜହିରା ଓ ଗୋରା ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଶ୍ରୀଧରଙ୍କ ହାତ ଭାଙ୍ଗି ଯାଇଥିଲା। ଜାନକୀଙ୍କ ଅଭିଯୋଗ ଥାନାରେ ନଂ.୧୭୫/୨୨ରେ ଏକ ମାମଲା ରୁଜୁ ହୋଇଛି।

### ଅସଦାଚରଣ ଉଦ୍ୟମ ମାମଲାରେ ଯୁବକ ଗିରଫ

**ଧର୍ମଶାଳା,୪।୮(ଡି.ଏନ.ଏ.):** ଧର୍ମଶାଳା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ କରି ଫେରାର ଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଅଞ୍ଚଳର ନୀଳାମ୍ବର ବେହେରା। ନୀଳାମ୍ବର ୧୬ ନଂ.ଜାତୀୟ ରାଜପଥ କାମରେ ନିୟୋଜିତ ଥିଲେ। ସେ ନେଉଳପୁର ଗ୍ରାମରେ ଭଡ଼ା ଘରେ ରହୁଥିଲେ। ଜାନୁୟାରୀ ୧୯ ତାରିଖରେ ସମ୍ପୃକ୍ତ ଯୁବକ ସ୍ଥାନୀୟ ଗ୍ରାମରେ ନିଜ ମାଉସୀ ଘରେ ରହୁଥିବା ୧୪ ବର୍ଷୀୟା ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ କରିଥିଲେ। ଏନେଇ ପୀଡ଼ିତାଙ୍କ ମାଉସୀ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୩/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ଅଭିଯୁକ୍ତ ନୀଳାମ୍ବରଙ୍କୁ ତାଙ୍କ ରାଜକନିକା ଘରୁ ଗିରଫ କରାଯାଇଥିଲା। ଗୁରୁବାର ତାଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରକେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

### ଓପେପା କର୍ମଚାରୀ ସେବା ସଂଘର ନୂତନ କର୍ମକର୍ତ୍ତା ଚୟନ

**ଯାଜପୁର ଅଫିସ,୪।୮:** ଯାଜପୁର ଜିଲା ଓପେପା କର୍ମଚାରୀ ସେବା ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଏଥିରେ ତ୍ରିଲୋଚନ ସାହୁ ସଭାପତି, ପ୍ରିୟମ୍ବଦା ମିଶ୍ର ସମ୍ପାଦକ ଏବଂ ଅରୁଣ କୁମାର ମହନ୍ତ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏଥିସହ ଜିଲା ପ୍ରତିନିଧି ଭାବେ ତ୍ରିଲୋଚନ ସାହୁ ଓ ଅମ୍ବିକା ପ୍ରସାଦ ନାୟକ ରହିଛନ୍ତି। ଜ୍ୟୋତ୍ସ୍ନାମୟୀ ଧଳ, ରମେଶ ଚନ୍ଦ୍ର ପାତ୍ର, ବନ୍ଦନା ଜେନା, ଗାୟତ୍ରୀ ମହାନ୍ତି, ସୁଧୀରଞ୍ଜନ ଦାସ, ସନ୍ତୋଷ କୁମାର ମହାନ୍ତି ଓ ସୁରେନ୍ଦ୍ର କୁମାର ସାହୁ ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି।

### ପଙ୍କରେ ପଡ଼ିଥିବା ଗାଈ ୨ ଦିନ ପରେ ଉଦ୍ଧାର

**ପାଣିକୋଇଲି,୪।୮(ଡି.ଏନ.ଏ.):** ପାଣିକୋଇଲି ଥାନା ୧୬ ନମ୍ବର ଜାତୀୟ ରାଜପଥ କଡ଼ ଜଗନ୍ନାଥ ହୋଟେଲ ନିକଟ ପଙ୍କ ଖାଲରେ ପଡ଼ିଥିବା ଏକ ଗାଈକୁ ୨ଦିନ ପରେ ଉଦ୍ଧାର କରାଯାଇଛି। ଗାଈଟି ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ସ୍ୱେଚ୍ଛାସେବୀ



ସଙ୍ଗଠନ ଆମେ ଆପଣଙ୍କ ପାଇଁ ହେଲ୍‌ପିଙ୍ଗ୍ ଗ୍ରୁପର ଉପଦେଷ୍ଟା ଅଶୋକ କୁମାର ବଳଙ୍କୁ ଜଣାଇଥିଲେ। ବଳ ସଙ୍ଗଠନର ସଦସ୍ୟମାନଙ୍କୁ ଡକାଇ ରଶି ଓ ବାଉଁଶ ସାହାଯ୍ୟରେ ପ୍ରାୟ ୨ ଘଣ୍ଟାର କସରତ ପରେ ଗାଈଟିକୁ ନର୍ଦ୍ଦମା ପଙ୍କରୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ପରେ ନିକଟସ୍ଥ ଚିକିତ୍ସକଙ୍କୁ ଡାକି ଗାଈର ଚିକିତ୍ସା କରାଇଥିଲେ। ଉଦ୍ଧାର କାର୍ଯ୍ୟରେ ଅନୁଷ୍ଠାନ ସଭାପତି ଅଶୋକ କୁମାର ଦାସ, ସାମାଜିକ କର୍ମୀ ତାରିଣୀ ପଟ୍ଟନାୟକ, ଚଗୁଲୁ ପଣ୍ଡା, ହାପି ମହାକୁଡ଼, ରାକେଶ ବେହେରା, ମୃତ୍ୟୁଞ୍ଜୟ ବିଶ୍ୱାଳ ଓ ଆମେ ବିପଦରେ ସାଥୀ ସଦସ୍ୟ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀଙ୍କ ଏଭଳି ପ୍ରୟାସକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ପଥର ଖାଦାନ ପାଇଁ ବଳିପଡ଼ିଲା ତୈଳଭଣ୍ଡାର

■ ୪ ବର୍ଷ ହେଲା ମିଳିଛି କ୍ୟାବିନେଟ ମଞ୍ଜୁରୀ

■ ନିଯୁକ୍ତି ଆଶା ଫସର ଫାଟିଲା

**ଯାଜପୁର ଅଫିସ,୪।୮**

ଯାଜପୁର ଜିଲା ଚଣ୍ଡିଖୋଲଠାରେ ପ୍ରସ୍ତାବିତ ଦେଶର ୪ର୍ଥସର୍ବବୃହତ୍‌ତୈଳଭଣ୍ଡାର ପଥର ଖାଦାନ ପାଇଁ ବଳିପଡ଼ିଛି। କ୍ୟାବିନେଟ ମଞ୍ଜୁରୀ ମିଳିବାର ଇତିମଧ୍ୟରେ ୪ ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ହେଁ କେନ୍ଦ୍ର ସରକାରଙ୍କ ଏହି ମହତ୍ ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ ନ କରି ଡଙ୍କାରୀରେ ପଥର ଖାଦାନ ଲିଜ୍ ସଂଖ୍ୟା ବଢିଚାଲିଛି। ଏପରି କି ସେଠାରେ ଛୋଟବଡ ୪୦ରୁ ଊର୍ଦ୍ଧ୍ୱ କ୍ରଶର ଚାଲିଛି। ଏଥିରୁ ସ୍ଥାନୀୟ ନିଯୁକ୍ତି ସମେତ ଦେଶର ସ୍ୱାର୍ଥକୁ ଅଣଦେଖା କରି କେତେଜଣ ଦଳୀୟ କର୍ମୀଙ୍କ ଦାବିକୁ ଗୁରୁତ୍ୱ ଦିଆଯାଉଛି ବୋଲି ମତପ୍ରକାଶ ପାଇଛି।



୨୦୧୮ ଜୁନ୍ ୨୭ରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟରେ ଏହି ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା। ଏଥିପାଇଁ ୩୮୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲାବେଳେ ଆବଶ୍ୟକ ୪୦୦ ଏକର ଜମି ଯୋଗାଇଦେବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ପାହାଡ଼ ପାଦ ଦେଶରେ ଏହି ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ଜମି ଚିହ୍ନଟ ଚୂଡ଼ାନ୍ତ ହୋଇଥିଲା। ଏଥିରେ ପ୍ରାୟ ୫୦୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଇଥିଲା। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନରୁ ୧୦ କି.ମି. ପରିଧି ମଧ୍ୟରେ ଚାଲିଥିବା ପ୍ରାୟ ୨୦ରୁ ଊର୍ଦ୍ଧ୍ୱ କଳାପଥର ଖାଦାନକୁ ମଧ୍ୟ ପୂର୍ବରୁ ବନ୍ଦ କରାଯାଇଥିଲା। ପରବର୍ତ୍ତୀ ସମୟରେ ପଥର ଖାଦାନଗୁଡିକରୁ ମାସିକ ଚାନ୍ଦା ଆଦାୟ ବନ୍ଦ ହୋଇଯିବା ଆଶଙ୍କା କରି ଆବଶ୍ୟକ ଜମି ଯୋଗାଇଦେବାରେ ପାତରଅନ୍ତର କରାଯାଇଥିଲା। ଅନ୍ୟପକ୍ଷେ କେନ୍ଦ୍ର ସରକାରଙ୍କ ନେତୃବର୍ଗ ମଧ୍ୟ ନୀରବୀ ଯାଇଥିଲେ। କେନ୍ଦ୍ରୀୟ ମଞ୍ଜୁରୀ ମିଳିବା ପରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟର ଯୁଗ୍ମ ସଚିବଙ୍କ ସମେତ ୪ଜଣ ଡଙ୍କାରୀ ଅଞ୍ଚଳ ପରିଦର୍ଶନରେ ଆସି ତୈଳଭଣ୍ଡାର ପ୍ରତିଷ୍ଠା ନେଇ ଲୋକଙ୍କ ମନରେ ଆଶା ସୃଷ୍ଟି କରିଥିଲେ। କିନ୍ତୁ ତତ୍କାଳୀନ ଧର୍ମଶାଳା ତହସିଲଦାର ଡଙ୍କାରୀ ଓ ଏହାର ଆଖପାଖରେ ଚାଲିଥିବା ଖାଦାନଗୁଡିକ ବନ୍ଦ ହେଲେ ସରକାର ପ୍ରାୟ ୧୪୧୩ କୋଟି ୮୬ ଲକ୍ଷ ୯୧ ହଜାର ୮୩୦ ଟଙ୍କା କ୍ଷତିରେ ପଡିବେ ବୋଲି ସରକାରଙ୍କୁ ଜଣାଇଥିଲେ। ତଥାପି ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ମତେ ଲିଜ୍‌ଧାରୀମାନଙ୍କୁ ୧୨।୪।୨୦୧୮ରେ ଖାଦାନ ବନ୍ଦ କରିବାକୁ ନୋଟିସ ଜାରି ହୋଇଥିଲା। ତଥାପି କଳାପଥର ଖାଦାନ ବନ୍ଦ ନ ହେବାରୁ ସ୍ଥାନୀୟ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ହାଇକୋର୍ଟ ଓ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ଦ୍ୱାରସ୍ଥ ହୋଇଥିଲେ। ଏନ୍‌ଜିଟି ତଦନ୍ତ କରି ଆବଶ୍ୟକ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ କିଛି ସୁଫଳ ନ ମିଳିବାରୁ ଇତିମଧ୍ୟରେ ଡଙ୍କାରୀର ଏକାଧିକ ଖାଦାନ ଚଳାଇବାକୁ ଅନୁମତି ଦିଆଯାଇଛି।

ଗତ ୨୦୧୭-୧୮ ବଜେଟ୍‌ରେ ଚଣ୍ଡିଖୋଲ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠା ପାଇଁ ସ୍ଥାନ ପାଇଥିଲା। ଡଙ୍କାରୀ ପାହାଡ଼ ପାଦଦେଶରେ ଥିବା ୨୨୧ ଖାତା ନମ୍ବର, ୬୦୦ ପ୍ଲଟ ନମ୍ବରର ୭୭୩.୬୦ ଏକର ପର୍ବତ କିସମ ଜମିରେ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରସ୍ତାବ ରହିଥିଲା। ଡଙ୍କାରୀର ରାଜସ୍ୱ ନିରୀକ୍ଷକ ମଧ୍ୟ ୧୧୮୧, ୧୧୮୩, ୧୧୮୫/୧୨।୪।୨୦୧୮ରେ ଲିଜ୍‌ଧାରୀମାନଙ୍କୁ ତୁରନ୍ତ କଳାପଥର ଉତ୍ତୋଳନ ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ। କେତେଜଣ ପ୍ରଭାବଶାଳୀ ନେତାଙ୍କ କବ୍‌ଜାରେ ଡଙ୍କାରୀ ପର୍ବତ ରହିଛି। ଏଥିରୁ ଆଦାୟ ହେଉଥିବା ମୋଟାଅଙ୍କର ଚାନ୍ଦାରେ କେତେଜଣଙ୍କ ପକେଟ ପୂରୁଥିବା ଚର୍ଚ୍ଚା ହେଉଛି। ତେଣୁ କଳେବଳେ କୌଶଳେ ଏହି ପ୍ରକଳ୍ପ ପ୍ରତିଷ୍ଠାରେ ଅଙ୍କୁଶ ଲଗାଯାଇଛି ବୋଲି ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଡଙ୍କାରୀ, ରାହାଡପୁର, ବରଡା ଓ ବାରମାଣ ପାହାଡର ୩୪୭.୯୬ ଏକର ପରିମିତ ଅଞ୍ଚଳରେ ବର୍ତ୍ତମାନ ୩୦ରୁ ଊର୍ଦ୍ଧ୍ୱ ପଥର ଖାଦାନ ଚାଲିଛି।

## ଜିଆର୍‌ଏସ୍‌ଙ୍କଠାରୁ ଟଙ୍କା ଛଡ଼ାଇବା ଅଭିଯୋଗରେ ୨ ଗିରଫ

**ବ୍ରହ୍ମବରଦା,୪।୮(ଡି.ଏନ.ଏ.)**

ଯାଜପୁର ସଦର ଥାନା ଅର୍ନ୍ତଗତ ଝାଲପଡ଼ା ପଞ୍ଚାୟତ ଝାଲପଡ଼ା ପ୍ରାଥମିକ ନୋଡାଲ ବିଦ୍ୟାଳୟରେ ଗ୍ରାମ ରୋଜଗାର ସେବକ(ଜିଆର୍‌ଏସ୍) ପଙ୍କଜ ବିଶ୍ୱାଳ ଭତ୍ତା ବଣ୍ଟନ କରୁଥିବା ସମୟରେ ସେହି ଗ୍ରାମର ୨ ଯୁବକ ତାଙ୍କଠାରୁ ୪ ହଜାର ଟଙ୍କା ଛଡ଼ାଇ ନେଇ ଫେରାର ହୋଇ ଯାଇଥିଲେ। ଏନେଇ ପଙ୍କଜ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ୨ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଝାଲପଡ଼ା ଗ୍ରାମର ମୁକ୍ତିକାନ୍ତ ନାୟକ ଓ ସୁକାନ୍ତ ଦଳାଇ। ଏ ସମ୍ପର୍କରେ ଅଭିଯୁକ୍ତ ଦ୍ୱୟ କହିଛନ୍ତି, ବାପାଙ୍କ ୩ ମାସର ଭତ୍ତା ଟଙ୍କା ମିଳି ନ ଥିଲା। ଆମେ ଭତ୍ତା ବଣ୍ଟନ କେନ୍ଦ୍ର ନିକଟରେ ପହଞ୍ଚି ଜିଆରଏସ୍‌ଙ୍କୁ ଜଣାଇଥିଲୁ। ଫଳରେ ଏହାକୁ ନେଇ ବଚସା ହୋଇଥିଲା। ତେଣୁ ସେ ଆମ ନାମରେ ଥାନାରେ ମିଥ୍ୟା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଆର୍‌ଏସ୍‌ଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ଏସ୍‌ପିଙ୍କୁ ଫେରାଦ ହେଲେ ପୀଡ଼ିତ ପରିବାର

■ ଜମି ବିବାଦର ସମାଧାନ ହେଉନି

**ପାଣିକୋଇଲି,୪।୮(ଡି.ଏନ.ଏ.)**

ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ଖପୁରିଆପଦା ଗ୍ରାମର ବିକାଶ ଧଳ ଜମିବାଡ଼ି ବିବାଦ ଘଟଣାରେ ନ୍ୟାୟ ପାଉନାହାନ୍ତି। ତେଣୁ ସେ ଗୁରୁବାର ପାଣିକୋଇଲିସ୍ଥିତ ପୋଲିସ ମୁଖ୍ୟାଳୟରେ ପରିବାର ସହିତ ପହଞ୍ଚି ଏସ୍‌ପିଙ୍କୁ ଦୁଃଖ ଜଣାଇବା ସହ ନ୍ୟାୟ ଭିକ୍ଷା କରିଛନ୍ତି।

ବିକାଶଙ୍କ ଅଭିଯୋଗ ମୁତାବକ ତାଙ୍କ ବ୍ୟକ୍ତିଗତ ଜମିକୁ ପଡ଼ୋଶୀ ସନାତନ ଧଳ, ବ୍ରଜକିଶୋର ଧଳ ଜୋରଜବରଦସ୍ତି ଅକ୍ତିଆର କରିବା ସହ ଲଗାଯାଇଥିବା ଫସଲକୁ ନଷ୍ଟ କରିଦେଇଛନ୍ତି। ବିକାଶ ଏହାର ପ୍ରତିବାଦ କରିବାରୁ ସେମାନେ ତାଙ୍କ ପରିବାରର ସମସ୍ତଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ବିକାଶ ଦାନଗଦି ଫାଣ୍ଡିରେ ଲିଖିତ ଭାବେ ଜଣାଇଥିଲେ। ପରେ ଯାଜପୁର ରୋଡ୍ ପୋଲିସ ଘଟଣାର ତଦନ୍ତ କରି ମୁଖ୍ୟ ଅଭିଯୁକ୍ତଙ୍କୁ ନ ଧରି କେତେକ ସହଯୋଗୀଙ୍କୁ ଆଣି ଅଟକ ରଖିବା ପରେ ଛାଡ଼ିଦେଇଥିଲା। ଫଳରେ ଅଭିଯୁକ୍ତମାନେ ପୁନଃ ଗଣ୍ଡଗୋଳ ଓ ଧମକ ପ୍ରକ୍ରିୟା ଜାରି ରଖିଛନ୍ତି। ବିକାଶଙ୍କ ପରିବାର ପ୍ରତି ବିପଦ ରହିଛି। ଏ ନେଇ ବିକାଶ ଯାଜପୁର ରୋଡ ଥାନାକୁ ବାରମ୍ବାର ଦୌଡି ନିରାଶ ହେଲେଣି। କିନ୍ତୁ ପୋଲିସ ତାଙ୍କ କଥା ଶୁଣୁନାହିଁ। ତେବେ ଏ ଦିଗରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିବା ବିକାଶ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।



ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ପରିବାର।

## ଡାକ୍ତର ହୋଇ ସେବା କରିବି: ଶୁଭଶ୍ରୀ

**ବରୀ,୪।୮(ଡି.ଏନ.ଏ.)**

ବରୀ ବ୍ଲକ୍ ଅଧୀନ କୃଷ୍ଣନଗର ଗ୍ରାମର ଶୁଭଶ୍ରୀ ତ୍ରିପାଠୀ ୯୩.୬ ପ୍ରତିଶତ ନମ୍ବର ରଖି ଯୁକ୍ତ ୨ ବିଜ୍ଞାନରେ ପାସ କରିଛନ୍ତି। ତେଣୁ ବିଭିନ୍ନ ମହଲରୁ ତାଙ୍କୁ ସ୍ୱାଗତ କରାଯାଉଛି। ବହୁ ବୁଦ୍ଧିଜୀବୀ ଓ ଶିକ୍ଷାବିତ ତାଙ୍କ ବାସଭବନରେ ପହଞ୍ଚି ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଶୁଭଶ୍ରୀ ଗମ୍ଭୁ ସୈନିକ ସ୍କୁଲରେ ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ। ପରେ ଶୋଭନୀୟ ଶିକ୍ଷାଶ୍ରମରେ ଶିକ୍ଷା ଗ୍ରହଣ କରିଥିଲେ। ଏହାପରେ କେନ୍ଦ୍ରାପଡ଼ାସ୍ଥିତ ଭାରତୀୟ ବିଦ୍ୟା ନିକେତନରୁ ୧୦ମରେ ୮୭ ପ୍ରତିଶତ ନମ୍ବର ରଖି ପାସ କରିବା ପରେ ଟାଙ୍ଗୀସ୍ଥିତ ଟେଟ୍ରା ଆବାସିକ ବିଦ୍ୟାଳୟରେ ଯୁକ୍ତ ୨ ଶିକ୍ଷାଲାଭ କରିଥିଲେ। ବରୀ ଅଞ୍ଚଳର ଜଣେ ଛାତ୍ରୀ ନିଜର ନିଷ୍ଠା ଓ ଦକ୍ଷତା ଯୋଗୁ ଏଭଳି ଶୀର୍ଷସ୍ଥାନରେ ପହଞ୍ଚି ପାରିଛନ୍ତି ବୋଲି ବୁଦ୍ଧିଜୀବୀ ମତ ରଖିଛନ୍ତି। ଶୁଭଶ୍ରୀ ଅବସରପ୍ରାପ୍ତ ଶିକ୍ଷକ ଦିବ୍ୟସିଂହ ତ୍ରିପାଠୀଙ୍କ ନାତୁଣୀ ହୋଇଥିବା ବେଳେ ଶିକ୍ଷକ ଆର୍ତ୍ତତ୍ରାଣ ତ୍ରିପାଠୀଙ୍କ ଝିଅ। ଆଗାମୀ ଦିନରେ ଜଣେ ଡାକ୍ତର ହୋଇ ଲୋକଙ୍କ ସେବା କରିବାକୁ ସେ ଇଚ୍ଛା ପ୍ରକଟ କରିଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



## ପବ୍ଲିକ୍ ପ୍ରସିକ୍ୟୁଟରଙ୍କ ସମୀକ୍ଷା ବୈଠକ



ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଆଇନଜୀବୀ।

**ଯାଜପୁର ଟାଉନ,୪।୮(ଡି.ଏନ.ଏ.)**

ଯାଜପୁର ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ରାଜ୍ୟ ପବ୍ଲିକ୍ ପ୍ରସିକ୍ୟୁଟରଙ୍କ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ କୋର୍ଟରେ ଥିବା ବିଚାରାଧୀନ ମାମଲା ଗୁଡିକର ସ୍ଥିତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ମାମଲା ଗୁଡିକରେ ତଦନ୍ତକାରୀ ଅଧିକାରୀ ଓ ସରକାରୀ ଓକିଲ ମିଳିତ ଭାବେ ମୋକଦ୍ଦମା ଗୁଡିକର ଠିକ୍ ପରିଚାଳନା କରି ଅଭିଯୁକ୍ତଙ୍କୁ ଦଣ୍ଡବିଧାନ କରିବା ଦିଗରେ ଉଦ୍ୟମ କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପି.ଆର୍, ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ପବ୍ଲିକ୍ ପ୍ରସିକ୍ୟୁଟର ସମରେନ୍ଦ୍ର ଦାସ, ଜିଲା ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡା ପ୍ରମୁଖ ଯୋଗଦେଇ ବିଚାରାଧୀନ ମାମଲା ଗୁଡିକର ତ୍ୱରିତ ଫଇସଲା ନେଇ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ଜିଲାର ସମସ୍ତ ସରକାରୀ ଓକିଲ ଯୋଗଦେଇ ମୋକଦ୍ଦମା ସଂକ୍ରାନ୍ତୀୟ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ରାଜେନ୍ଦ୍ର ପ୍ରସାଦ ନାୟକ, ଜୟଦୀପ ମିଶ୍ର, ନରେନ୍ଦ୍ର ମାହୁନ୍ତ, ସ୍ୱତନ୍ତ୍ର ପି.ପି (ପୋକ୍ସୋ) ରାଜୀବ ମହାନ୍ତି, ସ୍ୱତନ୍ତ୍ର ପିପି ରଜତ ରାଉତ ଓ ସମସ୍ତ କାର୍ଯ୍ୟରତ ସରକାରୀ ଓକିଲ ସର୍ବଶ୍ରୀ ଶୈଳେନ୍ଦ୍ର ସାମଲ, ବିରଜା ପରିଡା, ଦେବରାଜ ବେହେରା, ଅମିୟ ମହାନ୍ତି, ଅଜୟ ଦାସ, ନାରାୟଣ ଧଳ, ଉପେନ୍ଦ୍ର କର, ଚନ୍ଦ୍ରକାନ୍ତ ପାତ୍ର, ମୋନାଲିସା ବିଶ୍ୱାଳ, ଅମିୟ ତରାଇ, ବିକ୍ରମ ସେଠୀ, ନବଘନ ସାହୁ, ରାକେଶ ମିଶ୍ର, ଶୈଳେନ୍ଦ୍ର ଦାସ, ମାନଗୋବିନ୍ଦ ଧଳ, କମଳଲୋଚନ ଉପାଧ୍ୟାୟ, ମନୋରଞ୍ଜନ ରାୟ, ଶ୍ରୀକାନ୍ତ ଷଡ଼ଙ୍ଗୀ, ଯଯାତି ଜଗନି ପଣ୍ଡା, ପ୍ରକାଶ ଦାସ, ପ୍ରକାଶ ରାଉତ, ତପସ୍ୱିନୀ ମଲ୍ଲିକ, ଚନ୍ଦନ କାଣ୍ଡି, ପ୍ରଶାନ୍ତ ଦାସ, ଶରତ ଖଣ୍ଡେଇ, ଲିଙ୍ଗରାଜ ସ୍ୱାଇଁ ଓ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସିମେଣ୍ଟ କାରଖାନା ପାଇଁ ଆଜି ଜନଶୁଣାଣି

■ ଜନଶୁଣାଣିକୁ ସପକ୍ଷରେ ନେବାକୁ ଆପ୍ରାଣ ଉଦ୍ୟମ

■ ବିରୋଧୀଙ୍କୁ ନ ଯିବାକୁ ଚକ୍ରାନ୍ତ

**ଚଣ୍ଡିଖୋଲ,୪।୮(ଡି.ଏନ.ଏ.)**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀ ପଞ୍ଚାୟତରେ ମହାସିମେଣ୍ଟ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। ଏଥିପାଇଁ ବୈରୀ ପଞ୍ଚାୟତର ଜଗନ୍ନାଥ ମନ୍ଦିର ନିକଟରେ ଶୁକ୍ରବାର ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଏଥିପାଇଁ ୫ ଦିନ ଧରି ପ୍ରସ୍ତୁତ ଚାଲିଛି। ତେବେ ସିମେଣ୍ଟ କାରଖାନା ପ୍ରତିଷ୍ଠାକୁ ଯେପରି ଶାସକ କିମ୍ବା ବିରୋଧୀ ଦଳର ସଦସ୍ୟ ବିରୋଧ ନ କରିବେ ସେଥିପାଇଁ କମ୍ପାନୀ କର୍ତ୍ତୃପକ୍ଷ ୧ ମାସ ହେଲା ବିଭିନ୍ନ ସ୍ଥାନ ଗ୍ରସ୍ତ କରି ପ୍ରଚେଷ୍ଟା ଜାରିରଖିଛନ୍ତି। ପଞ୍ଚାୟତର ବଗଡ ଓ ଝାଟିଆପଡ଼ା ମୌଜାରେ ପ୍ରତିଷ୍ଠା ହେବାକୁ ଥିବା କାରଖାନାକୁ ସେଠାକାର ଅଧିବାସୀ ହୋଇ ରହିଥିବା ୪୫ଟି ଆଦିବାସୀ ପରିବାର ବିରୋଧ କରୁଛନ୍ତି। ଏଥିନେଇ ଗତ ୨ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପତ୍ର ଲେଖି ସେମାନଙ୍କ ଦୁଃଖ ଜଣାଇଛନ୍ତି। ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେଠାରେ ରହୁଥିବା ବେଳେ ତାଙ୍କୁ ଆଜି ପର୍ଯ୍ୟନ୍ତ ଜିଲା ପ୍ରଶାସନ ତରଫରୁ ଗୁଣ୍ଠେ ଜାଗା ଦିଆଯାଇନାହିଁ। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ୮୦ ଏକର ଜମି ପ୍ରଦାନ କରାଯାଉଛି। ପୂର୍ବରୁ ସେଠାରେ ଡାଲମିଆ ସିମେଣ୍ଟ କମ୍ପାନୀ ପ୍ରତିଷ୍ଠା ହୋଇଥିଲା ବେଳେ ଗୋଟିଏ ବି ପ୍ରତିଶ୍ରୁତି ପାଳନ କରିନାହିଁ। ଏହି ସିମେଣ୍ଟ କମ୍ପାନୀର ପ୍ରଦୂଷଣରେ ସେମାନେ ଅତିଷ୍ଠ ହେଉଥିଲା ବେଳେ ପୁନର୍ବାର ଆଉ ଏକ କମ୍ପାନୀ ପ୍ରତିଷ୍ଠା ହେବାକୁ ନେଇ ସେମାନେ ବିରୋଧ କରିଛନ୍ତି। ଏହି ଆଦିବାସୀ ପରିବାରର ମହିଳା ସୁମତୀ ମୁଣ୍ଡା ଓ ଦଶମହେମ୍ରମ କହିଛନ୍ତି, ଏଠାକୁ ଯେଉଁ ବାବୁମାନେ ଆସନ୍ତି ଆମକୁ ମିଥ୍ୟ ପ୍ରତିଶ୍ରୁତି ଦେଇ ବହୁତ କଥା କୁହନ୍ତି। ସେମାନଙ୍କ କାମ ସରିଗଲେ ଆମକୁ ପଚାରନ୍ତି ନାହିଁ। ଏହା ସହ ଏଠାରେ ଜଙ୍ଗଲ ଜମି ରହିଥିବା ବେଳେ ବଣୁଆ ହାତୀ ଚଳପ୍ରଚଳ କରିଥାନ୍ତି। କାରଖାନା ପ୍ରତିଷ୍ଠା ହେବା ଦ୍ୱାରା ହାତୀ ଜଙ୍ଗଲ ଛାଡ଼ି ଗାଁ ମୁହାଁ ହେଉଛନ୍ତି। ପ୍ରଶାସନ ପକ୍ଷରୁ କଳିଙ୍ଗ ନଗର ଏଡିଏମ ସନ୍ତୋଷ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଜନଶୁଣାଣି ହେବ। ଏଥିପାଇଁ ବ୍ୟାପକ ପୋଲିସ ବନ୍ଦୋବସ୍ତ କରାଯାଇଛି। ବୁଧବାର ଯାଜପୁର ଏସପି ରାହୁଲ ପିଆର ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହେବା ସହ ୪ ଇନ୍ସପେକ୍ଟର, ୨ ଜଣ ଡିଏସପି ଓ ୪ ଜଣ ମାଜିଷ୍ଟ୍ରେଟ ଉପସ୍ଥିତ ରହିବେ ବୋଲି ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ ପ୍ରକାଶ କରିଛନ୍ତି। ବିରୋଧୀ ପକ୍ଷ କିପରି ସେଠାକୁ ନ ଯିବେ ସେଥିପାଇଁ କମ୍ପାନୀ କର୍ତ୍ତୃପକ୍ଷ ଓ କମ୍ପାନୀ ସପକ୍ଷବାଦୀ ଜୋରଦାର ଉଦ୍ୟମ ଚଳାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏଭଳି ଘଟଣାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି।

## ଇମ୍ଫା ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ

**କାଳିଆପାଣି,୪।୮(ଡି.ଏନ.ଏ.)**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଚିଙ୍ଗୁଡ଼ିପାଳ ପଞ୍ଚାୟତ କାର୍ଯ୍ୟାଳୟରେ ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ ହୋଇଯାଇଛି। ଇମ୍ଫା କମ୍ପାନୀର ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାର୍ଥ ଅଧିକାରୀ ରଶ୍ମିପ୍ରଭା ଖଟୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ସ୍ତନ୍ୟପାନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।

ସ୍ଥାନୀୟ ଅଞ୍ଚଳର ୮୦ରୁ ଊର୍ଦ୍ଧ୍ୱ ମହିଳା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅଞ୍ଜଳି ଦେହୁରି, ସମିତିସଭ୍ୟା ରୀନା ମାଝି, ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଶୁଭ୍ରଜ୍ୟୋତି ସାମଲ, ଚିଙ୍ଗୁଡ଼ିପାଳ ଉପସ୍ୱାସ୍ଥ୍ୟକେନ୍ଦ୍ରର ସୁଭଶ୍ରୀ ତ୍ରିପାଠୀ, ଇମ୍ଫାର ଉପମହାପ୍ରବନ୍ଧକ ମନୋଜ କୁମାର ସାମଲ ଯୋଗଦେଇ ସ୍ତନ୍ୟପାନ ମା' ଓ ଶିଶୁର ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ଉପସ୍ଥିତ ମହିଳାଙ୍କ ମଧ୍ୟରେ ଜଣାଅଜଣା କାର୍ଯ୍ୟକ୍ରମ କରାଯାଇ କୃତୀ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ଅଧିକାରୀ ପ୍ରିୟବ୍ରତ ପରିଡ଼ା ପରିଚାଳନା କରିଥିବା ବେଳେ ଇମ୍ଫାର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମିଳନ ରଞ୍ଜନ କର, ଶମ୍ଭୁନାଥ ନାୟକ, ଗୀତାଞ୍ଜଳି ଦାସ ଓ ଉମା ପ୍ରଧାନ ସହଯୋଗ କରିଥିଲେ।





ସ୍ତନ୍ୟପାନ ଦିବସରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

# ସୈରାତ ଉତ୍ସଗୁଡ଼ିକର ସୁବିନିଯୋଗକୁ ଗୁରୁତ୍ୱ

## ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ସମୀକ୍ଷା

ଛତ୍ରପୁର,୪।୮(ଡି.ଏନ.ଏ.)

ସୈରାତ ଉତ୍ସଗୁଡିକର ଠିକ ପରିଚାଳନା ସହ ସୁବିନିଯୋଗ ହୋଇପାରିଲେ ରାଜସ୍ୱ ବୃଦ୍ଧି ହୋଇ ପାରିବ ବୋଲି ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି.ଆଓ ଗଞ୍ଜାମ ଜିଲାର ସମସ୍ତ ରାଜସ୍ୱ ଅଧିକାରୀମାନଙ୍କୁ ଅବଗତ କରାଇଛନ୍ତି। ଜିଲାପାଳଙ୍କ ସଭାବନା ସମ୍ମିଳନୀ କକ୍ଷ ଠାରେ ଗୁରୁବାର ରାଜସ୍ୱ ସମୀକ୍ଷା ବୈଠକ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡା ଉପସ୍ଥିତ ଥିଲେ । ଜିଲାରେ ରହିଥିବା ସୈରାତ ଉତ୍ସ ଗୁଡିକର ବିନିଯୋଗ ଦିଗରେ ସମସ୍ତ ତହସିଲଦାର ତତ୍ପରତା ପ୍ରକାଶ କରନ୍ତୁ, ତେବେ ଯାଇ ଉତ୍ସଗୁଡିକର ପରିଚାଳନା ଠିକ ହେବ। ଏହାଦ୍ୱାରା ଚୋରା ଚାଲାଣ ଏବଂ ରାଜସ୍ୱ କ୍ଷତିକୁ ରୋକାଯାଇ ରାଜସ୍ୱ ବୃଦ୍ଧି ଦିଗରେ ସହାୟକ ହେବ ବୋଲି କମିଶନର ଅବଗତ କରାଇଥିଲେ। ସୈରାତ ଉତ୍ସର ନିଲାମ ପ୍ରକ୍ରିୟାରେ ଦେଖାଯାଉଥିବା ବାଧାବିଘ୍ନକୁ କିଭଳି ମିଳିତ ତଦନ୍ତ ଦ୍ୱାରା ସମାଧାନ କରିହେବ ସେ ସମ୍ପର୍କରେ ତହସିଲଦାର ମାନଙ୍କୁ ବୁଝାଇ ଦିଆଯାଇଥିଲା । ରାଜସ୍ୱ କାର୍ଯ୍ୟ କିମ୍ବା ଯେ କୌଣସି ଉନ୍ନୟନକାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବାକୁ କୁହାଯାଇଥିଲା। ସୈରାତ ଉତ୍ସଗୁଡିକ ନିଲାମ ହେଲା ପରେ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଉତ୍ସ ଗୁଡିକରୁ ଉତ୍ତୋଳନ କରିବା ଆବଶ୍ୟକ । ଯଦି ତିନି ମାସ ମଧ୍ୟରେ ତାର ପରିଚାଳନା ହେଉ ନାହିଁ ତେବେ ସରକାରୀ ନିୟମରେ ଯାହା ଉଲ୍ଲେଖ ରହିବ ତାହାକୁ କାର୍ଯ୍ୟକାରୀ କରିବାକୁ ଜଣାଇଥିଲେ । ନଚେତ ସରକାରୀ ରାଜସ୍ୱ ହାନୀ ହେଉଥିବା ପ୍ରକାଶ କରିଥିଲେ । ସୈରାତ ଉତ୍ସଗୁଡିକର ପରିଚାଳନା ଦିଗରେ ଯେଉଁଠି ଯାହା ଅସୁବିଧା ଦେଖାଯାଉଛି ଉଚ୍ଚ ସ୍ତରରେ ତାହା ଉପସ୍ଥାନ କରିବାକୁ ପରାମର୍ଶ ଦିଆଯାଇଛି । ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ପରେ ଉତ୍ସ ଗୁଡିକ ଯେପରି ପଡିରହୁଛି, ତାର ସଠିକ ସମୟସୀମା ପାର ହେବା ପରେ ସେଗୁଡିକର କାର୍ଯ୍ୟକ୍ଷମ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ । ଉତ୍ସଗୁଡିକ ନିଲାମ ହେବା ପରଠାରୁ ନିଲାମ ଶେଷ ହେବା ପର୍ଯ୍ୟନ୍ତ ସମୟେ ସମୟେ ଯାଞ୍ଚ କରନ୍ତୁ। ନଚେତ ନିଲାମର ନିୟମ ଉଲଂଘନ ହେବ ଏବଂ ତାହାର ପ୍ରଭାବ ପ୍ରକୃତି ଉପରେ ପଡିବ। ସୈରାତ ଉତ୍ସ ଗୁଡିକର କାର୍ଯ୍ୟକାରିତା ନେଇ ସରକାରୀ ସ୍ତରରେ ଗ୍ରହଣ କରାଯାଇଥିବା ନୂତନ ପଦ୍ଧତି ସମ୍ପର୍କରେ ରାଜସ୍ୱ କମିଶନର ଆଓ ଉପସ୍ଥିତ ଅଧିକାରୀ ମାନଙ୍କୁ ଅବଗତ କରାଇଥିଲେ । ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ୱ କୀର୍ତ୍ତି ଭାସନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରିୟ ରଞ୍ଜନ ପୃଷ୍ଟି, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ସଚିବ ସୁଜାତା ସାହୁ, ଅନୁ ସଚିବ ପାର୍ବତୀ ମଞ୍ଜରୀ ମହାଳିକ, ମାଇନର ମିନେରାଲ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଦେବାଶୀଷ ପଟ୍ଟନାୟକ, ବିଭୂତି ଭୂଷଣ ପଟ୍ଟନାୟକ, ଜିଲ୍ଲାର ସମସ୍ତ ତହସିଲଦାର ଏବଂ ସମସ୍ତ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।


ବୈଠକରେ ଉପସ୍ଥିତ ଆରଡିସି ଓ ଅନ୍ୟମାନେ।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଆସିକା,୪।୮(ଡି.ଏନ.ଏ.): ଆସିକା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରିନେଇ ବଳାତ୍କାର କରିଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ଗାଙ୍ଗପୁର ଥାନା ଅଞ୍ଚଳର ଜଗନ୍ନାଥ ଗୌଡ । ତାଙ୍କ ଘରୁ ପୀଡ଼ିତାଙ୍କୁ ପୋଲିସ ଉଦ୍ଧାର କରିବା ପରେ ବ୍ରହ୍ମପୁର ବଡମେଡିକାଲରେ ଉଭୟଙ୍କ ଡାକ୍ତରୀ ମାଇନା କରିଥିଲା । ଅପରାହ୍ନରେ ଅଭିଯୁକ୍ତଙ୍କୁ ବ୍ରହ୍ମପୁରସ୍ଥିତ ପୋକ୍‌ସୋ ଅଦାଲତରେ ହାଜର କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ନାବାଳିକା ଜଣକ ଗତ ୬ ତାରିଖ ସନ୍ଧ୍ୟାରେ ଘରୁ କେଉଁଆଡ଼େ ଚାଲିଯାଇଥିବା ତାଙ୍କ ବାପା ୧୭ ତାରିଖରେ ଆସିକା ପୋଲିସରେ ଅଭିଯୋଗ କରିଥିଲେ ।ଏ ନେଇ ନଂ.୪୦୨/୨୨ରେ ଏକ ନିଖୋଜ ମାମଲା ରୁଜୁ କରାଯାଇଥିଲା ।

### ଶ୍ରମଜୀବୀ ଏକତା ଅଭିଯାନର ସ୍ୱତନ୍ତ୍ର ପଲ୍ଲିସଭା

ନୂଆଗଡ଼, ୪।୮: ନୂଆଗଡ଼ ବ୍ଲକ ଅନ୍ତର୍ଗତ ଆତାରସିଂ ପଞ୍ଚାୟତ ସଭାଗୃହ ଠାରେ ଶ୍ରମଜୀବୀ ଏକତା ଅଭିଯାନ ସଙ୍ଗଠନ ତରଫରୁ ସ୍ୱତନ୍ତ୍ର ପଲ୍ଲିସଭା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଙ୍ଗଠନର ଜିଲା ମୁଖ୍ୟ ଆଶିଷ କୁମାର ବେହେରା ଏବଂ ବ୍ଲକ ସଂଯୋଜକ ସୁଶାନ୍ତ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ଅଞ୍ଚଳରେ ଜଳ ଉତ୍ସର ବିକାଶ ଏବଂ ନିରନ୍ତର କୃଷିର ଅଭିବୃଦ୍ଧି ନିମନ୍ତେ ପ୍ରତ୍ୟେକ ପଞ୍ଚାୟତର ଗାଁଗୁଡିକରେ ପଲ୍ଲୀସଭା ମାଧ୍ୟମରେ ସଚେତନତା କରାଯାଇଥାଏ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଜୀବନୀ ଗମାଙ୍ଗ, ପିଇଓ ସୁଲଚନା ପ୍ରଧାନ, ଜିଆରଏସ, ୱାର୍ଡ ମେମ୍ବର ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସଂଯୋଜକ ସୁଶାନ୍ତ ପଟ୍ଟନାୟକ ପରିଚାଳନା କରିଥିଲେ।

### ଅଗ୍ନିବିପନ୍ନଙ୍କୁ ବିପଦର ବନ୍ଧୁ ପକ୍ଷରୁ ସହାୟତା

ଭଞ୍ଜନଗର,୪।୮(ଡି.ଏନ.ଏ.)- ଭଞ୍ଜନଗର ବ୍ଲକ ତୁରୁମ ପଞ୍ଚାୟତ ବେରୁଆଁବାଡ଼ି ଗ୍ରାମରେ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟି ୪ ପରିବାରର ପ୍ରାୟ ୧୦ ବଖରା ପୋଡି ପାଉଁଶ ହୋଇଯାଇଥିଲା। ଗ୍ରାମର ସନ୍ତୋଷ ଗୌଡ଼, ସୁଶାନ୍ତ ଗୌଡ଼, ପଞ୍ଚୁ ଗୌଡ଼ ଓ ଅରୁଣ ଗୌଡ଼ଙ୍କ ଘର ଓ ସମ୍ପତି ପୋଡ଼ିଯାଇଛି। ବିପଦର ବନ୍ଧୁ ଓଡ଼ିଶା ସଙ୍ଗଠନ ଭଞ୍ଜନଗର ଶାଖାର ସଦସ୍ୟ ଓ ସଦସ୍ୟା ମାନେ ଗୁରୁବାର ଅଗ୍ନି ବିପନ୍ନଙ୍କ ପାଖରେ ପହଞ୍ଚି ଚୁଡ଼ା, ଚିନି,ବିସ୍କୁଟ ଦେଇଥିଲେ। ପରବର୍ତ୍ତୀ ସମୟରେ ରୋଷେଇ ପାଇଁ ରୋଷେଇ ସାମଗ୍ରୀ,ରାସନ , ବସ୍ତ୍ର ଏବଂ ବ୍ୟବହାର ଉପଯୋଗୀ ସାମାନ ବଣ୍ଟନ କରିଥିଲେ। ରୋଷେଇ ଘର ଚୂଲି ନିଆଁରୁ କିମ୍ବା ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

### ଘାଟିରେ ବସ୍-ହାଇୱା ମୁହାଁମୁହିଁ, ୫ ଆହତ

ଫୁଲବାଣୀ ଅଫିସ, ୪।୮: କନ୍ଧମାଳ ଜିଲାର ଭେଟଖୋଲ ଘାଟିରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗରରରୁ ଝାରସୁଗୁଡ଼ା ଅଭିମୁଖେ ଯାଉଥିବା ଓଏସଆରଟିସି ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଘାଟିକୁ ବସ୍ ଉଠୁଥିବା ବେଳେ ସମ୍ମୁଖପଟୁ ଆସୁଥିବା ଏକ ବାଲି ବୋଝେଇ ହାଇୱା ସହିତ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ୫ଜଣ ଆହତ ହୋଇ ଫୁଲବାଣୀ ଜିଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ତେବେ ଅନ୍ୟ ଯାତ୍ରୀମାନଙ୍କୁ ଝାରସୁଗୁଡ଼ା ନେବା ପାଇଁ ଓଏସଆରଟିସି ପକ୍ଷରୁ ଅନ୍ୟ ଏକ ବସ୍ ଘଟଣାସ୍ଥଳକୁ ପଠାଯାଇଛି। ହାଇୱା ଡ୍ରାଇଭର ଫେରାର ହୋଇଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଘରେ ନିଆଁ ଲଗାଇ ବାପାଙ୍କୁ ଆକ୍ରମଣ, ପୁଅ ଗିରଫ

ଆସିକା,୪।୮(ଡି.ଏନ.ଏ.)

ଆସିକା ଥାନା ଅନ୍ତର୍ଗତ ଧନିଜା ଗ୍ରାମରେ ମଙ୍ଗଳବାର ରାତିରେ ଜଣେ ଯୁବକ ଘରେ ନିଆଁ ଲଗାଇବା ସହ ବାପାଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ଅଭିଯୁକ୍ତ ପୁଅ ମନମୋହନ ଦୋରାଙ୍କୁ ଗିରଫ କରିଛି। ତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି । ମନମୋହନ ମଙ୍ଗଳବାର ରାତିରେ ନିଶାସକ୍ତ ଅବସ୍ଥାରେ ଆସି ଘରେ ବିଭିନ୍ନ ଜିନିଷରେ ନିଆଁ ଲଗାଇ ଦେଇଥିଲେ । ଏହାର ପ୍ରତିବାଦ କରିବାରୁ ବାପାଙ୍କୁ ନିର୍ଘୁମ ମାଡ ମାରିବା ସହ ଗଳା ଚିପିଥିଲେ । ବାପା ସୁବାସ ଚନ୍ଦ୍ର ଦୋରା ଏ ନେଇ ଆସିକା ପୋଲିସରେ ଅଭିଯୋଗ କରିଥିଲେ । ନଂ.୪୬୧/୨୨ରେ ଏକ ମାମଲା ରୁଜୁ କରାଯାଇଥିଲା ।

## ସାପ କାମୁଡ଼ାରେ ଜଣେ ଗୁରୁତର

ବୁଗୁଡ଼ା,୪।୮(ଡି.ଏନ.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ ଆଦିପୁର ଗ୍ରାମ ବଡଦାଣ୍ଡ ସାହିର ସୁରେନ୍ଦ୍ର ନାଥ ବିଷୋୟୀ ଗୁରୁବାର ସାପ କାମୁଡ଼ାରେ ଗୁରୁତର ହୋଇଛନ୍ତି। ତାଙ୍କୁ ବୁଗୁଡ଼ା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଛି। ଗୁରୁବାର ସୁରେନ୍ଦ୍ର ନିଜ ପଦରରେ କାମ କରୁଥିବା ବେଳେ ଏକ ସାପ କାମୁଡି ଦେଇଥିଲା। ସୁରେନ୍ଦ୍ର ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ।

# ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧଦିବସ ପାଳିତ



ଚାରାରୋପଣ ଅବସରରେ ଏକତ୍ରିତ ହୋଇଥିବା ଛାତ୍ରୀଛାତ୍ର।

ଭଞ୍ଜନଗର,୪।୮(ଡି.ଏନ.ଏ.)

ଭଞ୍ଜନଗର ବ୍ଲକ ବୁଦୁଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ନନ୍ଦିନୀ ଶତପଥୀ ସ୍ମୃତି ସଂସଦ ଏବଂ ବିଦ୍ୟାଳୟ ପକ୍ଷରୁ ମିଳିତ ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଷୋଡ଼ଷତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପରିବେଶ ସଚେତନତା ଉପରେ ଏକ ସଭା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ସ୍ମୃତି ସଂସଦର ସଭାପତି କୃତିବାସ ବିଶାଳ ଅଧ୍ୟକ୍ଷତା କରି ନନ୍ଦିନୀ ଦେବୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ ବୋଲି କହିଥିଲେ। ଭଞ୍ଜନଗର ଏନଏସି ଏମ୍‌ପି ପ୍ରତିନିଧି ପଞ୍ଚାନନ ପାଳ ମୁଖ୍ୟଅତିଥି, ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ପଣ୍ଡା ମୁଖ୍ୟବକ୍ତା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତ୍ରିଲୋଚନ ଜେନା, ଉପଦେଷ୍ଟା ବାମଦେବ ବିଶୋଇ, ଗଞ୍ଜାମ ଜିଲା ହାଇସ୍କୁଲ କର୍ମଚାରୀ ସଂଘର ବରିଷ୍ଠ କର୍ମକର୍ତ୍ତା ପ୍ରମୋଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀ ସଭାକୁ ସଂଯୋଜନା କରିଥିଲେ। ଛାତ୍ରୀ ଶିବାନୀ ବିଷୋୟୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସମ୍ପାଦକ ବାବୁଲା ପ୍ରଧାନ, ଶିକ୍ଷୟିତ୍ରୀ ରମିତା କୁମାରୀ ସାହୁ, ରତ୍ନମାଳା ଶତପଥୀ, ସଂଯୁକ୍ତ କୁମାରୀ ବିଶୋଇ, ପ୍ରିୟଙ୍କା ପ୍ରଧାନ, ସସ୍ମିତା ସିଅ, ସୋନାଲିକା ପ୍ରଧାନ, ସୁଧାଂଶୁ ବାଳା ବିଶାଳ ,ଶିକ୍ଷକ ସୁଶାନ୍ତ କୁମାର ସାହୁ, ମନ୍ମଥ କୁମାର ବିଶୋଇ, କାଳି ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ। ବିଦ୍ୟାଳୟ ସଭାପତି ତ୍ରିଲୋଚନ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

## ମହୁଲ ପୋଚ ନଷ୍ଟ, ୪୪୦ ଲିଟର ମଦ ଜବତ

ପାରଳାଖେମୁଣ୍ଡି,୪।୮(ଡି.ଏନ.ଏ.)

ଗଜପତି ଜିଲା ଅବକାରୀ ଅଧୀକ୍ଷକ ପ୍ରଭାତ କୁମାର ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲାର ବିଭିନ୍ନ ଅବକାରୀ ଥାନା ପକ୍ଷରୁ ଚଢଉ ଜାରି ରହିଛି । ଏହି କ୍ରମରେ ଭ୍ରାମ୍ୟମାଣ ଅବକାରୀ ଦଳ ଓ ଅବକାରୀ ଥାନା ଅଧିକାରୀ, କର୍ମଚାରୀମାନେ ଦୈନନ୍ଦିନ ଚଢାଉ କରୁଛନ୍ତି। ଗୁରୁବାର ସଦର ଅବକାରୀ ବିଭାଗ ପାଟ୍ରୋଲିଂ କରୁଥିବା ବେଳେ ପାରଳା ସହର ସମେତ ସିଙ୍ଗିପୁର, ନୂଆସାହି ଆଦି ଅଞ୍ଚଳରେ ଚାଲିଥିବା ଚୋରା ଦେଶୀ ମଦ କାରବାର ଉପରେ ଚଢାଉ କରାଯାଇଥିଲା। ବିଭାଗ ପକ୍ଷରୁ ୩ଟି ପୃଥକ ମାମଲାରେ ମୋଟ ୪୪୦ ଲିଟର ରନ୍ଧାମଦ ଏବଂ ୨୬୮୦ ଲିଟର ମହୁଲ ପୋଚକୁ ଜବତ କରାଯାଇ ନଷ୍ଟ କରାଯାଇଥିବାର ବିଭାଗୀୟ ସୂତ୍ରରୁ ପ୍ରକାଶ । ପୃଥକ ଘଟଣାରେ ସମ୍ପୃକ୍ତ ଥିବା ଜଣକୁ ଗିରଫ କରାଯାଇଥିବାବେଳେ ମଦଚାଲାଣରେ ବ୍ୟବହୃତ ହେଉଥିବା ଗୋଟିଏ ଅଟୋକୁ ଜବତ କରାଯାଇଛି।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ

ବୁଗୁଡା,୪।୮ (ଡି.ଏନ.ଏ.)

ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଆନୁକୂଲ୍ୟରେ ବୁଗୁଡା ବ୍ଲକ ଅନ୍ତର୍ଗତ ଗୋଲିଆ ଅଙ୍ଗନୱାଡି ଦ୍ୱିତୀୟ କେନ୍ଦ୍ରରେ ବୁଧବାର ବିଶ୍ୱ ସ୍ତନ୍ୟପାନ ସପ୍ତାହ ଦିବସ ପାଳିତ ହୋଇଯାଇଛି। ଉକ୍ତ କେନ୍ଦ୍ରର କର୍ମୀ ଗୋଲାପ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଅଞ୍ଚଳ ପରିଦର୍ଶିକା ତ୍ରିପୁରା ମୋହିନୀ ଦାଶ ଉପସ୍ଥିତ ରହି ବିଶ୍ୱ ସ୍ତନ୍ୟପାନ ସପ୍ତାହ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଏକ ଶୋଭାଯାତ୍ରା ମାଧ୍ୟମରେ ସାହି ପରିକ୍ରମା କରାଯାଇ ମହିଳାଙ୍କ ମଧ୍ୟରେ ଏହି ଦିବସ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ସହାୟିକା, ଆଶାକର୍ମୀ, ପ୍ରସୂତି ମହିଳା, ମାତୃ ଅଭିଭାବକ, କିଶୋରୀ ବାଳିକା, ଯାଞ୍ଚ କମିଟିର ସଭ୍ୟା ସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ।

# କବିତା ସଂକଳନ ଉନ୍ମୋଚନ କଲେ ରାଜ୍ୟପାଳ


ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କବିତା ସଂକଳନ ଉନ୍ମୋଚନ କରୁଛନ୍ତି।

ଦାରିଙ୍ଗବାଡ଼ି,୪।୮(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିର କବି ତଥା ନାଟ୍ୟକାର ପତିତପାବନ ରାଉତଙ୍କ ଦ୍ୱାରା ଲିଖିତ କବିତା ସଂକଳନକୁ ଗୁରୁବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉନ୍ମୋଚନ କରିଛନ୍ତି। କବି ପତିତପାବନ ରାଉତଙ୍କ ସହ ପ୍ରକାଶକ ଉମାକାନ୍ତ ମହାପାତ୍ର ରାଜ୍ୟପାଳଙ୍କ ଭବନରେ ପହଞ୍ଚିଥିଲେ । ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ଦ୍ୱାରା 'ଅନେକ ଖୋଜିଲା ପରେ' କବିତା ସଂକଳନକୁ ଉନ୍ମୋଚନ କରାଯାଇ ଥିଲା । ରାଜ୍ୟପାଳ ଏହାକୁ ପଢ଼ିବା ସହ କବି ରାଉତଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ, କବି ତଥା ନାଟ୍ୟକାର ପତିତପାବନ ରାଉତଙ୍କ ଦ୍ୱାରା ସାମାଜିକ ନାଟକ 'କୋଣାର୍କ' ଏବଂ ସ୍ୱଚ୍ଛ ଭାରତ ଲୋକଙ୍କ ଦ୍ୱାରା ଆଦୃତ ହୋଇଥିଲା ।

# ଲାୟନ୍ସ କ୍ଲବର ଅଧିଷ୍ଠାନ ଦିବସ

ଆସିକା,୪।୮(ଡି.ଏନ.ଏ.)



ନବନିର୍ବାଚିତ ସଭାପତିଙ୍କୁ ଦାୟିତ୍ୱ ଅର୍ପଣ କରାଯାଉଛି।

ଆସିକା ଲାୟନ୍ସ କ୍ଲବର ୪୨ତମ ଅଧିଷ୍ଠାନ ଦିବସ ବୁଧବାର ସ୍ଥାନୀୟ ଲାୟନ୍ସ କମ୍ୟୁନିଟି ହଲଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସହକାରୀ ଜିଲା ଗଭର୍ଣ୍ଣର ସରସ୍ୱତୀ ପାତ୍ର ଯୋଗଦେଇ କ୍ଲବର ଚଳିତ ବର୍ଷ ଲାଗି ସଭାପତି ରୂପେ ଅରୁଣ କୁମାର ପାତ୍ର ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ କାର୍ଯ୍ୟଭାର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ ଗଭର୍ଣ୍ଣର ହରିହର ଦାସ, ଶ୍ୟାମ ପାଢୀ, ଦିଲୀପ ଖଣ୍ଡୁଆଳଙ୍କ ସମେତ କବିସୂର୍ଯ୍ୟନଗର ଓ ବ୍ରହ୍ମପୁର କ୍ଲବର ସଭାପତି ଓ କର୍ମକର୍ତ୍ତା ଯୋଗଦେଇଥିଲେ । କରୋନା ମହାମାରୀ ଯୋଗୁଁ ଗତ ୨ ବର୍ଷ ଧରି ଆସିକା ଲାୟନ୍ସ କ୍ଲବର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ବନ୍ଦ ରହିଥିଲା । ଆଗାମି ଦିନରେ ଏହି କାର୍ଯ୍ୟକ୍ରମକୁ ଅଧିକ ଗତିଶୀଳ କରିବା ଲାଗି ସମସ୍ତ ପଦକ୍ଷେପ ନିଆଯିବ ବୋଲି ନବନିର୍ବାଚିତ ସଭାପତି ପାତ୍ର ସୂଚନା ଦେଇଛନ୍ତି ।

# ନୂତନ ବ୍ଲକ ପ୍ରତିଷ୍ଠା ନ ହେଲେ ଆନ୍ଦୋଳନ

ଆର.ଉଦୟଗିରି,୩।୮(ଡି.ଏନ.ଏ.)

ମୋହନା ବ୍ଲକ ଚନ୍ଦ୍ରଗିରି ପଞ୍ଚାୟତ ସଭା ଗୃହଠାରେ ମଙ୍ଗଳବାର ନୂତନ ବ୍ଲକ ପ୍ରତିଷ୍ଠା ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଗିରି ଅଞ୍ଚଳରେ ଥିବା ୧୩ ପଞ୍ଚାୟତକୁ ନେଇ ବ୍ଲକ ଗଠନ କରିବା ନିମନ୍ତେ ଦାବି କରିଛନ୍ତି। ବୈଠକରେ ୧୩ ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତିସଭ୍ୟ ସହ ପୂର୍ବତନ ଜନ ପ୍ରତିନିଧି ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ସମସ୍ତ ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ନେଇ ଏକ କମିଟି ଗଠନ ହୋଇଥିଲା । ଏଥିରେ ଯୁବ ସରପଞ୍ଚ ଝିଖରୀୟ ରଇତ କମିଟିର ସଭାପତି ହୋଇଥିବା ବେଳେ ଉପ ସଭାପତି ଭାବେ ଚନ୍ଦ୍ରଗିରି ସରପଞ୍ଚ ରଜନୀ କାନ୍ତ ପ୍ରଧାନ ହୋଇଛନ୍ତି।

ଚନ୍ଦ୍ରଗିରିକୁ ବ୍ଲକ ଗଠନ କରିବା ନିମନ୍ତେ ଦୀର୍ଘ ୧୯୭୪ରୁ ପ୍ରୟାସ ଜାରି ରହିଛି। ଚନ୍ଦ୍ରଗିରିଠାରେ ଯେଉଁସବୁ ସୁବିଧା ଉପଲବ୍ଧ ଅଛି ତାହା ଏକ ବ୍ଲକ ହେଲେ ଅଞ୍ଚଳବାସୀ ସୁବିଧା ପାଇବା ସହ ପ୍ରଶାସନ ସୁବିଧାରେ ବ୍ଲକ ପ୍ରତିଷ୍ଠା କରିପାରିବେ ବୋଲି କମିଟିର ସଭାପତି ଝିଖରୀୟ ରଇତ କହିଛନ୍ତି। ଗତ ଦିନରେ ଜିଲାପାଳ ଚିଠି ମାଧ୍ୟମରେ ଯୁବ, କେଶରୀଗୁଡ଼ା, ଚୂଡଙ୍ଗପୁର ଆଦି ପଞ୍ଚାୟତ ସରପଞ୍ଚ ମାନଙ୍କୁ ସୁନ୍ଦରଡ଼ାଙ୍ଗ ବ୍ଲକରେ ଯୋଡ଼ି ହେବା ପାଇଁ ମତଦେବାକୁ ଜଣାଇଥିଲେ। ସମସ୍ତ ସରପଞ୍ଚ ଏହି କ୍ରିୟାନୁଷ୍ଠାନ କମିଟିରେ ନରହରି ପାଣିଗ୍ରାହୀ, ଗୌରୀ ଶଙ୍କର ପ୍ରଧାନୀ, ବିଶ୍ୱନାଥ ବିଶୋଇରତ୍ନ, ଟୁନା ପାଳ, ନର୍ମଦା ଦଳାଇ, ଗୌରୀ ଶଙ୍କର ପଟ୍ଟନାୟକ, ବିଜୟ ସାହୁ, ରାମ ମାଝୀ, ରମା ପାଇକ, ପାର୍ବତୀ ପାଇକ, ସେବତୀ ଗମାଙ୍ଗ ସମେତ ସମସ୍ତ ଯୁବକ ସଂଘ, ବଣିକ ସଂଘ, ଡ୍ରାଇଭର ସଂଘ ଉପସ୍ଥିତ ରହି ପ୍ରସ୍ତାବକୁ ସମର୍ଥନ କରିଛନ୍ତି।

# ଆସିକା ବ୍ଲକରେ ଚାରାରୋପଣ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ବିଧାୟିକାଙ୍କ ସହ ଦଳୀୟ କର୍ମୀ।

ଆସିକା,୪।୮(ଡି.ଏନ.ଏ.)

ଆସିକା ନିର୍ବାଚନ ମଣ୍ଡଳୀ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଗୁରୁବାର ଆସିକା ବ୍ଲକର ନିରାଳ, ଗୁଣ୍ଡପଡା, ସାହାସପୁର, ମଙ୍ଗଳପୁର ଓ ମାମୁଁଡିହ ଗ୍ରାମରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସିକା ବିଧାୟିକା ମଞ୍ଜୁଲା ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିବା ସହ ସାଂପ୍ରତିକ ପରିସ୍ଥିତିରେ ଚାରା ରୋପଣର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବରିଷ୍ଠ ଯୁବ ବିଜେଡି ନେତା ଭଗବାନ ସାହୁ, ଶିବ ନାହାକ, ମନୋଜ କୁମାର ଦୋରା, ଅଭିମନ୍ୟୁ ନାହାକ, ରାଜେଶ ପଟ୍ଟନାୟକ, ଦିଲୀପ ପାଣିଗ୍ରାହୀ, ଜିତେନ୍ଦ୍ର ମହାରଣା, ନିଗମାନନ୍ଦ ରାଉତ, ବିମଳ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# କଳାଟଙ୍କା ଆୟକାରୀଙ୍କ ଉପରେ ନାହିଁ ଆଇଟି ନଜର

ଫୁଲବାଣୀ ଅଫିସ, ୪।୮

ଇନକମ୍ ଟ୍ୟାକ୍ସ(ଆଇଟି) ଅବା ଆୟ କର ରିଟର୍ଣ୍ଣ ପ୍ରକ୍ରିୟା ଗତ ୩୧ ତାରିଖରେ ଶେଷ ହୋଇଛି । ଜିଲାର ସରକାରୀ, ବେସରକାରୀ କର୍ମଚାରୀ, ବ୍ୟବସାୟୀମାନେ ସେମାନଙ୍କ ଆଇଟି ରିଟର୍ନ ଦାଖଲ କରିଛନ୍ତି। କିନ୍ତୁ ଏପରି ଅନେକ ଅଛନ୍ତି, ଯେଉଁମାନଙ୍କ କଳା ଟଙ୍କା ଆୟ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ସେମାନଙ୍କ ଉପରେ ଇନକମ୍ ଟ୍ୟାକ୍ସ କାର୍ଯ୍ୟାଳୟର ନଜର ନାହିଁ । ଜିଲାରେ ଥିବା ଏହି କାର୍ଯ୍ୟାଳୟରେ ଏ ଯାଏ ଜଣେ କେହି ବି କଳା ଟଙ୍କା ଆୟକାରୀଙ୍କ ନାମରେ ଅଭିଯୋଗ ଦାଖଲ କରି ନ ଥିବା ବିଭାଗ କହିଛି । ଯାହାକୁ ନେଇ ପ୍ରଶ୍ନ ଉଠିଛି । ଜିଲାରେ ବେଆଇନ ଗଞ୍ଜେଇ କାରବାରରେ ଅନେକ ଲିପ୍ତ ରହିଛନ୍ତି। ଫିରିଙ୍ଗିଆ ବ୍ଲକର ଏକ ବ୍ୟାଙ୍କରେ କେତେଜଣ ସାଧାରଣ ବ୍ୟକ୍ତିଙ୍କ ଆକାଉଣ୍ଟରେ ଆୟଠାରୁ ଢ଼େର ଗୁଣା ଟଙ୍କା ଥିବା ଏବଂ ଏହା ଆଇଟି ନଜରକୁ ଆସିଥିବା ଚର୍ଚ୍ଚା ହେଉଛି । ହେଲେ ବିଭାଗ ପାଖାର ଏହି ଖବର ନ ଥିବା ଜଣାପଡିଛି। ଭୁବନେଶ୍ୱରରୁ ଟିମ୍ ଆସି ରେକର୍ଡ ସଂଗ୍ରହ କରି ଥାଇପାରନ୍ତି। ବିଗତ କିଛି ଦିନ ମଧ୍ୟରେ ରାଜ୍ୟରେ କିଛି ନିଶା ଦ୍ରବ୍ୟ ଚୋରା ବ୍ୟବସାୟୀଙ୍କ ଆୟ ବହିର୍ଭୂତ ସମ୍ପତିକୁ ଜବତ କରାଯାଇଛି । ସେହି କ୍ରମରେ ଯଦି ଦେଖାଯିବ କନ୍ଧମାଳ ଜିଲାରେ ଏପରି ଚୋରା ବ୍ୟବସାୟୀ ଅନେକ ଅଛନ୍ତି। ନିଜର କିଛି ବ୍ୟବସାୟ ନ ଥାଇ କୋଟି କୋଟି ଟଂକାର ସାମ୍ରାଜ୍ୟ ଗଡ଼ି ତୋଳିବାର ଖବର କିପରି ଆଇଟି ପାଖରେ ପହଂଚୁ ନାହିଁ ତାହାକୁ ନେଇ ସନ୍ଦେହ ଘନୀଭୂତ ହେଉଛି । ଖାଲି ଆଇଟି ନୁହେଁ, ପୋଲିସ ଏବଂ ଅବକାରୀ ବିଭାଗ ବି ସ୍ଥାଣୁ ହୋଇବସିଛି। ବିଶେଷ କରି ଜିଲାର ଫିରିଙ୍ଗିଆ, ଖଜୁରିପଡା, ଫୁଲବାଣୀ, କ.ନୂଆଗାଁ, ବାଲିଗୁଡା ଆଦି ବ୍ଲକରେ ଅନେକ ବ୍ୟକ୍ତି ଗଞ୍ଜେଇ ଚୋରା କାରବାର କରୁଛନ୍ତି। ସେମାନଙ୍କ କଳା ସାମ୍ରାଜ୍ୟ ଫୁଲବାଣୀରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଲମ୍ବିଛି । ହେଲେ କିଛି କାର୍ଯ୍ୟାନୁଷ୍ଠାନ ହୋଇପାରୁନାହିଁ।

ଏ ନେଇ ଜିଲା ଆୟକର ଅଧିକାରୀ ମୋସେସ ପ୍ରଧାନଙ୍କୁ ପଚାରିବାରେ ସେ କହିଛନ୍ତି, ଏଠାରେ ଆଇଟି ବିଭାଗ ଥିଲେ ମଧ୍ୟ ଇନଭେଷ୍ଟିଗେସନ ଉଇଙ୍ଗ ନାହିଁ। ଚାହିଁଲେ କେଉଁଠି ଚଢ଼ାଉ କରିପାରିବୁ ନାହିଁ। କମିଶନରଙ୍କୁ ପ୍ରସ୍ତାବ ଦିଆଯିବ। ସେ ଯଦି ଚାହିଁବେ ତାହାଲେ ଚଢ଼ାଉ କରାଯିବ। ଅନ୍ୟପଟରେ ଏବେ ଫେସ ଲେସ୍ ଆସେସମେଣ୍ଟ ହେଉଛି। ସବୁ ଅନ୍ ଲାଇନ ପୋର୍ଟାଲ ଜରିଆରେ ହେଉଛି। ତେଣୁ କଳା ଟଙ୍କାଧାରୀଙ୍କ ନାମରେ ଅଭିଯୋଗ ହେଲେ ଏହା ଇନଭେଷ୍ଟିଗେସନ ଉଇଂଗର କାର୍ଯ୍ୟ । କାର୍ଯ୍ୟାଳୟରେ ଏହି ବିଭାଗ ନାହିଁ ବୋଲି ଜିଲା ଆୟକର ଅଧିକାରୀ ପ୍ରଧାନ କହିଛନ୍ତି।